# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୪/୨୦୧୯ (୨୦ ପୃଷ୍ଠା) Bhubaneswar, Thursday, January 24/ 2019 ★★★★

୪୫ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



DADLS-253

ଓଡ଼ିଶା ସରକାର

## ଝାରସୁଗୁଡା ଜିଲ୍ଲାରେ
## ୬୧୮ କୋଟି ୬୬ ଲକ୍ଷ
## ଟଙ୍କା ବ୍ୟୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



**ଝାରସୁଗୁଡା**

**ମଧ୍ୟାହ୍ନ ୧୨.୦୦**

### ଉଦ୍‌ଘାଟନ

- ଝାରସୁଗୁଡା ଏବଂ ଲଖନପୁର ବ୍ଲକରେ ୬ଟି ଉଠାଜଳସେଚନ ପ୍ରକଳ୍ପ : ୩୨ଲକ୍ଷ ଟଙ୍କା
- ଝାରସୁଗୁଡା ଏବଂ କିରିମିରା ବ୍ଲକରେ ୨ଟି ୨X୫ ଏମ୍.ଭି.ଏ ୩୩/ ୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ : ୧୩ କୋଟି ଟଙ୍କା

### ଭିତ୍ତିପ୍ରସ୍ତର ସ୍ଥାପନ

- ଝାରସୁଗୁଡା କ୍ୟାନ୍‌ସର କେଆର୍ ହସପିଟାଲ୍ : ୧୪୫ କୋଟି ଟଙ୍କା
- ଝାରସୁଗୁଡା, କୋଲାବିରା, କିରିମିରା ଏବଂ ଲାଇକେରା ବ୍ଲକରେ ୪ଟି ମେଗା ଜଳଯୋଗାଣ ପ୍ରକଳ୍ପ : ୩୮୮ କୋଟି ଟଙ୍କା
- ଚଉକିପଡା ରେଲଓଭରବ୍ରିଜ୍ : ୩୫କୋଟି ୬୨ଲକ୍ଷ ଟଙ୍କା
- ଝାରସୁଗୁଡାଠାରେ ନିଦାନ କେନ୍ଦ୍ର : ୧୫କୋଟି ଟଙ୍କା
- ଅମାତି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ : ୧୮କୋଟି ୨୨ଲକ୍ଷ ଟଙ୍କା

### ସାମାଜିକ ସଶକ୍ତିକରଣ

- ୩୪୮୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡିଜିଟାଲ୍ ସଶକ୍ତିକରଣ ସହାୟତା : ୧କୋଟି ଟଙ୍କା
- ୩୦ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସହାୟତା ପ୍ରଦାନ
- ୧୪୨୨ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ
- ୧୦୦୨ ଭୂମିହୀନ ପରିବାରଙ୍କୁ ଜମିପଟ୍ଟା ଆବଣ୍ଟନ

ଅମଲିପାଲ୍ଲୀଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ।

ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଝାରସୁଗୁଡା ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର

**ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

୨୪ ଜାନୁଆରୀ ୨୦୧୯
ଗୁରୁବାର











ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

**ସୂଚନା ଓ ଲୋକସମ୍ପର୍କ ବିଭାଗ**

15001/13/0553/1819

DADLS-254

ଓଡ଼ିଶା ସରକାର



## ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ବଲାଙ୍ଗୀର ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ
## ୨୪ ଜାନୁଆରୀ ୨୦୧୯, ଗୁରୁବାର

**ବଲାଙ୍ଗୀର, ରାଜେନ୍ଦ୍ର କଲେଜ ପଡିଆ**
**ଅପରାହ୍ଣ ୩.୦୦**

### ୧୭୮କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ

- ପଥରଚେପା - ଭଇଁଷା, ଆଠଗାଁ-ଦେଓଗାଁ, ବାରପୁର୍ଜିଆ-ଭୁତିଆରବାହାଲ୍ ଏବଂ ବଲାଙ୍ଗୀର-ଚନ୍ଦନଭାଟି ଉନ୍ନତିକୃତ ରାସ୍ତା
- ବଲାଙ୍ଗୀର ଆଇ.ଟି.ଆଇର ନବନିର୍ମିତ କର୍ମଶାଳା
- କଣ୍ଟାବାଞ୍ଜି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମାତୃଶିଶୁ ଚିକିତ୍ସାଳୟ
- କୁଦୋଭଟା ପଥପାର୍ଶ୍ୱ ଜନସୁବିଧା କେନ୍ଦ୍ର
- କଣ୍ଟାବାଞ୍ଜି ଆହାର କେନ୍ଦ୍ର
- ସରବାହାଲ୍ - ହାତୀସରା ରାସ୍ତାରେ ସୋନ୍‌ଗଡ ବନ୍ୟା ସୁରକ୍ଷା ବନ୍ଧ
- ରତାଖଣ୍ଡି - ସିଂଘାଟିମାଲ୍ ରାସ୍ତାରେ ତେଲ୍ ବନ୍ୟା ସୁରକ୍ଷା ବନ୍ଧ
- ସିସ୍‌କେଲା ମେଗା ଉଠା ଜଳସେଚନ ପ୍ରକଳ୍ପ
- ବେଲପଡ଼ା, ଖପ୍ରାଖୋଲ, ମୁରିବାହାଲ, ପାଟଣାଗଡ଼, ବଲାଙ୍ଗୀର ମ୍ୟୁନିସିପାଲିଟି ଏବଂ ଦେଓଗାଁ ବ୍ଲକ୍ ରେ ୧୦ ଟି ୩୩/ ୧୧ କେ.ଭି ସବଷ୍ଟେସନ
- ଅଗଲପୁର, ବଲାଙ୍ଗୀର, ପୁଇଁତଲା, ଟିଟିଲାଗଡ଼, ବଙ୍ଗୋମୁଣ୍ଡା, ବେଲପଡ଼ା ଏବଂ ମୁରିବାହାଲ୍ ବ୍ଲକ୍ ରେ ୮ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ଦେଓଗାଁ ୨୦୦ ସିଟ୍ ବିଶିଷ୍ଟ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ
- ବଲାଙ୍ଗୀର ଜିଲ୍ଲାର ୧୧୦ଟି ଅଙ୍ଗନୱାଡି କେନ୍ଦ୍ର
- ସଇଁତଲା ଏବଂ ବଙ୍ଗୋମୁଣ୍ଡା ବ୍ଲକ୍ ର ୩ଟି ମିଶନଶକ୍ତି ଗୃହ

### ୯୪ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

- ଖୋଲାନ୍-ଲିମ୍ପଡା ରାସ୍ତା ନାଳ ଉପରେ ଏବଂ ତୁଷ୍‌ରା-ଗୁଡ଼ଭେଲା ରାସ୍ତାର ଡୁଙ୍ଗୀବାହାଲ୍ ନାଳ ଉପରେ ୨ଟି ହାଇଲେଭେଲ୍ ସେତୁ
- ପଥରଚେପା-ଭଇଁଷା, ସିଂଖମଣ-ଭୁତିଆରବାହାଲ୍ ଏବଂ ତୁଷରା-ଲିକ୍ରିଆ ଛକ ରାସ୍ତା ଉନ୍ନତିକରଣ କାର୍ଯ୍ୟ
- ବଲାଙ୍ଗୀର ମେଡିକାଲ କଲେଜ ତାଲିମ୍ କେନ୍ଦ୍ର
- ବଲାଙ୍ଗୀର ପଞ୍ଚାୟତ ସମ୍ବଳ କେନ୍ଦ୍ର
- ଅଙ୍ଗ ମେନ୍ କେନାଲ ସର୍ଭିସ ରାସ୍ତାର ଉନ୍ନତିକରଣ କାର୍ଯ୍ୟ
- ଟିକିରାପଡା-କଦଳୀ ମୁଣ୍ଡା ମୁଖ୍ୟମନ୍ତ୍ରୀ ସଡକ ଯୋଜନା ରାସ୍ତା ଉନ୍ନତି କରଣ କାର୍ଯ୍ୟ
- ବଙ୍ଗୋମୁଣ୍ଡା-ପୁଇଁତଲା, ଲୋଇସିଙ୍ଗା ଏବ ତୁରେକେଲା ବ୍ଲକରେ ୬ଟି ଜଳଯୋଗାଣ ପ୍ରକଳ୍ପ
- ବଲାଙ୍ଗୀର ଜିଲ୍ଲାରେ ୩୨ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ
- ପାଟଣାଗଡ, ସଇଁତଲା ଏବଂ ଟିଟିଲାଗଡ ବ୍ଲକ୍‌ରେ ୫ଟି କଲ୍ୟାଣ ମଣ୍ଡପ ନିର୍ମାଣ
- ମୁରିବାହାଲ ବ୍ଲକ୍‌ରେ ୨୦ଟି ମିଶନ ଶକ୍ତି ଗୃହ ନିର୍ମାଣ
- ପାଟଣାଗଡ ବ୍ଲକ୍‌ରେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ
- ତୁରେକେଲା ବ୍ଲକ୍‌ରେ ୩ଟି ମିଶନ ଶକ୍ତି ଗୃହ ନିର୍ମାଣ

ବିଜୁ ଯୁବ ବାହିନୀ Biju Yuva Vahini

## ବିଜୁ ଯୁବବାହିନୀ ଆଞ୍ଚଳିକ ସମାବେଶରେ ଯୋଗଦାନ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ।













**ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।**

15001/13/0555/1819

**ସୂଚନା ଓ ଲୋକସମ୍ପର୍କ ବିଭାଗ**

DSPL-368

ଓଡ଼ିଶା ସରକାର



ବିଜୁ ଯୁବ ବାହିନୀ
Biju Yuva Vahini

# ଯୁବ ସମାବେଶ

## ସ୍ୱେଚ୍ଛାସେବାର ଉତ୍ସବ

## ବଲାଙ୍ଗୀର, ୨୪ ଜାନୁୟାରୀ ୨୦୧୯

**ଅଂଶଗ୍ରହଣକାରୀ ଜିଲ୍ଲା:**

**କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ନୂଆପଡ଼ା**




**ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା ସରକାର**

Follow us: @odishabyv @odishabyv

29001/13/0074/1819



DSPL-369





# ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ

ତା - ୨୪.୦୧.୨୦୧୯ ଠାରୁ ତା-୭.୦୨.୨୦୧୯ ରିଖ ପର୍ଯ୍ୟନ୍ତ

ସ୍ଥାନ : ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟାଳୟ ପରିସର

ଉଦ୍‌ଘାଟନ ସମୟ : ସଂଧ୍ୟା ୬ଘଟିକା



## ସ୍ୱଦେଶ ପ୍ରୀତିର ପ୍ରତୀକ ଖଦି
## ଆମ ଅର୍ଥନୀତି ଆମ ପ୍ରଗତି



ଆୟୋଜକ : ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର

14002/13/0001/1819

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୪/୨୦୧୯ | Bhubaneswar, Thursday, January 24/ 2019 | ପୃଷ୍ଠା-୧




## ସାମିଙ୍କ ସଫଳତା

ଜଣେ ଭାରତୀୟ ପେସ୍ ବୋଲର ହିସାବରେ ମହମ୍ମଦ ସାମି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଦ୍ରୁତ ୧୦୦ ଉଇକେଟ ନେଇ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି ।

୧୫

୧୨

## ଆଇଟମ୍ ଡ୍ୟାନ୍ସକୁ ସାରାଙ୍କ ନା

କୌଣସି ପରିସ୍ଥିତିରେ ଆଇଟମ୍ ଡ୍ୟାନ୍ସ କରିବେ ନାହିଁ ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାଁ। ପାରିଶ୍ରମିକ ମିଳିଲେ ବି ସେ ୨ଟି ଅଫର ହାତଛଡ଼ା କରିଛନ୍ତି।



## ସକ୍ରିୟ ରାଜନୀତିରେ ପ୍ରିୟଙ୍କା



ନୂଆଦିଲ୍ଲୀ,୨୩।୧(ପି.ଟି.)

ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସର ମାଷ୍ଟରଷ୍ଟ୍ରୋକ୍। ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଝିଅ ତଥା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶେଷରେ ଆନୁଷ୍ଠାନିକ ଭାବେ ସକ୍ରିୟ ରାଜନୀତିରେ ଯୋଗଦେଇଛନ୍ତି। ତାଙ୍କୁ ପୂର୍ବ ଉତ୍ତରପ୍ରଦେଶ (ୟୁପି) ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଲୋକ ସଭା ନିର୍ବାଚନକୁ ପ୍ରାୟ ୩ ମାସ ବାକି ଥିବାବେଳେ ପ୍ରିୟଙ୍କାଙ୍କ ନିଯୁକ୍ତି ଦଳର ସଙ୍ଗଠନକୁ ମଜଭୁତ କରିବ ବୋଲି କୁହାଯାଉଛି। ଏହାକୁ ନେଇ ବୁଧବାର ଜାତୀୟ ରାଜନୀତି ସରଗରମ ହୋଇଛି।

ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି। ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କୁହାଯାଉଥିବା ୟୁପିରେ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟ କରିବା ପରେ ନୂଆ ଗୋଟି ଚଳାଇଛି କଂଗ୍ରେସ। ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି କଂଗ୍ରେସ ପୁଣିଥରେ ଗାନ୍ଧୀ ପରିବାରର ସହାୟତା ନେଇଛି। ୧୯୮୦ ଦଶକର ମଧ୍ୟଭାଗରେ କଂଗ୍ରେସର ଗଡ଼ ଥିବା ୟୁପିରେ ଦଳର ସ୍ଥିତି କ୍ରମଶଃ ଦୁର୍ବଳ ହେବାରେ ଲାଗିଥିବାରୁ ଏହାକୁ ସୁଦୃଢ଼ କରିବା ପାଇଁ ରାହୁଲ ୪୭ ବର୍ଷୀୟା ପ୍ରିୟଙ୍କାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ୮୦ ଲୋକ ସଭା ଆସନ ବିଶିଷ୍ଟ ଏହି ହିନ୍ଦୀଭାଷୀ ରାଜ୍ୟରେ ନିର୍ବାଚନ ବେଳେ ସେ ରାହୁଲଙ୍କୁ ସାହାଯ୍ୟ କରିବେ। ପ୍ରିୟଙ୍କାଙ୍କ ନିଯୁକ୍ତି ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ଭରିଦେବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ଅମେଠି ଗସ୍ତରେ ଥିବା ରାହୁଲ କହିଛନ୍ତି, ☞ପୃଷ୍ଠା-୪

# ଅନୁକମ୍ପା ଘୋଷଣା ତୁରନ୍ତ, ଅର୍ଥ ମିଳୁନାହିଁ

ସୁନୀତ୍ ମିଶ୍ର
ଭୁବନେଶ୍ୱର,୨୩।୧(ବ୍ୟୁରୋ)

ଓଡିଶାରେ ଅସାଧାରଣ ମୃତ୍ୟୁ ଘଟିଲେ କିମ୍ବା ପ୍ରାକୃତିକ ଦୁର୍ବିପାକରେ କ୍ଷୟକ୍ଷତି ହେଲେ ଆର୍ଥିକ ଅନୁକମ୍ପା(କମ୍ପେନସେସନ୍) ନିଶ୍ଚିତ। ସେହି କ୍ରମରେ ରାଜ୍ୟରେ ଏଭଳି କିଛି ଘଟଣା ଘଟିବା ମାତ୍ରେ ସରକାରଙ୍କ ପକ୍ଷରୁ କାଳବିଳମ୍ବ କରାଯାଉନାହିଁ। ଅସାଧାରଣ ମୃତ୍ୟୁ ଘଟିବାର ଖବର ଆସିବା କ୍ଷଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ(ସିଏମ୍‌ଆର୍‌ଏଫ୍)ରୁ ଅନୁକମ୍ପା ରାଶି ଯୋଗାଇଦେବାକୁ ତୁରନ୍ତ ଘୋଷଣା କରୁଛନ୍ତି। ଯଦି ୨୦୧୯ ଜାନୁୟାରୀ ପହିଲାରୁ ୨୩ ତାରିଖ ଭିତରେ ଦେଖାଯାଏ, ତେବେ ଏହା ଭିତରେ ଘଟିଥିବା ୩ଟି ଘଟଣାରେ ମୁଖ୍ୟମନ୍ତ୍ରୀ ୫୬ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବାକୁ ଘୋଷଣା କରିସାରିଛନ୍ତି। ଏହାଛଡ଼ା ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ମଧ୍ୟ ସରକାର ଘୋଷଣା କରିଚାଲିଛନ୍ତି। ତେବେ ପୂର୍ବରୁ ଏଭଳି ଅନେକ ଘୋଷଣା କରାଯାଇଥିଲେ ମଧ୍ୟ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ ଦର୍ଶାଉଛି। ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ସରକାରଙ୍କ ଘୋଷଣାର ଗୋଟିଏ ଉଦାହରଣରୁ ପ୍ରକୃତ ଚିତ୍ର ବୁଝାପଡୁଛି। ଏନେଇ ଧରିତ୍ରୀ ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ପଚରାଯାଇଥିଲା। ମନ୍ତ୍ରୀ ମହାନ୍ତି ଉତ୍ତରରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଆର୍ଥିକ ଅନୁକମ୍ପା ଯୋଗାଇଦେବାକୁ ଯେତେସବୁ ଘୋଷଣା କରାଯାଇଛି ସବୁ ଲୋକଙ୍କ ପାଖରେ ପହଞ୍ଚିଛି। ସେଭଳି କିଛି ଘଟଣା ନାହିଁ ଯେଉଁଠାରେ ଘୋଷଣା ହୋଇ ଅନୁକମ୍ପା ରାଶି ମିଳିନାହିଁ। ସେହିପରି ତିତ୍‌ଲି ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଘର ମରାମତି ପାଇଁ ଯେଉଁ ଅର୍ଥ ଦିଆଯିବା କଥା ତାହା ମିଳିଛି ନା ନାହିଁ ପଚରାଯିବାରୁ ମନ୍ତ୍ରୀ କହିଛନ୍ତି ଯେ, ସେ ଏବେ ପୁରୀରେ ଅଛନ୍ତି, ତାଙ୍କ ପାଖରେ ବର୍ତ୍ତମାନ ସେ ନେଇ ତଥ୍ୟ ନାହିଁ।

ତେବେ ଘୋଷଣା ପରେ ଲୋକମାନଙ୍କ ପାଖରେ ଏହା କେତେମାତ୍ରାରେ ପହଞ୍ଚୁଛି ସେ ନେଇ ଧରିତ୍ରୀ ପକ୍ଷରୁ ରିପୋର୍ଟ ସଂଗ୍ରହ କରାଯାଇଥିଲା। ନିକଟରେ ତାଳଚେରରୁ କଟକ ଫେରୁଥିବା ଏକ ବସ୍ ମଇଁଷିକୁ ଧକ୍କାଦେଇ ଭାରସାମ୍ୟ ହରାଇବା ପରେ ମହାନଦୀ ବ୍ରିଜ୍ ତଳକୁ ଖସି ପଡିଥିଲା। ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୨ଜଣ ପ୍ରାଣ ହରାଇଥିଲେ। ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨ଲକ୍ଷ ଟଙ୍କା ଲେଖା ଅନୁକମ୍ପା ରାଶି ଦିଆଯିବା ପାଇଁ ଘୋଷଣା କରାଯାଇଥିଲା। ହେଲେ ଘୋଷଣା ମୁତାବକ ଏ ଯାବତ୍ ମୃତକଙ୍କ ପରିବାର ପାଖରେ ଟଙ୍କା ପହଞ୍ଚିନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ଘୋଷଣା କରୁଥିବା ଅର୍ଥ ସବୁ ଲୋକଙ୍କ ପାଖରେ ପହଞ୍ଚୁଥିବା ମନ୍ତ୍ରୀ ଦାବି କରୁଛନ୍ତି। ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ପଞ୍ଚାୟତର ଭରତ ମଲ୍ଲିକ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ମାତ୍ର ଏଯାଏ ସରକାରଙ୍କ ଦ୍ୱାରା ଘୋଷିତ ଅନୁକମ୍ପା ରାଶି ମିଳି ନ ଥିବା ଭରତଙ୍କ ସ୍ତ୍ରୀ ଉମାମଣି ମଲ୍ଲିକ କହିଛନ୍ତି। ଉମା କହିଛନ୍ତି ଯେ, ଏଥିପାଇଁ କାଗଜପତ୍ର ଦେଇଛୁ ହେଲେ ଟଙ୍କା ପାଇନାହୁଁ। ନଭେମ୍ବରତରୁ ସରକାର ଅନୁକମ୍ପା ରାଶି ଦେବାକୁ ଘୋଷଣା କରିଥିବାବେଳେ ଏଯାଏ ଅର୍ଥ ନ ମିଳିବା ଦୁର୍ଭାଗ୍ୟଜନକ। ଏଥିରୁ ହିଁ ସରକାରଙ୍କ ଘୋଷଣା ଏବଂ କାର୍ଯ୍ୟକାରିତା ମଧ୍ୟରେ କେତେ ଫରକ ତାହା ସ୍ପଷ୍ଟ ବାରିହୋଇପଡୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ତିତ୍‌ଲି ପ୍ରଭାବରେ ଭାଙ୍ଗି ଯାଇଥିବା ଗଜପତି ଜିଲା ରାୟଗଡ ବ୍ଲକର ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା ଗ୍ରାମର ଘର ।



କଟକ ମହାନଦୀକୁ ବସ୍ ଖସିପଡ଼ିଥିବାର ଦୃଶ୍ୟ।

ଉମାମଣି ମଲ୍ଲିକ

### କଥା, କାମରେ ଫରକ

- ସରକାରଙ୍କ ଘୋଷଣା ପରେ ବି ପହଞ୍ଚୁନି ସହାୟତା ରାଶି
- ଟଙ୍କା ପାଇନାହାନ୍ତି 'ତିତ୍‌ଲି' ପ୍ରଭାବରେ ପ୍ରାଣ ହରାଇଥିବା ଓ ଘର ଭାଙ୍ଗିଥିବା ଅନେକ ଲୋକ

କେବଳ ଏହି ଘଟଣା ନୁହେଁ, ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଆହୁରି ଅନେକ ସହାୟତା ଅର୍ଥ ଏ ପର୍ଯ୍ୟନ୍ତ ଲୋକେ ପାଇନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୭-୧୮ ଆର୍ଥିକ ବର୍ଷରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୭କୋଟି ୨୯ଲକ୍ଷ ୬୫ହଜାର ଟଙ୍କା ଦିଆଯାଇଛି। ସେହିପରି ଏହି ସମୟ ମଧ୍ୟରେ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ଚିକିତ୍ସା ବାବଦକୁ ସରକାରଙ୍କ ପକ୍ଷରୁ ମାଗଣା ଚିକିତ୍ସା ରାଶି ବାବଦକୁ ୬କୋଟି ୫୧ଲକ୍ଷ ୬ହଜାର ୧୩୩ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଏହି ଅର୍ଥ ପ୍ରକୃତରେ ଲୋକଙ୍କ ନିକଟରେ ପହଞ୍ଚିଛି ନା ବାସ୍ତବ ଚିତ୍ର ଭିନ୍ନ ସେଥିରେ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡର ନିୟମାବଳୀକୁ ମଧ୍ୟ ସରକାର ଠିକ୍ ଢଙ୍ଗରେ ପାଳନ କରିନାହାନ୍ତି। ଅସମର୍ଥିତ ସୂତ୍ର ଅନୁଯାୟୀ, ଏହି ପାଣ୍ଠିରୁ ଅର୍ଥ ନେଇ ସରକାର ସ୍କୁଲ ପିଲାମାନଙ୍କୁ ଅତୀତରେ ସାଇକେଲ୍ ବାଣ୍ଟିଛନ୍ତି, ଯାହା ନିୟମ ବାହାରେ ବୋଲି ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ବାବଦକୁ ଯେଉଁ ସହାୟତା ଦେବାକୁ ଘୋଷଣା ହୋଇଥିଲା ତାହା ଲୋକଙ୍କୁ ମିଳିନାହିଁ।

ତିତ୍‌ଲି ପ୍ରଭାବରେ ପ୍ରାଣ ହରାଇଥିବା ଏବଂ ଘରଦ୍ୱାର ଭାଙ୍ଗିଥିବା ବ୍ୟକ୍ତିଙ୍କୁ ସରକାର ଅନୁକମ୍ପା ରାଶି ଯୋଗାଇଦେବା ପାଇଁ ଘୋଷଣା କରିଥିଲେ। ତିତ୍‌ଲିରେ ଘର ଭାଙ୍ଗିଥିବା ପରିବାରକୁ ୧ଲକ୍ଷ ୫ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଅକ୍ଟୋବରରୁ ସରକାର ଏହି ଘୋଷଣା କରିଥିଲେ। ଧରିତ୍ରୀ ପକ୍ଷରୁ ତିତ୍‌ଲି ଦ୍ୱାରା ପ୍ରଭାବିତ ହୋଇଥିବା କେତେଗୁଡିଏ ଗାଁକୁ ଭ୍ରମଣ କରାଯାଇଥିଲା। ଗଜପତି ଜିଲା ରାୟଗଡ ବ୍ଲକର ଗଙ୍ଗାବାଡ ପଞ୍ଚାୟତ ଅନ୍ତର୍ଗତ ମାଣିକପାଟଣା ଗ୍ରାମର ସରୋଜ ଶବରଙ୍କୁ ଏ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ବାତ୍ୟା ସମୟରେ ୩ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଘର ଭାଙ୍ଗିଯାଇଥିଲେ ମଧ୍ୟ ସରକାର ଏଯାଏ ଘୋଷଣା କରିଥିବା ରାଶି ପ୍ରଦାନ କରିନାହାନ୍ତି। ସରକାରଙ୍କ ପକ୍ଷରୁ ୧ଲକ୍ଷ ୫ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଏ ବିଷୟରେ ସରପଞ୍ଚଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ମିଳିଯିବ ବୋଲି କହିଛନ୍ତି। ଗାଁର ଅନେକ ଲୋକ ପାଇନାହାନ୍ତି ବୋଲି ସେ କହିଛନ୍ତି। ସେହି ଗ୍ରାମର ଗୁର୍‌ରା ଶବର କହିଛନ୍ତି ଯେ, ବାତ୍ୟାରେ ମୋର ସବୁ ଘର ଭାଙ୍ଗିଯାଇଛି। ଏ ପର୍ଯ୍ୟନ୍ତ ତାକୁ ତିଆରି କରିପାରିନାହିଁ। ବାହାରେ ଶୋଇବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଟଙ୍କା ଦେବାକୁ କୁହାଯାଇଥିଲା, ହେଲେ ବହୁବାର ଦୌଡ଼ିବା ପରେ ମଧ୍ୟ ଅନୁକମ୍ପା ରାଶି ମିଳିପାରିନାହିଁ ବୋଲି ସେ କହିଛନ୍ତି।

ଗଜପତି ଜିଲାରେ ଅନୁକମ୍ପା ରାଶି ଦେବା ଦାୟିତ୍ୱରେ ଥିବା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ଅରୁଣ କୁମାର ତ୍ରିପାଠୀ କହିଛନ୍ତି ଯେ, ପ୍ରାୟ ସମସ୍ତଙ୍କୁ ଘୋଷଣା କରାଯାଇଥିବା ସହାୟତା ଏବଂ ଘର ବାବଦ ଅର୍ଥ ମିଳିଯାଇଛି। ମାତ୍ର ଅଳ୍ପ କେତେଜଣ ଲୋକଙ୍କ କିଛି ସମସ୍ୟା ଥିବାରୁ ସେମାନଙ୍କୁ ମିଳିପାରିନାହିଁ ବୋଲି ସେ କହିଛନ୍ତି।

### ଆଜିର ସମ୍ପାଦକୀୟ

ଭିଗନ୍‌ଙ୍କ ପାଇଁ ସୁଯୋଗ

### ଆଜିର ମନ୍ତବ୍ୟ

" ଦେଶକୁ ଖଣ୍ଡବିଖଣ୍ଡିତ କରୁଥିବା ଲୋକେ ଜାତୀୟ ନେତା ନୁହନ୍ତି।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

୨୦୧୪-୧୯ ମଧ୍ୟରେ ବଜେଟରେ କୃଷି ମନ୍ତ୍ରଣାଳୟର ବ୍ୟୟ ବରାଦ ୨.୧୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। - କୃଷି ମନ୍ତ୍ରଣାଳୟ

ନେତାଜୀ ଜୟନ୍ତୀ ପାଳନକୁ ସଂଖ୍ୟାଲଘୁ ସମ୍ପ୍ରଦାୟର ବିରୋଧ

# କେନ୍ଦ୍ରାପଡ଼ା ସହରରେ ୧୪୪ଧାରା ଜାରି

କେନ୍ଦ୍ରାପଡ଼ା ଅଫିସ୍, ୨୩।୧

କେନ୍ଦ୍ରାପଡ଼ା ଟାଉନ୍ ହାଇସ୍କୁଲ ପଡ଼ିଆଠାରେ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନକୁ ବିରୋଧ କରାଯିବା ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା, ଯାହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ସହରରେ ୧୪୪ ଧାରା ଜାରି କରାଯାଇଥିବା ବେଳେ ୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନ ଉପୁଜିବ ସେଥିପାଇଁ ସହର ମଧ୍ୟରେ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ କରିଦିଆଯାଇଛି। ଏହାଛଡ଼ା ଅନିର୍ଦ୍ଦିଷ୍ଟ କାଳ ଅର୍ଥାତ୍ ୧୪୪ ଧାରା ଜାରି ରହିବା ପର୍ଯ୍ୟନ୍ତ ସହର ସମସ୍ତ ସ୍କୁଲ, କଲେଜକୁ ଜିଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରି ଦିଆଯାଇଛି। ଅପରପକ୍ଷେ ଓଡ଼ିଶାର ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନକୁ ବିରୋଧ କରାଯିବା ପ୍ରତିବାଦରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର କେନ୍ଦ୍ରାପଡ଼ା ଜିଲା ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ☞ପୃଷ୍ଠା-୪



ଆର୍‌ଏସ୍‌ଏସ୍ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ ପାଇଁ କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ପଡ଼ିଆରେ ପ୍ରସ୍ତୁତ ସଭାସ୍ଥଳ।

# ଧାନକିଣାରେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍

କଟକ ଅଫିସ, ୨୩।୧

### ଭିଜିଲାନ୍ସରେ ୩୭ ମାମଲା

ଚାଷୀଙ୍କ ସ୍ୱାର୍ଥକୁ ବଳିଦେଇ ସରକାରୀ ଅଧିକାରୀମାନେ କିଭଳି ମିଲର୍ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଛନ୍ତି ତାହାର ଏକ ପ୍ରମାଣ ସାମ୍ନାକୁ ଆସିଛି। କୋରାପୁଟ ଜିଲାରେ ହୋଇଛି ଏଭଳି ଦୁର୍ନୀତି। ଯେଉଁଥିରେ ସିଧା ୪ କୋଟି ୧୦ ଲକ୍ଷ ୩୭ହଜାର ୨୭୯ ସରକାରୀ ଅର୍ଥ ଆତ୍ମସାତ୍ ହୋଇଛି। ଏହାକୁ ନେଇ କୋରାପୁଟ ଭିଜିଲାନ୍ସ ଡିଭିଜନରେ ୩୭ଟି ମାମଲା ରୁଜୁ କରାଯାଇଛି। ମାମଲାରେ କୋରାପୁଟର ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ କୋଅପରେଟିଭ ସୋସାଇଟିଜ୍ (ଲାମ୍ପସ୍)ର ପରିଚାଳନା ନିର୍ଦ୍ଦେଶକମାନଙ୍କ ସହିତ କୋରାପୁଟ ସମବାୟ ଉପନିବନ୍ଧକଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାର ତଦନ୍ତ ଚାଲିଛି। ଏଥିରେ କାହାରିକୁ ଗିରଫ କରାଯାଇ ନ ଥିବା କୋରାପୁଟ ଭିଜିଲାନ୍ସ ଡିଭିଜନର ଏସ୍‌ପି ହରେକୃଷ୍ଣ ବେହେରା ସୂଚନା ଦେଇଛନ୍ତି।

୨୦୧୨ରୁ ୨୦୧୫ ମଧ୍ୟରେ ଏହି ଦୁର୍ନୀତି ହୋଇଛି। ଏହି ୩ ବର୍ଷ ମଧ୍ୟରେ କୋରାପୁଟ ଜିଲାରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପାଇଁ ୪୮ଟି ଲାମ୍ପସ୍‌କୁ ଦାୟିତ୍ୱ ଦିଆଯାଇଥିଲା। ମଣ୍ଡିଗୁଡ଼ିକରେ ଧାନ କିଣିବା ସମୟରେ ଚାଷୀଙ୍କ ଧାନବସ୍ତାକୁ ଓଜନ କରିବା, ମିଲର୍‌ଙ୍କ ବସ୍ତାରେ ଏହି ଧାନକୁ ପୁନଃ ପ୍ୟାକିଂ କରିବା ଆଦି କାର୍ଯ୍ୟ (ମଣ୍ଡି ହ୍ୟାଣ୍ଡେଲିଂ ଚାର୍ଜେସ୍) ବାବଦରେ ସରକାର କୁଇଣ୍ଟାଲ ପିଛା ୫ଟଙ୍କା ୬୭ ପଇସା ଧାର୍ଯ୍ୟ କରିଥିଲେ। କିନ୍ତୁ ଏଥିରେ ନିୟମ ଉଲ୍ଲଂଘନ କରାଯାଇ ମଣ୍ଡିଗୁଡ଼ିକରେ ହ୍ୟାଣ୍ଡେଲିଂ ଚାର୍ଜେସ ବାବଦରେ ୮ ଟଙ୍କା ୮ ପଇସା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲା। ଅର୍ଥାତ୍ କୁଇଣ୍ଟାଲ ପିଛା ୨ ଟଙ୍କା ୪୧ ପଇସା ଅଧିକ ଖର୍ଚ୍ଚ ହୋଇଥିଲା। ଏହି ହାରରେ ଦୁଇବର୍ଷରେ ଧାର୍ଯ୍ୟଠାରୁ ଅଧିକ ୪ କୋଟି ୧୦ ଲକ୍ଷ ୩୭ହଜାର ୨୭୯ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସରକାରଙ୍କ ବିନା ମଞ୍ଜୁରୀରେ ଏତେ ଟଙ୍କା ଖର୍ଚ୍ଚ ହେବା ନେଇ ସ୍ପେଶାଲ ଅଡିଟ କରାଯାଇଥିଲା। ସ୍ପେଶାଲ ଅଡିଟ୍‌ରେ ଏଭଳି ଅନିୟମିତତା ଧରାପଡ଼ିଥିଲା। ଫଳରେ ଏହାର ତଦନ୍ତ ଦାୟିତ୍ୱ ସରକାର ଭିଜିଲାନ୍ସକୁ ଦେଇଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ପ୍ରାଥମିକ ତଦନ୍ତ ଅନୁଯାୟୀ ୩୭ଟି ମାମଲା ରୁଜୁ କରାଯାଇଥିବା ☞ପୃଷ୍ଠା-୪


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE 23.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 77 | 128 | 138 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers




ଚେତନାକୁ ବ୍ୟାପକ କରିବା ଦ୍ୱାରା ଯଥାର୍ଥ ବିଶ୍ରାମ ମିଳେ। ବିଶ୍ୱପରି ବିରାଟ ଓ ବିପୁଳ ହୁଅ। ତୁମେ ସର୍ବଦା ହିଁ ବିଶ୍ରାମରେ ରହିପାରିବ।
-ଶ୍ରୀମା



# ଭିଗନ୍‌ଙ୍କ ପାଇଁ ସୁଯୋଗ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆଜିକାଲି ଭିଗନ୍ (ଶୁଦ୍ଧ ନିରାମିଷାଶୀ- ଯେଉଁମାନେ ମାଛ, ମାଂସ, ଅଣ୍ଡା, ମହୁ, କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ ପ୍ରଭୃତି କୌଣସି ପ୍ରକାର ପ୍ରାଣିଜ ଖାଦ୍ୟ ଖାଆନ୍ତି ନାହିଁ କିମ୍ବା ପ୍ରାଣୀଙ୍କ ଦାନ୍ତ, ଶିଙ୍ଗ, ଚମଡ଼ା ପ୍ରଭୃତିରୁ ପ୍ରସ୍ତୁତ କୌଣସି ଦ୍ରବ୍ୟ ବ୍ୟବହାର କରନ୍ତି ନାହିଁ)ମାନଙ୍କ ପାଇଁ ଅନେକ ସୁଯୋଗ ରହିଛି। ଏଥିପାଇଁ କେବଳ ଅଧ୍ୟବସାୟ ଓ ସାହସ ଦରକାର- ଯେକୌଣସି ପ୍ରକାର ବ୍ୟବସାୟ ପାଇଁ ଏହା ଦରକାର ପଡ଼ିଥାଏ। ତେବେ ଅଧିକ ସହାନୁଭୂତିଶୀଳ ଜୀବନଶୈଳୀ ପାଇଁ ଆପଣଙ୍କୁ ଆଧୁନିକ ଫେଶନ ଛାଡ଼ିବାକୁ ପଡ଼ିବ ନାହିଁ। ପୁନଃଚକ୍ରିତ ପଲିଷ୍ଟରରୁ ଫେଶନବାଲା ଉତ୍ପାଦ ତିଆରି ହୋଇପାରୁଛି। ଆଜିକାଲି ବହୁ ପ୍ରକାର ଜୋତା, ବେଲ୍ଟ ଓ ମନିପର୍ସ ମିଳୁଛି, ଯାହା ଚମଡ଼ାରୁ ତିଆରି ହୋଇ ନ ଥାଏ। ଏଗୁଡ଼ିକ ବିଭିନ୍ନ ପରିବେଶ-ଅନୁକୂଳ ପଦାର୍ଥ ଯଥା କପା, କାନଭାସ, ନାଇଲନ, ଭେଲ୍‌ଭେଟ, ଲିନେନ ଓ ଉଦ୍ଭିଜ୍ଜ ପଦାର୍ଥରୁ ତିଆରି ହେଉଛି। ଏପରି କି ଏସବୁ ଜୋତା ପ୍ରଭୃତିରେ ବ୍ୟବହାର ହେଉଥିବା ଅଠା ବି ପ୍ରାଣୀ ଚମଡ଼ାରୁ ତିଆରି ହୋଇ ନ ଥାଏ କିମ୍ବା ପ୍ରାଣୀଙ୍କଠାରେ ପରୀକ୍ଷା ହୋଇ ନ ଥାଏ।

ଆପଣ ଏକ ସାପ୍ତାହିକ ଜୈବିକ ବଜାର ଆରମ୍ଭ କରିପାରିବେ। ପିପୁଲ ଫର୍ ଆନିମଲ୍‌ସ କିଛିଦିନ ପାଇଁ ଏହା ଆରମ୍ଭ କରିଥିଲା ଏବଂ ଭଲ ବି ଚାଲିଥିଲା। ବର୍ତ୍ତମାନ ଦିଲ୍ଲୀରେ ତିନୋଟି ସାପ୍ତାହିକ ଜୈବିକ ବଜାର ଅଛି ଏବଂ ସେଗୁଡ଼ିକରେ ମଞ୍ଜି, ଗଛ, ପନିପରିବା ଓ ସାଲାଡଠାରୁ ଆରମ୍ଭ କରି ତେଲ ଓ ଛେନା (ଗାଈ କ୍ଷୀରରୁ ପ୍ରସ୍ତୁତ ନୁହେଁ) ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷ ବିକ୍ରି ହେଉଛି। ଏଥିରେ ଆପଣ ଭିଗନ୍ ରୋଷେଇ ବହି, ଭିନେଗାର ଓ ସସ୍, ଚା, ମାଟି ବା ସିରାମିକ୍ ପାତ୍ର, ବାସ୍ନା, ସାବୁନ, ସ୍କିନ୍‌କେୟାର, କେଶତୈଳ ଓ ଭିଗନ୍ ଖାଦ୍ୟ ବିକ୍ରି କରିପାରିବେ। କାଳକ୍ରମେ ଫୁଲ ବଜାର ପରି ଏହା ଏକ ସ୍ଥାୟୀ ବଜାରରେ ପରିଣତ ହୋଇଯିବ ଏବଂ ସରକାର ସେଥିପାଇଁ ଜାଗା ଦେବେ। ସିଡ୍‌ନୀଠାରେ ପ୍ରତିବର୍ଷ ଏକ ଭିଗନ୍ ଫେଷ୍ଟିଭାଲ ପାଳିତ ହୁଏ। ଏହା ଖୁବ୍ ବଡ଼। ସାରା ଅଷ୍ଟ୍ରେଲିଆରୁ ଲୋକମାନେ ଏଥିରେ ଅଂଶଗ୍ରହଣ କରନ୍ତି (www.crueltyfreefestival.org.au)। ଆପଣ ମଧ୍ୟ ପ୍ରତିବର୍ଷ ଏପରି ଭିଗନ୍ ମେଳା ଆୟୋଜନ କରିପାରିବେ ଏବଂ ଏହାର ନାଁ ଦେଇପାରିବେ କ୍ରୁଏଲ୍‌ଟି-ଫ୍ରି ଫେଷ୍ଟିଭାଲ।

ମୁଁ ଭିଗନ୍ ବେକରି (ପାଉଁରୁଟି, କେକ୍ ପ୍ରଭୃତିର ଦୋକାନ), କନ୍‌ଫେକ୍ସନେରି (ମିଠାଇ ଦୋକାନ) ଓ ଚକୋଲେଟିୟର (ଚକୋଲେଟ୍ ଦୋକାନ)ରୁ କିଣାକିଣି କରିଥାଏ। ଏହିସବୁ ଦୋକାନରେ କେବଳ ଅପ୍ରାଣିଜ ଖାଦ୍ୟପଦାର୍ଥ ହିଁ ମିଳିଥାଏ। ଆପଣ ଏପରି ଦୋକାନ ଆରମ୍ଭ କରିପାରିବେ। କିନ୍ତୁ ଏହା କରିବାକୁ ଗଲେ ଆପଣଙ୍କୁ ଦୋକାନରେ ମହଜୁଦ ରଖୁଥିବା ବା ଦୋକାନ ପାଇଁ କିଣୁଥିବା ପ୍ରତ୍ୟେକ ସରଞ୍ଜାମ ଓ ଖାଦ୍ୟପଦାର୍ଥର ମୂଳ ଉତ୍ସ ବିଷୟରେ ଜାଣିବାକୁ ପଡ଼ିବ। ସେଥିରେ ଯେପରି କୌଣସି ପ୍ରକାର ରାସାୟନିକ, ଜୈବ-ପରିବର୍ତ୍ତିତ ଉପାଦାନ ବା ପ୍ରାଣିଜ ପଦାର୍ଥ ନ ଥାଏ। ସେଥିପାଇଁ ଆପଣଙ୍କୁ ପ୍ରତ୍ୟେକ ଉପାଦାନର ମୂଳ ଉତ୍ସ ବିଷୟରେ ଅନୁସନ୍ଧାନ କରିବା ସହିତ ପ୍ରତ୍ୟେକ ଯୋଗାଣକାରୀଙ୍କ ସମ୍ପର୍କରେ ଜାଣିବାକୁ ପଡ଼ିବ। ପାମ୍‌ତେଲ ବଦଳରେ ନଡ଼ିଆତେଲ ଓ କୋକୋ ବଟର ବ୍ୟବହାର କରନ୍ତୁ। ମିଠା ପାଇଁ ଚିନି ବଦଳରେ ଆଖୁରସରୁ ଜଳୀୟ ଅଂଶ ଶୁଖାଇ ପ୍ରସ୍ତୁତ ଗୁଡ଼, ନଡ଼ିଆ ଶର୍କରା ଓ ଶୁଦ୍ଧ ମେପଲ ଶର୍କରା ବ୍ୟବହାର କରନ୍ତୁ।

ଆପଣ ମଧ୍ୟ ଏକ ଦୋକାନ ଖୋଲିପାରିବେ, ଯେଉଁଥିରେ କେବଳ ଭିଗନ୍ ତେଲ, କ୍ଷୀର ଓ ଲହୁଣି ବିକ୍ରି ହେଉଥିବ, ଯଥା- ଅଲିଭ ତେଲ, ଯେର୍ବା ମେଟ୍, ନଡ଼ିଆ, ଅଳସୀ, ଚିଆ, ହେମ୍ପ ଓ କଳା ରାଶି ତେଲ, କାଜୁ ଓ ଶି ବଟର, ବାଦାମ ତେଲ ଓ କ୍ଷୀର, ଅଳସୀ କ୍ଷୀର, ମେପଲ ସିରପ, ଗୁଡ଼, ଜୈବ ନଡ଼ିଆ ଶର୍କରା, ଷ୍ଟିଭିଆ ଜିଲିଟୋଲ, ଭଲ ସୂର୍ଯ୍ୟମୁଖୀ ତେଲ ଇତ୍ୟାଦି। ଏଥି ସହ ପ୍ରାଣୀ ଅଧିକାର ଶାର୍ଟ ଓ ବୋତାମ ମଧ୍ୟ ଦୋକାନରେ ରଖିପାରନ୍ତି। ପୌଷ୍ଟିକତା ଦ୍ୱାରା ସ୍ୱାସ୍ଥ୍ୟ ବୃଦ୍ଧି କରନ୍ତୁ। ବିଭିନ୍ନ ପ୍ରକାର ନକଲି ମାଂସ, ଛେନା, ଚିକେନ୍ ସାଣ୍ଡୱିଚ୍, ହଟ୍‌ଡଗ୍, କବାବ, ବର୍ଗର, ମାଂସ ତରକାରି, ଫ୍ରେଞ୍ଚ୍ ଟୋଷ୍ଟ ପ୍ରଭୃତି ଦେଇ ସେମାନଙ୍କୁ ଚକିତ କରିଦିଅନ୍ତୁ। ଛେନାର ଭିଗନ୍ ବିକଳ୍ପ ଆଜିକାଲି ଅନ୍‌ଲାଇନ ବିକ୍ରି ହେଲାଣି। ଏସବୁ ଖାଦ୍ୟ ଉପଲବ୍ଧ ହେଲେ ବହୁଲୋକ ଭିଗନ୍ ହେବାକୁ ପସନ୍ଦ କରିବେ। ଆଜିକାଲି ଏପରି କୃତ୍ରିମ ମାଂସ ମିଳିଲାଣି, ଯାହା ଦେଖିବାକୁ ଓ ଖାଇବାକୁ ମାଂସ ପରି ହେଲେ ମଧ୍ୟ ସେଥିରେ ମାଛ, ମାଂସ, ଅଣ୍ଡା, କ୍ଷୀର, କୋଲେଷ୍ଟରଲ, ହାଇଡ୍ରୋଜେନେଟେଡ୍ ଫ୍ୟାଟ୍, ଜିନ୍-ପରିବର୍ତ୍ତିତ ଉପାଦାନ, କୃତ୍ରିମ ରଙ୍ଗ, ବାସ୍ନା ଓ ସଂରକ୍ଷଣକାରକ ନ ଥାଏ।

ଯଦି ଆପଣ ଏକ କାଫେ (ଚା, କଫି, ଜଳଖିଆ ଦୋକାନ) ଖୋଲିଛନ୍ତି, ତେବେ ସେଥିରେ ପ୍ଲାଷ୍ଟିକ୍ କପ୍, ପ୍ଲାଷ୍ଟିକ୍ ଛଣା ଆଦି ଆଦୌ ବ୍ୟବହାର କରନ୍ତୁ ନାହିଁ। ପ୍ଲାଷ୍ଟିକ୍ ଛଣା ବଦଳରେ ସଫା କନାରେ ଛାଣନ୍ତୁ। ବଳକା ଖାଦ୍ୟ ପ୍ରଭୃତି ଏଣେତେଣେ ନ ପକାଇ ତାକୁ ପୋତି ସେଥିରୁ କମ୍ପୋଷ୍ଟ ତିଆରି କରନ୍ତୁ, ନ ହେଲେ ପ୍ରାଣୀ ଆଶ୍ରୟସ୍ଥଳକୁ ଦେଇଦିଅନ୍ତୁ। ବୋନ୍ ଚାଇନାରେ ତିଆରି କପ୍, ପ୍ଲେଟ୍ ଆଦୌ କିଣନ୍ତୁ ନାହିଁ। ପରିବେଶ-ଅନୁକୂଳ ପଦାର୍ଥରେ ବାସନ ସଫା କରନ୍ତୁ। ଆପଣଙ୍କ ବହି, ଲେବଲ, ରସିଦ, ମେନ୍ୟୁ ପ୍ରଭୃତି ପୁନଚକ୍ରିତ କାଗଜ ଓ ସୋୟା-ଭିତ୍ତିକ କାଳିରେ ଛାପନ୍ତୁ। ଆପଣଙ୍କ ପରିତ୍ୟକ୍ତ ବନସ୍ପତି ତେଲକୁ ଫୋପାଡ଼ି ନ ଦେଇ କାର୍ ଇନ୍ଧନ ଭାବେ ବ୍ୟବହାର କରନ୍ତୁ, ଯାହା ଫଳରେ ପେଟ୍ରୋଲ ବଞ୍ଚିଯିବ।

ଆପଣ ନିଜ ଘରେ କିଛି ଜିନିଷ ତିଆରି କରି ତା'ର ବିକ୍ରି ପାଇଁ ବିଜ୍ଞାପନ ଦେଇପାରିବେ, ଯେପରି ବାଦାମ ବଟର। ଏହାକୁ ଆପଣ ବିନା ପାମ୍ ତେଲ ଓ ସଂରକ୍ଷଣକାରକରେ ତିଆରି କରିପାରିବେ। ଭେଗ୍ ଏଲ୍‌ଏଲ୍‌ସି (www.the-vegg.com) ହେଉଛି ପାଉଡରୀକୃତ ଭିଗନ୍ ଅଣ୍ଡା କେଶରର ନିର୍ମାତା ଓ ଅନ୍‌ଲାଇନ୍ ବିକ୍ରିକର୍ତ୍ତା। ଏହା ହେଉଛି ରକି ଶେପାର୍ଡ ନାମକ ଜଣେ ଲୋକ ଦ୍ୱାରା ପରିଚାଳିତ ବ୍ୟବସାୟ। ସେ ବିଶ୍ୱର ପ୍ରଥମ ଭିଗନ୍ ଅଣ୍ଡା କେଶର ଉଦ୍ଭାବକ।

ଆପଣ ଏକ ଭିଗନ୍ ପ୍ରସାଧନ ସାମଗ୍ରୀ ଓ ସ୍କିନ୍‌କେୟାର୍ ଦୋକାନ ଖୋଲିପାରନ୍ତି। ଏହି ପ୍ରସାଧନ ସାମଗ୍ରୀଗୁଡ଼ିକରେ କୌଣସି ପ୍ରାଣିଜ ଚର୍ବି, ଜେଲାଟିନ୍ ବା ହାଡ଼ ବ୍ୟବହାର କରାଯାଏ ନାହିଁ। ଏଗୁଡ଼ିକ ପ୍ରାଣୀଙ୍କଠାରେ ପରୀକ୍ଷା ବି କରାଯାଏ ନାହିଁ। ଏଗୁଡ଼ିକ ନିଷ୍ଠୁରତାମୁକ୍ତ ଓ କ୍ଷତିକାରକ ରାସାୟନିକମୁକ୍ତ। ପାମ୍‌ତେଲ ପ୍ରକୃତରେ ଏକ ଶୁଷ୍କକାରକ, ଏହା ଚର୍ମକୁ ଆର୍ଦ୍ର ରଖେ ନାହିଁ କି ଚର୍ମର କିଛି ଉପକାର କରେ ନାହିଁ। କିନ୍ତୁ ଏହା ଶସ୍ତା ହୋଇଥିବାରୁ ସବୁ କମ୍ପାନୀ ଏହାକୁ ବ୍ୟବହାର କରନ୍ତି। ସେହିପରି ତଥାକଥିତ ଦାମୀ କମ୍ପାନୀ ସ୍କିନ୍ କେୟାର ସାମଗ୍ରୀରେ ଲାନୋଲିନ୍ ଓ ଶେଲାକ୍ ବ୍ୟବହାର କରାଯାଏ। ଏଗୁଡ଼ିକ ଚର୍ମର କୌଣସି ଉପକାର କରନ୍ତି ନାହିଁ, କିନ୍ତୁ ବେଶିଦିନ ସାଇତି ରଖାଯାଇପାରୁ ଥିବାରୁ ଏଗୁଡ଼ିକ ବ୍ୟବହାର କରାଯାଏ। ଭିଗନ୍ ଦୋକାନରେ ଏଗୁଡ଼ିକ ବ୍ୟବହାର ହୋଇଥିବା ସାମଗ୍ରୀ ନ ରହିବା ଉଚିତ। ଭିଗନ୍ ସାବୁନ ବ୍ୟବହାର କଲେ ଆଲର୍ଜି ହେବ ନାହିଁ ଏବଂ ଏହି ସାବୁନରେ କେବଳ ଉଦ୍ଭିଜ୍ଜ ତେଲ ଓ ପ୍ରାକୃତିକ ବାସ୍ନା ବ୍ୟବହାର କରାଯାଏ। ପ୍ଲାନେଟ୍ ଇଙ୍କ୍ ନାମକ ଏକ କମ୍ପାନୀ ପରିବେଶ-ଅନୁକୂଳ ଉଦ୍ଭିଦ-ଭିତ୍ତିକ ସାମଗ୍ରୀ ବିକ୍ରି କରୁଛି।

Email: gandhim@nic.in

# ନିଃସଙ୍ଗ ଜୀବନ

ବିଜୟ ଦାସ

ଜୀବନ ଗୋଟେ ନିଆରା ଫୁଲର ମହକ। ନିଜର ବୃତ୍ତିଗତ ଶିକ୍ଷକ ଜୀବନ ଭିତରେ ନୀଳାମ୍ବର ବାବୁଙ୍କ ଏଇ କଥାର ତାତ୍ପର୍ଯ୍ୟ ଅଧିକ ହୃଦ୍‌ବୋଧ ହେବା ସହ ସେ ଛୋଟ ପିଲାଙ୍କ ପ୍ରତି ଟିକେ ଅଧିକ ସ୍ନେହସିକ୍ତ ହେବା ସାଧାରଣରେ ପରିଲକ୍ଷିତ ହୁଏ। ବାସ୍ତବିକ ଛୋଟ ଛୋଟ ଶିଶୁମାନେ ଈଶ୍ୱରଙ୍କ ବଗିଚାର ଫୁଲ ଭଳି। ସେଇ ଛୋଟ ଶିଶୁଙ୍କ ସ୍ନେହ ଓ ଆଦରଯତ୍ନ ପାଇଁ ସବୁଦିନ ନିଜକୁ ହଜାଇଦେଇ ଜୀବନର ଗୋଟେ ନିଆରା ମହକ ଉପଲବ୍ଧି କରିବା ଓ ଅବସର ପରେ ସେଇ ଶିଶୁମାନଙ୍କ ଆଦରଯତ୍ନରୁ ବଞ୍ଚିତ ହେଲାବେଳେ ବ୍ୟଥା ଅନୁଭବ କରିବା କେବଳ ନୀଳାମ୍ବର ବାବୁ ନୁହନ୍ତି, ଯେ କୌଣସି ମଣିଷ କ୍ଷେତ୍ରରେ ସ୍ୱାଭାବିକ।

ନୀଳାମ୍ବର ବାବୁ ଥିଲେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ଶିକ୍ଷକ ଜୀବନରେ ସେ କେବଳ ଛାତ୍ରୀଛାତ୍ରଙ୍କ ଗହଣରେ ସ୍ନେହ ଆଦରର ଭାବପ୍ରବଣତା ଭିତରେ ଭାସିଯାଉ ନ ଥିଲେ। ନିଜର ନୀତି, ନିୟମ, ନୈତିକତା ଓ ସମୟାନୁବର୍ତ୍ତିତା ଆଦି ସୁଗୁଣକୁ ଛାତ୍ରୀଛାତ୍ରଙ୍କ ଭିତରେ ପ୍ରତିଭାତ ହେବାକୁ ଦେଇ ସେ ବ୍ୟକ୍ତି ନିର୍ମାଣର ଯେଉଁ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଥିଲେ, ତାହା ତାଙ୍କୁ ଆଖପାଖ ଅଞ୍ଚଳରେ ଅଧିକ ଲୋକପ୍ରିୟ କରିବାରେ ସହାୟକ ହୋଇଥିଲା। ସେ ନିଜେ ଜଣେ ଆଦର୍ଶ ଶିକ୍ଷକ ହୋଇ ସେ ଅଞ୍ଚଳର ବହୁ ଛାତ୍ରୀଛାତ୍ରଙ୍କୁ ଆଦର୍ଶ ଭାବରେ ଗଢ଼ିତୋଳିବା ସହିତ ନିଜର ଏକମାତ୍ର ପୁଅ ନିରଞ୍ଜନଙ୍କୁ ଜଣେ ଯୋଗ୍ୟ ମଣିଷ ଭାବେ ଗଢ଼ି ତୋଳିପାରିଥିଲେ। ନିରଞ୍ଜନ ବୃତ୍ତିରେ ଜଣେ ଇଞ୍ଜିନିୟର ଥିଲେ ଓ ସେ ଜଣେ ଉଚ୍ଚଶିକ୍ଷିତା ଝିଅକୁ ବିବାହ କରିଥିଲେ। ଏଥିସହିତ ନିରଞ୍ଜନ ଓ ବୋହୂ ଏଲିନାଙ୍କ ଔରସରୁ ଜନ୍ମିତ ନାତି ଲିପୁନକୁ ପାଇ ନୀଳାମ୍ବର ବାବୁ ଅବସର ଜୀବନର ନିଃସଙ୍ଗତାକୁ ଭୁଲିବାର ପ୍ରୟାସ କରୁଥିଲେ। ଏହାର କାରଣ ଥିଲା ଏକମାତ୍ର ନାତି ଲିପୁନ ସହିତ ନୀଳାମ୍ବର ବାବୁଙ୍କର ଅନ୍ତରଙ୍ଗ ସମ୍ପର୍କର ନିବିଡ଼ତା, ଯାହା ତାଙ୍କଠାରୁ ଜଣେ ଛାତ୍ରବତ୍ସଳ ଶିକ୍ଷକଙ୍କର ସବୁ ସ୍ନେହ ଛଡ଼ାଇ ଆଣି ତାଙ୍କୁ ଅସହାୟ କରିଦେଉଥିଲା।

କିନ୍ତୁ ନୀଳାମ୍ବର ବାବୁ ବାସ୍ତବରେ ନିଜକୁ ଅସହାୟ ମନେକଲେ ସେଇଦିନ, ଯେଉଁଦିନ ନିଜର ଏକମାତ୍ର ପୁଅ ନିରଞ୍ଜନ ବୋହୂ ଏଲିନା ଓ ନାତି ଲିପୁନକୁ ନେଇ ବାଙ୍ଗାଲୋରରେ ରହିବାକୁ ମନସ୍ଥ କଲେ। ନୀଳାମ୍ବର ବାବୁଙ୍କ ପତ୍ନୀଙ୍କର ବହୁ ଆଗରୁ ଦେହାନ୍ତ ହୋଇସାରିଥିଲା। ନିଜର ଏକମାତ୍ର ପୁଅର ନୂଆ ନୂଆ ଚାକିରି ଜୀବନରେ ବ୍ୟାଘାତ ନ ଆଣିବା ପାଇଁ ପତ୍ନୀଙ୍କର ଶେଷ ଇଚ୍ଛା ଅନୁସାରେ ପୁଅବୋହୂଙ୍କ ନିଷ୍ପତ୍ତିରେ ସମ୍ମତି ଦେଇଥିଲେ ବି ନାତି ଲିପୁନର ସ୍ନେହସିକ୍ତ ଆନ୍ତରିକତା ଭୁଲିବା ତାଙ୍କ ପାଇଁ ଅତ୍ୟନ୍ତ ଅସହ୍ୟ ହୋଇପଡିଥିଲା। ବାଙ୍ଗାଲୋରରେ ରହଣି ସମୟରେ ପୁଅ ନିରଞ୍ଜନ ବାପାଙ୍କ ଭଲମନ୍ଦ କଥା ନିୟମିତ ଟେଲିଫୋନ କରି ପଚାରି ବୁଝନ୍ତି। ନୀଳାମ୍ବର ବାବୁଙ୍କ ପାଇଁ ପୁଅ ନିରଞ୍ଜନଙ୍କ ଦ୍ୱାରା ନିଯୁକ୍ତ ପଡିଶାଘରର ଝିଅଟିଏ ନିୟମିତ ଆସି ରୋଷେଇବାସ କରିଦିଏ। ଗାଁ ଗହଳି ଭିତରେ ସାଇପଡିଶାର ଯେ କୌଣସି ବ୍ୟକ୍ତି ହାତରେ ପଇସାପତ୍ର ଦେଲେ ସେମାନେ ନୀଳାମ୍ବର ବାବୁଙ୍କ ପାଇଁ ପାଖ ବଜାରରୁ ଦରକାରୀ ସଉଦାପତ୍ର କିଣି ଆଣନ୍ତି। ତା' ଛଡ଼ା ନିଜେ ବଜାରକୁ ଯାଇ ନିଜ ପାଇଁ ସଉଦାପତ୍ର କିଣିବାର ଶାରୀରିକ ଓ ମାନସିକ କ୍ଷମତା ତାଙ୍କ ପାଖରେ ବହୁଦିନ ପର୍ଯ୍ୟନ୍ତ ଅତୁଟ ହୋଇ ରହିଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିଲା। ବାଙ୍ଗାଲୋରରୁ ବୋହୂ ଏଲିନା ଠିକ୍ ସମୟରେ ଖିଆପିଆ କରିବା ସହିତ ସାମାନ୍ୟ ଦେହ ଅସୁସ୍ଥ ହେଲେ ଠିକ୍ ସମୟରେ ଔଷଧପତ୍ର ଖାଇବା ପାଇଁ ତାଗିଦ କରି କହୁଥିଲା। ତିନିବର୍ଷର ନାତି ଲିପୁନ ବି ଗୁଲୁଗୁଲିଆ କଥାରେ ଜେଜେଙ୍କ ମନକୁ ଖୁସିରେ ଭରି ଦେଉଥିଲା। ନୀଳାମ୍ବର ବାବୁ ମାନସିକ ସ୍ତରରେ ଅଧିକ କ୍ଷତାକ୍ତ ହେଲେ ସେଇଦିନ, ଯେଉଁଦିନ ପୁଅ ନିରଞ୍ଜନ ସପରିବାର ଆମେରିକା ଯିବାକୁ ମନସ୍ଥ କଲେ। କମ୍ପାନୀର ପ୍ୟାକେଜ୍ ଓ ପ୍ରମୋଶନ ଦୃଷ୍ଟିରୁ ନିରଞ୍ଜନ ଆମେରିକା ଯିବାକୁ ବାଧ୍ୟ ହେଲେ। ପୁଅ, ବୋହୂ ଓ ନାତି ଆମେରିକା ଯିବା ପରେ କାଁ ଭାଁ ଟେଲିଫୋନ କଲ୍ ଆସେ। ନୀଳାମ୍ବର ବାବୁଙ୍କ ଅସହାୟତା କ୍ରମେ ବଢ଼ିବାକୁ ଲାଗିଲା। ସୁଦୂର ଆମେରିକାର ପାଣିପବନ ଓ ବସ୍ତୁବାଦୀ ଦୁନିଆର ଚାକଚକ୍ୟ ପୁଅ ନିରଞ୍ଜନ, ବୋହୂ ଏଲିନା ଓ ନାତି ଲିପୁନକୁ ସାଧାରଣ ସ୍ନେହମମତାର ଭାବପ୍ରବଣତାରୁ ଦୂରେଇ ଦେଇ ବସ୍ତୁବାଦୀ ଦୁନିଆ ଭିତରେ ବାନ୍ଧି ରଖିବା ସ୍ୱାଭାବିକ। ବାର୍ଦ୍ଧକ୍ୟର ସମ୍ପୂର୍ଣ୍ଣ ଅସହାୟତା ଓ କ୍ଳାନ୍ତି ଆସିବା ପୂର୍ବରୁ ନୀଳାମ୍ବର ବାବୁ ଦିନେ ହଠାତ୍ ନିଷ୍ପତ୍ତି ନେଲେ ଯେ, ସେ ଏଣିକି ଛୋଟ ଛୋଟ ପିଲାମାନଙ୍କୁ ଟିଉଶନ କରିବେ। ସରକାରୀ ଭାବେ ସିନା ଶିକ୍ଷକତାର ଜୀବନ ସରିଯାଇଛି, ହେଲେ ଜଣେ କର୍ମତତ୍ପର ଶିକ୍ଷକ ଭାବରେ ଶିକ୍ଷାଦାନ କରିବାର ମହାନ୍ କର୍ତ୍ତବ୍ୟ ପାଳନ କରିବାକୁ ତାଙ୍କ ଭିତରେ ଏବେ ବି ଉତ୍ସାହ ଓ ଆତ୍ମଶକ୍ତି ମହଜୁଦ ହୋଇ ରହିଛି। ଟିଉଶନ ଅବକାଶରେ ଛୋଟ ଛୋଟ ପିଲାଙ୍କର ସ୍ନେହ ଓ ଭଲ ପାଇବା ଭିତରେ ନୀଳାମ୍ବର ବାବୁ ଆତ୍ମତୃପ୍ତିର ଏକ ଉପଲବ୍ଧି ସାଉଁଟିବାର ପ୍ରୟାସ କଲେ। କଥା କିନ୍ତୁ ବାହାରକୁ ଭିନ୍ନ ଦିଶିଲା। ଲୋକେ କହିଲେ, ନୀଳାମ୍ବର ମାଷ୍ଟରଟା ଭାରି ଲୋଭୀ। ପୁଅବୋହୂ ବିଦେଶରେ ରହି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି, ଅଥଚ ବୁଢ଼ାର ଏତେ ଲୋଭ ଯେ ବୁଢ଼ା ବୟସରେ ଟଙ୍କା କେଇଟା ପାଇଁ ଟିଉଶନ କରୁଛି। ମାତ୍ର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଆଶ୍ଚର୍ଯ୍ୟ ହେଲେ, ଯେତେବେଳେ ନୀଳାମ୍ବର ବାବୁ ଟିଉଶନ ବାବଦରେ କୌଣସି ଅର୍ଥ ସେମାନଙ୍କଠାରୁ ନେବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଲେ। କଥା ଯାଇ ଆମେରିକାରେ ରହୁଥିବା ପୁଅବୋହୂଙ୍କ କାନରେ ପଡ଼ିଲା। ନିରଞ୍ଜନ ଓ ଏଲିନା ସୁଦୂର ଆମେରିକାରୁ ଟେଲିଫୋନ କଲେ। ଦେଖନ୍ତୁ ବାପା, ଆମ ଦି'ଜଣଙ୍କ ଦରମା ପ୍ରାୟ ପାଞ୍ଚଲକ୍ଷ ପାଖାପାଖି। ଆପଣଙ୍କର ଯେତେ ଟଙ୍କା ଦରକାର, ଆମେ ପଠାଇବାରେ ଦ୍ୱିଧା ନାହିଁ। ମାତ୍ର ଟଙ୍କା କେଇଟା ପାଇଁ ଆପଣ ଏ ବୟସରେ ଟିଉଶନ କରିବାକୁ ଚାହିଁଲେ ଆମ ମାନସମ୍ମାନ ମାଟିରେ ମିଶିଯିବ। ପୁଅବୋହୂଙ୍କ ତାଗିଦରେ ନୀଳାମ୍ବର ବାବୁଙ୍କ ଦେହରୁ ଗମ୍ ଗମ୍ ହୋଇ ଝାଳ ବୋହିପଡିଲା। ସେତିକିରେ ବି ସେମାନଙ୍କର ମନ ଶାନ୍ତ ହେଲାନାହିଁ। ବନ୍ଧୁବାନ୍ଧବଙ୍କ ସହ ପରାମର୍ଶ କରି ନିରଞ୍ଜନ ବାପାଙ୍କୁ ଏକ ଜରାନିବାସରେ ରଖିବାର ବନ୍ଦୋବସ୍ତ କରିଦେଲେ। ପୁଅ-ବୋହୂଙ୍କ ସହିତ ସମ୍ପର୍କ ତୁଟିଯିବା ଆଶଙ୍କାରେ ନୀଳାମ୍ବର ବାବୁଙ୍କର ପ୍ରତିବାଦ କରିବାର ଉପାୟ ନ ଥିଲା। ଆଧୁନିକ ମଣିଷକୃତ ଜରାନିବାସର ଦୁଃଖଯନ୍ତ୍ରଣା ଭିତରେ ଏଣିକି ନୀଳାମ୍ବର ବାବୁଙ୍କ ସମୟ ବିତିଲା। ଜରାନିବାସର ସେଇ ନିଆରା ନିଃସଙ୍ଗ ଜୀବନ ଭିତରେ ସେ ନିଜ ଛାତ୍ରୀଛାତ୍ରମାନଙ୍କ ସହିତ ଥିବା ପୁରୁଣା ସମୟର ସ୍ମୃତି ଚାରଣ କରୁଥିଲେ। ଭାବୁଥିଲେ ଫେରି ଆସନ୍ତା କି ସେଇ ଅଭୁଲା ମୁହୂର୍ତ୍ତସବୁ।

ମୋ-୯୧୭୮୦୫୯୫୮୦

## ଏଇ ଭାରତରେ

ଆମ ଦେଶରେ ବେଳେବେଳେ ଧାର୍ମିକ ବିଦ୍ୱେଷ ଦେଖାଦେବା ସହିତ ଅସହିଷ୍ଣୁ ଭାବ ପ୍ରକାଶ ପାଉଛି। ଜାତି ଓ ଧର୍ମକୁ ନେଇ ବାଦ ବିବାଦ ସୃଷ୍ଟି ହେଉଛି। ଏହା ପଛରେ ରହିଛି ଅସୂୟା ଭାବ। ଗୋଟିଏ ଧର୍ମର ଉପାସନାପୀଠକୁ ଅନ୍ୟ ଧର୍ମର ବ୍ୟକ୍ତି ପ୍ରବେଶ କରିବାର କଟକଣା ରହିଛି। ଏହାକୁ ଅବଜ୍ଞା କଲେ ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବଳି ପଡିବାର ନଜିର ଅଛି। କିନ୍ତୁ ଉତ୍ତରପ୍ରଦେଶର କନୌଜରେ ଥିବା ମହାଦେବ ମନ୍ଦିର ପାଲଟିଛି ସର୍ବଧର୍ମ ସମନ୍ୱୟର ପବିତ୍ର କ୍ଷେତ୍ର। ଏଠାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଲୋକ ଜଳଲାଗି କରିଥାଆନ୍ତି। ସଭିଙ୍କ ମନରେ ଥାଏ ସବୁ ଧର୍ମକୁ ଭଲ ପାଇବାର ନିଆରାପଣ। ଏପରି କି ଶିବରାତ୍ରିରେ ମୁସଲମାନ ମହିଳା ମହାଦେବଙ୍କଠାରେ ଜଳଲାଗି କରିଥାଆନ୍ତି। ସ୍ଥାନୀୟ ଛିବରାମଉଠାରେ ଥିବା ମନ୍ଦିରରେ ଏହି ପରମ୍ପରା ଦୀର୍ଘ ୬ଶହ ବର୍ଷରୁ ଅଧିକ କାଳ ହେଲା ଚଳିଆସୁଛି। ଏଠାରେ ଥିବା ଚମନ ଋଷିଙ୍କ ଆଶ୍ରମରେ ଶିବରାତ୍ରିରେ କେବଳ ମୁସଲମାନ ନୁହନ୍ତି, ସମସ୍ତ ଧର୍ମର ମହିଳା ଜଳଲାଗି କରିଥାନ୍ତି। ମହାଦେବଙ୍କଠାରେ ଜଳଲାଗି କଲେ ମନସ୍କାମନା ପୂରଣ ହୁଏ ବୋଲି ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି। ବାସ୍ତବରେ ଏହି ମନ୍ଦିର ସବୁ ଧର୍ମର ଲୋକଙ୍କୁ ଏକାକାର କରିବାର ଏକ ନିଆରା କ୍ଷେତ୍ର।

# ସଂରକ୍ଷଣର ଥୋପ ନୁହେଁ, ନିଯୁକ୍ତି ଲୋଡ଼ା

ବିଚିତ୍ର ବିଶ୍ୱାଳ

ମୂଳ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ, ସେ ସମସ୍ୟାରୁ ଲୋକଙ୍କ ଦୃଷ୍ଟି ହଟେଇବା ପାଇଁ ସରକାର ବିଭିନ୍ନ ବାଟରେ ଚେଷ୍ଟା କରୁଥିବାର ଦେଖାଯାଉଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଅର୍ଥନୈତିକ ଭାବେ ପଛୁଆ ସାଧାରଣ ବର୍ଗଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ ଘୋଷଣା। ସାଧାରଣ ବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି ଆଦି କ୍ଷେତ୍ରରେ ୧୦% ସ୍ଥାନ ସଂରକ୍ଷଣ ଏକ ଉତ୍ତମ ନିଷ୍ପତ୍ତି। କିନ୍ତୁ ପ୍ରଶ୍ନ ଉଠୁଛି, ଯେତେବେଳେ ସାରା ଦେଶରେ ନିଯୁକ୍ତି ହ୍ରାସ ଜନିତ ବେକାରି ସମସ୍ୟା ଅତି ସାଂଘାତିକ ସ୍ଥିତିରେ ପହଞ୍ଚିଛି, ସେତେବେଳେ ପ୍ରଥମେ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଦରକାର। କିନ୍ତୁ କେନ୍ଦ୍ର ସରକାର ନିର୍ବାଚନର ଅବ୍ୟବହିତ ପୂର୍ବରୁ ଅତି ଚତୁରତାର ସହିତ ସାଧାରଣ ବର୍ଗର ଗରିବଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ ଘୋଷଣା କରି ନିଯୁକ୍ତି ହ୍ରାସ ପରି ସମସ୍ୟାକୁ ଲୁଚେଇବାକୁ ବୃଥା ପ୍ରୟାସ କରୁଛନ୍ତି। ଗୋଟେ ଛୋଟ କାହାଣୀରୁ ଆମେ ପରିସ୍ଥିତିକୁ ଆଉ ଟିକେ ଭଲ ଭାବେ ବୁଝି ପାରିବା।

ଥରେ ମୁଲ୍ଲା ନସିରୁଦ୍ଦିନ୍‌ଙ୍କ ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ସଂକଟଜନକ ହୋଇପଡ଼ିଲା। ପରିବାର ପ୍ରତିପୋଷଣ କରିବା ବି ତାଙ୍କ ପାଇଁ କଷ୍ଟକର ହୋଇଗଲା। ଦୁଇ ବେଳା ରୁଟି ବି ତାଙ୍କୁ ନସୀବ୍ ହେଲା ନାହିଁ। ମୁଲ୍ଲା ବାଧ୍ୟହୋଇ ରାଜାଙ୍କ ପାଖକୁ ଗୁହାରି କରିବାକୁ ଗଲେ। ରାଜା ମୁଲ୍ଲାଙ୍କ କଥା ଶୁଣି ଗମ୍ଭୀର ହୋଇଗଲେ ଓ ତାଙ୍କ ସମସ୍ୟାର ସମାଧାନ କରିବା ପାଇଁ ତାଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କଲେ। ରାଜା ଘୋଷଣା କଲେ ଯେ, ଆଜିଠାରୁ ମୁଲ୍ଲାଙ୍କ ପାଇଁ ନିକଟସ୍ଥ ମସ୍‌ଜିଦ୍‌ରେ ପ୍ରାର୍ଥନା କରିବା ଲାଗି ଗୋଟିଏ ସ୍ୱତନ୍ତ୍ର ସ୍ଥାନ ରହିବ। ମୁଲ୍ଲା ରାସ୍ତାରେ ଯିବା ବେଳେ ଗାଁର ସାଧାରଣ ଲୋକମାନେ ତାଙ୍କୁ ସମ୍ମାନ ପ୍ରଦର୍ଶନ କରିବା ବାଧ୍ୟତାମୂଳକ ହେବ। ମୁଲ୍ଲାଙ୍କ ଘର ବାହାରେ ଜଣେ ଜଗୁଆଳି ଚବିଶ୍ ଘଣ୍ଟା ପ୍ରହରା ଦେବ। ରାଜାଙ୍କ ଘୋଷଣା ଶୁଣି ମୁଲ୍ଲା ଘରକୁ ଫେରିଲେ। ଗତ ମାସରେ ଏଇ କାହାଣୀଟି ଗୋଟେ ଗାଁର ସଭାରେ କହିସାରିବା ପରେ ଲୋକମାନଙ୍କୁ ପଚାରିଲି, ଏହାଦ୍ୱାରା ମୁଲ୍ଲାଙ୍କ ସମସ୍ୟାର ସମାଧାନ ହେବ କି? ଉପସ୍ଥିତ ଲୋକମାନେ ଏକ ସ୍ୱରରେ କହିଉଠିଲେ ନିଶ୍ଚୟ ହେବ। ପରେ ଲୋକମାନଙ୍କୁ ଆଉ ଥରେ ଭଲକରି ଭାବିବାକୁ କହିବାରୁ ଧୀରେ ଧୀରେ ଲୋକଙ୍କର ମତ ବଦଳିଲା। ଅନେକ ଲୋକ କହିଲେ ଏହାଦ୍ୱାରା ତ ମୁଲ୍ଲାଙ୍କର ଅଭାବ ଅନଟନ ପରିସ୍ଥିତି ଦୂର ହେବ ନାହିଁ।

ସେହି ଗାଁର ଲୋକଙ୍କ ମତ ପରି ସମ୍ପ୍ରତି ୧୦% ସ୍ଥାନ ସଂରକ୍ଷଣ ଘୋଷଣାରେ ଆମେ ସମସ୍ତେ ଖୁସି ହେଉଛେ। କିନ୍ତୁ ଏହାଦ୍ୱାରା ଅସଲ ସମସ୍ୟା ଅର୍ଥାତ୍ ନିଯୁକ୍ତିର ଅଭାବ ଦୂର ହେବ କି? ବର୍ତ୍ତମାନ ଆମ ଦେଶରେ ବେକାରି ସମସ୍ୟା ଅତି ଉତ୍କଟ ହୋଇଛି। ଦିନକୁ ଦିନ ନିଯୁକ୍ତି ଦ୍ରୁତଗତିରେ ହ୍ରାସ ପାଇ ଚାଲୁଛି। କିନ୍ତୁ ସରକାର ନିଯୁକ୍ତି ସୃଷ୍ଟି କରିବା ଦିଗରେ ଆଶାନୁରୂପ ପଦକ୍ଷେପ ନ ନେଇ ଅତି ଚତୁରତାର ସହିତ ସଂରକ୍ଷଣ କାର୍ଡ ଲୋକଙ୍କ ଆଗକୁ ଫୋପାଡ଼ିଛନ୍ତି, ଯାହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଚାଲିଛି ଓ ନିଯୁକ୍ତି ପରି ଗମ୍ଭୀର ପ୍ରସଙ୍ଗ ଉପରୁ ସମସ୍ତଙ୍କ ନଜର ହଟିଯାଇଛି। ଏହି ସଂରକ୍ଷଣ କାର୍ଡ ଖେଳି ସରକାର ହୁଏତ ଆଗାମୀ ନିର୍ବାଚନ ବୈତରଣୀ ପାର ହୋଇଯାଇପାରନ୍ତି, କିନ୍ତୁ ନିଯୁକ୍ତି ହ୍ରାସ ପରି ଗମ୍ଭୀର ସମସ୍ୟାର ସମାଧାନ ହେବ ନାହିଁ ଓ ବେକାର ସମସ୍ୟା ଦୂର ହେବ ନାହିଁ।

ସମ୍ପ୍ରତି ସାଧାରଣ ବର୍ଗଙ୍କ ପାଇଁ ଯେଉଁ ୧୦% ସ୍ଥାନ ସଂରକ୍ଷଣ ଘୋଷଣା କରାଯାଇଛି, ତାହା ବି ଏତେ ସହଜ କଥା ନୁହେଁ। ଯଦିଓ ଏହା ଲୋକ ସଭାରେ ଗୃହୀତ ହୋଇସାରିଛି, ତଥାପି ଏଥିପାଇଁ ଆହୁରି ଲମ୍ବା ବାଟ ଯିବାର ଅଛି। କାରଣ ନିୟମ ଅନୁସାରେ ସମୁଦାୟ ୫୦% ସ୍ଥାନ ହିଁ ସଂରକ୍ଷଣ ହୋଇପାରିବ, ଯାହା ପୂର୍ବରୁ ହୋଇସାରିଛି। ତେଣୁ ସରକାରଙ୍କୁ ଏଥିପାଇଁ ସମ୍ବିଧାନ ସଂଶୋଧନ କରିବା ପାଇଁ ପଡ଼ିବ। ସମ୍ବିଧାନରେ ସଂଶୋଧନ ଆଣିବା ଅତ୍ୟନ୍ତ ବିଳମ୍ବିତ ପ୍ରକ୍ରିୟା। ଇତିମଧ୍ୟରେ ସରକାରଙ୍କ ଏହି ଘୋଷଣା ବିରୋଧରେ ସୁପ୍ରିମ୍‌କୋର୍ଟରେ ବି ଅଭିଯୋଗ ହୋଇଛି। ତେଣୁ ସରକାରଙ୍କ ପାଇଁ ଏହି ରାସ୍ତା ଆଦୌ ସହଜ ହେବ ନାହିଁ। ଅସଲ କଥା ହେଉଛି, ସରକାର ବି ଏ କଥା ଜାଣନ୍ତି। ତଥାପି ସେ ଏପରି ଏକ ବିଲ୍ ଆଣିବାର ଅସଲ କାରଣ ହେଉଛି, ୨୦୧୯ ନିର୍ବାଚନ ପୂର୍ବରୁ ନିଜର ଉଜୁଡ଼ା ଭାବମୂର୍ତ୍ତିକୁ ସଜାଡ଼ି ଲୋକଙ୍କ ଭୋଟ୍‌କୁ ନିଜ ଆଡ଼କୁ ଟାଣିବା। ଆଜି ଯେଉଁ ସାଧାରଣ ବର୍ଗର ଲୋକମାନେ ଏହି ୧୦% ସ୍ଥାନ ସଂରକ୍ଷଣକୁ ନେଇ ଅତ୍ୟନ୍ତ ଉତ୍ସାହିତ ହେଉଛନ୍ତି, ସେମାନେ ବି ଏହି ବିଲ୍‌ରେ ଥିବା ଗହନ କଥାକୁ ନଜରକୁ ନେବା ଆବଶ୍ୟକ। ସରକାରଙ୍କ ଏହି ବିଲ୍ ଅନୁସାରେ ଯେଉଁ ସାଧାରଣ ବର୍ଗ ଲୋକମାନଙ୍କର ବାର୍ଷିକ ରୋଜଗାର ୮ ଲକ୍ଷ ପର୍ଯ୍ୟନ୍ତ ହୋଇଥିବ ସେମାନେ ଏହି ସଂରକ୍ଷଣ ସୁବିଧା ପାଇପାରିବେ। ଅର୍ଥାତ୍ ମାସକୁ ୬୦ରୁ ୬୫ ହଜାର ଟଙ୍କା ରୋଜଗାର କରୁଥିବା ଲୋକମାନେ ବି ଏହି ସଂରକ୍ଷଣ ସୁବିଧା ପାଇବେ। ଏଠାରେ ପ୍ରଶ୍ନ ଉଠୁଛି ମାସକୁ ୬୦ ହଜାର ଟଙ୍କା ରୋଜଗାର କରୁଥିବା ଲୋକ କ'ଣ ଗରିବ? ଗୋଟିଏ ପଟେ ସରକାର ମାସକୁ ୪୦୦ରୁ ୫୦୦ ଟଙ୍କା ରୋଜଗାର କରୁଥିବା ଲୋକକୁ ଗରିବ ସୀମାରେଖା (ବିପିଏଲ୍) ତଳେ ରଖୁଥିବା ବେଳେ ଅନ୍ୟପଟେ ସଂରକ୍ଷଣ ବେଳକୁ ମାସକୁ ୬୦ ହଜାର ଟଙ୍କା ରୋଜଗାର କରୁଥିବା ଲୋକକୁ ଗରିବ ହିସାବରେ ଗଣନା କରୁଛନ୍ତି। ଏହା ପରସ୍ପରବିରୋଧୀ ନୁହେଁ କି? ଏହି ବ୍ୟବସ୍ଥାରୁ ଲାଭ ପାଇବା ପାଇଁ ବିଲ୍ ଅନୁସାରେ ମାସକୁ ୬୦ ହଜାର ଟଙ୍କା ରୋଜଗାର କରୁଥିବା ସାଧାରଣ ବର୍ଗର ଲୋକ ସହିତ ଜଣେ ଅତି ଗରିବ ତଥା ମୂଲିଆ, ଚାଷୀ, ରିକ୍ସା ଚଲେଇ ପେଟ ପୋଷୁଥିବା ସାଧାରଣ ବର୍ଗର ଲୋକଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ। ତେଣୁ ନିରିଖେଇ ଦେଖିଲେ ବୁଝି ହେଉଛି ଯେ, ଏହି ସଂରକ୍ଷଣ ବ୍ୟବସ୍ଥାରୁ ସାଧାରଣ ବର୍ଗର ଗରିବ ଲୋକଙ୍କୁ ଲାଭ ପାଇବାର ଆଶା ଅତ୍ୟନ୍ତ କ୍ଷୀଣ। ଯେଉଁ କ୍ରିମିଲେୟାର୍ ଲୋକମାନେ ପୂର୍ବରୁ ଲାଭ ପାଉଥିଲେ, ପ୍ରକାରାନ୍ତରେ ସେହିମାନେ ହିଁ ଲାଭ ପାଇବେ।

ଏତଦ୍‌ବ୍ୟତୀତ ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲକ୍ଷାଧିକ ପଦବୀ ଖାଲି ପଡ଼ିଛି। ସରକାର ସେଗୁଡ଼ିକୁ ପୂରଣ କରିବା ପାଇଁ ବ୍ୟବସ୍ଥା କରୁନାହାନ୍ତି। ଘରୋଇ କ୍ଷେତ୍ରରେ ନିଯୁକ୍ତିର ପରିମାଣ ଦ୍ରୁତଗତିରେ ହ୍ରାସ ପାଉଛି। ସେଥିପ୍ରତି ସରକାରଙ୍କର ନିଘା ନାହିଁ। ବିଶ୍ୱବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ଉପଦେଶରେ ସରକାର ଯେଉଁପରି ଆର୍ଥିକ ନୀତି ଲାଗୁ କରୁଛନ୍ତି, ସେଥିରେ ବର୍ଷକୁ ବର୍ଷ ଦେଶରେ ନିଯୁକ୍ତି ସୁଯୋଗ ହ୍ରାସ ପାଉଛି। ଏପରି ପରିସ୍ଥିତିରେ ସରକାରଙ୍କ ପାଇଁ ସଂରକ୍ଷଣ ଘୋଷଣା ପୂର୍ବରୁ ଏକମାତ୍ର ପ୍ରାଥମିକ କର୍ତ୍ତବ୍ୟ ହେବା କଥା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। କାରଣ ଚାକିରି ନ ଥିଲେ ସରକାର ସଂରକ୍ଷଣ କାହାକୁ କେମିତି ଦେବେ?

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ଚିରନ୍ତନୀ

ଲଭେ କିବା ଆସି ଏଥି କି ହଜାଏ, ସେ ହିସାବ କାହିଁ ?
ଦେଖିବା ଶୁଣିବା ଯେତେ ରହେ ବାକି, ଅନ୍ତ ତା'ର ନାହିଁ।
ଅବୋଧ ଜୀବନ-ପଥେ ସମଦୁଃଖୀ ସାଥୀ ଅଗଣିତ,
ନାହିଁ ରୂପ ନାହିଁ ଚିହ୍ନ ! ସବୁ ଆଜି ପାସୋରିବା ଗୀତ !
ବେଳାର ବାଲୁକା ସମ ଜ୍ଞାନରେଣୁ ଯାଏ କ୍ଷଣେ ଉଡ଼ି
ପଡ଼ିରହେ ବାକି ସବୁ ଚିରନ୍ତନ ଜଡ଼ତା ଯାବୁଡ଼ି।
ଯେତେ ରୂପ ଅବୟବ ସବୁଠାରୁ ଦିଶେ ହୋଇ ବଡ଼
ରୂପାନ୍ତର ଘେନି କେତେ ହୋଇଛି ସେ ଜଡ଼ ଖାଲି ଜଡ଼ !
ଯାଇଛି ମିଳାଇ କାହିଁ ଜଳେ ଥଳେ ଆକାଶେ ଆଲୋକେ
କେବେ ସୁଖେ ହସି ଏଥି ଲୁହ ଢାଳି କେବେ ମହାଶୋକେ।

(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | 9 | 1 | | | | 7 | | | 4 | 0 | C | 3 | |
| | | | | | 8 | | | 9 | | | C | 2 | | B |
| E | 4 | C | 9 | | | | | 0 | A | | | | | |
| | 7 | | D | | | | 8 | | 5 | | | | | 1 |
| | | | B | | | | | | 9 | | | E | | |
| 8 | C | | E | | | A | | | 4 | | 6 | B | D | 7 |
| | | | | D | | 5 | | | | | 1 | A | 2 | |
| 9 | | 4 | 5 | | 0 | | | | | | 7 | | | |
| | | D | | | | | | | | 0 | E | | | 5 |
| | 6 | | | | 3 | | | 7 | | | | 9 | 8 | |
| 4 | | | A | | | | 2 | 3 | 6 | 8 | | | C | |
| C | A | 1 | | | | D | 0 | | | | 2 | | | |
| | E | | | 1 | | | C | | | | | | 0 | 3 |
| B | | 7 | | | 6 | | 4 | | | | | | | |
| | | | | | | 7 | 6 | | | 1 | A | | E | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | D | 5 | 0 | 8 | 4 | 7 | 1 | 2 | 9 | 3 | E | A | C | 6 |
| 7 | 0 | 9 | 2 | 6 | B | 3 | C | E | D | 8 | A | 4 | 1 | 5 |
| 1 | 6 | A | E | C | 3 | 4 | 8 | D | 7 | 5 | 0 | B | 2 | 9 |
| 3 | E | 4 | 1 | D | A | B | 9 | 5 | C | 6 | 2 | 0 | 8 | 7 |
| 2 | C | 8 | 7 | 9 | 5 | 6 | 0 | A | 1 | B | 4 | 3 | E | D |
| 5 | 1 | 7 | 9 | 3 | E | 2 | 4 | C | 0 | D | B | 8 | 6 | A |
| 8 | A | 0 | 5 | B | C | 9 | 3 | 7 | 6 | 4 | 1 | 2 | D | E |
| E | 9 | 2 | D | 0 | 7 | 1 | 6 | B | A | C | 8 | 5 | 3 | 4 |
| C | 4 | D | 6 | A | 1 | 5 | E | 8 | 3 | 2 | 7 | 9 | B | 0 |
| 6 | B | 3 | 8 | 4 | 2 | A | D | 0 | 5 | E | 9 | 1 | 7 | C |
| 4 | 5 | 1 | C | 7 | 8 | D | A | 3 | B | 9 | 6 | E | 0 | 2 |
| A | 7 | 6 | 3 | 5 | 0 | E | B | 4 | 2 | 1 | D | C | 9 | 8 |
| 0 | 3 | B | A | E | 6 | C | 2 | 9 | 8 | 7 | 5 | D | 4 | 1 |
| 9 | 2 | C | 4 | 1 | D | 8 | 5 | 6 | E | 0 | 3 | 7 | A | B |
| D | 8 | E | B | 2 | 9 | 0 | 7 | 1 | 4 | A | C | 6 | 5 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରଣଛାଡ଼ ସମାଧାନ ନୁହେଁ

ମହାଶୟ,

ବର୍ତ୍ତମାନ ଦେଶରେ ରଣଛାଡ଼ ପ୍ରତିଯୋଗିତା ଚାଲିଛି। ପ୍ରଥମେ ଉତ୍ତରପ୍ରଦେଶରୁ ଆରମ୍ଭ ହୋଇ ଏହା ମହାମାରୀ ଭଳି ସାରା ଦେଶରେ ବ୍ୟାପିଲାଣି। ବିରୋଧୀ ଦଳ ନେତାମାନେ ମଧ୍ୟ ଭୋଟ ଫାଇଦା ପାଇଁ ରଣଛାଡକୁ ଅସ୍ତ୍ର କରି ସରକାରଙ୍କ ଉପରେ ଚାପ ପକେଇବାରେ ଲାଗିଛନ୍ତି। କିନ୍ତୁ ଏ ରଣଛାଡ ଆଦୌ ଚାଷୀଙ୍କ ସମସ୍ୟା ସମାଧାନର ବାଟ ନୁହେଁ। ରଣଛାଡ କରିଦେଲେ ଭାରତର ଅର୍ଥନୀତି ଉପରେ କି ପ୍ରଭାବ ପଡିବ ତାହା ରିଜର୍ଭ ବ୍ୟାଙ୍କ କହିସାରିଛି। ଅର୍ଥନୀତି ଦେବାଳିଆ ହେବ ହିଁ ହେବ। ରଣଛାଡ କରିଦେଲେ ଚାଷୀ ଆତ୍ମହତ୍ୟା କରିବ ନାହିଁ ବୋଲି କିଏ ଗ୍ୟାରେଣ୍ଟି ଦେଇପାରିବ ? ବରଂ ଆମ ମୁଖ୍ୟମନ୍ତ୍ରୀ ଯେଉଁ କାଳିଆ ଯୋଜନା ଆରମ୍ଭ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। କ'ଣ କଲେ ଚାଷ ଓ ଚାଷୀର ଉନ୍ନତି ହେବ ସେ ଦିଗରେ ପଦକ୍ଷେପ ନେବା ଉଚିତ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଶ୍ରୀମନ୍ଦିରରେ ଅରାଜକତା

ପୁରୀ ଶ୍ରୀମନ୍ଦିରରେ ସେବାୟତମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ଠାକୁରଙ୍କ ନୀତିରେ ବିଭ୍ରାଟ ଘଟୁଛି। ଏପରିକି ଠାକୁରଙ୍କୁ ଅଗାଧୁଆ ଓ ଅଖିଆ ରଖାଯାଉଛି। ଭକ୍ତମାନେ ବହୁ ସମୟ ଧରି ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଏପରି ଖାମଖିଆଲ ମନୋବୃତ୍ତି ପ୍ରତି ପ୍ରଶାସନ ନୀରବଦ୍ରଷ୍ଟା ସାଜୁଛି। ଏପରି ଅଘଟଣ ପୂର୍ବରୁ ଘଟି ନ ଥିଲା। ଏହା ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ସ୍ୱେଚ୍ଛାଚାରିତା ପ୍ରତି ପ୍ରଶାସନ ତୀକ୍ଷ୍ଣ ନଜର ଦେବା ସହିତ ଅଙ୍କୁଶ ଲଗାଇବା ଦରକାର।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜାନୁୟାରୀ ୧୯୯୪

- ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଗୋହଚୋକ ଟୋଙ୍ଗ ଏକ ସପ୍ତାହ ପାଇଁ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।
- ୧୯୯୪ ମସିହା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଦିଲ୍ଲୀର ସୁସ୍ମିତା ସେନ୍ ବିଜୟିନୀ ଘୋଷିତ।

**କଂଗ୍ରେସରେ ପ୍ରିୟଙ୍କା ଗାନ୍ଧୀଙ୍କ ପ୍ରବେଶ**




# ନିର୍ବାଚନ ପାଇଁ ଚଳଚ୍ଚିତ୍ର ସାହାରା













**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଫିଲ୍ମ ମାଧ୍ୟମରେ ଚାଲିଛି ନିର୍ବାଚନ ପ୍ରଚାର। ନିଜ ସଫଳତାର ପ୍ରଚାର ପ୍ରସାର ପାଇଁ ଫିଲ୍ମକୁ ମାଧ୍ୟମ କରୁଛନ୍ତି ରାଜନୈତିକ ଦଳ। ଆଗକୁ ସମଗ୍ର ଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଏହାପୂର୍ବରୁ ଏଭଳି ପନ୍ଥା ଆପଣାଯାଉଛି। ନିକଟରେ ରିଲିଜ ହୋଇଥିବା କେତେକ ହିନ୍ଦୀ ଫିଲ୍ମକୁ କେନ୍ଦ୍ର ସରକାରଙ୍କ ଇଲେକ୍ସନ୍ ପ୍ରୋପାଗାଣ୍ଡା କୁହାଯାଉଥିବା ବେଳେ ଏବେ ଏହି ଦୌଡରେ ରାଜ୍ୟ ସରକାର ସାମିଲ ହୋଇଥିବା ଚର୍ଚ୍ଚାହେଉଛି। ଫିଲ୍ମ ମାଧ୍ୟମରେ 'ବ୍ରାଣ୍ଡ ନବୀନ'ର ପ୍ରଚାର ପ୍ରସାର ପାଇଁ ନୂଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ନବୀନ ପଟ୍ଟନାୟକ ସରକାରଙ୍କ ୧୮ବର୍ଷ ଶାସନର ଲୋକାଭିମୁଖୀ ଦିଗ ତଥା ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଫିଲ୍ମର ସାହାରା ନିଆଯାଇଛି। ଗତ ୧୫ ତାରିଖରେ 'ବିଜୁ ବାବୁ' ଫିଲ୍ମର ପୋଷ୍ଟର ରିଲିଜ ଓ ବୁଧବାର ରିଲିଜ ହୋଇଥିବା ଫିଲ୍ମ 'ନିମ୍‌କି'ରେ ବିଜେଡି ନିଜ ବ୍ରାଣ୍ଡ ଇମେଜର ପ୍ରମୋଶନ କରୁଥିବା ନେଇ ଚର୍ଚ୍ଚାହେଉଛି।

ଗତ ୧୧ ତାରିଖରେ ସମଗ୍ର ଦେଶରେ ରିଲିଜ ହୋଇଥିଲା ଦୁଇ ବହୁଚର୍ଚ୍ଚିତ ତଥା ବହୁ ବିବାଦୀୟ ଫିଲ୍ମ 'ଦି ଆକ୍ସିଡେଣ୍ଟାଲ୍ ପ୍ରାଇମ ମିନିଷ୍ଟର' ଏବଂ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍'। ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନରେନ୍ଦ୍ର ମୋଦି ସରକାରଙ୍କ ଇଲେକ୍ସନ କ୍ୟାମ୍ପେନ୍‌ର ଅଂଶଭାବେ ଉଭୟ ଫିଲ୍ମ ପ୍ରସ୍ତୁତ ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା। ଏପରିକି ଟ୍ରେଲର୍ ଲଞ୍ଚ୍ ହେବା ପରଠାରୁ ହିଁ ବିବାଦ ଘେରରେ ରହିଥିଲା 'ଦି ଆକ୍ସିଡେଣ୍ଟାଲ୍ ପ୍ରାଇମ ମିନିଷ୍ଟର'। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଭାବେ ଭାରତର ଶାସନ ଭାର ସମ୍ଭାଳିଥିବା ମନମୋହନ ସିଂଙ୍କ ରାଜନୈତିକ ଜୀବନକୁ ନେଇ ଏହି ଫିଲ୍ମର କାହାଣୀ ପ୍ରସ୍ତୁତ ହୋଇଥିବା ବେଳେ ଏଥିରେ କଂଗ୍ରେସକୁ ନକାରାତ୍ମକଭାବେ ଦର୍ଶାଯାଇଥିଲା। ଯାହାକୁ ନେଇ ପରବର୍ତ୍ତୀ ସମୟରେ ପ୍ରତିବାଦ ହେବା ସହ ଏହା ଭାଜପାର ଇଲେକ୍ସନ ପ୍ରୋପାଗାଣ୍ଡା ବୋଲି ଅଭିଯୋଗ ଆଣିଥିଲା କଂଗ୍ରେସ। ସେହିଭଳି ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଦେଇପାରି ନ ଥିବା ମୋଦି ସରକାର 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍' ଫିଲ୍ମକୁ ନିଜ ଫାଇଦା ପାଇଁ ତିଆରି କରିଥିବା ଅଭିଯୋଗ ଉଠିଥିଲା। ଉରି ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ୨୦୧୬ରେ ଭାରତୀୟ ସେନା ପାକିସ୍ତାନ ଅଧିକୃତ କଶ୍ମୀର ଉପରେ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍ ଉପରେ ଏହି ଫିଲ୍ମ ଆଧାରିତ ହୋଇଥିବା ବେଳେ ଏଥିରେ ନରେନ୍ଦ୍ର ମୋଦି, ତତ୍କାଳୀନ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଭୂମିକାକୁ ଗୁରୁତ୍ୱ ଦିଆଯାଇଥଲା। କେବଳ ଏତିକି ନୁହେଁ, ୨୫ ଜାନୁୟାରୀରେ ରିଲିଜ ହେବାକୁ ଥିବା ଫିଲ୍ମ 'ଠାକ୍‌ରେ' ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆଧାରିତ 'ପିଏମ୍ ନରେନ୍ଦ୍ର ମୋଦି' ଭଳି ଦୁଇଟି ବାୟୋପିକ୍‌ରେ ନିର୍ବାଚନୀ ପ୍ରଚାରର ଗନ୍ଧ ବାରିହୋଇପଡୁଛି।

କେବଳ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ନୁହେଁ, ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ମଧ୍ୟ ଆଗାମୀ ନିର୍ବାଚନକୁ ନେଇ ଚଳଚଞ୍ଚଳ ହୋଇଉଠିଛି। ପ୍ରଥମଥର ପାଇଁ ଏକାଥରେ ଦୁଇ ଦୁଇଟି ଓଡ଼ିଆ ପଲିଟିକାଲ ଡ୍ରାମା ଫିଲ୍ମ ରିଲିଜ ହେଉଛି। ବୁଧବାର ସ୍ଥାନୀୟ ସିନେପଲିସରେ ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିନୀତ 'ନିମ୍‌କି – ନିମପୁରରୁ ନବୀନ ନିବାସ'ର ତାରକା ଖଚିତ ଗ୍ରାଣ୍ଡ ପ୍ରିମିୟର୍ ଶୋ' ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅଭିନେତ୍ରୀ ତଥା ନେତ୍ରୀ ଜୟା ବଚ୍ଚନ ଯୋଗଦେଇଥିଲେ। ଏହି ଫିଲ୍ମରେ ନବୀନ ପଟ୍ଟନାୟକଙ୍କ ଶାସନକୁ ସକାରାତ୍ମକ ଦୃଷ୍ଟିକୋଣରୁ ଦର୍ଶାଯାଇଥିବା ବେଳେ ରାଜ୍ୟ ସରକାରଙ୍କର ଅନେକ ରାଜନେତାଙ୍କୁ ମଧ୍ୟ ଦେଖିବାକୁ ମିଳିଛି। କିଛିଦିନ ତଳେ ଫିଲ୍ମ ସମ୍ପର୍କରେ ଜଣାଇବାକୁ ବର୍ଷା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ ଭେଟିଥିଲେ। ସେହିଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉପରେ ତିଆରି ଚାଲିଥିବା ଓଡ଼ିଆ ଫିଲ୍ମ 'ବିଜୁବାବୁ' ମଧ୍ୟ ବିଜେଡିକୁ ଫାଇଦା ଦେବ ବୋଲି କୁହାଯାଉଛି। ବିଜେଡି ଏମ୍‌ପି ତଥା ଅଭିନେତା ଅନୁଭବଙ୍କ ଅଭିନୀତ ଏହି ଫିଲ୍ମର ପ୍ରଯୋଜନା ପ୍ରଶାନ୍ତ ବେହେରା ଓ ଅକ୍ଷୟ ପରିଜା କରିଥିବା ବେଳେ ଏପ୍ରିଲ ୧ ମଧ୍ୟରେ ଏହା ରିଲିଜ ହେବା ଯୋଜନା ରହିଛି। ଏହାବ୍ୟତୀତ ନିକଟରେ ରିଲିଜ ହୋଇଥିବା ଦୁଇ ମ୍ୟୁଜିକ୍ ଭିଡିଓ 'ସ୍କିଲ୍‌ଡ ଇନ୍ ଓଡ଼ିଶା' ଏବଂ 'ଖୁସି ତ'ରେ ମଧ୍ୟ ରାଜ୍ୟ ସରକାର ନିଜ ସଫଳତାର ପ୍ରଚାର କରୁଥିବା ଶୁଣିବାକୁ ମିଳୁଛି।

### ରେଳମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି: ରେଲୱେ ପ୍ରଚୁର ରାଜସ୍ୱ ନେଉଛି

## ଭୁବନେଶ୍ୱର-ଝାରସୁଗୁଡ଼ା-ରାଉରକେଲାକୁ ଶତାବ୍ଦୀ ଏକ୍ସପ୍ରେସ ଚଳାଅ

**ଭୁବନେଶ୍ୱର, ୨୩।୧(ବ୍ୟୁରୋ)**

ରେଲୱେ ଓଡିଶାରୁ ପ୍ରଚୁର ରାଜସ୍ୱ ନେଉଛି। ସେହି ତୁଳନାରେ ରେଳ ଭିତ୍ତିଭୂମି କିମ୍ବା ରେଳ ସେବା ନାହିଁ। ଭାରତୀୟ ରେଳକୁ ରାଜସ୍ୱ ଯୋଗାଇବାରେ ଓଡିଶା ଏକ ବଡ ଅଂଶୀଦାର। ଯାତ୍ରୀ ପରିବହନ କ୍ଷେତ୍ରରେ ମଧ୍ୟ ଓଡିଶା ଜାତୀୟ ହାରଠାରୁ ଊର୍ଦ୍ଧ୍ୱରେ ରହିଛି। ଏହି ଦୃଷ୍ଟିରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସହରକୁ ରାଜଧାନୀ, ଶତାବ୍ଦୀ, ହମସଫର, ତେଜାସ ଏବଂ ଉଦୟ ଏକ୍ସପ୍ରେସ ଭଳି ପ୍ରମୁଖ ରେଳସେବା ନାହିଁ। ଏସବୁ ଏକ୍ସପ୍ରେସ ଟ୍ରେନ ଅନ୍ୟାନ୍ୟ ସହରକୁ ଚଳାଇବା ଏବଂ ଭୁବନେଶ୍ୱର-ଝାରସୁଗୁଡା-ରାଉରକେଲାକୁ ଶତାବ୍ଦୀ ଏକ୍ସପ୍ରେସ ଚଳାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ଏ ନେଇ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ୧୯୮୮ରୁ ଲୋକପ୍ରିୟ ଶତାବ୍ଦୀ ଏକ୍ସପ୍ରେସ କେବଳ ଓଡିଶାର ଭୁବନେଶ୍ୱରରୁ ହାଓଡା ଦେଇ ଚଳାଚଳ କରୁଛି। ଏହା କେବଳ ଗୋଟିଏ ରୁଟ୍ ଦେଇ ଯାତାୟାତ କରୁଛି। ରାଜ୍ୟର ବିକାଶ ତ୍ୱରାନ୍ୱିତ ହେଉଥିବାରୁ ରାଜଧାନୀ ଭୁବନେଶ୍ୱରରୁ ଅନ୍ୟାନ୍ୟ ମୁଖ୍ୟ ସହରକୁ ଉତ୍ତମ ରେଳସେବା ଯୋଗାଇଦେବାର ଆବଶ୍ୟକତା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ରାଉରକେଲା ଭାୟା ଝାରସୁଗୁଡା ଶତାବ୍ଦୀ ଏକ୍ସପ୍ରେସ ଚଳାଇବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଦାବି କରିଛନ୍ତି। ଝାରସୁଗୁଡା ପଶ୍ଚିମ ଓଡିଶାର ଏକ ଶିଳ୍ପ ହବ୍। ରାଉରକେଲା ରାଜ୍ୟର ଦ୍ୱିତୀୟ ସ୍ମାର୍ଟ ସିଟି ଏବଂ ଷ୍ଟିଲସିଟି। ଉକ୍ତ ଦୁଇ ସହର ସହ ଭୁବନେଶ୍ୱରକୁ ଶତାବ୍ଦୀ ଏକ୍ସପ୍ରେସ ଯୋଗାଯୋଗ କରିପାରିବ। ଭୁବନେଶ୍ୱରରୁ ଝାରସୁଗୁଡା ଓ ରାଉରକେଲା ରୁଟରେ ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ ନିଜର ଦକ୍ଷତାଠାରୁ ୧୨୦ ପ୍ରତିଶତ ଅଧିକ ଯାତ୍ରୀ ପରିବହନ କରୁଛି। ସକାଳ ସମୟରେ ଭୁବନେଶ୍ୱର-ଝାରସୁଗୁଡା-ରାଉରକେଲାକୁ କୌଣସି ପ୍ରତ୍ୟକ୍ଷ(ଡାଇରେକ୍ଟ) ଏକ୍ସପ୍ରେସ ନାହିଁ। ଏହି ଅଞ୍ଚଳ ପାଇଁ ଶତାବ୍ଦୀ ଏକ୍ସପ୍ରେସ ଆର୍ଥିକ ଦୃଷ୍ଟିକୋଣରୁ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏ ନେଇ ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଗୋୟଲଙ୍କୁ ଅନୁରୋଧ କରିଛନ୍ତି।

## ଆଉ ୨ ଦିନ କୁହୁଡ଼ି: ୨୬ରେ ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ବର୍ଷା

**ଭୁବନେଶ୍ୱର, ୨୩।୧(ବ୍ୟୁରୋ)**

ଗତ କିଛିଦିନ ହେବ ଉପକୂଳ ଓଡିଶାକୁ କୁହୁଡି ଘେରି ରହୁଛି। ଆସନ୍ତା ୨୫ ତାରିଖ ଯାଏ କୁହୁଡି ରହିବ। ୨୬ ତାରିଖରୁ ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ ଏବଂ କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଆଦି ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ଘନକୁହୁଡି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

କୁହୁଡି ଯୋଗୁ ରାସ୍ତାରେ ଯାନବାହନ ଚଳାଇବା ବେଳେ ସାବଧାନତା ଅବଲମ୍ବନ କରିବାକୁ ସତର୍କ କରାଯାଇଛି। ପଶ୍ଚିମା ବାୟୁ ପ୍ରବାହ ଯୋଗୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଦିନବେଳେ ଗରମ ଅନୁଭୂତ ହେଉଥିବାବେଳେ ରାତ୍ରିରେ ଥଣ୍ଡା ଅନୁଭୂତ ହେଉଛି। ଏଭଳି ପାଗ ଫେବୃୟାରୀ ଶେଷ ଯାଏ ରହିବ ବୋଲି ପୂର୍ବାନୁମାନ କରାଯାଇଛି।











| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ | ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|---|---|
| ବାଲେଶ୍ୱର | ରେମୁଣା | ବଲାଙ୍ଗୀର | ଉଲ୍‌ବା |
| ଭଦ୍ରକ | ଦେଉଳପଦା | ମାଲକାନଗିରି | ପୋଟେରୁ |
| କେନ୍ଦ୍ରାପଡ଼ା | ପୁରୁଷୋତ୍ତମପୁର | ବୌଦ୍ଧ | ବାଉଁଶୁଣୀ |
| ଜଗତସିଂହପୁର | ବାଲିକୁଦା | କଳାହାଣ୍ଡି | ବୁରିଆ |
| ଖୋର୍ଦ୍ଧା | ବାଣପୁର | ନବରଙ୍ଗପୁର | ଯୋଡ଼େଙ୍ଗା |
| ପୁରୀ | ହାଟ ଡେଲାଙ୍ଗ | କନ୍ଧମାଳ | ଲିଙ୍ଗାଗଡ଼ |
| କଟକ | ରତାପାଟ | ନୟାଗଡ଼ | ରଣପୁର |
| ଝାରସୁଗୁଡ଼ା | ଲଇକେରା | ଗଞ୍ଜାମ | କରାପଲ୍ଲି |
| ଅନୁଗୋଳ | ଚଷା ଗୁରୁଜଙ୍ଗ | ଗଜପତି | ମହେନ୍ଦ୍ରଗଡ଼ |
| ଢେଙ୍କାନାଳ | କଙ୍କଡ଼ାହାଡ଼ | ରାୟଗଡ଼ା | ରାମନାଗୁଡ଼ା |
| ଯାଜପୁର | ଶକୁନ୍ତଳାପୁର | କୋରାପୁଟ | ନନ୍ଦପୁର |
| କେନ୍ଦୁଝର | କେଣ୍ଡେଇପୋଷୀ | ବରଗଡ଼ | ଲାଡେରପଲ୍ଲୀ |
| ସୁନ୍ଦରଗଡ଼ | ଟାଙ୍ଗରପାଲି | ମୟୂରଭଞ୍ଜ | ଉଦଳା ଏନ୍‌ଏସି |
| ଦେଓଗଡ଼ | ଜଁସର | ସମ୍ବଲପୁର | ଡେଲି ଡିଲେଇମାଳ |
| ନୂଆପଡ଼ା | ପର୍‌କୋଡ୍ | ସୋନପୁର | ତରଭା |

## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

**ବାଲିକୁଦା,୨୩ା୧(ସ୍ୱ.ପ୍ର.):** ବାଲିକୁଦା ଥାନା ଅଧୀନ ବାଲିସାହି ଗାଁର ନଟ ଭୋଇଙ୍କ ନାବାଳିକ ଝିଅ ରିଙ୍କି ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ସେ କେଉଁଥି ପାଇଁ ଆତ୍ମହତ୍ୟା କଲେ ତାହା ଜଣା ପଡି ନାହିଁ। ରିଙ୍କି ପଙ୍ଖାରେ ଓନି ବାନ୍ଧି ଝୁଲି ପଡିଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ।

### ବାହାରଣା ବିଜେଡିର ସାଙ୍ଗଠନିକ ବୈଠକ

**ବାଲିକୁଦା,୨୩ା୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ନାଗପୁର ସ୍ଥିତ ମା' ଜାଗୁଳାଇଙ୍କ ପୀଠ ପ୍ରାଙ୍ଗଣରେ ବାହାରଣା ବିଜେଡିର ଏକ ସାଙ୍ଗଠନିକ ବୈଠକ ରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସରକାରଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସାନ ସମ୍ପର୍କରେ ଆଲୋକପାତ କରାଯିବା ସହିତ ଆଗାମୀ ନିର୍ବାଚନରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ପୁଣି ନିର୍ବାଚିତ କରି ମନ୍ତ୍ରୀ ପଦରେ ଅଧିଷ୍ଠିତ କରିବା ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସମିତିସଭ୍ୟ ନୀଳମଣି ବେହେରା, ସମ୍ପାଦକ ମାନସ ପରିଡା କର୍ମୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଯେପରି ଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚି ସେ ଦିଗରେ ଦୃଷ୍ଟି ଦେବାକୁ କହିଥିଲେ। 'କାଳିଆ' ଯୋଜନାକୁ ବୈଠକରେ ପ୍ରସଂଶା କରାଯାଇଥିଲା। ପ୍ରତି ୱାର୍ଡରୁ ଯେଉଁ ଚିଠା ପ୍ରସ୍ତାବ ଯାଇଥିଲା ତାହା ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉ ନ ଥିବାରୁ କିଛିଟା ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପଦେଷ୍ଟା ରାଜକିଶୋର ମହାନ୍ତି, ମନୁଚରଣ ନାୟକ, ମହେଶ୍ୱର କୁଅଁର, ଉପସଭାପତି ପ୍ରଶାନ୍ତ ରାଉଳ, ସହସମ୍ପାଦକ ପ୍ରଶାନ୍ତ ଦାସ, ପଞ୍ଚାୟତ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ ରାଉଳ, ଛାତ୍ର ବିଜେଡି ସଭାପତତି ଧ୍ରୁବ ଚରଣ ସାହୁ, ଶ୍ରୀନିବାସ ରାଉତ, ରଞ୍ଜନ ନାୟକ, ଶଙ୍କର୍ଷଣ ଖୁଣ୍ଟିଆ, ପ୍ରମୋଦ ମହାରଣା ପ୍ରମୁଖ ଯୋଗଦେଇ ଦଳୀୟ ଶୃଙ୍ଖଳା ଉପରେ ଆଲୋକପାତ କରିଥିଲେ। ବୈଠକରେ ପଞ୍ଚାୟତର ଶତାଧିକ କମୀ ଯୋଗ ଦେଇଥିଲେ।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ

**ବିରିଡି,୨୩ା୧(ଡି.ଏନ.ଏ.)**

ବିରିଡ଼ି ନେତାଜୀ ସ୍ମୃତି ସଂସଦ ଆନୁକୂଲ୍ୟରେ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବିରିଡି ହାଟର ଜୟପ୍ରକାଶ ମଞ୍ଚରେ ପାଳିତ ହୋଇଯାଇଛି। ଯୁଧିଷ୍ଠିର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ସାହିତ୍ୟିକ ସେକ୍ ମତଲୁବ ଅଲ୍ଲୀ, ମୁଖ୍ୟବକ୍ତା ଅଧାପିକା ସ୍ନେହଲତା ପୃଷ୍ଟି, ଅନ୍ୟତମବକ୍ତା ସ୍ତମ୍ଭକାର ଓ ସାହିତ୍ୟିକ ବସନ୍ତ ମାଝି, ସିଆଇଟିୟୁର ରାଜ୍ୟ ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ଅଧାପକ ଅଭୟ ସ୍ୱାଇଁ ଗୀତି କବି ବାମଦେବ ସ୍ୱାଇଁ ଯୋଗଦେଇ ନେତାଜୀ ଶ୍ରେଣୀ ବିହିନ ଓ ଶୋଷଣମୁକ୍ତ ସମାଜ ଗଠନର ଆହ୍ୱାନ ଦେଇଥିଲେ ବୋଲି କହିଥିଲେ। ସ୍ମୃତି ସଂସଦ ସମ୍ପାଦକ ଗଣେଶ ଚନ୍ଦ୍ର ମାଣିଆ ଅତିଥି ପରିଚୟ ଓ ବିବରଣୀ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ଓ ସ୍ତମ୍ଭକାର ବଂଶୀଧର ଦାସ, କବିତା ପାଇଁ ଡା. ଶୁଭ କୁମାର ଦାସ, କଳା ପାଇଁ ସୁକାନ୍ତ ଦାସ, କାହ୍ନୁ ଚରଣ ପାତ୍ର ଓ ସଚ୍ଚିକାନ୍ତ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

**ନାଉଗାଁ,(ସ୍ୱ.ପ୍ର.):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତରେ ପାଳିତ ହୋଇଯାଇଛି। ଏଆଇଡିଓ୍ୱାଇ ପକ୍ଷରୁ ଆୟୋଜିତ ଉତ୍ସବରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଯୁଗ ଧ୍ୱନୀ ପାଠାଗାର ଓ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପିଲାଙ୍କୁ ନେଇ ନେତାଜୀଙ୍କ ଜୀବନୀ ଉପରେ ତର୍କ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା।


IDBI BANK

ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ **୧୮.୦୧.୨୦୧୯**ରେ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା **୧୩**ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ସିଦ୍ଧମହାବୀର ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲୋକନାଥ ସୁବୁଦ୍ଧି / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରୁମିତ୍ରା ସୁବୁଦ୍ଧି, ଉଭୟଙ୍କ ଠିକଣା ସା.: ମରିଚିକୋଟା ଲେନ୍, ପୁରୀ-୭୫୨୦୦୧, ଓଡ଼ିଶା | ୦୧.୦୧.୨୦୧୮ ସୁଦ୍ଧା ଟ.୨୫,୬୭,୬୯୩/- + ପ୍ରଯୁଜ୍ୟ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୦୯.୦୧.୨୦୧୮ / ୧୮.୦୧.୨୦୧୯ | ଶ୍ରୀ ଲୋକନାଥ ସୁବୁଦ୍ଧିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୬୯/ |

୨୬୬୩, ମୁଟେଟେଡ୍ ଖାତା ନଂ.: ୪୬୮/୫୫୨, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ସମଙ୍ଗରା, ତହସିଲ: ପୁରୀ, ରେଜିଷ୍ଟ୍ରେସନ୍ ସବ-ଡିଷ୍ଟ୍ରିକ୍ଟ: ପୁରୀ, ଜିଲ୍ଲା: ପୁରୀ, ଏହାର ଚତୁପାର୍ଶ୍ୱରେ ଉତ୍ତର: ବସ୍ତି ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୫୯, ପୂର୍ବ: ସବ୍ ପ୍ଲଟ୍ ନଂ.: ୬୩, ପଶ୍ଚିମ: ବସ୍ତି ପ୍ଲଟ୍ ନଂ.: ୬୫ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୁ-ସଂଲଗ୍ନ ଯେକୌଣସି ଦ୍ରବ୍ୟ ।

**ସ୍ଥାନ: ପୁରୀ, ତାରିଖ: ୨୩.୦୧.୨୦୧୯** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ


# ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା।

**ରଘୁନାଥପୁର ୨୩ା୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତରେ ବୁଧବାର ଏସ୍‌ଏଚ୍‌ଜି ମହିଳାଙ୍କ ପକ୍ଷରୁ ମିଶନ ଶକ୍ତି ରଥକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସମସ୍ତ ଗ୍ରୁପ୍‌ର ସଦସ୍ୟାଙ୍କୁ ନେଇ ଲୁଡୁ, ମ୍ୟୁଜିକ୍ ଚେୟାର ଓ ହୁଳହୁଳି ପ୍ରତିଯୋଗିତା ହୋଇଥିଲା। ପଞ୍ଚାୟତର ତାରପୁର, ହରିଶପୁର ଓ ଖଣ୍ଡପଲି ଗ୍ରାମରେ ମିଶନ ଶକ୍ତି ଜରିଆରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ତତ୍ତ୍ୱାବଧାନରେ ଏହା କରାଯାଇଥିଲା। ସିଡ଼ିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ, ସୁପରଭାଇଜର ବିଜୟଲକ୍ଷ୍ମୀ ପଣ୍ଡା ଓ ମିଶନ ଶକ୍ତି ବିପିସି ସ୍ନେହପ୍ରିୟା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମିଶନ ଶକ୍ତି ଜରିଆରେ ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟାମାନେ କିପରି ବ୍ୟାଙ୍କରୁ ଋଣ ନେଇ ନିଜର ଆର୍ଥିକ ବିକାଶ ସହ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସଚେତନତା କରାଯାଇଥିଲା। ମହିଳାମାନେ କୌଣସି ଯୋଜନାରୁ ସୁବିଧା ସୁଯୋଗ, ତାଲିମ ଓ ମିଶନ ଶକ୍ତି ଋଣ ବିଷୟରେ ସବିଶେଷ ସୂଚନା ପାଇଁ ନିକଟସ୍ଥ ବ୍ୟାଙ୍କ, ବ୍ଲକସ୍ତରୀୟ ଆଇସିଡିଏସ୍ କାର୍ଯ୍ୟାଳୟ ଅନ୍ତର୍ଗତ ମିଶନ ଲୁଡୁ, ମ୍ୟୁଜିକ୍ ଚେୟାର ଓ ହୁଳହୁଳି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମହିଳା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା କରାଯାଇଥିବା ରଥ ଆଗାମୀଦିନରେ ବ୍ଲକର ୧୯ ଗୋଟି ପଞ୍ଚାୟତ ଗସ୍ତ କରି, ମହିଳା ଗୋଷ୍ଠୀର ସଭ୍ୟାଙ୍କୁ ନେଇ ପ୍ରତିଯୋଗିତାମାନ ଆୟୋଜନ କରାଯିବ ବୋଲି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ।

# ଏଡିଜେ କୋର୍ଟରେ ପ୍ରଥମ ମାମଲାର ବିଚାର

**କୁଜଙ୍ଗ,୨୩ା୧(ସ୍ୱ.ପ୍ର.)**

କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଉଦ୍‌ଘାଟନ ପରେ ବୁଧବାର ପ୍ରଥମ ମାମଲା ବିଚାର କରାଯାଇଛି। କୁଜଙ୍ଗ ବ୍ଲକ୍ ଗରେଇ ପଞ୍ଚାୟତ ନାଳିଆପାଳ ଗ୍ରାମର ଜଣେ ଯୁବକ ୧୨ କିଲୋ ଗଞ୍ଜେଇ ଚୋରାଚାଲଣ କରୁଥିବା ବେଳେ ପାରାଦୀପ ପୋଲିସ ହାତରେ ଧରା ପଡ଼ିଥିଲେ। ପାରାଦୀପ ପୋଲିସ ସେହି ଯୁବକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲା। ନୂତନଭାବେ କୁଜଙ୍ଗରେ ଯୋଗଦେଇଥିବା ଅତିରିକ୍ତ ଜିଲା ଦୌରାଜଜ ପ୍ରଣବ କୁମାର ରାଉତରାୟ ମାମଲା ବିଚାର କରି ତାଙ୍କ ଜାମିନକୁ ଖାରଜ କରିଥିଲେ।

# ରାଜଭାଷା ସମିତିର ବୈଠକ

**ପାରାଦୀପ,୨୩ା୧(ସ୍ୱ.ପ୍ର.):** ସ୍ଥାନୀୟ ମଧୁବନ ଅଫିସର୍ସ କ୍ଲବ୍ ପରିସରରେ ପାରାଦୀପ ବନ୍ଦର ରାଜଭାଷା କାର୍ଯ୍ୟକାରୀ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ସଂସ୍ଥାର ପଦାଧିକାରୀ, ବ୍ୟାଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ରାଜଭାଷା ସମିତି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଯୋଗଦେଇ ଏ ସବୁର ସମୀକ୍ଷା କରିବା ସହ କାର୍ଯ୍ୟକ୍ରମ ଉପରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସଚିବ ୟୁ.ଆର.ମୋହନରାଜୁ ମଧ ବକ୍ତବ୍ୟ ରଖିଥିଲେ। ବନ୍ଦର ହିନ୍ଦୀ ଅଧିକାରୀ ନିରୋଜ କୁମାର ପଟ୍ଟନାୟକ, ସୁପ୍ରୀତି ବାରିକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।


यूनियन बैंक ऑफ इंडिया Union Bank of India

**TENDER NOTICE FOR INSTALLATION OF AIR CONDITIONER**

Union Bank of India invites Open tender for Supply, Installation, Testing and Commissioning of Air Conditioners at Staff training Centre, Bhubaneswar. Further details are available in Bank's website **www.unionbankofindia.co.in** and in govt. portal **www.eprocure.gov.in**. Last Date for submission of bids in prescribed form is 14.02.2019 up to 3:00 P.M.
The Bank reserves the right to reject any or all the tenders received without assigning any reason whatsoever.

**Chief Manager**
**Union Bank of India, Staff Training Centre,**
**16-A, Jagamara, Bhubaneswar-751030**
**Phone: 0674-2353109/110**







# ଓୟୁଜେର ବ୍ଲକ ୟୁନିଟ୍ କର୍ମକର୍ତ୍ତା ଚୟନ

**ତିର୍ତ୍ତୋଲ,୨୩ା୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗାସ୍ଥିତ ନାରାୟଣୀ ମନ୍ଦିରରେ ବୁଧବାର ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ(ଓୟୁଜେ) ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ତିର୍ତ୍ତୋଲ ବ୍ଲକ ୟୁନିଟର କର୍ମକର୍ତ୍ତା ଚୟନ କରାଯାଇଛି। ଜିଲା ସଭାପତି ଶୁଭଙ୍କର ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ଆନୁଷ୍ଠିତ ହୋଇଥିଲ। ଏଥିରେ ରାଜ୍ୟ କାର୍ଯ୍ୟକାରୀଣୀ ସଭ୍ୟ ସୁବ୍ରତ ନାୟକ, ଜିଲା ସମ୍ପାଦକ ଜ୍ୟୋତିରଞ୍ଜନ ପରିଡା, ସହସମ୍ପାଦକ ଗୌରାଙ୍ଗ ଚରଣ ସ୍ୱାଇଁ, ଉପସଭାପତି ପ୍ରଳୟ ମହାପାତ୍ର, ସ୍ମିତିରଞ୍ଜନ ମହାନ୍ତି, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସାଙ୍ଗଠନିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାପରେ ତିର୍ତ୍ତୋଲ ବ୍ଲକ ୟୁନିଟର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯଦୁମଣି ସାହୁ, ଉପସଭାପତି ମିହିର ନାୟକ, ସମ୍ପାଦକ ଶ୍ରୀକାନ୍ତ ଦାଶ, ସହସମ୍ପାଦକ ଅଜିତ କୁମାର ଦାଶ ଏବଂ କୋଷାଧକ୍ଷ ଭାବେ ଜ୍ୟୋତି ରଞ୍ଜନ ଦାସ ମନୋନୀତ ହୋଇଥିଲେ। କାର୍ଯ୍ୟକାରିଣୀ ମଣ୍ଡଳିକୁ ରମାକାନ୍ତ ରାଉଳ, ଗୌରାଙ୍ଗ ସ୍ୱାଇଁ, ଦିଲୀପ ସାହୁ, କେଶବ ପଣ୍ଡା ପ୍ରମୁଖଙ୍କୁ ମନୋନୀତ ହୋଇଥିଲେ। ଶେଷରେ ସଭ୍ୟ ଶୁଶିଲ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଥିଲା। କଟକ-ପାରାଦୀପ ରାସ୍ତାର ଥାନାଗଡା ଛକ ନିକଟରେ ତିର୍ତ୍ତୋଲ ପୋଲିସ ସହାୟତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏସଡିପିଓ ଶିବଚରଣ ମଲ୍ଲିକ, ଆଇଆଇସି ପ୍ରଶାନ୍ତ କୁମାର ମାଝୀ ଓୟୁଜେ ସଦସ୍ୟଙ୍କ ସହ ସାମିଲ ହୋଇ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ହେଲମେଟ ନ ପିନ୍ଧି ବାଇକ ଚଳାଉଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ହେଲମେଟ ପିନ୍ଧିବାକୁ ସଚେତନ କରାଯିବା ସହ କାର ଚାଳକଙ୍କୁ ସିଟ୍ ବେଲ୍ଟ ପିନ୍ଧି ଗାଡି ଚାଳନା କରିବାକୁ କୁହାଯାଇଥିଲା।




## ସଂକ୍ଷେପରେ

### ପାରିବାରିକ କଳହର କରୁଣ ପରିଣତି
## ପୋଡ଼ିହୋଇ ଶିଶୁକନ୍ୟା ମୃତ, ମା'ବାପା ଗୁରୁତର

ଅତାବିରା,୨୩।୧(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ କୁକେଡିରା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି । ନିଆଁରେ ପୋଡ଼ିହୋଇ ଏକ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା'ବାପା ଗୁରୁତର ହୋଇଛନ୍ତି । ସେମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶିଶୁକନ୍ୟାର ମୃତଦେହକୁ ବୁର୍ଲା ଡାକ୍ତରଖାନା ଫ୍ରିଜରରେ ରଖାଯାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି । ଏ ନେଇ ବୁର୍ଲା ଡାକ୍ତରଖାନା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୬୯/୧୯) ରୁଜୁ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଧୀନ କତରକେଲା ଗ୍ରାମର ମୂଳବାସିନ୍ଦା କୈଳାସ ସାହୁ ସପରିବାର କୁକେଡିରା ଗ୍ରାମରେ ରହି ଆସୁଥିଲେ । ବୁଧବାର କୌଣସି କାରଣରୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ କଳହ ଉପୁଜିଥିଲା। ଏହାର କିଛି ସମୟ ପରେ ସେମାନଙ୍କ ଚିତ୍କାର ଶୁଣି ପଡୋଶୀମାନେ ତାଙ୍କ ଘରେ ପହଞ୍ଚିଥିଲେ । ଘରେ କୈଳାସ, ତାଙ୍କ ସ୍ତ୍ରୀ ଓ ଶିଶୁକନ୍ୟା ଲିଜା ନିଆଁରେ ପୋଡ଼ି ଛଟପଟ ହେଉଥିବା ପଡ଼ୋଶୀମାନେ ଦେଖିବାକୁ ପାଇଥିଲେ। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିଲା। ସେହିପରି ମୃତ ଶିଶୁକନ୍ୟାର ମା, ବାପାଙ୍କ ଶରୀର ମଧ୍ୟ ୪୦ ପ୍ରତିଶତ ପୋଡ଼ିଯାଇଛି। କେଉଁ ପରିସ୍ଥିତିରେ କିଭଳି ସେମାନଙ୍କ ଶରୀରରେ ନିଆଁ ଲାଗିଲା ଏବଂ ସେମାନେ ପୋଡ଼ିହେଲେ ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ତଦନ୍ତ ଚାଲିଛି ବୋଲି ବୁର୍ଲା ଡାକ୍ତରଖାନା ଫାଣ୍ଡି ଅଧିକାରୀ ଗଣେଶ ବାରିକ କହିଛନ୍ତି ।

### ■ ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲାନି ପୋଲିସ
# ଥାନା ପାଲଟିଲା ରଣକ୍ଷେତ୍ର, ପୋଲିସକୁ ମାଡ଼

ବେଗୁନିଆ, ୨୩।୧(ଡି.ଏନ.ଏ.)






ଉତ୍ତ୍ୟକ୍ତ ଲୋକଙ୍କ ବେଗୁନିଆ ଥାନା ଘେରାଉ ଓ ଥାନା ଭିତରେ ହୋଇଥିବା ଭଙ୍ଗାରୁଜା।

- ■ ସରପଞ୍ଚଙ୍କ ସ୍ୱାମୀଙ୍କୁ ଧମକ ଘଟଣାକୁ ନେଇ ତେଜିଲା ଆନ୍ଦୋଳନ
- ■ ବ୍ୟାପକ ଭଙ୍ଗାରୁଜା, ଜାତୀୟ ରାଜପଥ ଅବରୋଧ
- ■ ୬ ଗିରଫ, ୫ ବାଇକ୍ ଜବତ

ପୋଲିସ ନିଷ୍କ୍ରିୟତାରେ ଅତିଷ୍ଠ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସାଧାରଣ ଜନତା। ବୁଧବାର ଉତ୍ତ୍ୟକ୍ତ ଲୋକେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଘେରାଉ କରିବା ସହ ଲଙ୍କାକାଣ୍ଡ ଘଟାଇଛନ୍ତି। ହଜାର ହଜାର ଲୋକ ଥାନା ଘେରାଉ କରିବା ପରେ ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏପରିକି ପୋଲିସକୁ ମାଡ଼ ମାରିବା ସହ ପୋଲିସ ଗାଡିକୁ ମଧ୍ୟ ଆକ୍ରମଣ କରିଛନ୍ତି। ଲୋକଙ୍କ ମାଡ଼ରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ବେଗୁନିଆ ବିଧାୟକଙ୍କ ଦାଦାଗିରି ଓ ଜଣେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଧମକ ଘଟଣାରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ସାଧାରଣ ଲୋକେ ଏଭଳି କାଣ୍ଡ ଘଟାଇଛନ୍ତି। ଏଥିପାଇଁ ପ୍ରାୟ ୪୦ ମିନିଟ୍ ଧରି ଥାନା ପରିସର ଏକପ୍ରକାର ରଣକ୍ଷେତ୍ର ପାଲଟିଥିଲା। ପରେ ଆନ୍ଦୋଳନକାରୀମାନେ ଥାନା ସମ୍ମୁଖ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିବାବେଳେ ୫ ବାଇକ୍ ଓ ଗୋଟିଏ ସାଇକେଲ ଜବତ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଥାନା ଓ କେତେକ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ମିଳିଥିବା ସୂଚନାନୁସାରେ, ବେଗୁନିଆ ସଦର ମହକୁମାରେ ଏକ କଲ୍ୟାଣ ମଣ୍ଡପର ନିର୍ମାଣ ଚାଲିଛି। ଏହାର ବିଲ୍ ପାସ୍‌କୁ ନେଇ ବିଧାୟକ ପ୍ରଶାନ୍ତ ଜଗଦେବ ଡିସେମ୍ବର ୨୧ରେ ବ୍ଲକ୍ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସରପଞ୍ଚ କୁମୁଦିନୀ ସ୍ୱାଇଁଙ୍କ ସ୍ୱାମୀ ନବକିଶୋରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ବାଡେଇ ଗୋଡ଼ ଭାଙ୍ଗିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ଚୁପ୍ ବସିଥିଲା। ବିଧାୟକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରି ପୋଲିସ ମାମଲାକୁ ଚାପିଦେବାକୁ ଉଦ୍ୟମ ଚଳାଇଥିବା ଶୁଣିବା ପରେ ନବକିଶୋରଙ୍କ ସମର୍ଥକମାନେ ଉତ୍ତେଜିତ ହୋଇପଡିଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରାୟ ୩ହଜାର ଲୋକ ସ୍ଥାନୀୟ ଦଧିବାମନ ଦେବଙ୍କ ଆମ୍ବତୋଟାରେ ଏକତ୍ରିତ ହୋଇଥିଲେ। ସେଠାରେ ବିଧାୟକ ଓ ପୋଲିସ ପ୍ରଶାସନ ବିରୋଧରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ପହଞ୍ଚିବା ପରେ ଆନ୍ଦୋଳନକାରୀମାନେ ପୋଲିସ ବିରୋଧରେ ବିକ୍ଷୋଭ କରିଥିଲେ। ବେଗୁନିଆ ଆଇଆଇସି ରଶ୍ମିରଞ୍ଜନ ସାହୁ ଛୁଟିରେ ଥିବାରୁ ଏସ୍‌ଡିପିଓ ଯୁଗଳ କିଶୋର ଦାସ ସେଠାରେ ୧ ପ୍ଲାଟୁନ ଫୋର୍ସ ସହ ଉପସ୍ଥିତ ଥିଲେ। ମାତ୍ର ଆନ୍ଦୋଳନକାରୀମାନେ ହଠାତ୍ ଥାନାର ମୁଖ୍ୟ ଫାଟକକୁ ଠେଲି ଭିତରକୁ ଧସେଇ ପଶିଥିଲେ। ପୋଲିସ ପ୍ରତିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ଭିତରେ ପଶି ଟେବୁଲ, ଚେୟାର ଭାଙ୍ଗିବା ସହ ବିଭିନ୍ନ କାଗଜପତ୍ରକୁ ଚିରି ଫୋପାଡି ଦେଇଥିଲେ। ପରିସ୍ଥିତି ଏପରି ହୋଇଥିଲା କମ୍ ସଂଖ୍ୟକ ପୋଲିସ ଏତେ ସଂଖ୍ୟକ ଲୋକଙ୍କୁ ନିୟନ୍ତ୍ରଣ କରି ନ ପାରି ଭୟରେ ଛତ୍ରଭଙ୍ଗ ଦେଇଥିଲେ। ଏତିକିରେ ଲୋକଙ୍କ ରାଗ ଶାନ୍ତ ହୋଇ ନ ଥିଲା। ପରେ ସେମାନେ ଥାନା ସମ୍ମୁଖ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥକୁ ୧ ଘଣ୍ଟା ଧରି ଅବରୋଧ କରିଥିଲେ।

ଖବରପାଇ ଖୋର୍ଦ୍ଧା ଏସ୍‌ପି ଦୀପ୍ତିରଞ୍ଜନ ରାୟ ଆଉ ୨ ପ୍ଲାଟୁନ ଫୋର୍ସ ସହ ପହଞ୍ଚିଥିଲେ। ସେହିଭଳି ବୋଲଗଡ଼, ଜଙ୍କିଆ ଓ ଖୋର୍ଦ୍ଧା ଟାଉନ ଥାନା ଆଇଆଇସି ପୋଲିସ ଫୋର୍ସ ଧରି ପ୍ରତିବାଦ ସଭାସ୍ଥଳରେ ଚଢ଼ାଉ କରିଥିଲେ। ଏହି ସମୟରେ ସଭାସ୍ଥଳରୁ ବାଇକ୍ ଓ ସାଇକେଲରେ ଗାଁକୁ ଫେରୁଥିବା କେତେଜଣ ଲୋକଙ୍କୁ ପୋଲିସ ଧରିନେଇଥିଲା। ଏସ୍‌ପି ରାୟ କୁହନ୍ତି, ବେଗୁନିଆ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ ଓ ଧମକ ଅଭିଯୋଗରେ ବିଧାୟକଙ୍କ ବିରୋଧରେ ୪/୧୯ରେ ମାମଲା ରୁଜୁ ହୋଇଛି। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁସାରେ ମାମଲାଟି ଜାମିନଯୁକ୍ତ ହୋଇଥିବାରୁ ବିଧାୟକଙ୍କୁ ନୋଟିସ କରାଯାଇଛି। ଏପରିସ୍ଥଳେ ପ୍ରାୟ ୩୦ଜଣ ମହିଳାଙ୍କୁ ଆଗରେ ରଖି ଆନ୍ଦୋଳନକାରୀମାନେ ଥାନା ଭଙ୍ଗାରୁଜା କରିଛନ୍ତି। ତେବେ ଆଇନକୁ ହାତକୁ ନେଇଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଘଟଣା ସଂକ୍ରାନ୍ତରେ ବିଧାୟକ ଜଗଦେବଙ୍କୁ ତାଙ୍କ ମୋବାଇଲ୍ ଫୋନ (୯୪୩୭୦୦୫୨୦୮)ରେ କଲ୍ କରାଯାଇଥିଲେ ସେ ଉଠାଇ ନ ଥିଲେ।

## ଏପ୍ରିଲ ୨୮ରେ ଓୟୁଏଟି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୨୩।୧(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ ସମସ୍ତ ମହାବିଦ୍ୟାଳୟରେ ପ୍ରାକ୍ ସ୍ନାତକ(ୟୁଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ଆସନ୍ତା ଏପ୍ରିଲ ୨୮ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରମାନେ ଯୁକ୍ତ୨ ବିଜ୍ଞାନରେ ପାସ୍ କରିଥିବା ଆବଶ୍ୟକ। ଏଥିସହ ଯୁକ୍ତ୨ ବିଜ୍ଞାନରେ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ମଧ୍ୟ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ www.ouat.nic.in ୱେବ୍‌ସାଇଟ୍‌କୁ ଯାଇ ଅଧିକ ତଥ୍ୟ ଜାଣିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## କୁହୁଡ଼ି ପାଇଁ ଫସିଲେ ବିମାନ ଯାତ୍ରୀ

ଭୁବନେଶ୍ୱର, ୨୩।୧(ବ୍ୟୁରୋ)

କୁହୁଡ଼ି ପାଇଁ ଫସିଲେ ବିମାନ ଯାତ୍ରୀ। ଭୁବନେଶ୍ୱରରେ ଘନ କୁହୁଡ଼ି ଯୋଗୁ ବିମାନ ଅବତରଣ କରି ନ ପାରିବାରୁ ମଙ୍ଗଳବାର ରାତିରୁ ବୁଧବାର ସକାଳ ପର୍ଯ୍ୟନ୍ତ ଅନେକ ଯାତ୍ରୀ କୋଲକାତା ବିମାନବନ୍ଦରରେ ଅଟକି ରହିଥିଲେ। କିନ୍ତୁ ଯାତ୍ରୀମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦିଆ ନ ଯିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ମଙ୍ଗଳବାର ବ୍ୟାଙ୍କକ୍-ଭୁବନେଶ୍ୱର ଏୟାର ଏସିଆ ୧୧୨ ବିମାନ ରାତି ୧୧ଟା ୫୫ରେ ଭୁବନେଶ୍ୱରରେ ଅବତରଣ କରି ପୁଣି ୧୨ଟା ୨୫ରେ ଉଡ଼ାଣ କରିବାର ଥିଲା। କିନ୍ତୁ ରାତିରେ ଘନ କୁହୁଡ଼ି ଯୋଗୁ ବିମାନଟି ଭୁବନେଶ୍ୱରରେ ଅବତରଣ କରିପାରି ନ ଥିଲା। ଫଳରେ ରାତି ୧୧ଟା ୫୦ରେ ୧୫୦ ଯାତ୍ରୀଙ୍କୁ ନେଇ ଆସୁଥିବା ବିମାନଟି କୋଲକାତା ବିମାନବନ୍ଦରକୁ ଡାଇଭର୍ଟ କରିଥିଲା। ତେବେ ସେଠାରେ ବିମାନ ଅବତରଣ କରିବାର ଦୁଇ ଘଣ୍ଟା ପର୍ଯ୍ୟନ୍ତ ଯାତ୍ରୀମାନେ ବିମାନ ଭିତରେ ହିଁ ବସି ରହିଥିଲେ। ଏହାକୁ ନେଇ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିବାରୁ ପରେ ସେମାନଙ୍କୁ ବିମାନବନ୍ଦର ଲାଉଞ୍ଜକୁ ନିଆଯାଇଥିଲା। କିନ୍ତୁ ଭୁବନେଶ୍ୱର ଫେରିବାକୁ ତୁରନ୍ତ କିଛି ବ୍ୟବସ୍ଥା କରାଯାଇ ନ ଥିଲା। ବୁଧବାର ଅପରାହ୍ନ ୩ଟା ୮ମିନିଟ୍‌ରେ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ଯାତ୍ରୀମାନେ କୋଲକାତା ବିମାନବନ୍ଦର ଲାଉଞ୍ଜରେ ରାତିରେ ଅଟକି ରହିଥିଲେ ମଧ୍ୟ ସେମାନଙ୍କୁ କିଛି ଖାଇବାକୁ ଦିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଭୁବନେଶ୍ୱରରୁ ବ୍ୟାଙ୍କକ୍ ଯିବାକୁ ମଙ୍ଗଳବାର ରାତିରୁ ଭୁବନେଶ୍ୱର ବିମାନବନ୍ଦରରେ ଅପେକ୍ଷା କରିଥିବା ୧୩୭ ଯାତ୍ରୀଙ୍କ ପାଇଁ ଏୟାର ଏସିଆ ପକ୍ଷରୁ ହୋଟେଲରେ ରହିବା ସୁବିଧା କରାଯାଇଥିଲା।

ସେହିପରି କୋଲକାତା - ଭୁବନେଶ୍ୱର - ବେଙ୍ଗାଲୁରୁ ଚଳାଚଳ କରୁଥିବା ଏୟାର ଏସିଆର ୧୫୬୩ ବିମାନ ମଙ୍ଗଳବାର ରାତି ୯ଟା ୫ରେ ଭୁବନେଶ୍ୱରରେ ପହଞ୍ଚି ୯ଟା ୩୦ରେ ବେଙ୍ଗାଲୁରୁ ଯିବାର ଥିଲା। କିନ୍ତୁ କୁହୁଡ଼ି ଯୋଗୁ ଉକ୍ତ ବିମାନ ମଧ୍ୟ ଅବତରଣ କରି ନ ପାରି କୋଲକାତାକୁ ଡାଇଭର୍ଟ ହୋଇଥିଲା। ଭୁବନେଶ୍ୱରରୁ ୧୩୧ ଯାତ୍ରୀ ବେଙ୍ଗାଲୁରୁ ଯିବା ପାଇଁ ବିମାନବନ୍ଦରରେ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ମାତ୍ର ସେମାନଙ୍କୁ କୌଣସି ସୁବିଧା ଯୋଗାଇ ଦିଆଯାଇ ନ ଥିଲା। ଫଳରେ ସେମାନେ ପ୍ରତିବାଦ କରି ଏୟାର ଏସିଆର କର୍ମଚାରୀଙ୍କୁ ଘେରାଉ କରିଥିଲେ। ଏହି ଅବ୍ୟବସ୍ଥାକୁ ନେଇ ଯାତ୍ରୀମାନେ ହଙ୍ଗାମା କରିଥିଲେ। ସେମାନେ ସକାଳୁ ସକାଳୁ ଉଡ଼ାଣ କରିବାକୁ ଥିବା ଭୁବନେଶ୍ୱର-ହାଇଦ୍ରାବାଦ ଏୟାର ଏସିଆ ବିମାନକୁ ମଧ୍ୟ ଛାଡ଼ି ନ ଥିଲେ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କର୍ତ୍ତୃପକ୍ଷ ଆଶ୍ୱାସନା ଦେବା ପରେ ଯାତ୍ରୀମାନେ ଶାନ୍ତ ପଡ଼ିଥିଲେ। ପରେ ପୂର୍ବାହ୍ନ ୧୦ଟା ୨୫ରେ ଉକ୍ତ ବିମାନ ଭୁବନେଶ୍ୱରରେ ଅବତରଣ କରି ୧୦ଟା ୪୮ରେ ବେଙ୍ଗାଲୁରୁ ଅଭିମୁଖେ ଉଡ଼ାଣ କରିଥିଲା।

# ଜାତୀୟ ଦଳଙ୍କୁ ଅଜଣା ଉତ୍ସରୁ ମିଳିଛି ୫୦% ଚାନ୍ଦା

ନୂଆଦିଲ୍ଲୀ,୨୩।୧(ପି.ଟି.)

**ଏଡିଆର୍ ରିପୋର୍ଟ**
■ ୨୦୧୭-୧୮ରେ ୬ ଦଳ ପାଇଛନ୍ତି ମୋଟ ୧୨୯୩.୦୫ କୋଟି

୨୦୧୭-୧୮ ଆର୍ଥିକ ବର୍ଷରେ ଜାତୀୟ ରାଜନୈତିକ ଦଳଗୁଡ଼ିକୁ ମିଳିଥିବା ଚାନ୍ଦାର ୫୦ ପ୍ରତିଶତରୁ ଅଧିକ ଅଜଣା ଉତ୍ସରୁ ଆସିଥିବା ଜଣାପଡିଛି। ଦେଶର ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିଥିବା ସଂସ୍ଥା ଆସୋସିଏଶନ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟ ଅନୁଯାୟୀ ଇଲେକ୍ଟୋରାଲ ବଣ୍ଡ ଏବଂ ସ୍ୱେଚ୍ଛାକୃତ ଦାନ ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକୁ ଏହି ପାଣ୍ଠି ମିଳିଛି। ୬ଟି ଜାତୀୟ ଦଳର ଆୟକର ରିଟର୍ନ ଏବଂ ନିର୍ବାଚନ କମିଶନଙ୍କ ପାଖରେ ଥିବା ଚାନ୍ଦା ସମ୍ପର୍କିତ ବିବୃତିକୁ ବିଶ୍ଳେଷଣ କରିବା ପରେ ଏଡିଆର୍ ଏହା ଜାଣିବାକୁ ପାଇଛି। ବୁଧବାର ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ ୨୦୧୭-୧୮ ବର୍ଷରେ ଭାଜପା, କଂଗ୍ରେସ, ସିପିଆଇ, ବିଏସ୍‌ପି, ଟିଏମ୍‌ସି ଏବଂ ଏନ୍‌ସିପିର ମୋଟ ଆୟ ଥିଲା ୧୨୯୩.୦୫ କୋଟି ଟଙ୍କା। ସେଥିମଧ୍ୟରୁ ଅଜଣା ଉତ୍ସରୁ ଆୟ ପରିମାଣ ୬୮୯.୪୪ କୋଟି ଟଙ୍କା, ଯାହା କି ମୋଟ ଆୟର ୫୩ ପ୍ରତିଶତ।

କେବଳ ଭାଜପାର ଅଜଣା ଉତ୍ସରୁ ଆୟ ପରିମାଣ ୫୫୩.୩୮ କୋଟି ଟଙ୍କା ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି। ଏହା ଜାତୀୟ ରାଜନୈତିକ ଦଳଗୁଡ଼ିକର ଅଜଣା ଉତ୍ସରୁ ଆସିଥିବା ମୋଟ ଚାନ୍ଦାର ୮୦ ପ୍ରତିଶତ। ୬୮୯.୪୪ କୋଟି ଟଙ୍କା ବେନାମୀ ଚାନ୍ଦା ମଧ୍ୟରୁ ଇଲେକ୍ଟୋରାଲ ବଣ୍ଡରୁ ମିଳିଛି ୨୧୫ କୋଟି ଏବଂ ସ୍ୱେଚ୍ଛାକୃତ ଦାନ ଭାବେ ଅଜଣା ସୂତ୍ରରୁ ୩୫୪.୨୨ କୋଟି ଟଙ୍କା ଆସିଛି। ୨୦ ହଜାର ଟଙ୍କାରୁ କମ୍ ଚାନ୍ଦା ଏବଂ ଇଲେକ୍ଟୋରାଲ ବଣ୍ଡରେ ସଂଗୃହୀତ ଚାନ୍ଦା କ୍ଷେତ୍ରରେ ଦାତାଙ୍କ ନାମ ଘୋଷଣା କରିବା ଆବଶ୍ୟକତା ନ ଥିବାରୁ ସେଗୁଡ଼ିକୁ ବେନାମୀ ଚାନ୍ଦା ଭାବେ ସଂଗ୍ରହ କରାଯାଇଛି। କେବଳ ୪୬୭.୧୩ କୋଟି ଟଙ୍କା ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କ ନାମ ଉଲ୍ଲେଖ ରହିଛି, ଯାହା ମୋଟ ଆୟର ୩୬ ପ୍ରତିଶତ। ଏହି ଦାତାମାନଙ୍କ ରିପୋର୍ଟ ନିର୍ବାଚନ କମିଶନଙ୍କ ପାଖରେ ଦାଖଲ ହୋଇଛି। ଏହା ବ୍ୟତୀତ ଦଳଗୁଡ଼ିକ ସମ୍ପତ୍ତି ବିକ୍ରି, ବିଭିନ୍ନ ପ୍ରକାଶନ, ସଭ୍ୟ ଚାନ୍ଦା, ବ୍ୟାଙ୍କ ସୁଧ, ଦଳୀୟ ଶୁଳ୍କ ଆଦିରୁ ୧୩୬.୪୮ କୋଟି ଟଙ୍କା ପାଇଥିବା ରିପୋର୍ଟରେ କୁହାଯାଇଛି। ଜାତୀୟ ଦଳଙ୍କୁ ମିଳିଥିବା ବଡ଼ ଚାନ୍ଦା ମଧ୍ୟରେ ମାତ୍ର ୧୬.୮୦ ଲକ୍ଷ ଟଙ୍କା ନଗଦ ଆକାରରେ ସଂଗ୍ରହ ହୋଇଛି। ସିପିଏମ୍ ଜାତୀୟ ଦଳ ହୋଇଥିଲେ ମଧ୍ୟ ଏହାର ବିବରଣୀ ଉପଲବ୍ଧ ହେଉ ନ ଥିବାରୁ ବିଶ୍ଳେଷଣରେ ସାମିଲ କରାଯାଇ ନାହିଁ। କେନ୍ଦ୍ରୀୟ ସୂଚନା ଆୟୋଗ ନିୟମାବଳୀ, ୨୦୧୩ ଅନୁଯାୟୀ ଜାତୀୟ ଦଳଗୁଡ଼ିକ ସୂଚନା ଅଧିକାର ଆଇନ ଅଧୀନରେ ଆସୁଥିଲେ ମଧ୍ୟ ସେମାନେ ଉକ୍ତ ନିଷ୍ପତ୍ତିର ଅନୁପାଳନ କରୁନାହାନ୍ତି।

## ମଣ୍ଡିରେ ପରିଚାଳନାଗତ ଅବ୍ୟବସ୍ଥା ନେଇ ୨ ଏମ୍‌ଡି ନିଲମ୍ବିତ

ମାଲକାନଗିରି/କୋରୁକୋଣ୍ଡା/ କାଲିମେଳା, ୨୩।୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ଓ କୋରୁକୋଣ୍ଡା ଧାନ ମଣ୍ଡିରେ ପରିଚାଳନାଗତ ତ୍ରୁଟି ଯୋଗୁ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ସୁପାରଶକ୍ରମେ ୨ ଜଣ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ(ଏମଡି)ଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ କାଲିମେଳା ଲ୍ୟାମ୍ପସର ଏମଡି ଗୁରୁଚାନ୍ଦ ମଣ୍ଡଳ ଓ କୋରୁକୋଣ୍ଡା ଲ୍ୟାମ୍ପସ ଏମଡି କାଳୁଚରଣ ପ୍ରଧାନ। ପୂର୍ବରୁ ବାରମ୍ବାର କାଲିମେଳା ଓ କୋରୁକୋଣ୍ଡା ମଣ୍ଡିରେ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ଚାଷୀମାନେ ରାସ୍ତାରୋକୋ କରିବା ସହ ଆନ୍ଦୋଳନ କରିଥିଲେ। ଜିଲାପାଳ ଉଭୟ ଏମ.ଡି.ଙ୍କୁ ଦାଗିଦ କରି ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!! ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ।
2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ SMS ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା SMS କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଜୟନ୍ତୀ

**ରଘୁନାଥପୁର, ୨୩ ।୧( ଡି.ଏନ.ଏ.):** ସ୍ଥାନୀୟ ଦ୍ୱୀପାଞ୍ଚଳର ଉତ୍ତରକୂଳ ପଞ୍ଚାୟତ ମାହାଳହାଟ ମୁଗୁରିଆସ୍ଥିତ ମା’ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଆଲୋକ ବିହାରୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ରନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ କଠୋରବାଦୀ ଚିନ୍ତଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ମହାପାତ୍ର ତାଙ୍କ ବକ୍ତବ୍ୟରେ ନେତାଜୀ ଛାତ୍ର ଜୀବନରୁ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗଦର୍ଶନରେ ଅନୁପ୍ରାଣୀତ ହୋଇ ଦେଶ ସ୍ୱାଧୀନ ପ୍ରତି ମନ ବଳାଇଥିଲେ ବୋଲି ପ୍ରକାଶ କରିଥିଲେ। ନେତାଜୀ ଥିଲେ ଜଣେ ବାସ୍ତବବାଦୀ ଚିନ୍ତାଧାରାର ବ୍ୟକ୍ତି। ସର୍ବଦା ନିଜର ଅଧିକାରକୁ ନତମସ୍ତକ ଅପେକ୍ଷା ବଳପୂର୍ବକ ସାବ୍ୟସ୍ତ କରିବାକୁ ବଧ ପରିକର ଥିବା ପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତ ଗୁରୁମାଗୁରୁଜୀ ନିଜ ବକ୍ତବ୍ୟରେ ନେତାଜୀଙ୍କ ସମ୍ପର୍କରେ କହିଥିଲେ। ନେତାଜୀ ଜୟନ୍ତୀ ରଘୁନାଥପୁର ବ୍ଲକ ଅଞ୍ଚଳର ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ପାଳିତ ହୋଇଯାଇଛି।

■ ଦିନ ୩ଟାରେ ଘନ କୁହୁଡ଼ି

# ସମୁଦ୍ରରେ ଫସିଲେ ଏକାଧିକ ମାଛଧରା ଟ୍ରଲର, ଡଙ୍ଗା

**ପାରାଦୀପ,୨୩।୧(ସ୍ୱ.ପ୍ର.)**

ସମ୍ପ୍ରତି ରାଜ୍ୟରେ ଘନକୁହୁଡ଼ି ଲାଗିରହିଛି। ବୁଧବାର ଏହା ଉପକୂଳ ଅଞ୍ଚଳରେ ଅଧିକ ମାତ୍ରାରେ ଦେଖିବାକୁ ମିଳିଛି। ପାରାଦୀପ ସମେତ ଆଖପାଖ ଅଞ୍ଚଳରେ ମାତ୍ର ୪ ଘଣ୍ଟା ଖରା ଥିଲା। ସକାଳ କୁହୁଡ଼ି ହଟିବା ବେଳକୁ ଦିନ ୧୧ଟା ହୋଇ ଯାଇଥିଲା। ପୁଣି ଅପରାହ୍ନ ୩ଟାବେଳକୁ ଚାରିଆଡ଼େ କୁହୁଡ଼ି ମାଡ଼ି ଯାଇଥିଲା। ଏହାର ପ୍ରଭାବରେ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ବନ୍ଦରରେ ପଣ୍ୟ କାରବାର ଠପ୍ ହୋଇଥିଲା। ଏପରି କି ସମୁଦ୍ରକୁ ଯାଇଥିବା ଏକାଧିକ ମାଛଧରା ଟ୍ରଲର/ଡଙ୍ଗା ଫେରି ପାରି ନ ଥିଲେ। ବିଶେଷକରି ୨ଟି ନୋଳିଆଡଙ୍ଗା ଜଟାଧାରନଦୀ ମୁହାଣଠାରୁ ମାତ୍ର ୫୦୦ ମିଟର ଦୂରରେ ଅଟକି ରହିଥିଲେ। ସେମାନେ ସକାଳେ ଯାଇ ସନ୍ଧ୍ୟାରେ ଫେରିବାକଥା। ଡଙ୍ଗା ନ ଆସିବାରୁ ସେଥିରେ ଥିବା ୧୪ ମତ୍ସ୍ୟଜୀବୀଙ୍କ ପରିବାର ଲୋକେ ଅସ୍ତବ୍ୟସ୍ତ ହୋଇ ପଡ଼ିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ କୋଷ୍ଟ ଗାର୍ଡ ଓ ମେରାଇନ ପୋଲିସର ସହାୟତା ନିଆଯାଇଛି। ଖବର ଲେଖାହେବାବେଳକୁ କୋଷ୍ଟ ଗାର୍ଡ ୨ ଡଙ୍ଗାକୁ ଜିପିଏସ୍ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ସହାୟତାରେ ଠାବ କରିଥିଲା। ଲଙ୍ଗର ପକାଇ କୁହୁଡ଼ି ଛାଡ଼ିବା ପର୍ଯ୍ୟନ୍ତ ରହିବାକୁ ସେମାନଙ୍କୁ କୁହାଯାଇଛି। କୁହୁଡ଼ି ସମ୍ପର୍କରେ ପାରାଦୀପ ରାଡାର ଷ୍ଟେଶନର ସପନ କୁମାର ଦାସ କୁହିଛନ୍ତି, ଏହା ପାରାଦୀପରେ ସର୍ବୋଚ୍ଚ ରେକର୍ଡ ରହିଛି। ଏହାର ପ୍ରଭାବ ଆସନ୍ତା ୨୫ ପର୍ଯ୍ୟନ୍ତ ରହିବ।



ପାରାଦୀପ ସହରରେ କୁହୁଡ଼ି ଯୋଗୁ ରାସ୍ତା ଅନ୍ଧକାର ହୋଇଯାଇଛି।

■ସକାଳ କୁହୁଡ଼ି ୧୧ଟାରେ ହଟିଥିଲା
■୪ ଘଣ୍ଟା ଦେଖାଯାଇଥିଲା ଖରା
■୧୪ ମତ୍ସ୍ୟଜୀବୀଙ୍କ ପରିବାର ଅସ୍ତବ୍ୟସ୍ତ

# ୧୨ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



ପୋଲିସ ଗିରଫ କରିଥିବା ଅଭିଯୁକ୍ତ।

**ପାରାଦୀପ,୨୩।୧(ସ୍ୱ.ପ୍ର.)**

ପାରାଦୀପ ମଡେଲ ଥାନା ପୋଲିସ ବୁଧବାର ଏକ କାରରେ ଯାଉଥିବା ୧୨ କିଲୋ ଗଞ୍ଜେଇ ସହ କାରକୁ ଜବତ କରିଛି। ଏହାସହିତ କାର୍‌ରେ ଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଳିଆପଲ ଗ୍ରାମର ବୈକୁଣ୍ଠ ଲେଙ୍କା (୪୭)। ଏନେଇ ୧୧/୧୯ରେ ଏକ ମାମଲା ହୋଇଛି। ମଙ୍ଗଳବାର ରାତିରେ କାର ନଂ(ଓଆର-୦୨-୦୬୧୮)ଇତସ୍ତତଃ ଭାବେ ଅଠରବାଙ୍କୀ ଟର୍ମିନାଲ ଛକରେ ଏପଟ ସେପଟ ହେଉଥିଲା। ଏହା ଦେଖି ପୋଲିସ ପାଟ୍ରୋଲିଂ ଭ୍ୟାନ୍ କାରକୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ ଦ୍ରୁତଗତିରେ ନେହେରୁବଙ୍ଗଳା ରାସ୍ତା ଆଡକୁ ପଳାଇଥିଲା। ପୋଲିସ ପିଛା କରି କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଏକ ମାଛପେଟି ଭଳି ପ୍ୟାକେଟରେ ୧୨ କେଜି ଗଞ୍ଜେଇ ମିଳିଥିଲା। ଫଳରେ ପୋଲିସ କାର୍ ସହ ଗଞ୍ଜେଇ, ୨ଟି ମୋବାଇଲ, ୧୪ ହଜାର ୨୫୦ ଟଙ୍କା ଜବତ କରିଥିବା ଥାନା ଅଧିକାରୀ ରଜନୀକାନ୍ତ ସାମଲ ସୂଚନା ଦେଇଛନ୍ତି।

# ତାଲିମପ୍ରାପ୍ତ ଯୁବତୀଙ୍କୁ କର୍ମ ସଂସ୍ଥାନ



କର୍ମସଂସ୍ଥାନ ପାଇଥିବା ଯୁବତୀଙ୍କ ସହ ଅତିଥି।

**ରଘୁନାଥପୁର ୨୩।୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଗୋକୁଳପୁରସ୍ଥିତ ଷ୍ଟେଟ୍ ଆଇଟିସି ପରିସରରେ ଉପାସନା ଟ୍ରଷ୍ଟ ପକ୍ଷରୁ ଡିଡିୟୁଜିକେୱାଇ (ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା) ଜରିଆରେ ତାଲିମ ପ୍ରାପ୍ତ ଯୁବତୀଙ୍କୁ ଟେଲରିଂ ମେଶିନ୍ ଅପରେଟର ଭାବେ ନିଯୁକ୍ତି ପ୍ରଦାନ କରିଛି। ଫେବୃୟାରୀ ୧ରେ ଯୁବତୀମାନେ ବାଙ୍ଗାଲୋର ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି। ଉପାସନା ଟ୍ରଷ୍ଟ ପକ୍ଷରୁ ତାଲିମପ୍ରାପ୍ତ ଯୁବତୀଙ୍କୁ ମାଗଣାରେ ଖାଇବା ରହିବା ସହ ୩ ମାସ ୨୨ ଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିସହ ଏକ୍ସପର୍ଟ ଡିଜାଇନରମାନେ ଆସି କଟିଂ ଓ ଷ୍ଟିଚିଂ ସମ୍ପର୍କରେ ଅଧିକ ତାଲିମ ମଧ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଦାୟକାଳୀନ ସଭାରେ ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ଉପାସନା ପକ୍ଷରୁ ଶୁଭାଶିଷ ମିତ୍ର, ସୌମେନ୍ଦ୍ର ସେନାପତି, ମନୋଜ କୁମାର ମହାନ୍ତି, ଚିତ୍ତରଞ୍ଜନ ଦାସ ଓ ମନୋଜ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କର୍ମସଂସ୍ଥାନ ପାଇଥିବା ଯୁବତୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସମସ୍ତ ୩୦ଜଣ ତାଲିମପ୍ରାପ୍ତ ଯୁବତୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ର ପରିଚାଳିକା ଅନିଭା ମହାନ୍ତି, ସୌଭାଗିନୀ ସାହୁ ଓ ମୋନାଲିସା ନାୟକଙ୍କ ପରିଚାଳନାରେ ଯୁବତୀମାନଙ୍କ ପକ୍ଷରୁ ନୃତ୍ୟଗୀତର ଆୟୋଜନ ହୋଇଥିଲା। ଏହାଛଡ଼ା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବାସୁଦେବ ବାରିକ, ରଶ୍ମି ପରିଡ଼ା, ରାଜକିଶୋର ସେଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ ସଂସ୍ଥା ପକ୍ଷରୁ କ୍ରମାନ୍ୱୟରେ ୧୦ଟି ବ୍ୟାଚ୍‌ର ଛାତ୍ରୀମାନଙ୍କୁ ତାଲିମ୍ ପ୍ରଦାନ କରି କର୍ମସଂସ୍ଥାନ ଯୋଗାଇ ଦିଆଯାଇଥିବା ଉପଲକ୍ଷେ ଉପସ୍ଥିତ ଅଭିଭାବକମାନଙ୍କ ପକ୍ଷରୁ ପ୍ରଶଂସା କରାଯାଇଥିଲା।

# ନେତାଜୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

**ପାରାଦୀପ,୨୩।୧(ସ୍ୱ.ପ୍ର.)**

ସ୍ଥାନୀୟ ବଡ଼ପଡ଼ିଆସ୍ଥ ବସ୍‌ଷ୍ଟାଣ୍ଡ ଛକରେ ଥିବା ନେତାଜୀଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ପାଖରେ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଛି। ନେତାଜୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶିକ୍ଷାବିତ୍ ବାବୁରାମ ଚୌଧୁରୀ, ନୀଳମଣି ମହାନ୍ତି ପ୍ରମୁଖ ଯୋଗଦେଇ ନେତାଜୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟର ସମ୍ପାଦକ ପବିତ୍ର ମୋହନ ମିଶ୍ର ବସ୍‌ଷ୍ଟାଣ୍ଡ ଛକରେ ଥିବା ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଦେଇଥିଲେ। ଦୋଳଗୋବିନ୍ଦ ଦାଶ ଏଥିରେ ସଭାପତିତ୍ୱ କରିଲେ। ଶୁଶିଲ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ପାରାଦୀପ ଉପକଣ୍ଠ ନୂଆଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ବାବୁରାମ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୫୦ ଛାତ୍ରୀଛାତ୍ର ଭାଗ ନେଇ ଦୁଇ ବୀରପୁରୁଷଙ୍କ ଜୀବନୀ ଉପରେ କହିଥିଲେ। ପ୍ରସନ୍ନଜିତ୍ ସାହୁ, ନିଳୀମା ପ୍ରିୟଦର୍ଶିନୀ ସାହୁ, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

■ ଅନିଲ ମେମୋରିଆଲ ଗୋଲ୍‌ଡେନ୍ କପ୍ କ୍ରିକେଟ

# ଫାଇନାଲରେ ମା’ ମଙ୍ଗଳା କ୍ଲବ



ଶ୍ରେଷ୍ଠ ଖେଳାଳି ଓ ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ,୨୩।୧**

ସ୍ଥାନୀୟ ପୁନଙ୍ଗସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଅନିଲ ମେମୋରିଆଲ ଗୋଲଡେନ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ୧ମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ବାଟ ମଙ୍ଗଳା କ୍ରିକେଟ୍ କ୍ଲବକୁ ହରାଇ କଟକର ମା’ ମଙ୍ଗଳା କ୍ରିକେଟ୍ କ୍ଲବ ଫାଇନାଲରେ ପ୍ରବେଶ କରିଛି। ମା’ ମଙ୍ଗଳା କ୍ରିକେଟ୍ କ୍ଲବ ଟସ୍ ଜିତି ବାଟ ମଙ୍ଗଳା କ୍ରିକେଟ୍ କ୍ଲବକୁ ବ୍ୟାଟିଂ ପାଇଁ ନମନ୍ତ୍ରଣ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ଏହି କ୍ଲବ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ପତି ୨୯, ବିଶ୍ୱରଞ୍ଜନ ବିହାରୀ ୨୮ ଓ ବିକ୍ରମ ଜଗଦେବ ଅପରାଜିତ ୨୫ ରନ୍ କରିଥିଲେ। ମା’ ମଙ୍ଗଳା କ୍ରିକେଟ୍ କ୍ଲବ ତରଫରୁ ପ୍ରଶାନ୍ତ ସେନାପତି ୩ଟି, ତପେନ୍ଦ୍ର ସିଂ ୨ ଓ ଶୁବନ୍ଦନ ବାରିକ ୨ଟି ଉଇକେଟ୍ ହାସଲ କରିଥିଲେ। ୧୫୧ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ମା’ ମଙ୍ଗଳା କ୍ଲବ ୭ ଉଇକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ସନ୍ତୋଷ ରାଉତ ୩୦, ରଞ୍ଜନ ରାଉତରାୟ ୨୮ ଓ ଅଭିମନ୍ୟୁ କାଳିଆ ଅପରାଜିତ ୧୫ ରନ୍ କରିଥିଲେ। ବାଟ ମଙ୍ଗଳା କ୍ରିକେଟ୍ କ୍ଲବର ବାଦଲ ଭୋଳ ୩, ଅଭିଲାଷ ବିଶ୍ୱାଳ ୨, ବିକ୍ରମ ଜଗଦେବରାୟ ୨ଟି ୱିକେଟ୍ ନେଇଥିଲେ। ମା’ ମଙ୍ଗଳା କ୍ରିକେଟ୍ କ୍ଲବର ସନ୍ତୋଷ ରାଉତଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଟୁର୍ନାମେଣ୍ଟର ଅତିଥିଭାବେ ବସନ୍ତ ବାରିକ, ଜ୍ୟୋତିଷ କାନୁନ୍‌ଗୋ ଓ ଅମିୟ ରଞ୍ଜନ ସିହ୍ନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଶ୍ରେଷ୍ଠ ଖେଳାଳି ଓ ବିଜୟୀ ଦଳକୁଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚ୍‌କୁ ରମାକାନ୍ତ ଚୌଧୁରୀ ଓ ଅଶୋକ ଦାସ ପରିଚାଳନା କରିଥିଲେ। ଜଗନ୍ନାଥ ବିଶୋଇ, ସ୍ୱଦେଶ କୁମାର, ଆକାଶ ବାନାର୍ଜୀ, କରନ ଖାଁ, ଅଭିଜିତ ମହାନ୍ତି ପ୍ରମୁଖ ମ୍ୟାଚ୍‌ରେ ସହଯୋଗ କରିଥିଲେ।


## ଏସ୍.ଇ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ପିଆର୍‌ଓକେ-ସିସିଟିଭି ୧୧ଏସ୍‌ଟିଏନ୍-ପିଏଚ୍‌୨-କେଏଏନ୍, ତାରିଖ ୨୦।୦୧।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ (ପ୍ରୋଜେକ୍ଟ)/ଡିଆଣ୍ଡଡି, ଦକ୍ଷିଣ ପୂର୍ବ ରେଳପଥ/ଗାର୍ଡେନ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ୧୧ଟି ଷ୍ଟେଶନ ଯଥା ଖଡ଼ଗପୁର, ମିଦ୍‌ନାପୁର, ଆଦ୍ରା, ପୁରୁଲିଆ, ବୋକାରୋ, ରାଞ୍ଚି, ମୁରି, ଟାଟା, ଚକ୍ରଧରପୁର, ରାଉରକେଲା ଏବଂ ଝାରସୁଗୁଡ଼ା (ଦ୍ୱିତୀୟ ପର୍ଯ୍ୟାୟ) ରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ସିସିଟିଭି) ର ପରିବର୍ଦ୍ଧନ ପାଇଁ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ଯାହା ମଧ୍ୟରେ ଦକ୍ଷିଣ ପୂର୍ବ ରେଳପଥରେ ଏକବର୍ଷ ଅବଧିର ୱାରେଣ୍ଟି ସହିତ ପ୍ରଶିକ୍ଷଣ ଅନ୍ତର୍ଭୁକ୍ତ। **ଆନୁମାନିକ ମୂଲ୍ୟ:** ୧,୮୩,୯୧,୦୫୪.୦୮। ଅମାନତ ରାଶି: ୨,୪୨,୦୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ୫,୦୦୦/-। **ସମାପ୍ତି ଅବଧି:** ୯୦ ଦିନ। **ଟେଣ୍ଡର ସମାପ୍ତିର ତାରିଖ:** ୧୧।୦୨।୨୦୧୯, ୧୫.୦୦ ଘଟିକାରେ। ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ **www.ireps.gov.in** ରେ ମଧ ଉପଲବ୍ଧ। (PR-1046)

## ପୂର୍ବ ତଟ ରେଳପଥ
## ଇଂଜିନିୟରିଂ କାର୍ଯ୍ୟ

ଫାଇଲ ନଂ.DRM/Engg./KUR/18-19/E-Tender/18, ତା.18.01.2019ରିଖ

(1)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CENT-KUR-330-18, ତା.15.01.2019ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଢେଙ୍କାନାଳ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ରେଲ୍ ଏବଂ ସ୍ଲିପରଗୁଡ଼ିକର ଜାକୁଆଲ ନବୀକରଣ ଦ୍ୱାରା ଟ୍ରାକ୍ ର ଉନ୍ନୟନ, ଶୈଲୋ ସ୍କ୍ରିନିଙ୍ଗ, ଟ୍ରାକ୍ ଉପରକୁ ଉଠାଇବା, ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଟାମ୍ପିଙ୍ଗ କାର୍ଯ୍ୟ, ଲେଭେଲ କ୍ରସିଙ୍ଗଗୁଡ଼ିକର ପରୀକ୍ଷା ଏବଂ ମରାମତି (Overhouling), ବାଲାଷ୍ଟକୁ ବାକ୍ସରେ ଭରିବା (Boxing) ଏବଂ ଅନ୍ୟ ନିରାପତ୍ତା ସମ୍ପର୍କିତ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 200.01 ଲକ୍ଷ, EMD (ଟଙ୍କାରେ): 2,50,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି: 12 (ବାର) ମାସ।

(2)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CEN-KUR-334-18, ତା.15.01.2019ରିଖ

**ବିବରଣୀ:** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ)/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ରେଢଙ୍ଗ (ପ୍ଲାଟଫର୍ମ ନଂ.1), ପଟିଆ (ପ୍ଲାଟଫର୍ମ ନଂ.1), ବାରଙ୍ଗ (ପ୍ଲାଟଫର୍ମ ନଂ.1 ଏବଂ ପ୍ଲାଟଫର୍ମ ନଂ. 2 ଏବଂ 3) ତଥା ନରାଜ ମାର୍ଥପୁର (ପ୍ଲାଟଫର୍ମ ନଂ. 2 ଏବଂ 3) ଠାରେ ପ୍ଲାଟଫର୍ମଗୁଡ଼ିକୁ ଲୋ ଲେଭେଲ ( Low level) ରୁ ହାଇ ଲେଭେଲ (High level)କୁ ଉଠାଇବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 270.53 ଲକ୍ଷ, EMD (ଟଙ୍କାରେ): 2,85,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି: 08 (ଆଠ) ମାସ।

(3)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CEN-KUR-335-18, ତା.15.01.2019ରିଖ

**ବିବରଣୀ:** ସହାୟକ ମଣ୍ଡଳ ଯନ୍ତ୍ରୀ, ଢେଙ୍କାନାଳ ପରିସୀମା ଅଧୀନରେ କଲୋନୀ ଏବଂ ଷ୍ଟେସନ ସଡ଼କଗୁଡ଼ିକର ପ୍ରସ୍ତାବିତ ମରାମତି ଏବଂ ପରିକ୍ଷେତ୍ର(Circulating Area) ର ଉନ୍ନୟନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 269.08 ଲକ୍ଷ, EMD (ଟଙ୍କାରେ): 2,84,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି: 08 (ଆଠ) ମାସ।

(4)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-336-18, ତା.15.01.2019ରିଖ

**ବିବରଣୀ:** 34,000 ଘନ ମିଟର କଠିନ ପଥରକୁ 50mm ଆକାରର ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା ଭାଙ୍ଗି ଶଗଡ଼ପଟା ଡିପୋ ଠାରେ ଯୋଗାଣ ଏବଂ ତାହାକୁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯେକୌଣସି ପ୍ରକାର ରେଳବାଇ ୱାଗନଗୁଡ଼ିକରେ ଲୋଡ଼ିଙ୍ଗ କରିବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 388.96 ଲକ୍ଷ, EMD (ଟଙ୍କାରେ): 3,44,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି: 08 (ଆଠ) ମାସ।

(5)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CENT-KUR-337-18, ତା.17.01.2019ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପରିସୀମା ଅଧୀନରେ ଥ୍ରୁ ରେଲ ନବୀକରଣ, ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନା କାର୍ଯ୍ୟ ସମ୍ପାଦନ ଏବଂ BCM କାର୍ଯ୍ୟ ସହିତ ଅନ୍ୟ ବିବିଧ କାର୍ଯ୍ୟ, ସୁଇଚ୍ ଏବଂ କ୍ରସିଙ୍ଗଗୁଡ଼ିକର ନବୀକରଣ ତଥା ସୁଇଚ୍ ଏକ୍ସପାନ୍‌ସନ୍ ଜଏଣ୍ଟଗୁଡ଼ିକର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 261.27 ଲକ୍ଷ, EMD (ଟଙ୍କାରେ): 2,80,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି: 15 (ପନ୍ଦର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.13.02.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ଖୋର୍ଦ୍ଧା ରୋଡ଼
PR-434/J/18-19

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭

## ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ ୨୦୦୨ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନଲିଖିତ ଋଣଗ୍ରହୀତା: **ଶ୍ରୀ ପ୍ରଭାତ କୁମାର ପାତ୍ର, ପିତା - ଶ୍ରୀ ଲିଙ୍ଗରାଜ ପାତ୍ର** ଙ୍କୁ ଏହି ନୋଟିସ୍ ମାଧମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା / ଜାମିନ୍‌ଦାରଙ୍କୁ ସେମାନଙ୍କ ଶେଷ ଜ୍ଞାତ ଠିକଣାରେ ରେଜଷ୍ଟ୍ରି ଡାକ ସହିତ ଏ.ଡି. ଡାକ ଯୋଗେ ନୋଟିସ୍ ଜାରି କରାଯାଇଥିଲା। ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧମରେ ଋଣଗ୍ରହୀତା/ଜାମିନ୍‌ଦାର ମାନଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା/ ଆକାଉଣ୍ଟ ନଂ | ସମ୍ପତ୍ତିର ବିବରଣୀ /ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଭାତ କୁମାର ପାତ୍ର,** ପିତା - ଶ୍ରୀ ଲିଙ୍ଗରାଜ ପାତ୍ର, ସା.: ମାହିତମା, କୋରଡା, ନୟାଗଡ, ଜିଲ୍ଲା.: ନୟାଗଡ, ପିନ୍.: ୭୫୨୦୫୩ / **ଜାମିନ୍‌ଦାର.: ଶ୍ରୀମତୀ ରଶ୍ମିତା ପାତ୍ର, ସ୍ୱାମୀ.: ଶ୍ରୀ ପ୍ରଭାତ କୁମାର ପାତ୍ର,** ଉଭୟଙ୍କ ଠିକଣା.: ଏଲ୍‌ଆଇସି କଲୋନୀ, ୱାର୍ଡ ନଂ- ୧୩, ନୟାଗଡ। **ଆକାଉଣ୍ଟ ନଂ.: ୩୨୧୭୮୦୩୪୪୬୨(ସି.ସି),** | **ଶ୍ରୀମତୀ ରଶ୍ମିତା ପାତ୍ର,** ସ୍ୱାମୀ.: ଶ୍ରୀ ପ୍ରଭାତ କୁମାର ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା.: ନୟାଗଡ, ତହସିଲି.: ନୟାଗଡ, ଜିଲ୍ଲା.: ନୟାଗଡ, ଓଡିଶା, ଖାତା ନଂ.: ୧୨୧୯/୧୯୭୨, ପ୍ଲଟ୍ ନଂ.: ୨୨୬୧/୪୭୭୬, କ୍ଷେତ୍ର.: ଏକର ୦.୧୦ ଡିସିମିଲି, କିସମ.: ଘରବାରି | ୧୮.୦୧.୨୦୧୯ | ୨୭.୦୯.୨୦୧୮ | ୧୭.୦୧.୨୦୧୯ ସୁଦ୍ଧା ଟ.୧୭,୦୪,୬୫୮/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍ ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ ର ଉପଧାରା (୪) ଅନୁସାରେ **୬୦ ଦିନ** ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଅବଗତ କରାଇ ଦିଆଯାଉଛି କି ବ୍ୟାଙ୍କର ଲିଖିତ ସହମତି ବିନା ଉପରୋକ୍ତ ସମ୍ପତ୍ତିକୁ କୌଣସି ପ୍ରକାର ବିକ୍ରୟ, ଲିଜ୍ ମାଧମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ଅନ୍ୟ କୌଣସି ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁସାରେ ବ୍ୟାଙ୍କର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାରକୁ ପ୍ରତିହତ କରୁନାହିଁ।

ତାରିଖ : ୨୩.୦୧.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## Food Corporation of India, Regional Office, Bhubaneswar

Cont. 15 (356)/2018/Umeri-MKGR Date : 23.01.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular **(i)** H&TC at FSD, Dunguripali and RH, Dunguripali **(ii)** H&TC at FSD, Kesinga and RH, Kesinga **(iii)** RTC from FSD, Umeri/RH, Jeypore/UKP Siding, Jeypore to SWC, Malkangiri and vice-versa and **(iv)** Handling Contract at FSD, Angul for a period of two years. The tender documents containing detailed terms and conditions can be obtained from **https://eprocure.gov.in / eprocure/app** or FCI website : **www.fci.gov.in.**

GENERAL MANAGER (ODISHA)

## GOVERNMENT OF ODISHA No.: 1165-A
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER
## SUNDARGARH IRRIGATION DIVISION, SUNDARGARH

E-mail ID: irreesng@yahoo.in

**‘e’ Procurement for Civil Works**

**Bid-Identification No. SID-21/2018-19 (Online) Dt.19.1.2019**
**No.: 293** **Dt.19.01.19**

| | | | |
|---|---|---|---|
| 1. | No. of Works | : | Three (03 Nos.) |
| 2. | Estimated Cost | : | Rs.10.84 Lakh to Rs.12.48 Lakh |
| 3. | Period of Completion | : | Two (02) Calendar Months |
| 4. | Date & Time of availability | : | Dt.25.01.2019 at 10.00 A.M. to Dt.04.02.2019 upto 5.00 P.M. |
| 5. | Last date/time for receipt of bids in the portal | : | Dt.04.02.2019 upto 5.00 P.M. |
| 6. | Date and time of opening of tender | : | Dt.07.02.2019 at 11.00 A.M. |

Further details can be seen from the State Govt. Portal: **www.tendersodisha.gov.in**.
Any Addendum/Corrigendum/Cancellation of tender can also be seen in the said website.

Sd./- Executive Engineer
Sundargarh Irrigation Division,
Sundargarh

32134/11/0018/1819

## କାରଣ ଦର୍ଶାଅ ନୋଟିସ

ନଂ. ୧୩୦୦୬୨୫୫୮ କନଷ୍ଟେବଳ/ଜିଡି, ଘାସି ରାମ ମାହାଲି, ପିତା– ସ୍ୱର୍ଗତ ଶ୍ରୀ ସୀତାରାମ ମାହାଲି, ଗ୍ରାମ– ଯଶୀପୁର, ପୋଷ୍ଟ– ସୁଦ୍ରା ଯଶୀପୁର, ଜିଲ୍ଲା– ମୟୁରଭଞ୍ଜ, ଓଡ଼ିଶା ୭୫୭୦୫୪ଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସେ ତା୦୯।୦୮।୨୦୧୮ରିଖ (ପୂର୍ବାହ୍ନ)ଠାରୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ସୂଚିତ ନ କରି ଅନୁପସ୍ଥିତ ରହିଛନ୍ତି। କମାଣ୍ଡାଣ୍ଟ, ୧୭ ବାଟାଲିୟନ୍ ଆଇଟିବିପି ପଞ୍ଜୀକୃତ ମେମୋ ନଂ.–୭୪୮୭ ତାରିଖ ୧୪।୦୮।୨୦୧୮ ଏବଂ ୭୯୮୪ ତାରିଖ ୩୦।୦୮।୨୦୧୮ ମାଧ୍ୟମରେ ତାଙ୍କୁ କର୍ତ୍ତବ୍ୟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା କିନ୍ତୁ ସେ ଏପର୍ଯ୍ୟନ୍ତ ହାଜର ହୋଇନାହାନ୍ତି।
୨. ବ୍ୟକ୍ତିଙ୍କ ଦୀର୍ଘ ଅନୁପସ୍ଥିତିର ତଦନ୍ତ କରିବା ପାଇଁ, ଆଇଟିବିପିଏଫ୍ ଅଧିନିୟମ ୧୯୯୨ର ଧାରା –୭୪ ଅନୁଯାୟୀ କମାଣ୍ଡାଣ୍ଟ ୧୭ ବାଟାଲିୟନ୍‌ଙ୍କ ନିର୍ଦ୍ଦେଶ ସଂଖ୍ୟା–୯୮୦୪ ତାରିଖ ୦୯।୧୧।୨୦୧୮ ଏବଂ ୧୦୩୬୨ ତାରିଖ ୧୦।୧୨।୨୦୧୮ ମାଧ୍ୟମରେ ଏକ ତଦନ୍ତ ଅଦାଲତ ଗଠନ କରାଯାଇଥିଲା। ସିଓଆଇର ସୁପାରିସକୁ ଆଧାର କରି ଆଇଟିବିପିଏଫ୍ ଅଧିନିୟମ, ୧୯୯୨ର ଧାରା–୭୪ (୨) ଅନୁଯାୟୀ ଏହି କାର୍ଯ୍ୟାଳୟର ନିର୍ଦ୍ଦେଶ ସଂଖ୍ୟା–୧୦୫୧୯ ତାରିଖ ୧୯।୧୨।୨୦୧୮ ମାଧ୍ୟମରେ କନଷ୍ଟେବଳ (ଜିଡି) ଘାସି ରାମ ମାହାଲିଙ୍କୁ **ପଳାତକ** ଘୋଷଣା କରାଯାଇଛି ଏବଂ ପଳାୟନ ନିର୍ଦ୍ଦେଶର ଏକ ପ୍ରତିଲିପି ତାଙ୍କର ବାସ ଠିକଣାରେ ମଧ ପଞ୍ଜୀକୃତ ଡାକ ଯୋଗେ ପଠାଯାଇଥିଲା।
୩. ନଂ.– ୧୩୦୦୬୨୫୫୮, କନଷ୍ଟେବଳ/ଜିଡି, ଘାସିରାମ ମାହାଲି, ପିତା– ଶ୍ରୀ ସୀତାରାମ ମାହାଲିଙ୍କୁ ଏତଦ୍ୱାରା ଖବରକାଗଜରେ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ୧୭ ବାଟାଲିୟନ୍ ଆଇଟିବିପି, ଲେହ (ଜମ୍ମୁ ଓ କଶ୍ମୀର)ଠାରେ ହାଜର ହେବା କିମ୍ବା ନିଜ ସପକ୍ଷରେ ଦଲିଲ୍ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ଅନ୍ୟଥା, ଏହା ଧରିନିଆଯିବ ଯେ ଏ ବିଷୟରେ ତାଙ୍କୁ କିଛି କହିବାର ନାହିଁ ଏବଂ ତତ୍‌ପଶ୍ଚାତ୍ ଆଇଟିବିପିଏଫ୍ ଅଧିନିୟମ ୧୯୯୨ ଅନୁଯାୟୀ ଏକତରଫା ନିର୍ଦ୍ଦେଶ ଜାରି କରାଯିବ ଯାହା ବଳରେ ତାଙ୍କୁ ସେବାରୁ ବରଖାସ୍ତ କରାଯାଇପାରିବ।

ସ୍ୱା./– ଏଚ୍.ଓ.ଓ.
୧୭ ବିଏନ୍ ଆଇଟିବି ପୋଲିସ ବଳ

davp 19112/11/0408/1819

## OFFICE OF THE NOTIFIED AREA COUNCIL, DHAMNAGAR

PIN: 756117 (Odisha), Tel. No.: 06786-236056
E-mail: dhamnagar.nac@gmail.com

No.: 101 Date: 22.01.2019

**“e” Procurement Notice**

**Bid Identification No.- DNR 07/2018-19**

Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of the work | : | Civil Const. works as mentioned in DTCN. |
| 2. | No. of works | : | 2 Nos. |
| 3. | Estiamted Cost | : | As per DTCN |
| 4. | Period of completion | : | 2 Calendar Months |
| 5. | Date and Time of Bidding | : | 24.01.2019 (10.00 A.M.) |
| 6. | Last date and time for receipt of bids in the portal | : | 02.02.2019 upto 5.00 P.M. |
| 7. | Submission of Original Document | : | 06.02.2019 within 5.00 P.M. |
| 8. | Bids received online shall be opened on | : | 08.02.2019 at 11.00 A.M. onwards |
| 9. | Name and Address of the Officer inviting Bid | : | Executive Officer, Dhamnagar NAC |

Further details can be seen from the procurement portal i.e. **www.tendersorissa.gov.in**.

Sd./- Executive Officer
Dhamnagar NAC

## OFFICE OF THE PARADEEP DEVELOPMENT AUTHORITY, PARADEEP 2ND FLOOR OF THE PARADEEP MUNICIPALITY OFFICE, PARADEEP

No.: 40(2)/PDAP Dt.21.01.19

**ADVERTISEMENT**

The Paradeep Development Authority, Paradeep invites application in plain paper from the intending general public for allotment of an open space of 120 (One hundred twenty) Sq.ft. over Plot No. 613 & 615, Khata No. 592 & 594 for construction of one shop room at Gopabandhu Market Complex of Paradeep Development Authority (PDA) just in front of Tahasil Office, Kujanga in their own cost by depositing security amount of Rs.1.00 lakh (Rupees one lakh) only. Those who have been allotted with plot/or shop from P.D.A. or/Paradeep-Jagatsinghpur Regional Improvement Trust are not eligible to apply. The detail terms and conditions in this regard can be seen from office website of Paradeep Development Authority i.e. **www.pdaparadeep.in**. The applications should reach to the office of the Paradeep Development Authority, Nuabazar, Paradeep, Dist.- Jagatsinghpur on or before 31.01.2019 by Registered Post/Speed Post only addressed to the undersigned and the same will be opened on 01.02.2019 at 4.30 P.M. The applications received thereafter shall be summarily rejected. The authority reserves the right to reject any or all the applications without assigning any reason thereof.

Sd./- Secretary
Paradeep Development Authority,
Paradeep

See Career Appointment on every Wednesday & Saturday

# ୫୦୦ କୁମ୍ଭକାର ପରିବାର ଦୁର୍ଦ୍ଦିନରେ

## ■ ସରକାରୀ ପ୍ରୋତ୍ସାହନ, ଭିତ୍ତିଭୂମିର ଅଭାବ

**ମାର୍ଶାଘାଇ,୨୩।୧(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ପ୍ରାୟ ୫୦୦ କୁମ୍ଭକାର ପରିବାର ଏବେ ସଙ୍କଟରେ। ବିଭିନ୍ନ କାରଣରୁ ସେମାନେ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ପରିବାର ପ୍ରତିପୋଷଣ କରିବା ସମ୍ଭବପର ନୁହେଁ । ତେଣୁ କୌଳିକ ବୃତ୍ତି ଛାଡି ଏହି ସଂପ୍ରଦାୟର ଯୁବପୀଢି ରୋଜଗାର ପାଇଁ ଅନ୍ୟ ଉପାୟ ଖୋଜିବାରେ ଲାଗି ପଡିଛନ୍ତି । କେହି କେହି ମାଟି ମୂର୍ତ୍ତି ନିର୍ମାଣ କରିବା ନିଜର ଜୀବିକା ଭାବେ ବାଛି ନେଇଥିବା ବେଳେ ଅନ୍ୟ କେହି ଚିତ୍ରକଳା ପ୍ରତି ଆଗ୍ରହ ଦେଖାଇଛନ୍ତି। ଆଉ କେହି ଯୁବକ ଦାଦନ ଖଟିବାକୁ ଗୁଜୁରାଟ,ବାଙ୍ଗାଲୋର ଭଳି ସହରକୁ ଯିବାକୁ ବାଧ ହେଉଛନ୍ତି।

ମାର୍ଶାଘାଇ ବ୍ଲକ ଅଧୀନ ୧୫ଟି ଗ୍ରାମର ପ୍ରାୟ ୫୦୦ କୁମ୍ଭକାର ପରିବାର ସରକାରୀ ପ୍ରୋତ୍ସାହନ ଏବଂ ଭିତ୍ତିଭୂମିର ଅଭାବ ଯୋଗୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ସେମାନଙ୍କୁ ମାଟିପାତ୍ର ଯଥା ହାଣ୍ଡି, ମାଠିଆ, କଳସୀ, କୁଣ୍ଡ, ପଲମ, ଧୂପଦାନୀ,ଦୀପ ଆଦି ତିଆରି କରିବାକୁ ବହୁ ବାଧାବିଘ୍ନ ଦେଇ ଗତି କରିବାକୁ ପଡୁଛି। ଯଦ୍ୱାରା ଆମ ଦେଶର ପରମ୍ପରା ଓ ସଂସ୍କୃତି ସମ୍ବଳିତ କାର୍ଯ୍ୟ କରିବାରେ ବାଧା ସୃଷ୍ଟି ହେଉଛି। ମଣିଷ ଜନ୍ମ ହେବା ପରେ ଷଠି ଘର ଠାରୁ ଆରମ୍ଭ କରି ମୃତ୍ୟୁ ପରର ଶୁଦ୍ଧିକ୍ରିୟା ଏବଂ ଶ୍ରାଦ୍ଧ ପିଣ୍ଡ ପାଇଁ ଆବଶ୍ୟକ ପଡିଥାଏ ଏହି ମାଟି ପାତ୍ର। ଏକୋଇଶିଆ ପାଇଁ ସତ୍ୟନାରାୟଣ ପୂଜାର କଳସୀ ଠାରୁ ଆରମ୍ଭ କରି ବିବାହ ସମୟରେ ଆଠ କଳସ,ସାତ ଦୀପ, ମାଟି ହାଣ୍ଡି, ନୂଆ ଚୁଲି ତିଆରି ପାଇଁ ମାଟି ପାତ୍ର ଆବଶ୍ୟକ ପଡିଥାଏ । ସେହିପରି ନୂତନ ଗୃହ ନିର୍ମାଣ ଏବଂ ପ୍ରତିଷ୍ଠା ବେଳର ପୂଜା ପାଇଁ ମାଟି ପାତ୍ରର ପୂଜା ସାମଗ୍ରୀ ଦରକାର ପଡେ । ବଡ ଠାକୁର ଜଗନ୍ନାଥଙ୍କ ପାଇଁ ଷାଠିଏ ପଉଟି ଭୋଗ ,ଅବଢା ଭୋଗ ପାଇଁ ଲୋଡା ପଡିଥାଏ ମାଟିପାତ୍ର। ମଣିଷର ମୃତ୍ୟୁ ପରେ ବ୍ୟକ୍ତିର ଆତ୍ମାର ଶାନ୍ତି ପାଇଁ କରାଯାଉଥିବା ଶୁଦ୍ଧିକ୍ରିୟା ଲାଗି ମାଟି ପାତ୍ର ଅତ୍ୟନ୍ତ ଆବଶ୍ୟକ । ହେଲେ ଏଥିପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲ ଯଥା ଚିକିଟା ମାଟି, ଜାଳେଣି କାଠର ଅଭାବ ସାଙ୍ଗକୁ ବିକ୍ରି ପାଇଁ ସ୍ୱତନ୍ତ୍ର ମାର୍କେଟ ନ ଥିବାରୁ ଏହି ମାଟିପାତ୍ର ନିର୍ମାଣ କରୁଥିବା ପରିବାର ସେମାନଙ୍କ ପରିଶ୍ରମର ଉଚିତ୍ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ମାର୍ଶାଘାଇ, ପରକୁଳା, ପିକରାଳୀ, ଗରଜଙ୍ଗା(ବିଲସାହି), ନରସିଂହପୁର, ରଙ୍ଗାଳ, ମାହାରାକୁଳ, ପକ୍ଷୋଟ, ଅରଖିଆ, ବରେଇ, ଚକରପୁର, ବଟିରା ପ୍ରଭୃତି ଗ୍ରାମରେ ଥିବା କୁମ୍ଭକାର ପରିବାରଗୁଡିକ ନିଜ କୌଳିକ ବୃତ୍ତି ମାଟିପାତ୍ର ନିର୍ମାଣ କରିବାକୁ ଛାଡିବାକୁ ବସିଲେଣି। ଏତେ ସବୁ ସଙ୍କଟ ସତ୍ତ୍ୱେ କୁମ୍ଭକାର ପରିବାର ପବିତ୍ର କୁରାଳ ପଞ୍ଚମୀ ତିଥିରେ ନିଜ ଇଷ୍ଟ ଦେବ ଲକ୍ଷ୍ମୀନାରାୟଣ ଓ ହରପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତି ଗ୍ରାମରେ ପୂଜା କରିଥାନ୍ତି। ଘରେ ଘରେ ମାଟି ପାତ୍ର ନିର୍ମାଣର ସରଞ୍ଜାମ ଚକ, ପିଣ୍ଡ, ପିଟଣା, ଭାଟି, ମୁଠା ଦଉଡି ଆଦିକୁ ୫ଦିନ ପୂଜା କରିଥାନ୍ତି । ମୂର୍ତ୍ତି ବିସର୍ଜନ ପରେ ସରଞ୍ଜାମକୁ ପୂଜାରୁ ଉଠାଇ ନୂତନ ବର୍ଷ ପାଇଁ ମାଟିପାତ୍ର ନିର୍ମାଣ ଏବଂ ବିକ୍ରିର ଅନୁକୂଳ କରିବାକୁ ଭୁଲନ୍ତି ନାହିଁ।


କୁମ୍ଭକାରମାନେ ବ୍ୟବହାର କରୁଥିବା ଚକ।

**ସେମାନେ ଯାହା କୁହନ୍ତି**

■ମାର୍ଶାଘାଇ କୁମ୍ଭାର ସାହିର ପରମାନନ୍ଦ ବେହେରା (୭୧) କୁହନ୍ତି, ଆଜିକାଲି ମାଟି ବଦଳରେ ବିଭିନ୍ନ ଧାତୁ ପଦାର୍ଥର ଯୁଗ ଆସିଲାଣି । ତେଣୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବେ ଲୋକେ ଆଉ ମାଟି ପାତ୍ର ବ୍ୟବହାର କରୁନାହାନ୍ତି,ତେଣୁ ମାଟି ପାତ୍ର ନିର୍ମାଣ କରି ଜୀବନ ଜୀବିକା ନିର୍ବାହ କରିବା ଦୁର୍ବିସହ ହେଲାଣି।

■୭୦ ବର୍ଷୀୟ ବାବାଜୀ ବେହେରା କୁହନ୍ତି ,ମୁଁ ମାଟି ହାଣ୍ଡି ଗଢି ପରିବାର ପୋଷିଛି,ହେଲେ ଏବେ ଏହି କାମ କରି ପେଟ ପୋଷିବା ସମ୍ଭବ ନୁହେଁ । ତେଣୁ ଉତ୍ତର ପୀଢି ଏହି କୌଳିକ ବୃତ୍ତିକୁ ଛାଡି ଅନ୍ୟ ଉପାୟ ଖୋଜୁଛନ୍ତି। କେହି ମାଟି ମୂର୍ତ୍ତି ଗଢି କିମ୍ବା ଚିତ୍ର କରି ଗ୍ରାମରେ ରହି ଦି ପଇସା ରୋଜଗାର କରିବାକୁ ଚେଷ୍ଟା କରୁଛନ୍ତି।

## କୁହୁଡ଼ି ଯୋଗୁ ରାସ୍ତା ତଳକୁ ଖସିଲା ବସ

### ୫୦ ଯାତ୍ରୀ ବର୍ତ୍ତିଲେ



**ରାଜନଗର, ୨୩।୧(ଡିଏନଏ):** ରାଜନଗର ବ୍ଲକର ସାନବଡଗୋପାଳପୁର ନିକଟରେ ବୁଧବାର ରାଜନଗରରୁ ପୁରୀ ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ (ଦ୍ୱିବେଦୀ ଟ୍ରାଭେଲ୍ସ / ନଂଓଡି ୦୫ କେ ୦୯୩୯ )ବସ ପ୍ରବଳ କୁହୁଡି ଯୋଗୁ ରାସ୍ତା ତଳକୁ ଖସିପଡିଛି। ସକାଳ ୫ଟା୪୫ରେ ଏକ ଟ୍ରକକୁ ସାଇଡ୍ ଦେବାକୁ ଯାଇ ବସଟି ରାସ୍ତା ତଳକୁ ଖସି ପଡିଥିଲା। ବସର ଆଗ ତଳକୁ ଖସି ଯାଇଥିବା ବେଳେ ପଛ ଟେକି ହୋଇ ରହିଥିଲା। ଯାତ୍ରୀମାନଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ବସରେ ୫୦ ଜଣ ଯାତ୍ରୀ ଥିଲେ। ବସରେ ଥିବା ମଙ୍ଗରାଜପୁର ଗାଁର ପୂଜା ରାଉତ (୨୧) ଆହତ ହୋଇଛନ୍ତି । ପୂଜାଙ୍କୁ ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ରାସ୍ତାକଡ଼ରେ ଶିଶୁର ମୃତଦେହ

**ମାର୍ଶାଘାଇ,୨୩।୧( ଡିଏନଏ):** ବୁଧବାର ସକାଳେ ମାର୍ଶାଘାଇ ବଜାର ସଂଲଗ୍ନ ଗାଁ ମାର୍ଶାଘାଇକୁ ଯାଇଥିବା ହଦୁଆ ରାସ୍ତା କଡରେ ଏକ ଅପରିପକ୍ୱ ଶିଶୁର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଅପରିପକ୍ୱ ହୋଇଥିଲେ ବି ଶିଶୁଟି ଏକ ପୁତ୍ର ସନ୍ତାନ ବୋଲି ଲିଙ୍ଗରୁ ଚିହ୍ନି ହୋଇ ପାରୁଥିଲା। ତେବେ ଏହି ମୃତଦେହ କେମିତି ରାସ୍ତା କଡରେ ପଡିଲା ଓ କିଏ ପକାଇଲା ତାହା ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାରା ରାଜ୍ୟରେ କୁମାରୀ ମାତୃତ୍ୱ ନେଇ ଖବର ଲୋକଲୋଚନକୁ ଆସୁଥିବା ବେଳେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିଦ୍ୟୁତ୍ ତାର ଲାଗି ନଡ଼ା ବୋଝେଇ ଟ୍ରାକ୍ଟର ଜଳିଗଲା

**ମହାକାଳପଡ଼ା, ୨୩।୧ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ବାରଡ଼ାଙ୍ଗ ପଞ୍ଚାୟତ ଅଧୀନ ନନ୍ତାର ଗ୍ରାମରେ ଏକ ନଡ଼ା ବୋଝେଇ ଟ୍ରାକ୍ଟରରେ ବିଦ୍ୟୁତ୍ ତାର ଲାଗିଯାଇ ନଡ଼ାରେ ନିଆଁ ଲାଗିଯାଇଥିଲା। ମାତ୍ର ଟ୍ରାକ୍ଟର ଡ୍ରାଇଭର ଟିଟୁ ଜେନା ଉପସ୍ଥିତ ବୁଦ୍ଧି ଖଟାଇ ଟ୍ରାକ୍ଟରକୁ ସ୍ଥାନୀୟ ଏକ ଜଳାଶୟ ଭିତରକୁ ପୂରାଇ ଦେଇଥିଲେ। ଫଳରେ କେବଳ ନଡ଼ା ଜଳି ଯାଇଥିବା ବେଳେ ଟ୍ରାକ୍ଟରର କିଛି କ୍ଷତି ହୋଇ ନଥିବା ଜଣାପଡିଛି। ଏଥିରେ ଟିଟୁ ସାମାନ୍ୟ ଆହତ ହୋଇଛନ୍ତି।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ପିଏଲ୍ଭି ଚୟନ ପାଇଁ ସାକ୍ଷାତ୍କାର

**ପଟ୍ଟାମୁଣ୍ଡାଇ,୨୩।୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପାରା ଲିଗାଲ ଭଲ୍ୟୁଣ୍ଟିୟର (ପିଏଲଭି) ଚୟନ ପାଇଁ ଇତିମଧ୍ୟରେ ସାକ୍ଷାତକାର ପରୀକ୍ଷା ହୋଇଯାଇଛି । ଏଥିରେ ବିଭିନ୍ନ ଅଞ୍ଚଳର ମୋଟ ୭୨ଜଣ ପିଏଲଭି ହେବା ପାଇଁ ଆବେଦନ କରିଥିଲେ । କେନ୍ଦ୍ରାପଡାର ଜିଲା ଆଇନ ସେବା କର୍ତ୍ତୃପକ୍ଷ ତଥା ଅଧକ୍ଷ ବାସୁଦେବ ପଣ୍ଡା, ସମ୍ପାଦକ ରାଜକୁମାର ଦାସ, ପଟ୍ଟାମୁଣ୍ଡାଇ କୋର୍ଟ ସିନିୟର ଡିଭିଜନ ସିଭିଲ୍ ଜଜ୍ ହରପ୍ରସାଦ ପାଢୀ, ଜେଏମଏଫସି ଜ୍ୟୋତିର୍ମୟୀ ଦାସ ପ୍ରମୁଖ ପିଏଲଭି ଆବେଦନକାରୀଙ୍କ ସାକ୍ଷାତକାର ନେଇଥିଲେ । ୭୨ଜଣ ଆବେଦନକାରୀଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ, ପ୍ରଧାନଶିକ୍ଷକ, ପୂର୍ବତନ କଲେଜ ଅଧକ୍ଷ ପ୍ରମୁଖ ଜନସାଧାରଣଙ୍କ ସେବା ନିମନ୍ତେ ସାକ୍ଷାତକାରରେ ଭାଗ ନେଇଥିଲେ। ଆଇନ ସେବା ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଏହା ଏକ ପ୍ରମୁଖ ମାଧମ ବୋଲି ଜଣାପଡିଛି । ଏହି ପିଏଲଭି ସାକ୍ଷାତକାରରେ କେନ୍ଦ୍ରାପଡା ଅଞ୍ଚଳର କେତେଜଣ ବ୍ୟକ୍ତି ଭାଗ ନେଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । କୋର୍ଟ ଓ ଆଇନ ସେବା କମିଟିର କର୍ମଚାରୀମାନେ ଏହି ସାକ୍ଷାତକାରରେ ସହଯୋଗ କରିଥିଲେ ।

## ସାନଜରିଆରେ ଅଗ୍ନିକାଣ୍ଡ: ୬ ବଖରା ଜଳିଗଲା

**ପଟ୍ଟାମୁଣ୍ଡାଇ, ୨୩।୧ (ସ୍ୱ.ପ୍ର)**

ମଙ୍ଗଳବାର ରାତିରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ଗ୍ରାମର ପରମାନନ୍ଦ ବେହେରା ଓ ଗୋଲେଖ ବେହେରାଙ୍କ ୬ ବଖରା ଚାଳଘର ପୋଡିଯାଇଛି । କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି।

ପ୍ରକାଶ ଯେ, ରାତି ସାଢେ ୧୧ଟା ବେଳେ ହଠାତ୍ ପରମାନନ୍ଦଙ୍କ ଘରେ ନିଆଁ ଲାଗି ଯାଇଥିଲା । ପରମାନନ୍ଦ ବିଦେଶରେ ରହୁଥିବା ବେଳେ ତାଙ୍କ ସ୍ତ୍ରୀ ୨ପୁଅଙ୍କୁ ଧରି ଗାଁରେ ରହୁଛନ୍ତି । ନିଆଁ ଲାଗିବା ଦେଖି ସଂପୃକ୍ତ ପରିବାର ଲୋକେ ବାହାରକୁ ଦୌଡି ପଳାଇ ଆସିଥିଲେ । ଗ୍ରାମବାସୀ ନିଆଁକୁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ହେଁ ନିଆଁ ପଡୋଶୀ ଗୋଲେଖଙ୍କ ଘରେ ଲାଗି ଯାଇଥିଲା । ଫଳରେ ପରମାନନ୍ଦଙ୍କ ୪ ବଖରା ଓ ଗୋଲେଖଙ୍କ ୨ବଖରା ସହ ଘରେ ଥିବା ସମସ୍ତ ଆସବାବପତ୍ର, ଧାନ ଚାଉଳ ଓ ମୂଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ଖବର ପାଇ ପଟ୍ଟାମୁଣ୍ଡାଇ ଦମକଳବାହିନୀ ଘନ କୁହୁଡି ଯୋଗୁ ଅଗ୍ନିକାଣ୍ଡ ସ୍ଥଳରେ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସାନଜରିଆ ସର୍କଲ ଆରଆଇ ଅଗ୍ନିକାଣ୍ଡର କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି । ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଅଗ୍ନି ବିପନ୍ନ ପରିବାର ଶୀତ କାକରରେ ଖୋଲା ଆକାଶ ତଳେ ପଡି ରହିଥିବା ବେଳେ ସେମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ନାଏବ ସରପଞ୍ଚ ସୁରେନ୍ଦ୍ର ପରିଡା ଓ ଗ୍ରାମବାସୀ ଦାବି କରିଛନ୍ତି ।

## ଦ୍ୱିପ୍ରହରରେ ମାଡ଼ି ଆସୁଛି କୁହୁଡ଼ି

**ମହାକାଳପଡ଼ା, ୨୩।୧ (ଡି.ଏନ୍.ଏ.)**

ସାରା ରାଜ୍ୟ ଘନ କୁହୁଡ଼ି ଆଚ୍ଛାଦିତ ହେଉଥିବା ବେଳେ ଉପକୂଳ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ବି କୁହୁଡ଼ି ମାଡ଼ି ଆସୁଛି। ବୁଧବାର ଅପରାହ୍ନ ୨ଟା ବେଳେ ମହାକାଳପଡ଼ା ବ୍ଲକ ଅଞ୍ଚଳ ସମ୍ପୂର୍ଣ୍ଣ କହୁଡ଼ିରେ ଆଚ୍ଛାଦିତ ହୋଇଯାଇଥିଲା। ଫଳରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହେବା ସହ ସାଧାରଣ ଜୀବନ ଯାପନ ବ୍ୟାହତ ହୋଇଥିଲା। ତେବେ ଅବେଳରେ କୁହୁଡ଼ି ମାଡି ଆସିଲେ ଏହାକୁ ଅଣକୁହୁଡ଼ା କୁହାଯାଏ। ଯାହାକି ସେହି ଅଞ୍ଚଳ ପ୍ରତି ବିପଦ ଥିବା ସୂଚାଏ ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ କହିଛନ୍ତି।

## ଦୁର୍ଘଟଣା: ଜଣେ ମୃତ

**ଡେରାବିଶ, ୨୩।୧ (ସ୍ୱ.ପ୍ର.)**

ଡେରାବିଶ ଥାନା ଅଧୀନ ୫ ନଂ. (କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳ ୨ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ଜଣକ ହେଲେ ପଟ୍ଟାମୁଣ୍ଡାଇ ଥାନା ଗୋବିନ୍ଦପୁର ଗ୍ରାମର ଶୁକଦେବ ନାୟକଙ୍କ ପୁଅ ସଞ୍ଜୟ(୩୨) ଓ ଗୁରୁତରମାନେ ହେଲେ ସେହି ଗ୍ରାମର ନାରାୟଣ ଲେଙ୍କାଙ୍କ ପୁଅ ସଞ୍ଜିତ(୩୪) ଏବଂ ବାଲିସାହି ଗ୍ରାମର ହୃଷୀକେଶ ଦାସଙ୍କ ପୁଅ ନରୋତ୍ତମ (୩୫)। ମଧ୍ୟାହ୍ନରେ ସଞ୍ଜୟ, ସଞ୍ଜିତ ଓ ନରୋତ୍ତମ ଚଣ୍ଡିଖୋଲରୁ ଏକ ବାଇକ (ଓଆର-୧୯-ଏଲ-୧୪୪୯)ଯୋଗେ ପଟ୍ଟାମୁଣ୍ଡାଇ ଫେରୁଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ କାର (ଓଡି-୦୨-ସି-୬୯୮୭) ତାଙ୍କ ବାଇକକୁ ଧକ୍କା ଦେଇଥିଲା। ପୂର୍ବରୁ ସେହି ସ୍ଥାନରେ ଠିଆ ହୋଇଥିବା ଏକ ହାଇୱା ଟ୍ରକ (ଓଡି-୦୪-ଏ-୬୩୭୪) ପଛପଟେ ବାଇକଟି ପିଟି ହୋଇଥିଲା। ଘଟଣା ସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଡେରାବିଶ ଥାନା ଅଧିକାରୀ ସୁଧୀର କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ୩ଟି ଗାଡ଼ିକୁ ଜବତ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଏ ନେଇ ୬/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।


ଦୁର୍ଘଟଣାଗ୍ରସ୍ତ କାର୍।

## ପଞ୍ଚାୟତସ୍ତରୀୟ ଶିଶୁମେଳା

**ମାର୍ଶାଘାଇ, ୨୩।୧(ଡିଏନଏ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ପଞ୍ଚାୟତସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଦୁର୍ଗାବତୀ ପ୍ରଧାନଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ଏଥିରେ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମାଗୁଣି ଚରଣ ମହାନ୍ତି, ଭ୍ରମରବର ବିଶ୍ୱାଳ, ସମିତି ସଭ୍ୟ ଅଜୟ ରାଉତ, ଓଡିଶା ହସ୍ତତନ୍ତ ବୟନ ଶିଳ୍ପ ପ୍ରାକ୍ତନ ନିର୍ଦ୍ଦେଶକ ପ୍ରାଣକୃଷ୍ଣ ବେହେର, ସାମାଜିକ କର୍ମୀ ମାଧବାନନ୍ଦ ପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ପ୍ରାଥମିକ,ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ହୃଦାନନ୍ଦ ରାଉତ,ଦିବାକର ନାୟକ,ଶିକ୍ଷକ ସୁବାସ ଚନ୍ଦ୍ର ପାଣି,ଦେବେନ୍ଦ୍ରନାଥ ଦାସ,ଓଷ୍ଟାର ସଂପାଦକ ଭଗବାନ ସାହୁ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ସୀତାଲତା ପରିଡା, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ, କୁହୁଡି ପଞ୍ଚାୟତ ସରପଞ୍ଚ ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁ, ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ରେବତୀକାନ୍ତ ମହାନ୍ତି ଉତ୍ସବ ପରିଚାଳନା କରିଥଲେ । ସିଆରସିସି ମହେଶ ସାମଲ ଧନ୍ୟବାଦ ଦେଇଥିଲେ।


ଶିଶୁ ମେଳାରେ ଅତିଥିମାନେ।

## ନେତାଜୀ କ୍ଲବ ପକ୍ଷରୁ ମିନି ମାରାଥନ

**ରାଜକନିକା, ୨୩।୧ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ତରାସ୍ଥିତ ସାମାଜିକ ଅନୁଷ୍ଠାନ ନେତାଜୀ କ୍ଲବ ପକ୍ଷରୁ ଗୁରୁବାର ନେତାଜୀ ଜୟନ୍ତୀ ଅବସରରେ ବୁଧବାର ଏକ ମିନି ମାରାଥନ ଅନିଷ୍ଠିତ ହୋଇଥିଲା। ରାଜକନିକାର ଜୟନଗର ଘାଟଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ରାଜକନିକା ଥାନା ଏଏସଆଇ ରମେଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ପଟ୍ଟାମୁଣ୍ଡାଇର ନଳିନୀ ରାଇସ ମିଲ ପ୍ରୟୋଜନରେ ଅନୁଷ୍ଠିତ ଏହି ମିନି ମାରାଥନ୍‌କୁ କ୍ଲବର ସଭାପତି ଦେବଜ୍ୟୋତି ଜେନା, ସମ୍ପାଦକ ଶୁଭ୍ରଜିତ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ବିଶ୍ୱପ୍ରକାଶ ନାୟକ, ସୁଜିତ ଜେନା, ଉମାକାନ୍ତ ବିଶ୍ୱାଳ, ଦେବପ୍ରକାଶ ନାୟକ, ଆକାଶ ବିଶ୍ୱାଳ, ବିବେକାନନ୍ଦ ମଲିକ, ସୁବର୍ଣ୍ଣ କେଶରୀ ଦଳାଇ, ଧନେଶ୍ୱର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ମାରାଥନରେ କଟକର କାଳନ୍ଦୀ ସାମଲ ପ୍ରଥମ, ଖୋର୍ଦ୍ଧାର ରୋଶନ ମିଞ୍ଜ ଦ୍ୱିତୀୟ, ଖୋର୍ଦ୍ଧାର ତ୍ରିନାଥ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବୟସ୍କ ମାରାଥନ ଭାବେ କ୍ରୀଡ଼ାଶିକ୍ଷକ ଅରୁଣ କୁମାର ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ମିନିମାରାଥନ ପରେ ରାଜକନିକା ବ୍ଲକ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ସାବିତ୍ରୀ ଦାସ ଯୋଗଦେଇଥିଲେ। କିଟ୍‌ର ପ୍ରଫେସର ସତ୍ୟନାରାୟଣ ଜେନା ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ବାସୁଦେବ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାରାଥନ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆଜିର ମାରାଥନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୋଟ ୧୮୩ ଜଣ ଭାଗ ନେଇଥିବା ବେଳେ ସମସ୍ତଙ୍କୁ ଜର୍ସି ପ୍ରଦାନ କରାଯାଇଥିଲା। ଶେଷରେ ନଳିନୀ ରାଇସମିଲ୍‌ର ଏମ୍‌ଡି ଦୀପକ ପ୍ରତାପ ଜେନାଙ୍କୁ କ୍ଲବ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।


ମାରାଥନରେ ଅଂଶଗ୍ରହଣ କରିଥିବା କ୍ଲବର ସଦସ୍ୟମାନେ।

## ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନରେ ବାଧା ଦେଲା ପୋଲିସ

କେନ୍ଦ୍ରାପଡ଼ା ଅଫିସ୍, ୨୩।୧

କେନ୍ଦ୍ରାପଡ଼ା ଟାଉନ୍ ହାଇସ୍କୁଲ ପଡ଼ିଆଠାରେ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନକୁ ବିରୋଧ କରାଯିବା ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା, ଯାହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଜିଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ପକ୍ଷରୁ ସଭାସ୍ଥଳରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ସମୟରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ବେଳେ ପୋଲିସ ପକ୍ଷରୁ ବାଧା ଦିଆଯାଇଥିବା ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି।

### ଆଜି ୧୨ ଘଣ୍ଟିଆ କେନ୍ଦ୍ରାପଡ଼ା ବନ୍ଦ

ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନକୁ ସଂଖ୍ୟା ଲଘୁ ସେଲ୍ ପକ୍ଷରୁ ବିରୋଧ କରାଯିବା ଓ ପୋଲିସ ମଧ୍ୟ ଏଥିରେ ସହଯୋଗ କରିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ସକାଳ ୬ଟାରୁ ୧୨ ଘଣ୍ଟିଆ କେନ୍ଦ୍ରାପଡ଼ା ଜିଲା ବନ୍ଦ ଡାକରା ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେବା ନିମନ୍ତେ ସୁରକ୍ଷା ସମିତି ପକ୍ଷରୁ ଏକ ମୋଟରସାଇକେଲ ଶୋଭାଯାତ୍ରା କରାଯାଇ ଦୋକାନ ବଜାର ବନ୍ଦ କରାଯାଉଥିବା ବେଳେ ପୁରୁଣା ବସ୍ ଷ୍ଟାଣ୍ଡଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏଥିସହ କେତେଜଣ ଦୋକାନୀ ମଧ୍ୟ ଦୋକାନ ବନ୍ଦକୁ ବିରୋଧ କରିଥିଲେ। ଏ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପକ୍ଷରୁ ବଜାର ବନ୍ଦ କରାଯାଇଥିଲା।

### ସହରସ୍ଥିତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନକୁ ବିରୋଧ କରାଯିବା ନେଇ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ଆୟତ୍ତ କରିବାକୁ କେନ୍ଦ୍ରାପଡ଼ା ସହରରେ କର୍ଫ୍ୟୁ ଜାରି କରାଯାଇଛି। ତେବେ ୧୪୪ ଧାରା ଜାରି ରହିବା ପର୍ଯ୍ୟନ୍ତ ସହରସ୍ଥିତ ସମସ୍ତ ସ୍କୁଲ, କଲେଜ ବନ୍ଦ ରହିବ ବୋଲି ଜିଲାପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି।

## ପରକଣାରେ ପୁଷ୍ୟା ଲକ୍ଷ୍ମୀପୂଜା


ଯାଜ୍ଞେଶ୍ୱରୀ ପୀଠରେ ପୂଜା ପାଉଥିବା ମା' ପୁଷ୍ୟାଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତୀ।

**ପାଟକୁରା, ୨୩।୧ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେତାରୀ ପଞ୍ଚାୟତ ପରକଣା ଗ୍ରାମରେ ପାରମ୍ପରିକ ପୁଷ୍ୟା ଲକ୍ଷ୍ମୀପୂଜା ପୁଷ୍ୟ ପୁର୍ଣ୍ଣିମାଠାରୁ ଆରମ୍ଭ ହୋଇଛି। ଗ୍ରାମର ଯାଜ୍ଞେଶ୍ୱରୀ ପୀଠରେ ମା' ପୁଷ୍ୟା ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ୭ଦିନ ବ୍ୟାପୀ ଏହି ପୂଜା ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ରବିବାର ପୂର୍ଣ୍ଣାହୁତି କରାଯିବ। ଏହି ଉପଲକ୍ଷେ ଗ୍ରାମର ପ୍ରତ୍ୟେକ ପରିବାରଙ୍କ ଘର ଆଗରେ କଳସୀ ସ୍ଥାପନା କରିବା ସହ ଗ୍ରାମରେ ଆମିଷ ଭକ୍ଷଣ ନିଷେଧ କରାଯାଇଥାଏ। ଗ୍ରାମବାସୀଙ୍କ ସହଯୋଗରେ ପ୍ରାୟ ଶହେ ବର୍ଷ ଧରି ଏହା ଅନୁଷ୍ଠିତ ହେଉଥିବା ଗ୍ରାମର ମୁରବିମାନେ ପ୍ରକାଶ କରିଛନ୍ତି। ମଣ୍ଡପରେ ଗୋ-ପୂଜା, ସୂର୍ଯ୍ୟ ପୂଜା ଆଦି ଚାଲି ଥିବାବେଳେ ଗୁରୁବାର ମା'ଙ୍କର ମହାପୂଜା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଗ୍ରାମରେ ସୋମବାରଠାରୁ ଯାତ୍ରା ପରିବେଷଣ କରାଯାଉଛି। ଗ୍ରାମର କୈଳାସ ଚନ୍ଦ୍ର ମିଶ୍ର, ଭବାନୀ ପ୍ରସାଦ ପଣ୍ଡା, ବସନ୍ତ କୁମାର ବେହେରା, ଗୌରାଙ୍ଗ ଚରଣ ନାୟକ, ସୁଧାକର ଦାସ, ନୃସିଂହ ଚରଣ ମିଶ୍ର, ଅଭୟ କୁମାର ସେନାପତି, ଦେବଦତ୍ତ ସେଠୀ, ପ୍ରଦୀପ କୁମାର ବେହେରା ଓ ନାରାୟଣ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

## ମା' ବିମଳାଇ କ୍ରିକେଟ: ଗୁଲୁଦିଆ ରାମେଶ୍ୱର ଚାମ୍ପିୟନ

**ରାଜନଗର,୨୩।୧**

ରାଜନଗର ବ୍ଲକ ତନ୍ତିପାଖରୀଠାରେ ଚାଲିଥିବା ମା' ବିମଳାଇ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାଜନଗର ଷ୍ଟାରଟିଚ କମ୍ପ୍ୟୁଟର କ୍ରିକେଟ ଟିମ ଓ ଗୁଲୁଦିଆ ରାମେଶ୍ୱର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମେଶ୍ୱର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଗୁଲୁଦିଆ ୬ ଉଇକେଟ ହରାଇ ୧୨୮ ରନ କରିଥିଲା। ୧୨୯ରନର ବିଜୟ ଲକ୍ଷ ନେଇ ପଡିଆକୁ ଓହ୍ଲାଇଥିବା ଷ୍ଟାରଟିଚ ୧୨୬ ରନ କରି ଅଲଆଉଟ ହୋଇଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟଅତିଥି ରୂପେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆୟୋଜକ କ୍ଲବର ନରେଶ ବିଶ୍ୱାଳ, କିଶୋର ବିଶ୍ୱାଳ, ବାପିନା ରାଉତ, ସରୋଜ ସ୍ୱାଇଁ, ରାଜେଶ ବିଶ୍ୱାଳ, ବିଚିତ୍ର ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ଶ୍ରୀକାନ୍ତ ବିଶ୍ୱାଳ, ମନୋଜ ସ୍ୱାଇଁ, ପ୍ରଶାନ୍ତ ଶର୍ମା ଓ ଜୟୀରାମ ଶର୍ମା ପ୍ରମୁଖ ପରିଚାଳନା କରିଥିଲେ।

### ■ ମଞ୍ଜୁଶ୍ରୀ ଦେବୀ ସ୍ମୃତି କ୍ରିକେଟ

## ସିଂହପୁରକୁ ହରାଇ ସେମିରେ ଇନ୍ଦୁପୁର

**ରାଜନଗର,୨୩।୧**

ରାଜନଗର ବ୍ଲକ ସନ୍ଥପଡା ପଡିଆରେ ଚାଲିଥିବା ମଂଜୁଶ୍ରୀ ଦେବୀ ସ୍ମୃତି କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟରରେ ସିଂହପୁରର ଶ୍ରାବଣୀ ଇଲେଭେନ ଷ୍ଟାରକୁ ୩୦ରନରେ ହରାଇ ଇନ୍ଦୁପୁରର ଏସସିସି କ୍ରିକେଟ ଟିମ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଇନ୍ଦୁପୁର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରିଥିଲା। ଦଳର ଅଖିଳ ସୂତାର ୩୯ରନ, ଅମିୟ ଦାସ ୨୫ ରନ କରିଥିଲେ। ସିଂହପୁରର ଜିତେନ୍ଦ୍ର ଜେନା ଓ ଆଦିତ୍ୟ ଦାସ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ୧୪୮ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ସିଂହପୁର ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ସତ୍ୟାନନ୍ଦ ସାହୁ ୪୭ ରନ କରିଥିଲେ। ଇନ୍ଦୁପୁରର ପ୍ରଦୀପ ବେହୁରା ୨୫ ରନରେ ୫ ଉଇକେଟ ନେଇଥିଲେ। ପ୍ରଦୀପ ବେହୁରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। କେନ୍ଦ୍ରାପଡା ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

14007/13/0012/1819
MSME Department Govt. of Odisha
ODISHA MSME INTERNATIONAL TRADE FAIR* 2019
28th January to 3rd February
IDCO Exhibition Ground
Unit-III, Bhubaneswar
Theme : Innovation, Entrepreneurship & Startup
10.00 am to 01.30 pm (Business & Trade Visitors Hours)
02.00 pm to 09.00 pm (General Public)
Platform for Micro, Small, Medium Entrepreneurs & Startups to Explore Business Opportunities in Odisha
*For participation, please contact respective GM, DIC
Programme
29.01.2019 Credit & Marketing Linkage to MSMEs and Exporters 10.00 AM – 02.00 PM
30.01.2019 Food Processing 10.00 AM – 02.00 PM
31.01.2019 Innovation, Entrepreneurship and Startups 10.00 AM – 02.00 PM
01.02.2019 Promoting Women Entrepreneurship 10.00 AM – 02.00 PM
Organized by
Odisha New Opportunities, MSME Department, Government of Odisha
Director of Industries, Odisha
Directorate of Export Promotion & Marketing, Corporation Odisha
Odisha Small Industries Corporation Limited
In collaboration with
Development Commissioner, MSME Department, Government of India
National Small Industries Corporation Limited
ODISHA NEW OPPORTUNITIES
Empowering the Youth through Entrepreneurship
ODISHA INDIA'S BEST KEPT SECRET
www.startupodisha.gov.in
ODISHA ONE
DSPL-367

## ସଂକ୍ଷେପରେ

### ୬ ବଖରା ଜଳିଗଲା

ତିର୍ତ୍ତୋଲ,୨୩।୧(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ କୋଷ୍ଠୀ ମଲ୍ଲିକାପୁର ପଞ୍ଚାୟତ ଅଧୀନ କିରଣ୍ଟି ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଦେବେନ୍ଦ୍ର ରାଉତ ଏବଂ ନୃସିଂହ ଚରଣ ରାଉତଙ୍କ ୬ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ନୀରିକ୍ଷକ ସୁକାନ୍ତ କୁମାର ଓଝା କ୍ଷୟକ୍ଷତି ଆକଳନ କରିଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ବିପନ୍ନ ପରିବାରକୁ ପ୍ରାଥମିକ ସହାୟତା ଭାବେ ପ୍ରଶାସନ ପକ୍ଷରୁ ଚୁଡା, ଚାଉଳ, ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ତେବେ ସମସ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

ବିରିଡି,୨୩।୧(ଡି.ଏନ.ଏ.): ବିରିଡି ବ୍ଲକ ଅନ୍ତର୍ଗତ ବତିମିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଭୁବନେଶ୍ୱର କେୟାର ହସ୍‌ପିଟାଲ କର୍ମଚାରୀମାନେ ସହାୟତା କରିଥିଲେ। ଏହାକୁ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟା ସୁବାଶିନୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରବିନାରାୟଣ ଜେନା, ସମ୍ପାଦକ ସୁଧାକର ସ୍ୱାଇଁ କୋଷାଧକ୍ଷ ସଞ୍ଜୀବ ମଲ୍ଲିକଙ୍କ ସହ ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ। ଭେଷଜ ବିଭାଗ ଡା. ଏସକେ ଭଞ୍ଜ, ହୃଦ୍‌ରୋଗ ବିଭାଗର ଡା. ତନ୍ମୟ କୁମାର ଦାସ, ଅସ୍ଥିସଲ୍ୟ ବିଭାଗ ଡା. ଏସକେ ତ୍ରିପାଠୀ, ଛାତି ଓ ଶ୍ୱାସରୋଗ ବିଭାଗର ଡା. ସଞ୍ଜିବ ମଲ୍ଲିକ ଯୋଗଦେଇ ୨ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ■ ତିରୁଣା ସମବାୟ ସମିତିରେ ଖୋଲିଲା ମଣ୍ଡି
# ତାଲିକାରେ ନାଁ ନ ଥିବା ଚାଷୀଙ୍କ ଧାରଣା

ନାଉଗାଁ,୨୩।୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ


ସମବାୟ ସମିତି ଆଗରେ ଧାରଣା ଦେଇଥିବା ଚାଷୀ।

■ଧାନ କ୍ରୟ କମିଟିକୁ ଅଭିଯୋଗ ■ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ■୧୦୪ ଚାଷୀଙ୍କ ନାଁ ନାହିଁ

ନାଉଗାଁ ବ୍ଲକ ଅଞ୍ଚଳର ଚାଷୀଙ୍କଠାରୁ ଧାନ କ୍ରୟ କରିବା ପାଇଁ ୬ ସମବାୟ ସମିତିକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଚାଷୀ ନିଜ ଅଞ୍ଚଳର ସେବା ସମବାୟ ସମିତିରେ ଧାନ ବିକ୍ରି କରିବା ବ୍ୟବସ୍ଥା ହୋଇଛି। ଯେଉଁମାନେ ସମିତିରେ ନାମ ପଞ୍ଜୀକରଣ କରିଛନ୍ତି ସେମାନେ ଧାନ ବିକ୍ରି କରିବେ ବୋଲି ନିୟମ ରହିଛି। ସେହି ଅନୁସାରେ ବ୍ଲକ ଅଧୀନ ତିରୁଣା ସମବାୟ ସମିତିରେ ୫୧୯ ଚାଷୀ ନାମ ପଞ୍ଜୀକୃତ କରିଥିଲେ। ବୁଧବାର ମଣ୍ଡି ଉଦ୍‌ଘାଟନ ହେବାସହ ଧାନ ବିକ୍ରି ଆରମ୍ଭ ହୋଇଥିଲା। ତେବେ ଏହି ସମୟରେ ସେଠାରେ ପ୍ରକାଶ ପାଇଥିବା ତାଲିକାରେ ୪୧୫ ଚାଷୀଙ୍କ ନାମ ଥିବା ଜଣାପଡ଼ିଥିଲା। ବାକି ୧୦୪ ଚାଷୀଙ୍କ ନାମ ନ ଥିଲା। ଏହାପରେ ନାମ ନ ଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସେମାନେ ୨ ଘଣ୍ଟା ଧରି ସମବାୟ ସମିତି ସମ୍ମୁଖରେ ଧାରଣା ଦେଇଥିଲେ। ହେଲେ କୌଣସି ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଶେଷରେ ଚାଷୀମାନେ ଧାନ କ୍ରୟ କମିଟକୁ ଅଭିଯୋଗ କରିଥିଲେ।

ପ୍ରକାଶଯୋଗ୍ୟ, ଏହି ମଣ୍ଡିରେ ଗତ ବର୍ଷ ନାମ ପଞ୍ଜୀକୃତ ସମୟରେ ଅଣ ଚାଷୀଙ୍କ ନାମ ଦର୍ଶାଯାଇ ଧାନ ସଂଗ୍ରହ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ସମବାୟ ସମିତିର ହିସାବ ରକ୍ଷକ ଓ ଦାୟିତ୍ୱରେ ଥିବା ସମ୍ପାଦକଙ୍କୁ ନିଲମ୍ବନ କରାଯଇଥିଲା। ଚଳିତ ବର୍ଷ ଧାନ ସଂଗ୍ରହ ଆରମ୍ଭରୁ ବିଭ୍ରାଟ ଦେଖା ଦେଖଇଥିବାରୁ ଚାଷୀ ଅସନ୍ତୋଷ ବୃଦ୍ଧି ପାଇଛି। ଚାଷୀ ଅକ୍ଷୟ ବିଶ୍ୱାଳ, ଯୁଧିଷ୍ଠିର ପରିଡା, ଅଞ୍ଜନ ବିଶ୍ୱାଳ, ଅସିତ ଲେଙ୍କା, ପୂର୍ବତନ ସଭାପତି ତଥା କ୍ରୟ କମିଟି ସଦସ୍ୟ ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଜିଲା ସହକାରୀ ସମବାୟ ସମିତି ନିବନ୍ଧକ ରଞ୍ଜନ କୁମାର ମିଶ୍ର କହିଛନ୍ତି, ଅନଲାଇନରେ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିଲା। ଯେଉଁ ଚାଷୀ ନୂତନଭାବେ ନାମ ପଞ୍ଜୀକୃତ କରିବାକୁ ଆବେଦନ କରିଥିଲେ ସେମାନଙ୍କ ନାମ ତାଲିକାରେ ନାହିଁ। ସେମାନଙ୍କ ନାମ ସଂଯୋଗ ପାଇଁ ଆମେ ଜିଲା ସିଭିଲ ଅଫିସକୁ ପଠାଇଛୁ। ଖୁବଶୀଘ୍ର ନାମ ପଞ୍ଜୀକୃତ ହେବ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀ ଜୟନ୍ତୀ

ଜଗତସିଂହପୁର ଅଫିସ, ୨୩।୧

ଜିଲା ସଦର ମହକୁମାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଟିକା ଦ୍ରବ୍ୟ ଭଣ୍ଡାର ପରିସରରେ ଜିଲା ବିଜୁ ଯୁବ ବାହିନୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲଡ ବ୍ୟାଙ୍କ ଅଧିକାରୀ ଡ. ସନ୍ତୋଷ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଜୁ ଯୁବ ବାହିନୀ ଜିଲା ଯୁବ ସଂଯୋଜକ ପ୍ରିୟଙ୍କା ରାଉତ, ପ୍ରୋଗ୍ରାମ ଅଫିସର ଭାଗ୍ୟଶ୍ରୀ କାନୁନ୍‌ଗୋଙ୍କ ସମେତ ଅନେକ ଯୁବ ସଂଯୋଜକ ଉପସ୍ଥିତ ଥିଲେ। ଶିବିରରେ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପ୍ରଗତିଶୀଳ ଜନମଞ୍ଚ ପକ୍ଷରୁ ସ୍ଥାନୀୟ ଏକ ମଣ୍ଡପରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଆଡଭୋକେଟ୍ ରଞ୍ଜିତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବୈଜ୍ଞାନିକ ତଥା ପ୍ରଫେସର ଡ. ଶଶୀକାନ୍ତ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଆଇନଜୀବୀ ଅର୍ଜୁନ ଚରଣ ସାମନ୍ତରା, କମ୍ରେଡ ବାସୁଦେବ ଓ ଶିଶୁରୋଗ ବିଶେଷଜ୍ଞ ଡ. ନରହରୀ ବେହେରା ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଜୀବନ ବୀମା କର୍ମଚାରୀ ସଂଘ ସମ୍ପାଦକ ମନୋଜ ସ୍ୱାଇଁ, ଶ୍ରମିକ ନେତା ପ୍ରଦୀପ୍ତ ରାମ, ଛାତ୍ରନେତା ପ୍ରକାଶ ଦାସ, ଶିକ୍ଷକ ନେତା ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ସୁକାନ୍ତ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କଲେଜ ଛକ ନିକଟ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଡେପୁଟି କଲେକ୍ଟର ବିବୁଧ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ପୌର ପରିଷଦ ଚିକିତ୍ସକ ଡ. ସରୋଜ କୁମାର ଷଡ଼ଙ୍ଗୀ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ୧୫ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ବାଲିକୁଦା,୨୩।୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତରେ ବୁଧବାର ଆମ ଗାଁ ଆମ ବିକାଶ ଯୋଜନାରେ ୧୫ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଏ ସବୁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ସରପଞ୍ଚ ଶରତଚନ୍ଦ୍ର ସେଠୀ, ସମିତିସଭ୍ୟ ବିକ୍ରମ ସେଠୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବ ପ୍ରସାଦ ପାତ୍ର, ମାଛଗାଁ ସରପଞ୍ଚ ପର୍ଶୁରାମ ସେଠୀ ଓ ବିଜୟ ରାଉତ ପ୍ରମୁଖ ସାମିଲ ହୋଇ ଘରଘର ବୁଲି ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକଙ୍କୁ କର୍ମୀ ବାଇକ୍ ଶୋଭାଯାତ୍ରାରେ ଗାଁ ବୁଲାଇଥିଲେ। ଶୋଭାଯାତ୍ରା ସାଲବେଲପୁର ନୃସିଂହନାଥଙ୍କପୀଠରୁ ଆରମ୍ଭହୋଇ କୂଳସାହି, ଶ୍ରୀବନ୍ତପୁର, ପୋଦରୁଆଁ, ନୂଆଗାଁ, ନଳରା, ଓଳାଷ, ସାନ ଓଷକଣା, ଚାରିଆକଣ, ଅପଣ୍ଡରା, ଗୋଲୁଧି କଳାପରିଷଦ ପ୍ରାଙ୍ଗଣରେ ପହଞ୍ଚିଥିଲା। ପରେ ସେଠାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ରାମଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ଅକ୍ଷୟ ଦାସ, କିଶୋର ସ୍ୱାଇଁ, ପ୍ରଣବ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ବଳରାମ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଏରସମା,୨୩।୧(ସ୍ୱ.ପ୍ର.)

ଦୁଇ ଦିନ ଧରି ଚାଲିଥିବା ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ଗାରଡ଼ମଲ୍ଲ ହାରାମଣୀ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ପରିଷଦସଭ୍ୟା ସ୍ୱର୍ଣ୍ଣଲତା ସେନାପତି କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲର ସ୍ଥାୟୀ ସଭାପତି ସନାତନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଦାସ, ପ୍ରଧାନଶିକ୍ଷକ ପ୍ରକାଶ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳର ଉପକାରିତା ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ ୧୧୨କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂର୍ଯ୍ୟପ୍ରକାଶ ଷଡ଼ଙ୍ଗୀ, ଅର୍ଜୁନ ଚରଣ ସ୍ୱାଇଁ, ଗଙ୍ଗାଧର ଗଚ୍ଛାୟତ, ସନ୍ଧ୍ୟାରାଣୀ ସାହୁ, ଲିଷା ନାୟକ ଓ ଲିପିନା ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

150 YEARS OF CELEBRATING THE MAHATMA
ସ୍ୱଚ୍ଛ ଧନ ଅଭିଯାନ OPERATION CLEAN MONEY
କ'ଣ ଆପଣ ଆର୍ଥିକ ବର୍ଷ ୨୦୧୭-୧୮ରେ ଉଚ୍ଚ ମୂଲ୍ୟର ନେଣଦେଣ କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ ଆଇଟିଆର୍ ଫାଇଲ୍ କରିନାହାନ୍ତି?
ଏହା ହେଉଛି ମାମଲାକୁ ଦେଖିବା ଏବଂ ଅନ୍‌ଲାଇନ୍‌ରେ ପ୍ରତ୍ୟୁତ୍ତର ଦେବାର ଏକ ସୁଯୋଗ
ଆର୍ଥିକ ବର୍ଷ ୨୦୧୭-୧୮ରେ ଉଚ୍ଚ-ମୂଲ୍ୟର ନେଣଦେଣ କରିଥିବା ଅନେକ ବ୍ୟକ୍ତି, ଯେଉଁମାନେ ସମ୍ପୃକ୍ତ ମୂଲ୍ୟାୟନ ବର୍ଷ ୨୦୧୮-୧୯ ପାଇଁ ଏପର୍ଯ୍ୟନ୍ତ ଆୟକର ରିଟର୍ନ ଫାଇଲ୍ କରିନାହାନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇସାରିଛି।
ସ୍ୱଚ୍ଛତା ତଥା ଏପରି ବ୍ୟକ୍ତିମାନଙ୍କ ଅନୁପାଳନ ମୂଲ୍ୟକୁ ହ୍ରାସ କରିବା ପାଇଁ ଅନ୍‌ଲାଇନ୍ ଯାଞ୍ଚ ତଥା ପ୍ରତ୍ୟୁତ୍ତର ସୁବିଧା ଉପଲବ୍ଧ ଅଛି।
ଦୟାକରି ନିମ୍ନ ଅନୁଯାୟୀ ନିଜର ଅନ୍‌ଲାଇନ୍ ପ୍ରତ୍ୟୁତ୍ତର ଦାଖଲ କରନ୍ତୁ:
ପଦକ୍ଷେପ ୧: ଅନୁପାଳନ ପୋର୍ଟାଲ୍‌ରେ ଲଗ୍ ଇନ୍ କରନ୍ତୁ » ଇ-ଫାଇଲିଂ ପୋର୍ଟାଲ୍‌ରେ ଲଗ୍ ଇନ୍ କରନ୍ତୁ (https://incometaxindiaefiling.gov.in) ଏବଂ ଅନୁପାଳନ ପୋର୍ଟାଲ୍‌କୁ ଯିବା ପାଇଁ "ମୋ ଆକାଉଣ୍ଟ"ରେ ଉପଲବ୍ଧ ଲିଙ୍କ୍‌ରେ 'ଅନୁପାଳନ ପୋର୍ଟାଲ୍' ଉପରେ କ୍ଲିକ୍ କରନ୍ତୁ (https://compliance.insight.gov.in)
ପଦକ୍ଷେପ ୨: ସୂଚନା ବିବରଣୀ ଦେଖନ୍ତୁ » ଅନୁପାଳନ ପୋର୍ଟାଲ୍‌ର ଇ-ଭେରିଫିକେଶନ୍ ମେନ୍ୟୁ ଅଧୀନରେ ସୂଚନା ବିବରଣୀ ଦେଖାଯାଇପାରିବ।
ପଦକ୍ଷେପ ୩: ରିଟର୍ନ ଅପ୍‌ଲୋଡ୍ କରନ୍ତୁ କିମ୍ବା ବିବରଣୀ ଦାଖଲ କରନ୍ତୁ » ଧାର୍ଯ୍ୟ ଟିକସ ପୈଠ କରିବା ପରେ ଇ-ଫାଇଲିଂ ପୋର୍ଟାଲ୍‌ରେ ରିଟର୍ନ ଅପ୍‌ଲୋଡ୍ କରନ୍ତୁ। ଯଦି ପୂର୍ବରୁ ରିଟର୍ନ ଫାଇଲ୍ କରିଦିଆଯାଇଥାଏ, ତେବେ ଅନୁପାଳନ ପୋର୍ଟାଲ୍‌ର "ଆୟକର ରିଟର୍ନର ଫାଇଲିଂ" ଅଧୀନରେ ବିବରଣୀ ଦାଖଲ କରନ୍ତୁ। ଯଦି ଆପଣ ରିଟର୍ନ ଫାଇଲ୍ କରିବା ପାଇଁ ଉତ୍ତରଦାୟୀ ହୋଇ ନ ଥାନ୍ତି, ତେବେ ଆପଣ ଅନ୍‌ଲାଇନ୍ ପ୍ରତ୍ୟୁତ୍ତର ଦାଖଲ କରିପାରିବେ। ରେକର୍ଡ ପାଇଁ ଦାଖଲ କରିଥିବା ପ୍ରତ୍ୟୁତ୍ତରର ଏକ ପ୍ରିଣ୍ଟଆଉଟ୍ ପାଖରେ ରଖନ୍ତୁ।
ଏପରି ବ୍ୟକ୍ତିମାନେ ୨୧ ଦିନ ମଧ୍ୟରେ ଆର୍ଥିକବର୍ଷ ୨୦୧୭-୧୮ ପାଇଁ ସେମାନଙ୍କର ଟିକସ ଉତ୍ତରଦାୟିତାକୁ ସୁନିଶ୍ଚିତ କରି ନିଜର ଆୟକର ରିଟର୍ନ (ଆଇଟିଆର୍) ଦାଏର କରିପାରନ୍ତି କିମ୍ବା ଅନ୍‌ଲାଇନ୍ ପ୍ରତ୍ୟୁତ୍ତର ଦାଖଲ କରିପାରନ୍ତି।
କୌଣସି ରିଟର୍ନ ଦାଏର କରା ନ ଯିବା ଏବଂ କୌଣସି ପ୍ରତ୍ୟୁତ୍ତର ପ୍ରାପ୍ତ ନ ହେବା କ୍ଷେତ୍ରରେ, ଆୟକର ଅଧିନିୟମ, ୧୯୬୧ ଅଧୀନରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।
ବ୍ୟବହାରକାରୀ ମାର୍ଗଦର୍ଶନ ଏବଂ ଏଫ୍‌ଏକ୍ୟୁ ଅନୁପାଳନ ପୋର୍ଟାଲ୍‌ର "ରିସୋର୍ସେସ୍" ମେନୁ ଅଧୀନରେ ପ୍ରଦତ୍ତ ।
► ଆୟକର କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ନାହିଁ। ପ୍ରତ୍ୟୁତ୍ତର କେବଳ ଅନ୍‌ଲାଇନ୍‌ରେ ଦିଆଯିବ
ନିଃଶୁଳ୍କ ନମ୍ବର ୧୮୦୦ ୧୦୩ ୪୨୧୫ କାର୍ଯ୍ୟଦିବସର ବ୍ୟବସାୟ ନିର୍ଘଣ୍ଟରେ (ପୂର୍ବାହ୍ନ ୯.୩୦ରୁ ସନ୍ଧ୍ୟା ୬.୦୦ ଘଟିକା) ଉପଲବ୍ଧ କିମ୍ବା ସହାୟତା/କଲ୍‌ବ୍ୟାକ୍ ପାଇବା ପାଇଁ ଅନୁପାଳନ ପୋର୍ଟାଲ୍‌ର "ସାହାଯ୍ୟ" ଆଇକନ୍ ଉପରେ କ୍ଲିକ୍ କରନ୍ତୁ।
ଜଣେ ଗର୍ବିତ ଟିକସଦାତା ହୁଅନ୍ତୁ
ପରିଦର୍ଶନ କରନ୍ତୁ: www.incometaxindia.gov.in www.cleanmoney.gov.in
@IncomeTaxIndia
ଡାଉନ୍‌ଲୋଡ୍ କରନ୍ତୁ: "ଆୟକର ସେତୁ" ଟିକସଦାତା ସେବା ମଡ୍ୟୁଲ ଏବଂ ମୋବାଇଲ ଆପ୍ଲିକେସନ୍
INCOME TAX DEPARTMENT
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
davp 15401/13/0061/1819



ଇଭିଏମ୍‌ରେ କିଛି ଦୋଷତ୍ରୁଟି ନାହିଁ। ମତଦାନ ପାଇଁ ଲୋକଙ୍କ ଅଧିକାରକୁ ଏହା ବଳ ଦେଇଛି।

-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଗୋୟଲଙ୍କୁ ଅର୍ଥ ମନ୍ତ୍ରଣାଳୟ ଦାୟିତ୍ୱ



**ନୂଆଦିଲ୍ଲୀ,୨୩।୧(ପି.ଟି.):** ରେଳମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ବୁଧବାର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବିଦେଶରେ ଚିକିତ୍ସିତ ହେଉଥିବାରୁ ତାଙ୍କ ଅନୁପସ୍ଥିତିରେ ଗୋୟଲଙ୍କୁ ଏହି ଭାର ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ କ୍ରମେ ଜେଟ୍‌ଲୀଙ୍କ ଅସୁସ୍ଥତା ସମୟରେ ସାମୟିକ ଭାବେ ତାଙ୍କ ମନ୍ତ୍ରଣାଳୟର ଦାୟିତ୍ୱ ଗୋୟଲଙ୍କୁ ଦିଆଯାଇଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ପ୍ରକାଶ। ଜେଟ୍‌ଲୀଙ୍କ ଅସ୍ତ୍ରୋପଚାର କରାଯାଇଥିବାରୁ ତାଙ୍କୁ ୨ ସପ୍ତାହ ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସେ ସୁସ୍ଥ ହୋଇ କାର୍ଯ୍ୟକୁ ଫେରିବା ଯାଏ ବିନା ମନ୍ତ୍ରଣାଳୟରେ ମନ୍ତ୍ରୀ ରହିବେ। ଏଭଳି ସ୍ଥିତିରେ ଫେବୃୟାରୀ ୧ରେ ଲୋକ ସଭାରେ ଅର୍ଥମନ୍ତ୍ରୀ ଭାବେ ଗୋୟଲ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି।

### ଦୁର୍ଘଟଣାଜନିତ କ୍ଷତିପୂରଣ ପାଇଁ ଡ୍ରାଇଭିଂ ଲାଇସେନ୍ସ ଜରୁରୀ

**ନୂଆଦିଲ୍ଲୀ,୨୩।୧(ପି.ଟି.):** ଟ୍ରକ୍ ଧକ୍କାରେ ପ୍ରାଣ ହରାଇଥିବା ଜଣେ ମୋଟରସାଇକେଲ ଚାଳକଙ୍କର ବୈଧ ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ମଞ୍ଜୁରୀ ଲାଗି ଦିଲ୍ଲୀ ହାଇକୋର୍ଟ ମନା କରିଦେଇଛନ୍ତି। ବିନା ଲାଇସେନ୍ସରେ ଉକ୍ତ ଯୁବକଙ୍କର ସର୍ବସାଧାରଣ ରାସ୍ତାରେ ବାଇକ୍ ଚଳାଇବା ଉଚିତ ନ ଥିଲା। ଏଭଳି ଗାଡ଼ିଚାଳନା ନିଶ୍ଚିତ ଭାବେ ସାଧାରଣ ଜନତାଙ୍କ ପ୍ରତି ବିପଦ ବୋଲି ଅଦାଲତ କହିଛନ୍ତି। ୨୦୧୨ ଅଗଷ୍ଟରେ ଜିୟା ଖାନ (୨୧) ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତଳକୋର୍ଟ କ୍ଷତିପୂରଣ ଆବେଦନ ଖାରଜ କରିଦେବା ପରେ ତାଙ୍କ ପରିବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ



**ଶ୍ରୀନଗର,୨୩।୧(ପି.ଟି.):** ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ସୁରକ୍ଷା ବାହିନୀର ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ଜିଲାର ବିନେର ଅଞ୍ଚଳରେ ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବାର ଗୋଇନ୍ଦା ସୂଚନା ପାଇବା ପରେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ସର୍ଚ୍ଚ ଅପରେଶନ୍ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଉକ୍ତ ସ୍ଥାନରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ ହୋଇଛି। ମୃତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ।

# ରାହୁଲଙ୍କୁ ପ୍ରିୟଙ୍କା ଭରସା



ଅମେଠିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ କଂଗ୍ରେସ ସାଧାରଣ ସମ୍ପାଦକ ନିଯୁକ୍ତ କରାଯିବା ପରେ ନୂଆଦିଲ୍ଲୀରେ ଦଳୀୟ କର୍ମୀ ଉତ୍ସବ ମନାଉଛନ୍ତି।

**ନୂଆଦିଲ୍ଲୀ/ଲକ୍ଷ୍ନୌ,୨୩।୧**

ଉତ୍ତରପ୍ରଦେଶ ହେଉଛି ଦେଶର ସବୁଠୁ ବଡ଼ ରାଜ୍ୟ, ଯେଉଁଠୁ ୮୦ ଏମ୍‌ପି ଲୋକ ସଭାକୁ ନିର୍ବାଚିତ ହୋଇ ଯାଇଥାନ୍ତି। ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହି ରାଜ୍ୟରେ ଯେଉଁ ଦଳ ଅଧିକ ଆସନ ଦଖଲ କରିଥାଏ, ସେହିଦଳକୁ କେନ୍ଦ୍ରରେ କ୍ଷମତା ହାତେଇବାରେ ବିଶେଷ ଅସୁବିଧା ହୋଇ ନ ଥାଏ। ଏହା ଅତୀତରେ ଏକାଧିକ ଥର ଦେଖିବାକୁ ମିଳିଛି। ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଏସ୍‌ପି ଏବଂ ବିଏସ୍‌ପି ମେଣ୍ଟ କରିବା ପରେ ଏକୁଟିଆ ହୋଇଯାଇଛି କଂଗ୍ରେସ। ଏଥିପାଇଁ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ 'ବ୍ରହ୍ମାସ୍ତ୍ର' ଭାବେ ମଇଦାନକୁ ଓହ୍ଲାଇ ବିଜୟର ଆଶା ବାନ୍ଧିଛି ଦଳ।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚେହେରା ସହ ପ୍ରିୟଙ୍କାଙ୍କ ମୁହଁର ସାମଞ୍ଜସ୍ୟ ରହିଛି। ଏଥିପାଇଁ ପ୍ରିୟଙ୍କାଙ୍କଠାରେ ଅନେକେ ଇନ୍ଦିରାଙ୍କୁ ଦେଖିଥାନ୍ତି। ପ୍ରିୟଙ୍କା ପୂର୍ବରୁ ସକ୍ରିୟ ରାଜନୀତିରେ ଯୋଗଦେବା ପାଇଁ ମନାକରୁଥିଲେ। ହେଲେ କଂଗ୍ରେସ ପାଖରେ ଅନ୍ୟ କିଛି ବିକଳ୍ପ ନ ଥିବାରୁ ଶେଷରେ ସେ ଦଳର ଭରସା ପାଲଟିଛନ୍ତି। ପୂର୍ବରୁ ଲୋକ ସଭା ନିର୍ବାଚନ ବେଳେ ମା' ସୋନିଆ ଗାନ୍ଧୀଙ୍କ ରାଏବରେଲି ଓ ଭାଇ ରାହୁଲ ଗାନ୍ଧୀଙ୍କ ଅମେଠି ଆସନରେ ସୀମିତ ରହୁଥିବା ପ୍ରିୟଙ୍କାଙ୍କ କାନ୍ଧରେ ଏବେ ଗୁରୁଦାୟିତ୍ୱ ଦିଆଯାଇଛି। ଏହାକୁ କଂଗ୍ରେସର ଏକ ସ୍ୱତନ୍ତ୍ର ରଣନୀତି ମନେକରାଯାଉଛି। ପ୍ରିୟଙ୍କାଙ୍କ ଯାଦୁକରି କୌଶଳ, ବୁଦ୍ଧିମତ୍ତା ଓ ସବୁ ବର୍ଗର ଲୋକଙ୍କ ସହ ମିଳାମିଶା ଆଦି କେବଳ ୟୁପିରେ ନୁହେଁ, ବରଂ ସାରା ଦେଶରେ କଂଗ୍ରେସ ପାଇଁ ଲାଭଦାୟକ ହେବ ବୋଲି ଦଳୀୟ ନେତାମାନେ କହୁଛନ୍ତି। ତେବେ ଏସବୁ ବାରାଣସୀ ଏମ୍‌ପି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିଜୟରଥକୁ ରୋକିବାରେ କେତେ ସହାୟକ ହେବ ତାହା ସମୟ କହିବ। କାରଣ ପ୍ରିୟଙ୍କାଙ୍କୁ ଏଭଳି ସମୟରେ ଏଆଇସିସି ସାଧାରଣ ସମ୍ପାଦକ ପଦ ଦେଇ ପୂର୍ବ ୟୁପି ଦାୟିତ୍ୱ ଦିଆଯାଇଛି, ଯେତେବେଳେ କଂଗ୍ରେସ ଏକ ଜଟିଳ ସ୍ଥିତି ଦେଇ ଗତିକରୁଛି ଏବଂ ଭାରତୀୟ ରାଜନୀତିକୁ ଭାଜପା ଏକପ୍ରକାର ଅକ୍ତିଆର କରି ରଖିଛି। ପ୍ରିୟାଙ୍କାଙ୍କୁ ଦାୟିତ୍ୱ ଦିଆଯିବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର ନିଜ ସଂସଦୀୟ ଆସନ ଅମେଠି ଗସ୍ତ କରିଛନ୍ତି। ସେଠାରେ ଚାରିଆଡ଼େ ପୋଷ୍ଟର ଛାଇହୋଇ ଯାଇଛି, ଯହିଁରେ ଲେଖାଅଛି– 'ଅମେଠିର ଏମ୍‌ପି ୨୦୧୯ର ପିଏମ୍'।



"କଂଗ୍ରେସରେ ପ୍ରିୟଙ୍କାଙ୍କ ନିଯୁକ୍ତି ବଂଶବାଦ ରାଜନୀତିକୁ ଆଉ ଦୁଇପାଦ ଆଗେଇ ନେଇଛି।

– ନିର୍ମଳା ସୀଥାରାମନ୍, ପ୍ରତିରକ୍ଷାମନ୍ତ୍ରୀ ତଥା ଭାଜପା ନେତା



"ପ୍ରିୟଙ୍କାଙ୍କୁ ଏଆଇସିସି ସାଧାରଣ ସମ୍ପାଦକ ନିଯୁକ୍ତ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା କଂଗ୍ରେସରେ ଉତ୍ସାହ ଭରିବା ସହ ୫୦% ମହିଳା ରାଜନୀତି ଆଡ଼କୁ ଆକର୍ଷିତ ହେବେ।

–ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

## ମାମଲା ରୁଜୁ କଲା ଦିଲ୍ଲୀ ପୋଲିସ

**ନୂଆଦିଲ୍ଲୀ,୨୩।୧(ପି.ଟି.)**

ଇଭିଏମ୍ ହ୍ୟାକିଂ ହୋଇପାରିବ ଏବଂ ୨୦୧୪ ଲୋକ ସଭା ନିର୍ବାଚନ ବେଳେ ଏଥିରେ ଜାଲିଆତି କରାଯାଇଥିବା ନେଇ ଅଭିଯୋଗ ଆଣିଥିବା ସାଇବର ବିଶେଷଜ୍ଞ ସୟଦ ଶୁଜାଙ୍କ ବିରୋଧରେ ଦିଲ୍ଲୀ ପୋଲିସ ବୁଧବାର ମାମଲା ରୁଜୁ କରିଛି। ନିର୍ବାଚନ କମିଶନଙ୍କ ଅଭିଯୋଗ ଆଧାରରେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଆଇପିସି ଦଫା ୫୦୫ରେ ଏହି ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଲାଗି ପୋଲିସକୁ ଅଦାଲତଙ୍କ ଅନୁମତି ନେବାକୁ ପଡିବ ବୋଲି ଜଣେ ଅଧିକାରୀ କହିଛନ୍ତି। ତଦନ୍ତ ଲାଗି ସାଇବର ଟେକ୍‌ନୋଲୋଜିର ଆବଶ୍ୟକତା ଥିବାରୁ ଏଥିପାଇଁ ସ୍ୱତନ୍ତ୍ର ଏଜେନ୍ସିର ଆବଶ୍ୟକତା ରହିଥିବା ସେ କହିଛନ୍ତି। ଇଭିଏମ୍ ହ୍ୟାକିଂ ହୋଇପାରିବ ଏବଂ ୨୦୧୪ରେ ଏଥିରେ ଜାଲିଆତି ହୋଇଥିବା ଗତ ସୋମବାର ଶୁଜା ଲଣ୍ଡନରେ ଦାବି କରିଥିଲେ।



ଇଭିଏମ୍ ହ୍ୟାକିଂ ଅଭିଯୋଗ

## ଶରିଫ ଗୁରୁତର

**ଲାହୋର,୨୩।୧(ପି.ଟି.)**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଗୁରୁତର ହୋଇପଡିଥିବା ଡାକ୍ତର କହିଛନ୍ତି। ତୁରନ୍ତ ତାଙ୍କୁ ହସ୍ପିଟାଲ୍ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଲାହୋରର କୋଟ ଲଖପତ୍ ଜେଲ୍‌ରେ ଥିବା ଶରିଫଙ୍କ ହୃତପିଣ୍ଡରେ ସମସ୍ୟା ଦେଖାଦେବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜେଲ୍‌କୁ ଫେରାଇ ଅଣାଯାଇଛି। ଅନ୍ୟପକ୍ଷରେ ଶରିଫଙ୍କ ସ୍ୱାସ୍ଥ୍ୟାବସ୍ଥା ବିଶେଷ ଗୁରୁତର ନୁହେଁ ବୋଲି ଲାହୋରସ୍ଥିତ ପଞ୍ଜାବ ଇନ୍‌ଷ୍ଟିଚ୍ୟୁଟ ଅଫ କାର୍ଡିଓଲୋଜିର ଡାକ୍ତର କହିଛନ୍ତି। ତେବେ ତାଙ୍କୁ ଔଷଧ ଖାଇବା ସହ ନିୟମିତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହେବାକୁ ପଡିବ ବୋଲି ସେମାନେ କହିଛନ୍ତି।



## ଆଇଏସ୍ ଲିଙ୍କ୍: ମହାରାଷ୍ଟ୍ରରୁ ୯ ଗିରଫ

**ମୁମ୍ବାଇ,୨୩।୧(ପି.ଟି.)**

ସାଧାରଣତନ୍ତ୍ର ଦିବସ ପୂର୍ବରୁ ମହାରାଷ୍ଟ୍ରର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ୯ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ୧୭ ବର୍ଷୀୟ ନାବାଳକ ରହିଛି। ମୁମ୍ବ୍ରା, ଠାଣେ ଏବଂ ଔରଙ୍ଗାବାଦରୁ ଗିରଫ ଏହି ସନ୍ଦିଗ୍ଧଙ୍କର ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତି ଥିବା ଏଟିଏସ୍ ଅଭିଯୋଗ କରିଛି। ନିର୍ଭରଯୋଗ୍ୟ ଗୋଇନ୍ଦା ସୂଚନା ଆଧାରରେ ମହାରାଷ୍ଟ୍ର ଏଟିଏସ୍ ଅଧିକାରୀମାନେ ସେମାନଙ୍କ ସମ୍ପର୍କରେ ଆନୁଷଙ୍ଗିକ ତଥ୍ୟ ସଂଗ୍ରହ କରିବା ପରେ କିଛି ସପ୍ତାହ ହେଲା ସେମାନଙ୍କ ପିଛା କରିଥିଲେ। ମଙ୍ଗଳବାର ରାତିରେ ଏକସଙ୍ଗେ ୫ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ସନ୍ଦିଗ୍ଧ ଆତଙ୍କବାଦୀଙ୍କଠାରୁ ରାସାୟନିକ ସାମଗ୍ରୀ, ବିସ୍ଫୋରକ, ମୋବାଇଲ ଫୋନ, ହାର୍ଡ ଡ୍ରାଇଭ୍, ସିମ୍ କାର୍ଡ, ଏସିଡ ବୋତଲ ଏବଂ ଛୁରି ଆଦି ଜବତ ହୋଇଛି। ତଦନ୍ତ ଜାରି ରହିଥିବାରୁ ଏଟିଏସ୍ ଟିମ୍ ଆତଙ୍କବାଦୀଙ୍କ ନାମ ପ୍ରକାଶ କରିନାହିଁ।

### ■ ଆମେରିକାରେ ଅଚଳାବସ୍ଥା ଦୂର ଲାଗି

## ସିନେଟରେ ଭୋଟ ଆଜି

**ୱାଶିଂଟନ,୨୩।୧(ପି.ଟି.)**

ଆମେରିକା କଂଗ୍ରେସ ବଜେଟ ଅନୁମୋଦନ ନ କରିବା ଫଳରେ ସେଠାରେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ଅଚଳାବସ୍ଥା ଲାଗି ରହିଛି। ଏହାକୁ ଦୂର କରିବା ଲାଗି ଅଣାଯାଇଥିବା ପ୍ରସ୍ତାବ ଉପରେ ଗୁରୁବାର ଭୋଟିଂ ନିମନ୍ତେ ସିନେଟରମାନେ ରାଜି ହୋଇଛନ୍ତି। ଏଥିପାଇଁ ସିନେଟ୍‌ରେ ସଂଖ୍ୟାଗରିଷ୍ଠ ଦଳ ନେତା ମିଚ୍ ମେକୋନେଲ ଏବଂ ଡେମୋକ୍ରାଟିକ ନେତା ଚୁକ୍ ଶୁମେର ମଙ୍ଗଳବାର ଏକ ରାଜିନାମା ଘୋଷଣା କରିଥିଲେ। ସରକାରଙ୍କ ସମସ୍ତ ବନ୍ଦ ବିଭାଗକୁ ପାଣ୍ଠି ଯୋଗାଇବା ଲାଗି ଏକ ପ୍ରକ୍ରିୟାଗତ ପଦକ୍ଷେପ ସ୍ୱରୂପ ପ୍ରଥମ ଭୋଟ ହେବାକୁ ଥିବାବେଳେ ଏଥିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୀମାନ୍ତ ପ୍ରାଚୀର ପାଇଁ ପାଣ୍ଠି ଦାବି ଏବଂ ତାଙ୍କ ପ୍ରସ୍ତାବିତ ଦେଶାନ୍ତର ନୀତି ରହିଛି। ଏହା ବ୍ୟତୀତ ଷ୍ଟପ୍-ଗ୍ୟାପ୍ ପଦକ୍ଷେପ ସ୍ୱରୂପ ଆସନ୍ତା ଫେବୃୟାରୀ ୮ ପର୍ଯ୍ୟନ୍ତ ସରକାରଙ୍କ ଲାଗି ପାଣ୍ଠି ବ୍ୟବସ୍ଥା ଉପରେ ଭୋଟ ହେବ।



### ■ ମୁମ୍ବାଇ ଆକ୍ରମଣ ମାମଲା

## ପାକ୍ କୋର୍ଟରେ ଶୁଣାଣି ସ୍ଥଗିତ

**ଇସ୍‌ଲାମାବାଦ,୨୩।୧(ପି.ଟି.)**

ପାକିସ୍ତାନର ଏକ ଅଦାଲତରେ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ମାମଲାର ଶୁଣାଣିକୁ ସ୍ଥଗିତ ରଖାଯାଇଛି। ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଦାଲତରେ ଏହି ମାମଲା ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଚାଲିଥିଲେ ହେଁ ଏଥିରେ ବିଶେଷ କିଛି ଅଗ୍ରଗତି ହୋଇନାହିଁ। ୭ ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନ ଥିବା ପାକିସ୍ତାନ ଦର୍ଶାଇ ଆସୁଛି। ଯଥେଷ୍ଟ ତଥ୍ୟ ପ୍ରମାଣ ନ ଥିବାରୁ ଶୁଣାଣି ଉପରେ ସ୍ଥଗିତାଦେଶ ଲାଗି ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫଆଇଏ) ପକ୍ଷରୁ ଇସ୍‌ଲାମାବାଦ ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଅଦାଲତ ଗୋଟିଏ ସପ୍ତାହ ପାଇଁ ମାମଲାର ଶୁଣାଣିକୁ ବନ୍ଦ ରଖିବା ସହ ଏହି ସମୟ ମଧ୍ୟରେ ସାକ୍ଷୀଙ୍କୁ ସମନ କରିବା ଲାଗି ଓକିଲଙ୍କୁ ଅନୁମତି ଦେଇଛନ୍ତି।

### ଫୁର୍‌ସତ

## ଲାଲକିଲ୍ଲାରେ ନେତାଜୀ ମ୍ୟୁଜିୟମ

**ନୂଆଦିଲ୍ଲୀ:** ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ଲାଲକିଲ୍ଲା ପରିସରରେ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଉଜ୍ଜୀବିତ କରିବାକୁ ଯାଇ ନେତାଜୀ ସୁବାଷ ବୋଷ, ଜାଲିଆନାୱାଲା ବାଗ୍ ଏବଂ ଭାରତୀୟ କଳା ଆଧାରିତ ୩ ମ୍ୟୁଜିୟମ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ତିନୋଟି ମ୍ୟୁଜିୟମର ସମ୍ମିଶ୍ରଣକୁ 'କ୍ରାନ୍ତି ମନ୍ଦିର' (ଟେମ୍ପଲ ଅଫ୍ ରିଭୋଲ୍ୟୁଶନ) ନାମିତ କରାଯାଇଛି।



ନେତାଜୀଙ୍କ ୧୨୨ତମ ଜୟନ୍ତୀ ଉତ୍ସବରେ ଏହାକୁ ଲୋକାର୍ପଣ କରାଯାଇଛି। ପ୍ରଥମ ମ୍ୟୁଜିୟମ୍‌ରେ ନେତାଜୀଙ୍କ କ୍ରାନ୍ତିକାରୀ ଜୀବନଯାତ୍ରାର ଅଂଶବଶେଷ ଓ ତାଙ୍କ ଦ୍ୱାରା ଗଠିତ ଇଣ୍ଡିଆନ ନ୍ୟାଶନାଲ୍ ଆର୍ମି (ଆଇଏନ୍‌ଏ)ର ବିଭିନ୍ନ ଘଟଣାବଳୀର ବିବରଣୀ, ଫଟୋଚିତ୍ର, ନେତାଜୀ ବ୍ୟବହାର କରୁଥିବା କାଠ ଚେୟାର, ଖଣ୍ଡା, ଆଇଏନ୍‌ଆଇ ବ୍ୟାଜ୍, ପୋଷାକ ସ୍ଥାନିତ ହୋଇଛି। ଦ୍ୱିତୀୟ ମ୍ୟୁଜିୟମ୍ 'ୟାଦ୍-ଇ-ଜାଲିଆନ'ରେ ୧୯୧୯ ଜାଲିଆନାୱାଲା ବାଗ୍ ନରସଂହାର ଘଟଣା ଓ ପ୍ରଥମ ବିଶ୍ୱଯୁଦ୍ଧରେ ଭାରତୀୟ ସେନାଙ୍କ ବୀରତ୍ୱର ଗାଥା ଏବଂ ତୃତୀୟ ଦୃଶ୍ୟକଳା ମ୍ୟୁଜିୟମ୍‌ରେ ୧୬ଶହ ଶତାବ୍ଦୀରୁ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଭାରତୀୟ କଳାର ଫଟୋ, ଚିତ୍ର, ଖବରକାଗଜ, ଅଡିଓ ଏବଂ ଭିଡିଓ ସଂରକ୍ଷିତ ରହିଛି।

## ଭାଜପା, ଶିବସେନାକୁ ଏକାଠି କରିବ 'ଠାକ୍‌ରେ'

**ମୁମ୍ବାଇ :**

ଭାଜପା ଓ ଏହାର ସହଯୋଗୀ ଦଳ ଶିବସେନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ୨୦୧୪ରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କ୍ଷମତାକୁ ଆସିବା ପରଠାରୁ ଉଭୟ ଦଳ ମଧ୍ୟରେ ରାଜନୈତିକ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରସଙ୍ଗରେ ଶିବସେନା ଘେରିବା ସହ ତାଙ୍କର କାର୍ଯ୍ୟଦକ୍ଷତାକୁ ସମାଲୋଚନା କରିଆସୁଛି। ଏଭଳି ସ୍ଥିତିରେ ଆଗକୁ ହେବାକୁ ଥିବା ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ଆସନ ବୁଝାମଣା ଏକ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଦିନକୁ ଦିନ ଦୁଇ ଦଳ ମଧ୍ୟରେ ବୃଦ୍ଧି ପାଇ ଚାଲିଥିବା ଏହି ରାଜନୈତିକ ଆକ୍ରୋଶ ଏନଡିଏ ମହାମେଣ୍ଟ ପାଇଁ ଶୁଭଙ୍କର ନୁହେଁ କୁହାଯାଉଥିବା ବେଳେ ଶିବସେନାର ପ୍ରତିଷ୍ଠାତା ବାଲ୍‌ସାହେବ ଠାକ୍‌ରେଙ୍କ ଜୀବନୀ ଆଧାରିତ 'ଠାକ୍‌ରେ ବାୟୋପିକ୍' ଫିଲ୍ମ ଭାଜପା ଓ ଶିବସେନାକୁ ପୁଣି ନିକଟତର କରିବ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ସାଂସଦଙ୍କ ଲାଗି ହେବାକୁ ଥିବା ଏହି ମୁଭିର ସ୍ପେଶାଲ୍ ସ୍କିନିଙ୍ଗ୍ ନିଶ୍ଚିତ ଯେ ପରିବର୍ତ୍ତନ ଆଣିବ ରାଉତ ଆଶାବାଦୀ ଥିବା କହିଛନ୍ତି।



### ଇତିହାସର ଆଇନାରେ

**ଜାନୁୟାରୀ ୨୪ର ପ୍ରମୁଖ ଘଟଣା**

୧୯୭୪ ଜାନୁୟାରୀ ୨୪ ତାରିଖରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚଠାରେ ବ୍ରିଟିଶ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା। ଏଥିରେ ୧,୨୭୬ ପ୍ରତିଯୋଗୀ, ୩୭୨ ଅଧିକାରୀ ଯୋଗ ଦେଇଥିଲେ। ଏହି କ୍ରୀଡ଼ାର ଥିମ୍ ସଙ୍ଗ୍ ଭାବେ 'ଜଏନ୍ ଟୁଗେଦର'କୁ ଷ୍ଟିଭ୍ ଆଲେନ୍ ଗାଇଥିଲେ। ୧୯୭୦ ଇଡେନବର୍ଗ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖ୍ରୀଷ୍ଟଚର୍ଚ୍ଚ ଆଗାମୀ ଭେନ୍ୟୁସ୍ଥଳ ହେବ ବୋଲି ଘୋଷଣା କରାଯାଇଥିଲା।

୨୦୧୧ ଜାନୁୟାରୀ ୨୪ ରେ ସଙ୍ଗୀତଜ୍ଞ ପଣ୍ଡିତ ଭୀମସେନ ଜୋଷୀଙ୍କ ପରଲୋକ ଘଟିଥିଲା। ୧୯୨୨ ଫେବୃୟାରୀ ୪ ତାରିଖରେ କର୍ଣ୍ଣାଟକର ଧରୱାଡ ଜିଲାରେ ଜନ୍ମିତ ଜୋଷୀ କ୍ଲାସିକାଲ୍ ସଙ୍ଗୀତ ଶିକ୍ଷା ଲାଭ କରିବାପରେ ୧୯୪୧ରେ ପ୍ରଥମଥର ଷ୍ଟେଜ୍ ଶୋ' କରିଥିଲେ। ୨୦୦୮ରେ ତାଙ୍କୁ ଭାରତ ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା।

## 'ଗୁଡ୍ ନ୍ୟୁଜ୍'ରେ ଅକ୍ଷୟ,କରିନା

**ମୁମ୍ବାଇ:** ଅପ୍‌କମିଙ୍ଗ୍ ମୁଭି 'ଗୁଡ୍ ନ୍ୟୁଜ୍'ର ଶୁଟିଂ ବୁଧବାର ଆରମ୍ଭ ହୋଇଛି। କରିନା କପୁର ଖାଁଙ୍କ ସହ ଶୁଟିଂ ସେଟ୍‌ରେ ପ୍ରଥମ ଦିନର ଆକ୍ସନ ଶୋ'ର ଫଟୋଗୁଡ଼ିକୁ ଅକ୍ଷୟ କୁମାର ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଦୀର୍ଘ ୪ ବର୍ଷ ପରେ ଅକ୍ଷୟ ଓ କରିନାଙ୍କୁ ଶୁଟିଂସେଟ୍‌ରେ ଏକାଠି କ୍ୟାମେରା ଆଗରେ ପୋଜ୍ ଦେବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଚହଳ ସୃଷ୍ଟି କରିଛି। ଏହି ଦୁଇ ଯୋଡ଼ିଙ୍କ ଅଭିନୀତ ଶେଷ ହିଟ୍ ଥିଲା 'ଗବର ଇଜ୍ ବ୍ୟାକ୍'। ଅଜନ୍‌ବୀ, ଐତରାଜ, ବେୱଫା' ଚଳଚ୍ଚିତ୍ରରେ ଉଭୟଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା। ରାଜା ମେହେଟ୍ଟା ନିର୍ଦ୍ଦେଶିତ ଓ ଧର୍ମା ପ୍ରଡକ୍ସନ ପ୍ରଯୋଜିତ 'ଗୁଡ୍ ନ୍ୟୁଜ୍' ମୁଭି ସେପ୍ଟେମ୍ବର ୬ରେ ମୁକ୍ତିଲାଭ କରିବ।



## ସଂକ୍ଷେପରେ

### ହିଂସ୍ର ଦନ୍ତାର ଉନ୍ମତ୍ତକାଣ୍ଡ, ମହିଳାଙ୍କୁ ବିଖଣ୍ଡିତ କରିଦେଲା

**ରାସୋଳ/ସାତମାଇଲ, ୨୩।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ହିଂସ୍ର ଦନ୍ତାହାତୀ ଉନ୍ମତ୍ତକାଣ୍ଡ ଘଟାଇଛି। ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ରାସୋଳ ଥାନା ବେଡ଼ାପଡ଼ା ଗ୍ରାମର ସନାତନ ସାମଲଙ୍କ ସ୍ତ୍ରୀ ଭାସିନୀ (୪୩)। ହାତୀଟି ମହିଳାଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଇଛି। ଘଟଣା ପରେ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଗତ ୩ ଦିନ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ହାତୀ ଆକ୍ରମଣଜନିତ ମୃତ୍ୟୁ। ଏଥିପୂର୍ବରୁ ଗତ ସୋମବାର ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବାଇଗିଣିଆ ଗ୍ରାମର ଚିତ୍ତରଞ୍ଜନ ପାଣି ଦନ୍ତା ଆକ୍ରମଣରେ ପ୍ରାଣ ହରାଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଗ୍ରାମର କେତେଜଣ ମହିଳାଙ୍କସହ ଭାସିନୀ ଅପରାହ୍ନ ପ୍ରାୟ ୫ଟାରେ ଶୌଚ ହେବାକୁ ଘର ପଛପାଖ ପଡ଼ିଆକୁ ଯାଇଥିଲେ। ହଠାତ୍ ବୁଦାରୁ ଉକ୍ତ ଦନ୍ତା ବାହାରି ସମସ୍ତଙ୍କୁ ଗୋଡ଼ାଇଥିଲା। ଅନ୍ୟମାନେ ପ୍ରାଣ ବିକଳରେ ଦୌଡ଼ି ପଳାଇଯାଇଥିବାବେଳେ ଭାସିନୀଙ୍କୁ ହାତୀ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଏହାପରେ ଦାନ୍ତରେ ଭୁସି ଖଣ୍ଡଖଣ୍ଡ କରି ଦେଇଥିଲା। ଏହି ଘଟଣା ପରେ ଗ୍ରାମରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାପାଇ ଥାନାଧିକାରୀ ସନ୍ତୋଷ କୁମାର ପ୍ରଧାନ, ଏସ୍‌ଆଇ ବୈକୁଣ୍ଠନାଥ ଘଡ଼େଇ, ରେଞ୍ଜର ମଧୁସୂଦନ ପାତ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସରକାରୀସ୍ତରରେ ୪ ଲକ୍ଷ ଟଙ୍କା ସହାୟତା ଦିଆଯିବା ବ୍ୟବସ୍ଥା ରହିଛି। ଗୁରୁବାର ପ୍ରାଥମିକ ପର୍ଯ୍ୟାୟରେ ସମ୍ପୃକ୍ତ ମହିଳାଙ୍କ ପରିବାରକୁ ୧ ଲକ୍ଷ ୪୦ ହଜାର ଟଙ୍କା ଦିଆଯିବ। ବ୍ୟବଚ୍ଛେଦ ରିପୋର୍ଟ ଏବଂ ଆବଶ୍ୟକ କାଗଜପତ୍ର ପରେ ଅବଶିଷ୍ଟ ଟଙ୍କା ପ୍ରଦାନ କରାଯିବ। ଭାସିନୀଙ୍କ ଏକମାତ୍ର ପୁଅଙ୍କୁ ହାତୀ ସ୍କ୍ୱାଡ୍‌ରେ ଚାକିରି ଦିଆଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ବିଜେଡି ଫୋକସ୍‌ରେ ନୂଆ ଭୋଟର



ଆଇଟି କନ୍‌କ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

- ଆଇଟି କନ୍‌କ୍ଲେଭରେ ଛାତ୍ର କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ
- ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ସଚେତନତାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)** ରାଜ୍ୟରେ ୫ ଲକ୍ଷ ନୂଆ ଭୋଟର। ଏମାନେ ସମସ୍ତେ ଯୁବବର୍ଗର। ଏଥିସହିତ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହୁଥିବା ଭୋଟର ସମାଜର ଏକ ବଡ ଅଂଶ। ସେମାନଙ୍କୁ ଟାର୍ଗେଟ କରିଛି ବିଜେଡି। ଏହି ଉଦ୍ଦେଶ୍ୟର ଦଳର ଆଇଟି ସେଲ ପକ୍ଷରୁ ଆୟୋଜନ କରାଯାଇଛି ଦିନିକିଆ କନ୍‌କ୍ଲେଭ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗ ଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଛନ୍ତି। ସେହିପରି ବୈଷୟିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସରକାରୀ ଯୋଜନାର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି,ସମ୍ପ୍ରତି ଆଇଟି ସବୁକ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଯାଇପାରିବ। ଏହାର ସୁବିନିଯୋଗ କରିବାର ଆବଶ୍ୟକ ରହିଛି। ବିଜୁବାବୁ ଯୁବ ବୟସରୁ ସାହସୀ ଥିଲେ। ଯୁବାବସ୍ଥାରେ କଳିଙ୍ଗ କନିଷ୍କ ପୁରସ୍କାର ଜିତିଥିଲେ। ତାଙ୍କୁ ଯୁବକମାନେ ଆଦର୍ଶ ଭାବେ ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ମୁଖ୍ୟମନ୍ତ୍ରୀ ସେଲଫି ୱିଥ୍ ସିଏମ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ପରେ ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଆଇଟି ସେଲ୍‌ର ପରବର୍ତ୍ତୀ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

ଅମର କହିଛନ୍ତି, କେବଳ ରାଜନୀତି ପାଇଁ ନୁହେଁ। ନିତିଦିନିଆ ଜୀବନରେ ମଧ୍ୟ ବୈଷୟିକ ପ୍ରଯୁକ୍ତି ବିଦ୍ୟା(ଆଇଟି)ର ଆବଶ୍ୟକତା ରହିଛି। ଏହାକୁ ସୁବିନିଯୋଗ କରି ସରକାରୀ ଯୋଜନାର ସଫଳ ପ୍ରଚାର କରାଯାଇପାରିବ। ବିରୋଧୀ କୌଣସି ମିଛ କଥା ପ୍ରଚାର କଲେ, ଉପଯୁକ୍ତ ଯୁକ୍ତି ସହ ମୁକାବିଲା କରାଯାଇପାରିବ। ଆଗାମୀ ଦିନରେ ଆଇଟି ସହାୟତା ନେଇ ମୁଖ୍ୟମନ୍ତ୍ରୀ ପ୍ରତି ଘରେ ପହଞ୍ଚିବେ। 'ମୋ ଘରେ ମୋ ସିଏମ୍' ତଥା 'ମୋ ନବୀନ ମୋ ଘରେ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦଳୀୟ ମୁଖ୍ୟାଳୟରୁ ଆଇଟି ମାଧ୍ୟମରେ ରାଜ୍ୟର କୋଣ ଅନୁକୋଣ ସହ ଯୋଡାଯିବ। ମୁଖ୍ୟମନ୍ତ୍ରୀ ନିଜେ ମୟୂରଭଞ୍ଜ,କଳାହାଣ୍ଡି,ସୁନ୍ଦରଗଡ଼ ଏବଂ ବଲାଙ୍ଗୀର ଜିଲାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବିରୋଧୀଙ୍କ ଅପପ୍ରଚାର ମୁକାବିଲା କରିବାକୁ ଯାଇ ବିଜେଡିର ଯୁବ କାର୍ଯ୍ୟକର୍ତ୍ତା ଅଶ୍ଳୀଳ ତଥା ତଥ୍ୟବିହୀନ ପୋଷ୍ଟରରୁ ବିରତ ରହିବେ ବୋଲି କୁହାଯାଇଛି।

ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି, ଆଇଟିର ସୁବିନିଯୋଗ ସମସ୍ତଙ୍କୁ ଦକ୍ଷ କରାଏ। ଭିଡ ଭିତରେ ବି ନିଜକୁ ଏକୁଟିଆ ଲାଗେ ନାହିଁ। ରାଜ୍ୟ ସରକାରଙ୍କ ସଫଳତାର ଠିକ୍ ତଥ୍ୟ ଉପସ୍ଥାପନ ହିଁ ବିରୋଧୀଙ୍କ ମୁହଁରେ ଉପଯୁକ୍ତ ଜବାବ। ଛାତ୍ର ବିଜେଡିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଆଇଟି କନ୍‌କ୍ଲେଭରୁ ପ୍ରଶିକ୍ଷିତ ହୋଇ ଜନତାଙ୍କୁ ସଚେତନ କରାଇବ। ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର କହିଛନ୍ତି, ଧାରାବାହିକ ଭାବେ ଏହି ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହେବ। ବିକାଶର ବାର୍ତ୍ତା ଆମର ଆୟୁଧ ହେବ। ଅପପ୍ରଚାରର ସଫଳ ମୁକାବିଲା କରାଯିବ। ଏଥିରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅଂଶଗ୍ରହଣକାରୀ ନାମ ପଞ୍ଜୀକରଣ କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ଛାତ୍ର ବିଜେଡି ପକ୍ଷରୁ ମନୋଜ ସେନାପତି, ଅପୂର୍ବା ଅପରୂପା, ପ୍ରମୋଦ କୁମାର ପାତ୍ର, ସଞ୍ଜୟ କୁମାର ବିଷୋୟୀ ଏବଂ ରମାରଞ୍ଜନ ମହାନ୍ତିଙ୍କୁ ଆଇଟି ସଂଯୋଜକ ଭାବେ ମନୋନୀତ କରାଯାଇଛି।

## ୨୯ରେ ଓଡ଼ିଶା ଆସୁଛନ୍ତି ଶାହ

### ସାଲେପୁରରେ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବେ

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଆସନ୍ତା ୨୯ରେ ଓଡିଶା ଗସ୍ତରେ ଆସିବେ। କଟକ ଜିଲା ସାଲେପୁର କୁଲିଆଠାରେ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କ ସମାବେଶରେ ସେ ଯୋଗଦେବେ । ଏହି ସମାବେଶରେ ଦଳର ସାଙ୍ଗଠନିକ ସ୍ଥିତି ଏବଂ ଆସନ୍ତା ନିର୍ବାଚନ ରଣନୀତି ସମ୍ପର୍କରେ ଶାହ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିବେ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ବୁଧବାର ସୂଚନା ଦେଇଛନ୍ତି ।

ସମୀର କହିଛନ୍ତି, ମିଶନ ୧୨୦+ ଲକ୍ଷ୍ୟରେ ଦଳ ଆଗେଇ ଚାଲିଛି । ପୂର୍ବ ଭାରତର ବିକାଶ ତଥା ନୂଆ ଓଡ଼ିଶା ଗଠନ ପାଇଁ ଭାଜପା ପ୍ରାଧାନ୍ୟ ଦେଇଆସୁଛି। ତୃଣମୂଳସ୍ତରରୁ ଆରମ୍ଭ କରି ସର୍ବୋଚ୍ଚ ନେତୃତ୍ୱ ପର୍ଯ୍ୟନ୍ତ ସମସ୍ତେ ଏକ ହୋଇ ଓଡ଼ିଶାର ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୪ବର୍ଷରେ ରାଜ୍ୟର ବିକାଶ ପାଇଁ ହଜାର କୋଟିରୁ ଊର୍ଦ୍ଧ୍ୱ ଅନୁଦାନ ଦେଇଛନ୍ତି। ଯାହା ପୂର୍ବରୁ ଓଡ଼ିଶାକୁ କୌଣସି କେନ୍ଦ୍ର ସରକାର କେବେ ଦେଇ ନ ଥିଲେ । ରାଜ୍ୟର ଦୁର୍ନୀତି ଓ ଭ୍ରଷ୍ଟ ସରକାରର ଶାସନରେ ଅତିଷ୍ଠ ହୋଇ ରାଜ୍ୟବାସୀ ଶାସକ ବିଜେଡିର ମୂଳୋତ୍ପାଟନ କରିବାକୁ ମନବଳାଇ ସାରିଲେଣି। ଆଗାମୀ ଦିନରେ ରାଜ୍ୟବାସୀ ଏହି ଭ୍ରଷ୍ଟ ସରକାରକୁ ପ୍ରତ୍ୟାଖ୍ୟାନ କରିବେ । ସୂଚନାଯୋଗ୍ୟ, ଜାନୁୟାରୀ ୧୮ରେ ଶାହଙ୍କ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିଲା । ମାତ୍ର ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ଗସ୍ତ ବାତିଲ ହୋଇଥିଲା ।

## ପଟ୍ଟନାୟକ ପରିବାର ଯୋଗୁ ରାହୁଲ ଅପଦସ୍ଥ: ଶ୍ରୀକାନ୍ତ

### ■ ଖଣି ପ୍ରସଙ୍ଗରେ ନିରଞ୍ଜନଙ୍କୁ ଟାର୍ଗେଟ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)** ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନିଜର ଖଣି କାରବାର ପାଇଁ ମ୍ୟାନେଜର ଜରିଆରେ ଲାଞ୍ଚ ଦେଉଥିଲେ। ଏକଥା ସିଏ ସ୍ୱୟଂ ସତ୍ୟପାଠ ଦାଖଲ କରି ସ୍ୱୀକାର କରିଛନ୍ତି। ଏଥିପାଇଁ ଓଡ଼ିଶା ହାଇକୋର୍ଟ ତାଙ୍କୁ ଅଭ୍ୟାସଗତ ଲାଞ୍ଚଦାତା ବୋଲି ଅଭିହିତ କରିଥିଲେ। ତେଣୁ ଯେଉଁ ପ୍ରଦେଶ କଂଗ୍ରେସର ନେତୃତ୍ୱ ଏକଦା ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସଙ୍କ ଭଳି ବ୍ୟକ୍ତିଙ୍କ ହାତରେ ରହିସାରିଛି। ସେହି କଂଗ୍ରେସର ନେତୃତ୍ୱ ଜଣେ ଅଭ୍ୟାସଗତ ଲାଞ୍ଚଦାତା ହାତରେ କିପରି ରହିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଶ୍ନ କରିଛନ୍ତି।

ନିଜସ୍ୱ ବାସଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ କହିଛନ୍ତି ଯେ, ହାଇକୋର୍ଟ ଦେଇଥିବା ମତକୁ ଅଧିକ ହୋଇଗଲା ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏହାର ଅର୍ଥ ନୁହେଁ ଯେ, ନିରଞ୍ଜନ ଲାଞ୍ଚଦାତା ନୁହନ୍ତି। ଏହି ପ୍ରସଙ୍ଗ ପାଇଁ ସେ ସମୟରେ (୧୯୮୫-୯୦) ନିରଞ୍ଜନଙ୍କୁ ମନ୍ତ୍ରୀପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ଏକଦା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଟ୍ଟନାୟକ ଭ୍ରାତୃଦ୍ୱୟଙ୍କୁ ଓଡ଼ିଶା କଂଗ୍ରେସର କ୍ୟାନସର ବୋଲି ମନ୍ତବ୍ୟ ଦେଇଥିଲେ। ମାତ୍ର ଏବେ ତାଙ୍କରି ଦାୟିତ୍ୱରେ କଂଗ୍ରେସକୁ ଛାଡ଼ି ଦେଇଛନ୍ତି। ତେଣୁ ପଟ୍ଟନାୟକ ପରିବାର ପାଇଁ ରାହୁଲ ଗାନ୍ଧୀ ଅପଦସ୍ଥ ହେବେ। ଆଜି ସାରା ଭାରତରେ ଦୁର୍ନୀତି ହଟାଇବା ପାଇଁ କଂଗ୍ରେସ ଡାକରା ଦେଇଛି। ଓଡ଼ିଶା କ'ଣ ଦେଶରୁ ବାହାରେ କି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କରିଥିବା ବ୍ୟକ୍ତିବିଶେଷଙ୍କ ହାତରେ କିପରି ଦଳର ନେତୃତ୍ୱ ଦିଆଯାଇଛି। ଅପରପକ୍ଷରେ ନିରଞ୍ଜନ ପଟ୍ଟନାୟକଙ୍କ ପରିବାର ଖଣି ଲୁଟ୍‌ରେ ସାମିଲ ନାହାନ୍ତି ବୋଲି ରାହୁଲ ସ୍ପଷ୍ଟ କରିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଶୃଙ୍ଖଳାର ଆଳ ଦେଖାଇ ବହିଷ୍କାର କରାଯାଇଥିଲେ ବି ତାଙ୍କ ବିଦାୟ ପଛରେ ଦୁଇ ପଟ୍ଟନାୟକ ପରିବାରର ପ୍ରଚ୍ଛନ୍ନ ହାତ ରହିଛି। ସେହିପରି ପ୍ରଭାରୀ ନିଯୁକ୍ତ ହୋଇଥିବା ଜିତେନ୍ଦ୍ର ସିଂ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉନାହାନ୍ତି। ପଟ୍ଟନାୟକ ପରିବାରର ବଚସ୍କର ପାଳିଟିଛନ୍ତି। ଯଦି ତାଙ୍କ ବିରୋଧରେ କୌଣସି ଅଭିଯୋଗ ରହିଛି, ତେବେ ଜିତେନ୍ଦ୍ର ସର୍ବସାଧାରଣରେ ଯୁକ୍ତି କରିପାରନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି। ଏଥିସହିତ ନିରଞ୍ଜନଙ୍କ ପରି ବିବାଦୀୟ ବ୍ୟକ୍ତିବିଶେଷଙ୍କୁ ପିସିସି ସଭାପତି ପଦରୁ ବିଦାକରିବା ପାଇଁ ଶ୍ରୀକାନ୍ତ ଉଭୟ ରାହୁଲ ଗାନ୍ଧୀ, ଜିତେନ୍ଦ୍ର ସିଂଙ୍କୁ ୨୦୧୮ ସେପ୍ଟେମ୍ବରରେ ଲେଖିଥିବା ଚିଠିକୁ ସାର୍ବଜନୀନ କରିଛନ୍ତି। ଏହି ଅଭିଯୋଗକୁ ନେଇ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ମୋବାଇଲ ଫୋନ ଏବଂ ଏସ୍‌ଏମ୍‌ଏସ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲା। ହେଲେ ସେମାନଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ■ ଆଜି ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ

# ମାସକରେ ୧୦୦୦ କୋଟି ଅନୁଦାନ


ସୁରକ୍ଷା ଯାଞ୍ଚ କରୁଛନ୍ତି ଡଗ୍ ଓ ବମ୍ ସ୍କ୍ୱାଡ୍।

- ୨ ଲକ୍ଷ ଲୋକଙ୍କ ସମାବେଶ ପାଇଁ ସଜବାଜ
- ଦଳରେ ସାମିଲ ହେବେ ବିଧାୟକ ନବ ଦାସ

**ଝାରସୁଗୁଡ଼ା ଅଫିସ,୨୩।୧** ଝାରସୁଗୁଡ଼ା ଜିଲାକୁ ଯୋଜନାର ସୁଅ ଛୁଟୁଛି। ଗତ କିଛିମାସ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଗସ୍ତକରି ଲୋକଙ୍କୁ ଯୋଜନାରେ ଭର୍ତ୍ତି କରିଦେଲେଣି। ଡିସେମ୍ବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଗସ୍ତରେ ଆସି କୋଲାବିରାଠାରେ ୪୫୦.୦୨ କୋଟି ଟଙ୍କାର ୱାଟର ସପ୍ଲାଇ, ରୋଡ୍, ବ୍ରିଜ୍, ଉଠା ଜଳସେଚନ ପ୍ରକଳ୍ପ, ଦୁଇଟି ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ ଓ ୧୧.୮ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ମାତ୍ର ଏକମାସ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ଗୁରୁବାର ପୁଣିଥରେ ଝାରସୁଗୁଡ଼ା ଆସୁଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟା ୫୫ରେ ସେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିବେ। ସେଠାରୁ ଆସି ଜେଲ୍ ପାଖ ପଡ଼ିଆରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ। ପରେ ଦଳୀୟ ସମାବେଶରେ ଯୋଗଦେଇ ଅପରାହ୍ନ ୨ଟା ୫ରେ ବରଗଡ଼ ଅଭିମୁଖେ ଯିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କ୍ଷେତ୍ର ପାଇଁ ପ୍ରାୟ ୬୦୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ। ଝାରସୁଗୁଡ଼ା ପୌରାଞ୍ଚଳରେ ଜିଲା ଖଣିଜ ପାଣ୍ଠିରୁ ୧୪୫.୪୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କ୍ୟାନସର କେୟାର ହସ୍ପିଟାଲ, ୩୮୮.୫୩ କୋଟି ଟଙ୍କାରେ ଝାରସୁଗୁଡ଼ା, କୋଲାବିରା, ଲଇକେରା ଏବଂ କିର୍ମିରା ପାଇଁ ମେଗା ୱାଟର ସପ୍ଲାଇ ପ୍ରକଳ୍ପ, ୩୫.୬୨ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଚୌକିପଡ଼ା ରେଲୱେ ଓଭରବ୍ରିଜ୍, ବେଦାନ୍ତ ସିଏସ୍‌ଆର ପାଣ୍ଠିରୁ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଡାଇଗ୍ନୋଷ୍ଟିକ୍ ସେଣ୍ଟରର ଶିଳାନ୍ୟାସ କରାଯିବ। ମାତ୍ର ଏକମାସ ବ୍ୟବଧାନରେ ଝାରସୁଗୁଡ଼ା ଜିଲାକୁ ମିଳିଛି ପ୍ରାୟ ହଜାରେ କୋଟି ଟଙ୍କାର ଅନୁଦାନ।

ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଅବସରରେ ଶିଳାନ୍ୟାସ, ଉଦ୍‌ଘାଟନ ପର୍ବ ବ୍ୟତୀତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବିଧାୟକ ନବ କିଶୋର ଦାସଙ୍କ ବିଜେଡିରେ ମିଶ୍ରଣ। ସେଥିପାଇଁ ଅମଲିପାଲି ପଡ଼ିଆରେ ୨ ଲକ୍ଷ ଲୋକଙ୍କ ସମାଗମ ପାଇଁ ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମାବେଶ ଭଳି ସମାନ ଧରଣର ଆୟୋଜନ ସରିଲାଣି। ଝାରସୁଗୁଡ଼ା, ସୁନ୍ଦରଗଡ଼, କୁଚିଣ୍ଡା, ବାମରା, ସମ୍ବଲପୁର, ରେଢ଼ାଖୋଲ, ବରଗଡ଼ ଆଦି ଅଞ୍ଚଳରୁ ଆସିବେ ଲକ୍ଷାଧିକ ଲୋକ। ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ପତାକାରେ ସ୍ୱାଗତ କରିବାର ପୁରା ପ୍ରସ୍ତୁତି ସରିଛି। ରାସ୍ତାଘାଟ ଚାରିଆଡ଼େ ବିଜୁପଟ୍ଟନାୟକ, ନବୀନ ପଟ୍ଟନାୟକ ଏବଂ ବିଜେଡି ନେତା କିଶୋର କୁମାର ମହାନ୍ତିଙ୍କ ପୋଷ୍ଟର ବ୍ୟାନର। ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଯାନବାହନ ପାର୍କିଂ, ଭିଆଇପି ପ୍ରବେଶ, ଦଳୀୟ କର୍ମୀଙ୍କ ପ୍ରବେଶ ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ କଡ଼ାକଡ଼ି ଭାବେ ତର୍ଜମା କରାଯାଇଛି। କଡ଼ା ସୁରକ୍ଷା ପାଇଁ ଜିଲା ଏବଂ ଜିଲା ବାହାରୁ ମୋଟ ୧୭ ପ୍ଲାଟୁନ୍ ଓଏସ୍‌ଏପି ଫୋର୍ସ ମୁତୟନ ହେବେ। ଏହାସହ ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲାର ବଛା ବଛା ଅଫିସର ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ସୁରକ୍ଷା ଭାର ସମ୍ଭାଳିବେ। ବୁଧବାର ଡଗ୍ ସ୍କ୍ୱାଡ୍ ଏବଂ ବମ୍ ସ୍କ୍ୱାଡ୍ ଅମଲିପାଲି ପଡ଼ିଆରେ ଯାଞ୍ଚ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଅପରାହ୍ନରେ କାରକେଡ୍ ରିହରସଲ୍ ମଧ୍ୟ କରାଯାଇଛି।

# ଆନ୍ଧ୍ର ବ୍ୟାଙ୍କ କ୍ୟାଶିୟରଙ୍କୁ ହତ୍ୟା

- ନାବାଳିକାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ବିବାଦ
- ବିବାଦର ସମାଧାନ ବାହାନାରେ ଜୀବନ ନେଲେ
- ଥାନାରେ ୩ ଅଟକ,ତନାଘନା ଜାରି

**ଧରାକୋଟ,୨୩।୧(ଡି.ଏନ.ଏ.)** ଗଞ୍ଜାମ ଜିଲା ଧରାକୋଟ ଥାନା ମୁଣ୍ଡମରାଇ ଗ୍ରାମରେ ଥିବା ଆନ୍ଧ୍ର ବ୍ୟାଙ୍କ କ୍ୟାଶିୟରଙ୍କ କ୍ଷତବିକ୍ଷତ ମୃତଦେହ ବୁଧବାର ସୋମନାଥ କଲେଜ ନିକଟ ମୋରମ କ୍ୱାରିରୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ଛତ୍ରପୁର ରାମନଗର ଦ୍ୱିତୀୟ ଲାଇନର ବିନୟ କୁମାର ବେହେରା। ବିନୟଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା କୋକୋ ବେହେରା ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ହତ୍ୟା ମାମଲା(ନଂ.୧୪/୧୯)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରେମ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଉକ୍ତ ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଚାଲିଥିବା ଥାନା ଆଇଆଇସି ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

ପୋଲିସର ସୂଚନା ଅନୁଯାୟୀ, ବିନୟ ୩ ବର୍ଷ ହେଲା ଆନ୍ଧ୍ର ବ୍ୟାଙ୍କ ମୁଣ୍ଡମରାଇ ଶାଖାରେ କ୍ୟାଶିୟର ଭାବେ କାମ କରୁଥିଲେ। ସେ ବ୍ୟାଙ୍କ ନିକଟରେ ଘର ଭଡ଼ା ନେଇ ରହୁଥିଲେ। ସେଠାରେ ରହିବା ଭିତରେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ବିନୟଙ୍କୁ ସବୁବେଳେ ସନ୍ଦେହ କରୁଥିଲେ। ମଙ୍ଗଳବାର ବିନୟ ବ୍ୟାଙ୍କରେ କାମ ସାରି ଭଡ଼ାଘରକୁ ଯାଇ ନାବାଳିକାଙ୍କୁ ଫୋନ୍ କରି ଡାକିଥିଲେ। ନାବାଳିକା ଜଣକ ତାଙ୍କ ଘରକୁ ଯାଇଥିଲେ। ନାବାଳିକାଙ୍କ ଭାଇମାନେ ମଧ୍ୟ ପିଛା କରି ବିନୟ ରହୁଥିବା ଭଡ଼ାଘରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କୁ ଦେଖି ତାଙ୍କ ଭାଇମାନେ ଉତ୍‌କ୍ଷିପ୍ତ ହୋଇଥିଲେ। ପରେ ବିନୟଙ୍କୁ ଏହି ବିବାଦର ସମାଧାନ ପାଇଁ ଆଲୋଚନା କରିବାକୁ ସୋମନାଥ ବିଜ୍ଞାନ ମହାବିଦ୍ୟାଳୟ ନିକଟ ନିର୍ଜନ ମୋରମ କ୍ୱାରୀକୁ ଡାକି ନେଇଥିଲେ। ସେଠାରେ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏହି ଘଟଣା ଧରାକୋଟ ଥାନା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

**SHORT TENDER CALL NOTICE**
**Office of the D.G & I.G. of Police, Odisha, Cuttack**
No. 350-D

1. Sealed tenders are invited from the Original Equipment Manufacturers (OEM) or their Authorized Agent for purchase of different WT equipment and related articles i.e. H.F set with accessories for Odisha Police (Signals Establishment) for the financial year, 2018-19.
2. Name of items along with detail technical specifications, probable requirements against each item may be seen from the Web site of the Govt. of Odisha i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of issue of tender documents from dtd.24.1.2019 at 10.00 AM to dtd. 13.2.2019 up to 5.00 PM.
4. Last date for receipt of sealed tender on dtd. 14.2.2019 up to 5.00 PM.
5. Date for opening of sealed tenders / technical bids on dtd.15.2.2019 at 11.30 AM at the Office of the Addl. D.G. of Police, Communication, Odisha, Cuttack.

**A.I.G. of Police (Provisioning), Odisha, Cuttack. (Tender Calling Authority)**
12018/11/0057/1819

**BERHAMPUR MUNICIPAL CORPORATION**
No. 1016 Date: 21.01.19
**QUOTATION CALL NOTICE**
**No. 433-C:-** Sealed quotations are invited to be reached by Speed Post / Registered Post only from reputed agencies / firms for "Supply and Installation of CC Camera in MKCG Medical College & Hospital with 2 years Comprehensive Warrantee and support". The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 05.02.19, 5.00PM and will be opened on 06.02.19 at 11.00AM in the office of undersigned.

The authority reserves the right to accept or reject any quotation without assigning any reason thereof.

*Sd./- Commissioner*
*Berhampur Municipal Corporation*
13035/11/0203/1819

**OFFICE OF THE ENGINEER-IN-CHIEF (CIVIL), ODISHA, NIRMAN SOUDHA, KESHARI NAGAR, UNIT-V, BHUBANESWAR-751001**
**No.1158-B:- RFP Identification No. CE-DPI & R-10/2018-19**
**File No. CEP-BDK-02/2018 No. 3607 /Dt. 21.01.2019**
**INVITATION FOR QUALIFICATION/ PROPOSAL NOTICE INVITING TENDER (NIT)**

1. The Chief Engineer, D.P.I. & Roads, Odisha (the "Authority") on behalf of the Works Department, Govt. of Odisha invites tender for the work "Rehabilitation of High Level Bridge over river Baitarini on Chandabali-Bhadrak road (SH-9) in the district of Bhadrak in the State of Odisha on Turnkey Basis (i.e. including Condition Assessment, Rehabilitation Design, Execution and Post- Rehabilitation Monitoring)" under Turnkey Contract basis for selection of the parties/ Joint Ventures to whom the Project may be awarded eventually.
2. The Request for Proposal document (the "RFP" document) will be available in the website https://tendersodisha.gov.in from 10.00 AM of 28.01.2019 to 5.00 PM of 20.02.2019 for online bidding.
3. The bidder must possess compatible Digital Signature Certificate (DSC) of Class II or Class III. The online bidding procedure is indicated in the document.
4. The application shall be received only on "online" on or before 5.00 PM of 20.02.2019.
5. A Pre-bid meeting will be held at 12.30 PM on 08.02.2019 at the venue as specified in RFP.
6. Applications received on line shall be opened at 12.30 hours on 25.02.2019 in the office of the Engineer-in-Chief (Civil), Nirmana Saudha, Unit-V, Bhubaneswar, Odisha. If the office happens to be closed on the date of opening as specified, then the same will be opened on the next working day.
7. The authority reserves the right to cancel any or all bid without assigning any reason.
8. Further details with any addendum, corrigendum, cancellation can be seen from the website https://tendersodisha.gov.in.

**34117/11/0186/1819 Sd./- Chief Engineer (DPI & Roads), Odisha**

**GOVERNMENT OF ODISHA, "E"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**
**E-mail: rbcirclekhurda@gmail.com**
**Bid Identification No. SE-Khordha (R&B) Circle-16/2018-19**
**Memo No - Dt. 18.01.2019.**
No. 1157-B

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road work as detailed in the table below:

| | | | |
|---|---|---|---|
| 1. | Nature of Work | : | Road Work |
| 2. | No of Work | : | 01 No |
| 3. | Tender Cost | : | Rs.10000.00 (On-Line) |
| 4. | Class of Contractor | : | 'A' Class & 'B' Class |
| 5. | Available of Bid document in the Website | : | From Dt. 25.01.2019, 10.00 AM to Dt. 11.02.2019, 5.00 PM |
| 6. | Date of opening of Bid | : | Dt. 12.02.2019 at 11.30 AM |
| 7. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

**Superintending Engineer, Khordha (R&B) Circle, Khordha**
34127/11/0018/1819

**OFFICE OF THE EXECUTIVE ENGINEER**
**Rayagada (R&B) Division No. II, Rayagda - 765017**
**QUOTATION CALL NOTICE NO. RC R&B RGD NO-II 24/2018-19**

No. 1155-B: Sealed quotation is invited from established and reputed Original Equipment Manufacturers (OEM) or the authorized dealers for supply, installation & commissioning of the following items at Gunupur Court premises, Gunupur.

| Sl. No. | Name of Work | Quantity |
|---|---|---|
| 1 | Supply, Installation, Testing and Commissioning of 100 KVA, 3-ph, 415 V DG set with AMF Control pancel Complete with all accessories and connection at Gunupur Court, at Gunupur. | 1 |

**Date of issue of Tender Paper : 30.01.2019**
**Last date of Submission of Tender : 08.02.2019 till 4.00 P.M.**
**Opening of Bid : 11.02.2019 at 11.00 A.M.**
The authority reserves the right to cancel any or all quotations without assigning any reason thereof.
For details, please visit http://www.odisha.gov.in or in the above office for the tender papers.

**Sd./- Executive Engineer**
**Rayagada (R&B) Division No.- II**
34040/11/0052/1819

**Government of Odisha**
**Office of the Executive Engineer**
**Rural Works Division, Jharsuguda**
No. 1449-O
Email : eerw_jharsuguda@yahoo.co.in, Tel.: 06645-271643
**Bid Identification No. Online - EEJSG - 10 of 2018-19**
**NOTICE INVITING TENDER FOR BUILDING WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the work : Building works (Composite Tender) as per DTCN available in the www.tendersorissa.gov.in
2. Total No. of Work : 01 no.
3. Estimated Cost : Rs. 72.56 Lakhs
4. Period of completion : 9 (Nine) Calendar Months
5. Period and Time of availability of bid document in the portal for bidding : Dt. 25.01.2019 at 11.00AM to 04.02.2019 upto 5.00PM
6. Date and Time of bid opening : Dt. 06.02.2019 at 11.00AM
7. Name and address of the officer inviting Bid : E.E., R.W.Division, Jharsuguda

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

*Sd./- Executive Engineer*
*R.W. Division, Jharsuguda*
25104/11/0011/1819



ସାରା

# ଆଇଟମ୍‌କୁ ନା

ସାରା ଅଲ୍ଲୀ ଖାଁ ଗୋଟିଏ କଥାକୁ ନାକ ଟେକୁଛନ୍ତି। ଯେତେ ପାରିଶ୍ରମିକ ମିଳିଲେ ମଧ୍ୟ ସେ ସେପରି ଅଫରକୁ କେବେ ଗ୍ରହଣ କରିବେ ନାହିଁ ବୋଲି ଶୁଣାଇ ଦେଇଛନ୍ତି। ପୁଣି ସେଥିପାଇଁ ଦୁଇଟି ଭଲ ଅଫର ମଧ୍ୟ ହାତଛଡ଼ା ହୋଇଛି। ତେବେ ସେ କଥାଟି କ'ଣ ? ହଁ, ତାହା ହେଲା ଆଇଟମ୍ ନମ୍ବର। କୌଣସି ପରିସ୍ଥିତିରେ ସେ ଆଇଟମ୍ ଡ୍ୟାନ୍ସ କରିବେ ନାହିଁ ବୋଲି ମାଇଣ୍ଡ ମେକ୍‌ଅପ କରିଛନ୍ତି। ଏ ବିଷୟରେ ସାରା କହନ୍ତି, 'କୌଣସି ପରିସ୍ଥିତିରେ ମୁଁ ଏଭଳି ଅଫର ଗ୍ରହଣ କରିବି ନାହିଁ। ଏହାବ୍ୟତୀତ ଅଯଥା ଅଙ୍ଗ ପ୍ରଦର୍ଶନ କରିବା ଠିକ୍ ବୋଲି ମୁଁ ଭାବୁନି। ଜଣେ ଅଭିନେତ୍ରୀ ପ୍ରକୃତ ପରିଚୟ ହେଲା ତାହାର ଅଭିନୟ।' ସୈଫ ତନୟା ସାରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'କେଦାରନାଥ'ରୁ। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ସୁଶାନ୍ତ ସିଂ ରାଜପୁତ। ଅନ୍ୟପକ୍ଷରେ ନିକଟରେ ରିଲିଜ ହୋଇଥିବା 'ଶିମ୍ବା'ରେ ରଣବୀର ସିଂଙ୍କ ନାୟିକା ଭାବରେ ଅଭିନୟ କରିଥିଲେ ସାରା।

## ବଲିଉଡ୍ ହାଲ୍‌ଚାଲ୍

- ଏସ. ଶଙ୍କରଙ୍କ 'ଇଣ୍ଡିଆନ-୨'ର ନାୟକ ସାଜିବେ ଅଭିଷେକ ବଚ୍ଚନ। ଏଥିରେ କମଲ ହାସନ ମଧ୍ୟ ଅଭିନୟ କରିବେ।
- 'ମଣିକର୍ଣ୍ଣିକା : ଦ କୁଇନ୍ ଅଫ ଝାନସୀ'ର ନାୟିକା କଙ୍ଗନା ରାଣାଓ୍ୱତଙ୍କୁ ଏବେ ଶାଢ଼ି କିଣା ନିଶା ଘାରିଛି। ଏପରି କି ନିଜର ମନ ପସନ୍ଦର ଶାଢ଼ି କିଣିବାକୁ ସେ ଫରେନ୍ ଯିବାକୁ ଯୋଜନା କରୁଛନ୍ତି।
- ବର୍ତ୍ତମାନ ବିବାହ କରିବାର ଯୋଜନା ନାହିଁ ବୋଲି ସଫେଇ ଦେଇଛନ୍ତି ସୁଶାନ୍ତ ସିଂ ରାଜପୁତ। ଅଙ୍କିତା ଲୋଖାଣ୍ଡେଙ୍କ ସହ ବ୍ରେକ୍ ଅପ୍ ପରେ ଏବେ ତାଙ୍କ ନାମକୁ କ୍ରିତି ସାନନଙ୍କ ସହ ଯୋଡ଼ା ଯାଉଛି।
- ଦିନ ଥିଲା ଶାହରୁଖ ଏବଂ ଆମୀର ବଲିଉଡ୍‌ରେ ରାଜ୍ କରୁଥିଲେ। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଚଳିତ ବର୍ଷ ଏହି ଦୁଇ ମେଗା ଷ୍ଟାରଙ୍କର ଗୋଟିଏ ହେଲେ ଫିଲ୍ମ ରିଲିଜ ହେବାର ଯୋଜନା ନାହିଁ।
- କେଉଁ କ୍ରିକେଟ ଖେଳାଳିଙ୍କ ସହ ଅଭିନୟ କରିବାକୁ ଚାହିଁବେ ବୋଲି ଏକ ପ୍ରଶ୍ନର ଉତ୍ତରରେ କ୍ୟାଟ୍ରିନା କୈଫ କାହାକୁ ଚଏସ କରିଛନ୍ତି ଜାଣନ୍ତି ? ଭାରତୀୟ କ୍ରିକେଟ ଟିମ୍‌ର ଅଧିନାୟକ ବିରାଟ କୋହଲିଙ୍କୁ। ତେବେ ତାଙ୍କର ଏହି ଆଶା କେବେ ଫଳବତୀ ହେଉଛି ତାହା ଦେଖିବାକୁ ବାକି ରହିଲା।



କ୍ରିତି

ପରଦାରେ..

## ତୁ ମୋ ସୁନା ଚଢ଼େଇ

ସବୁ କଳ୍ପନା ଜଳ୍ପନା ଅବସାନ ଘଟାଇ ସୁଶାନ୍ତ ପଣ୍ଡାଙ୍କ ଓଡ଼ିଆ ସିନେମା 'ତୁ ମୋ ସୁନା ଚଢ଼େଇ' ଚଳିତ ମାସ ୨୫ରେ ପରଦା ଉପରକୁ ଆସୁଛି। ଲଭ୍, ଇମୋସନ, ଆକ୍ସନ ଏବଂ କମେଡିକୁ ନେଇ ଚଳଚ୍ଚିତ୍ରର କାହାଣୀ ଗତିଶୀଳ। ନିଜ ମନର ସୁନା ଚଢ଼େଇକୁ ପାଇବାକୁ ନାୟକ ନିଜ ଜୀବନକୁ ବାଜି ଲଗାଇ ଦେଇଛି। ଫିଲ୍ମରେ ନିଜ ରୋମାଣ୍ଟିକ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଭିନେତା ଜ୍ୟୋତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ବଙ୍ଗୀୟ ଅଭିନେତ୍ରୀ ଏଲସା ଘୋଷ। ଖାସ୍ କଥା ହେଲା,



ଜ୍ୟୋତି

ଏଥିରେ ତାନ୍ତ୍ରିକ ଅଘୋରି ଭୂମିକା ପାଇଁ ରାଇମୋହନ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି। ନୀତିନ ପଣ୍ଡା-ଭୁପେଶ ପଣ୍ଡାଙ୍କ ପ୍ରଯୋଜନାରେ ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲୀପ ପଣ୍ଡା। ଡ. ରଜନୀ ରଞ୍ଜନ ସଂଳାପ ରଚନା କରିଥିବାବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଲୀନା ପଣ୍ଡାଙ୍କ ସହ ପ୍ରଯୋଜନାରେ ନିର୍ମିତ ଏହି ଫିଲ୍ମର ଅନ୍ୟତମ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଶ୍ରେୟା। ଓଡ଼ିଆ ଅପେରା ଜଗତର ନାମୀ ଖଳନାୟକ ଦୈତାରି ପଣ୍ଡା, ଭୂପତି ତ୍ରିପାଠୀ, ଚିନ୍ତାମଣି, କେକେ, ବାବୁ ପ୍ରଧାନ, ଶିବୁ, ଅମର, ବୁଲୁ , ବିଟୁ, ମିତା ଚକ୍ରବର୍ତ୍ତୀ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

## 'ସେଲଫିସ୍ ଦିଲ୍'ରେ ଶ୍ରେୟାନ-ସୂର୍ଯ୍ୟମୟୀ



ଗୋଟିଏ ପଟେ ନବାଗତ ଶ୍ରେୟାନ ଆଉ ଅନ୍ୟପଟେ ଇତିମଧ୍ୟରେ ବେଶ୍ କେତୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଥିବା ଚୁଲବୁଲି ନାୟିକା ସୂର୍ଯ୍ୟମୟୀ। ଏହି ଯୋଡ଼ିକୁ ନେଇ ନିର୍ମିତ ହେଉଛି ଓଡ଼ିଆ ସିନେମା 'ସେଲଫିସ୍ ଦିଲ୍'। ବସନ୍ତ ସାହୁଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମରେ ନିଜ ନିଜ ଭୂମିକାକୁ ନେଇ ଦୁହେଁ ବେଶ୍ ଆଶାବାଦୀ ଅଛନ୍ତି। 'ସେଲଫିସ୍ ଦିଲ୍'ରେ ଶ୍ରେୟାନ ଜଣେ ନଟିବୟ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସୁଥିବାବେଳେ ସୂର୍ଯ୍ୟମୟୀଙ୍କୁ ମିଳିଛି ଏକ ଦମ୍‌ଦାର ରୋମାଣ୍ଟିକ ରୋଲ୍। ଏହା ପୂର୍ବରୁ 'ଭଲ ପାଏ ତତେ ୧୦୦ରୁ ୧୦୦', 'ଆଖି ଖୋଲିଦେଲେ ତୁ : ତୁ ହି ତୁ' ଏବଂ 'ଶକ୍ତି'ରେ ସେ ଅଭିନୟ କରିସାରିଛନ୍ତି ଏବଂ ତାଙ୍କ ଅଭିନୀତ 'କ୍ରେଜି-୪' ଓ 'କ୍ରିଷ୍ଣା-ଦ ଷ୍ଟୋରି ଅଫ ଏ ଡ୍ୟାନ୍ସର' ରିଲିଜ ଅପେକ୍ଷାରେ ରହିଛି। ତେବେ ପୂର୍ବରୁ ବାବୁସାନ୍, ଦୀପକ ଏବଂ ନବାଗତ କରନ୍‌ଙ୍କ ସହ ସ୍କ୍ରିନ୍ ଶେୟାର କରିସାରିଥିବା ଏହି ଅଭିନେତ୍ରୀ ଏଥର ଶ୍ରେୟାନଙ୍କ ସହ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।

## ଚାଲିଛି ଗୁରୁ ଖୋଜା

ଉର୍ବଶୀ ରୌଟେଲା ଏବେ ଗୁରୁ ଖୋଜିବାରେ ବ୍ୟସ୍ତ। ହେଲେ ହଠାତ୍ ତାଙ୍କର ଗୁରୁଙ୍କର ଆବଶ୍ୟକତା ପଡ଼ିଲା କାହିଁକି ? ଅସଲ କଥା ହେଲା, ସେ କମେଡି ଶିଖିବାକୁ ଚାହୁଁଛନ୍ତି। ତେଣୁ ସୀମିତ ସମୟ ଭିତରେ ଏହି ବିଷୟରେ କିପରି ଅନେକ କଥା ଜାଣିହେବ ସେଥିପାଇଁ ଏବେଠାରୁ ଲାଗିପଡ଼ିଛନ୍ତି ସେ। କଥା କ'ଣ କି ନିକଟରେ ସେ ଆନିସ ବାଜମୀଙ୍କ ଆଗାମୀ ଫିଲ୍ମ 'ପାଗଲପନ୍ତୀ'ରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ତାଙ୍କୁ ଏକ କମେଡି ଭୂମିକା ମିଳିଛି। ଏ କଥା ଶୁଣିବା ପରେ ଫିଲ୍ମର ଶୁଟିଂ ପୂର୍ବରୁ ଭଲ ଭାବରେ କମେଡି ଶିଖିବାକୁ ମାଇଣ୍ଡ ମେକ୍‌ଅପ୍ କରିଛନ୍ତି ସେ। ଏ ବିଷୟରେ ଉର୍ବଶୀ କହନ୍ତି, 'ଏହି ଫିଲ୍ମରେ ମୋତେ କମେଡି ଭୂମିକା ମିଳିଛି। ଏପରି ଭୂମିକାକୁ କେମିତି ନେଇଆଣି ଥୋଇବି ସେଥିପାଇଁ ଚିନ୍ତାରେ ପଡ଼ିଯାଇଛି। ଅସଲ କଥା ହେଲା, ଏବେ ମୁଁ ଭଲ କମେଡି ଗୁରୁ ଖୋଜୁଛି। ତାହା ମିଳିଗଲେ ମୋର ଅଧା ଟେନସନ ଦୂର ହୋଇଯିବ।' ଇଏ ତ ଗଲା କମେଡି ଗୁରୁ କଥା। ଭବିଷ୍ୟତରେ କେବେ ଅଯଥା ଅଙ୍ଗ ପ୍ରଦର୍ଶନ କରିବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି ଉର୍ବଶୀ। କେବଳ ସେତିକି ନୁହେଁ, ଏପରି ନିଷ୍ପତ୍ତି ପାଇଁ ସେ ୨-୩ଟି ଅଫର ମଧ୍ୟ ହାତଛଡ଼ା କରିଛନ୍ତି।



ଉର୍ବଶୀ

## ଏଥର ସତସତିକା

ପୂର୍ବରୁ ସେ ବେଶ୍ କେତେଥର ମିଛିମିଛିକା ବର ସାଜିସାରିଛନ୍ତି। ହେଲେ ଏଥର ସତସତିକା ବର ବେଶରେ ସେ କନ୍ୟାଘରକୁ ଯିବେ। ସେ ହେଲେ ଅଭିନେତା ବାବୁରାଜା। ବିଶେଷଭାବରେ କମେଡି ଏବଂ ଜଣେ ଚରିତ୍ର ଅଭିନେତା ଭାବରେ ନିଜ କ୍ୟାରିୟର ଜାରି ରଖିଛନ୍ତି ସେ। ଧାରାବାହିକ 'ସିଆଇଡି'ରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି ସେ।



ବାବୁରାଜା

ଏହାବ୍ୟତୀତ କେତୋଟି ଆଲବମ୍ ଏବଂ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ସେ ହେଲେ ବାବୁରାଜା। 'ସବୁଠାରୁ ବଡ଼ କଥା ହେଲା ମୁଁ ଯେଉଁ କେତୋଟି ଭୂମିକାରେ ଦର୍ଶକଙ୍କ ସାମ୍‌ନାକୁ ଆସିଛି ତାହାକୁ ଦର୍ଶକ ଗ୍ରହଣ କରିଛନ୍ତି ତେଣୁ ସେମାନଙ୍କ ନିକଟରେ ମୁଁ ଚିରଋଣୀ। ଯେଉଁ ଭୂମିକାଟିଏ ମିଳେ ତାହାକୁ କିପରି ସକ୍‌ସେସ କରିବି ସେ ନେଇ ନିଜକୁ ପୂର୍ବରୁ ପ୍ରସ୍ତୁତି କରିନେଇଥାଏ ବୋଲି କହନ୍ତି ସେ। ସାଲେପୁରରେ ଜନ୍ମିତ ସୀମାଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିବାକୁ ଯାଉଛନ୍ତି ବାବୁରାଜା।

ଅପେରା ହାଲ୍‌ଚାଲ୍

## ସମାଜଧର୍ମୀ ନାଟକ ହିଁ ଲେଖିଥାଏ

'ନାଟକଟିଏ କେବଳ ଲେଖିଦେଲେ ଜଣେ ନାଟ୍ୟକାରର ଦାୟିତ୍ୱ ସରିଗଲା ବୋଲି ଭାବିବା ଭୁଲ। ସେହି ନାଟକରୁ ସମାଜ ଅନେକ ଭଲ କଥା ଯଦି ଶିଖିପାରିଲା ତେବେ ଜାଣିବେ ଯେ ମୋର ପରିଶ୍ରମ ସାର୍ଥକ ହେଲା। ଆଜିକାଲି



ଶ୍ରୀନିବାସ ବିଶ୍ୱାଳ

ସମାଜରେ ଅନେକ ଘଟଣା ଘଟୁଛି। ତାକୁ ପାଥେୟ କରି ସମାଜକୁ ଭଲ ବାର୍ତ୍ତା ଦିଆଯାଇପାରିବ। ଜଣକ ଜୀବନରେ ପରିବର୍ତ୍ତନ ଅଣାଯାଇପାରିବ। ତେଣୁ ମୁଁ ସବୁବେଳେ ସମାଜଧର୍ମୀ ନାଟକ ରଚନା ଉପରେ ହିଁ ଗୁରୁତ୍ୱ ଦେଇଥାଏ ବୋଲି କହନ୍ତି ନାଟ୍ୟକାର ଶ୍ରୀନିବାସ ବିଶ୍ୱାଳ। ଜଗତ୍‌ସିଂହପୁର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂରେ ତାଙ୍କର ଜନ୍ମ। ସ୍ଥାନୀୟ ତିରଣସ୍ଥିତ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟରେ ପଢ଼ିବା ବେଳେ ସେ ଲେଖାଲେଖି ପ୍ରତି ଆକର୍ଷିତ ହୋଇଥିଲେ। ରାଇମୋହନଙ୍କ ନିର୍ଦ୍ଦେଶିତ ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ 'କେବେ ହେବ ସତ ରାବଣ ପୋଡ଼ି' ଥିଲା ତାଙ୍କ ରଚିତ ପ୍ରଥମ ଅପେରା ନାଟକ। ଏହାପରେ ତାଙ୍କ ରଚିତ 'ମାଙ୍କଡ଼ ଉବାଚ' (ତ୍ରିରଙ୍ଗା ଗଣନାଟ୍ୟ), ମଇଳା ପଣତ (ଉର୍ବଶୀ ଗଣନାଟ୍ୟ) ଏବଂ 'ବେସରକାରୀ ବେଶ୍ୟା' (ଶାରଳା ଗଣନାଟ୍ୟ) ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କେବଳ ସେତିକି ନୁହେଁ ତାଙ୍କ ପୁତ୍ର ରଞ୍ଜନ ବିଶ୍ୱାଳ ଏବେ ଓଡ଼ିଆ ଅପେରା ଜଗତରେ ନିଜ ନିର୍ଦ୍ଦେଶନା କ୍ୟାରିୟର ଚାଲୁ ରଖିଛନ୍ତି।

## ଟୁ-ଇନ୍-ୱାନ ସମ୍ବିତ

ଅଭିନେତାଙ୍କୁ ପ୍ରଯୋଜକ ହେବା କିଛି ନୂଆ କଥା ନୁହେଁ। ଓଲିଉଡ୍‌ରେ ଏହାର ଅନେକ ନଜୀର ରହିଛି। ନିକଟରେ ଏହି ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି ନାୟକ ସମ୍ବିତ ଆଚାର୍ଯ୍ୟ। ତାଙ୍କ ସହ ହାତ ମିଳାଇଛନ୍ତି ସମରେଶ ରାଉତରାୟ ଏବଂ ଅଭିନେତା ବୁଲୁ। ଏମାନଙ୍କ ପ୍ରଯୋଜନାରେ ତଥା ଏସ-ଥ୍ରୀ ମୁଭିଜ, ଲାବନ୍ୟ ଫିଲ୍ମସ ଏବଂ ଡିକେଏଫ ବ୍ୟାନରରେ ଏକାଥରେ ନିର୍ମିତ ହେବାକୁ ଯାଉଛି ଦୁଇଟି ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଆୱାରା ଦିଲ୍' ଏବଂ 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ'। ଖାସ୍ କଥା ହେଲା ଏହି ଫିଲ୍ମଦ୍ୱୟରେ ସମ୍ବିତ ନାୟକ ଭୂମିକାରେ ଅବତୀର୍ଣ୍ଣ ହେବେ ଏବଂ ତାଙ୍କର ନାୟିକା ସାଜୁଛନ୍ତି ପୁନମ ମିଶ୍ର। 'ଆୱାରା ଦିଲ୍'ର ନିର୍ଦ୍ଦେଶନା ସୁଧାକର ବସନ୍ତ ଦେବେ ଏବଂ ଗୀତଗୁଡିକର ସ୍ୱର ସଂଯୋଜନା କରୁଛନ୍ତି ଅଭିଜିତ ମଜୁମଦାର। ଅନ୍ୟପକ୍ଷରେ 'ଟିକେ ଲଭ୍ ଟିକେ ଟ୍ୱିଷ୍ଟର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିବେ ଏସ.କେ.ମୁରଲୀଧରନ ଏବଂ ଏହାର ସଙ୍ଗୀତ ନିର୍ଦ୍ଦେଶକ ସାଜିଛନ୍ତି ପ୍ରେମ ଆନନ୍ଦ। ଏହି ଫିଲ୍ମଦ୍ୱୟର ସଂଳାପ ରଚନା କରୁଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମର ଅବଶିଷ୍ଟ କାଷ୍ଟିଂ ଶୀଘ୍ର ଶେଷ ହେବା ସହ ଶୁଟିଂ ନିକଟରେ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ସମ୍ବିତ୍

Dollar 71.33 (11) | Sensex 336.17 ↓ 36,108.47 | Nifty 91.25 ↓ 10,831.50 | Gold ₹115 ↓ 33,210.00 | Silver ₹310 ↑ 40,160.00

"୨୦୨୨ ସୁଦ୍ଧା ଦେଶର ସବୁ ମଣ୍ଡିକୁ ଇ-ନାମ୍ ପ୍ଲାଟଫର୍ମରେ ଯୋଡ଼ିବା ଲାଗି ସରକାର ଯୋଜନା ରଖିଛନ୍ତି।
–ରାଧା ମୋହନ ସିଂ, କେନ୍ଦ୍ର କୃଷି ମନ୍ତ୍ରୀ



"ଅଟଳ ପେନସନ ଯୋଜନାର ସର୍ବୋଚ୍ଚ ବୟସ ବଢ଼ାଇବା ନେଇ ରହିଥିବା ପ୍ରସ୍ତାବ ଉପରେ ଅର୍ଥ ମନ୍ତ୍ରଣାଳୟ ବିଚାର କରୁଛି।
– ରାଜୀବ କୁମାର, ଅର୍ଥ ସେବା ସଚିବ



## ସଂକ୍ଷେପରେ

### ସେଣ୍ଟ୍ରାଲାଇଜ୍ଡ ଜିଏସ୍‌ଟି ଆପିଲେଟ ଅଥରିଟି ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ,୨୩-୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ ବ୍ୟାପାର କେନ୍ଦ୍ର କ୍ୟାବିନେଟ ବୁଧବାର ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ମାମଲାର ଅଗ୍ରିମ ନିଷ୍ପତ୍ତି ଲାଗି ଏକ ସେଣ୍ଟ୍ରାଲାଇଜ୍ଡ ଆପିଲେଟ ଅଥରିଟି ଗଠନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିଲାଗି ଜିଏସ୍‌ଟି ଆଇନରେ ସଂଶୋଧନ କରାଯିବ। ଦୁଇଟି ରାଜ୍ୟସ୍ତରୀୟ ଜିଏସ୍‌ଟି ଆପିଲେଟ ଅଥରିଟି ଗୋଟିଏ ପ୍ରକାର ମାମଲାରେ ଦୁଇ ପ୍ରକାର ରାୟ ଦେଇଥିଲେ ଏଭଳି ମାମଲାକୁ ସେଣ୍ଟ୍ରାଲାଇଜ୍ଡ ଆପିଲେଟ ଅଥରିଟି ସମ୍ମୁଖରେ ଉପସ୍ଥାପନ କରାଯିବ। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି କାଉନସିଲ୍‌ର ଡିସେମ୍ବର ବୈଠକରେ ଏଭଳି ଏକ ଆପିଲେଟ ଟ୍ରିବ୍ୟୁନାଲ ଗଠନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ଭିନ୍ନ ଭିନ୍ନ ଅଥରିଟିଙ୍କ ଦ୍ୱାରା ଭିନ୍ନ ରାୟ ଦିଆଯିବା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବା ଉଦ୍ୟୋଗ ଜଗତ ଏଥିପାଇଁ ଏକ ସେଣ୍ଟ୍ରାଲାଇଜ୍ଡ ଅଥରିଟି ଗଠନ କରିବାକୁ ଦାବି କରିଆସୁଥିଲେ।

### ଦୁର୍ନୀତି ମାମଲା ଏୟାର ଇଣ୍ଡିଆର ପୂର୍ବତନ ସିଏମ୍‌ଡି ଗିରଫ



**ନୂଆଦିଲ୍ଲୀ,୨୩-୧:** ଜେନେରାଲ ମ୍ୟାନେଜର ର୍ୟାଙ୍କର ଅଧିକାରୀଙ୍କ ନିଯୁକ୍ତି ବେଳେ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେଶନ(ସିବିଆଇ) ଏୟାର ଇଣ୍ଡିଆର ପୂର୍ବତନ ସିଏମ୍‌ଡି ଅରବିନ୍ଦ ଯାଦବଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଗିରଫ କରିଛି। ସିବିଆଇର ଜଣେ ବରିଷ୍ଠ ଅଧିକାରୀ ବୁଧବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯାଦବଙ୍କ ସହିତ ତତ୍କାଳୀନ ଜେନେରାଲ ମ୍ୟାନେଜର(ମେଡିକାଲ ସର୍ଭିସ୍) ଡ.ଏଲ୍.ପି.ନାଖୱା, ଅତିରିକ୍ତ ଜେନେରାଲ ମ୍ୟାନେଜର କ୍ୟାପଟେନ୍ ଏ.କାଠପାଲିୟା, କ୍ୟାପଟେନ୍ ଅମିତାଭ ସିଂ ଓ କ୍ୟାପଟେନ୍ ରୋହିତ ଭାସିନଙ୍କୁ ଗିରଫ କରାଯାଇଛି। ସମସ୍ତେ ଅବସର ନେଇସାରିଛନ୍ତି। ଦୁର୍ନୀତି ନିର୍ବାରଣ ଆଇନ ଅଧୀନରେ ଏବଂ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ଅଣାଯାଇ ସେମାନଙ୍କୁ ଗିରଫ କରାଯାଇଛି। ପୂର୍ବତନ ସିଏମ୍‌ଡି ଯାଦବ ଏକ କମିଟି ଗଠନ କରିଥିଲେ। କମିଟି ଗଠନ ହେବା ପରେ ବେଆଇନ ପଦୋନ୍ନତି ତାଲିକା ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ପ୍ରାର୍ଥୀଙ୍କ ନାମ ସୁପାରିସ କରାଯାଇଥିଲା ବୋଲି ସିବିଆଇ ଅଭିଯୋଗ କରିଛି।

### ଚୋକ୍‌ସି, ପରିବାରଠାରୁ ୪୦୫ କୋଟି ଆଦାୟ କରିବ ଏସ୍‌ବିଆଇ

**ନୂଆଦିଲ୍ଲୀ,୨୩-୧:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତିରେ ସମ୍ପୃକ୍ତ ଥିବା ମେହୁଲ ଚୋକ୍‌ସି, ତାଙ୍କ ପରିବାର ଏବଂ କମ୍ପାନୀଙ୍କଠାରୁ ପ୍ରାୟ ୪୦୫ କୋଟି ଟଙ୍କାର ଋଣ ଆଦାୟ ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବେ ଅଣ୍ଟା ଭିଡ଼ିଛି। ଚୋକ୍‌ସି ମାମଲାରେ ଏସ୍‌ବିଆଇ ପ୍ରଥମଥର ପର୍ଦ୍ଦାଫାସ କରିଛି। ଭାରତୀୟ ପାସ୍‌ପୋର୍ଟ ସମର୍ପଣ ପରେ ଚୋକ୍‌ସିଙ୍କ ଭାରତ ଫେରିବା ଅସମ୍ଭବ ହେବ ବୋଲି ଦୁଇ ଦିନ ପୂର୍ବେ ଜଣାପଡିବା ପରେ ଏସ୍‌ବିଆଇ ଏବେ ଏହାର ବକେୟା ଆଦାୟ ଲାଗି ପଦକ୍ଷେପ ନେବାକୁ ଯାଉଛି। ସେ ଏବେ ଆଣ୍ଟିଗୁଆ ନାଗରିକତ୍ୱ ନେଇସାରିଛନ୍ତି। ମୁମ୍ବାଇ, ରାଇଗଡ଼, ନାସିକ ଏବଂ ହାଇଦ୍ରାବାଦରେ ଥିବା ସମ୍ପତ୍ତି ବଦଳରେ ଚୋକ୍‌ସି ଓ ତାଙ୍କ ପରିବାର ଏବଂ କମ୍ପାନୀ ପକ୍ଷରୁ ଏସ୍‌ବିଆଇରୁ ଋଣ ନିଆଯାଇଥିଲା। ମେହୁଲଙ୍କ ଶେଷ ଜଣାଥିବା ଠିକଣାରେ ଏସ୍‌ବିଆଇ ପକ୍ଷରୁ ଋଣ ଆଦାୟ ନେଇ ନୋଟିସ ପଠାଯାଇଛି। ପାରିପାସୁ ଭିତ୍ତିରେ ଚୋକ୍‌ସି ଓ ତାଙ୍କ ପରିବାର ସମ୍ପତ୍ତି ଏବଂ ଶେୟାର ବନ୍ଧା ରଖିଥିଲେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଏନ୍‌ପିଏ ସମସ୍ୟାକୁ ଉତ୍କଟ କରିବ ଜଳ ସଙ୍କଟ

**ନୂଆଦିଲ୍ଲୀ,୨୩-୧**



ବିଭିନ୍ନ କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ(ଏନ୍‌ପିଏ) ସମସ୍ୟା ଗୁରୁତର ହୋଇଛି। ତେବେ ଦେଶରେ ଜଳ ସଙ୍କଟ ଦେଖାଦେଲେ ବ୍ୟାଙ୍କଗୁଡିକର ଏନ୍‌ପିଏ ସମସ୍ୟା ଆହୁରି ଉତ୍କଟ ହେବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଅଧିକାଂଶ ଋଣପ୍ରଦାନକାରୀ ଏଭଳି କେତେକ କ୍ଷେତ୍ରକୁ ଋଣ ଦେଇଛନ୍ତି, ଯେଉଁଠି ଜଳ ଯୋଗାଣ ସହ ଏହାର ସିଧାସଳଖ ସମ୍ପର୍କ ରହିଛି।

ଉଲ୍ଲେଖଥାଉ କି, ଏନ୍‌ପିଏ ସମସ୍ୟା ଯୋଗୁ ଚାପରେ ଥିବା ବ୍ୟାଙ୍କଗୁଡିକର ଚିନ୍ତା ବଢ଼ାଇ ଦେଇଛି ବନ୍ୟଜନ୍ତୁ ସଂରକ୍ଷଣ ପାଇଁ କାମ କରୁଥିବା ୱାର୍ଲ୍ଡ ୱାଇଲ୍ଡଲାଇଫ ଫଣ୍ଡ(ଡବ୍ଲ୍ୟୁଡବ୍ଲ୍ୟୁଏଫ୍)। ବୁଧବାର ରିପୋର୍ଟ ଜାରି କରି ଏହା କହିଛି ଯେ, ଜଳ ସଙ୍କଟ ବ୍ୟାଙ୍କଗୁଡ଼ିକର ଚାପଗ୍ରସ୍ତ ବାଲାନ୍ସ ସିଟ୍‌ରେ ନମନୀୟତାକୁ ଆହୁରି କମାଇ ଦେବ। ଇଣ୍ଡିଆନ ବ୍ୟାଙ୍କ୍‌ସ ଆସୋସିଏଶନ(ଆଇବିଏ) ସହଯୋଗରେ ଜାରି ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଣ୍ଡିଆ ରିପୋର୍ଟ 'ହିଡେନ ରିସ୍କସ୍ ଆଣ୍ଡ୍ ଅନ୍‌ଟାପ୍‌ଡ ଅପରର୍ଚ୍ୟୁନିଟିଜ: ୱାଟର ଆଣ୍ଡ୍ ଦ ଇଣ୍ଡିଆନ ବ୍ୟାଙ୍କିଙ୍ଗ ସେକ୍ଟର'ରେ ବ୍ୟାଙ୍କଗୁଡିକ ପ୍ରତି ପାଣି କିପରି ବିପଦ ସୃଷ୍ଟି କରେ ସେ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଜଳଜନିତ ବିପଦ ଯୋଗୁ ବିଜୁଳି ଓ କୃଷିକ୍ଷେତ୍ରର ସମ୍ପତ୍ତି କିପରି ବେକାର ହୋଇଯିବ ସେ ସମ୍ପର୍କରେ ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏହି ଦୁଇଟି କ୍ଷେତ୍ରରେ ବ୍ୟାଙ୍କଗୁଡିକ ସର୍ବାଧିକ ଋଣ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ଭାରତୀୟ ବ୍ୟାଙ୍କଗୁଡିକର ମୋଟ୍ ଋଣର ୪୦% ଅଂଶ ଉକ୍ତ ଦୁଇଟି କ୍ଷେତ୍ରରେ ରହିଛି। ବ୍ୟାଙ୍କଗୁଡିକର ମୋଟ ଋଣର ୧୦% ପୂର୍ବରୁ ହିଁ ଏନ୍‌ପିଏ ହୋଇସାରିଲାଣି। ଋଣଗ୍ରହୀତା ନେଇଥିବା ଋଣକୁ ଫେରସ୍ତ କରୁ ନଥିବାରୁ ବ୍ୟାଙ୍କଗୁଡିକର ସଙ୍କଟ ବଢ଼ିବାରେ ଲାଗିଛି। ଏହି ବିପଦ କାରଣରୁ ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତି ଆହୁରି ପ୍ରଭାବିତ ହେବ। ନୀତି ଆୟୋଗର ମତାମତକୁ ଉଦ୍ଧାର କରି ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଜଳ ସଙ୍କଟ ବର୍ତ୍ତମାନ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି।

# ମାରୁତି ସୁଜୁକିର ନୂଆ ୱାଗନର ବଜାରରେ



**ନୂଆଦିଲ୍ଲୀ,୨୩-୧**

ପ୍ରମୁଖ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ 'ୱାଗନର' ୨୦୧୯ର ବଜାରକୁ ଆସିଛି। ଏହା ଏଲ୍‌ଏକ୍ସଆଇ, ଭିଏକ୍ସଆଇ ଏବଂ ଜେଡଏକ୍ସଆଇ ଭଳି ୩ ଭାରିଆଣ୍ଟରେ ଉପଲବ୍ଧ। ମଡେଲଟିର ଏକ୍ସ ଶୋ'ରୁମ ଆରମ୍ଭ ମୂଲ୍ୟ ୪.୧୯ ଲକ୍ଷ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ୧.୦ ଲିଟର ଏବଂ ୧.୨ ଲିଟରର ପେଟ୍ରୋଲ ଇଞ୍ଜିନ ସହ ଆସିଛି। ସେହିଭଳି ଉନ୍ନତ ଟ୍ରାନ୍ସମିଶନ ବିକଳ୍ପ ଗ୍ରାହକ ପାଇ ପାରିବେ। ଅପରପକ୍ଷରେ ଅଟୋମେଟେଡ ମାନୁଆଲ ଟ୍ରାନ୍ସମିଶନ ସିଷ୍ଟମ ଅଟୋ ଗିୟର ସିଫ୍ଟ (ଏଜିଏଫ୍) ସୁବିଧା ଏଥିରେ ଦିଆଯାଇଛି। ଏହା କମ୍ପାନୀର ତୃତୀୟ ଜେନେରେଶନ ମଡେଲ ହୋଇଥିବା ବେଳେ ସମ୍ପୂର୍ଣ୍ଣ ନୂଆ ଗ୍ରାଉଣ୍ଡ ଅପ୍ ସହ ଆସିଛି। ଡିଜାଇନ ଏବଂ ଲୁକ୍ସକୁ ଏଥିରେ ଭିନ୍ନତା ଦିଆଯାଇଛି। ମଡେଲଟିରେ ନୂଆ ଗ୍ରୀଲ ଏବଂ ପୁନଃ ଡିଜାଇନ ହୋଇଥିବା ହେଡ ଲ୍ୟାମ୍ପ ସହ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ରାଜ୍ୟରେ ଉଜ୍ଜ୍ୱଳାରେ ୩୬ ଲକ୍ଷରୁ ଉର୍ଦ୍ଧ୍ୱ ସଂଯୋଗ



**ଭୁବନେଶ୍ୱର,୨୩-୧**

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା(ପିଏମ୍‌ୟୁୱାଇ)ରେ ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ୬ କୋଟିରୁ ଉର୍ଦ୍ଧ୍ୱ ପରିବାରକୁ ଗ୍ୟାସ୍ ସିଲିଣ୍ଡର ସଂଯୋଗ ପ୍ରଦାନ କରାଯାଇଛି। ୨୦୧୪ରେ ସାରା ଦେଶରେ ଗ୍ୟାସ ପେନିଟ୍ରେଶନ ୫୬% ଥିବା ବେଳେ ଏହା ବର୍ତ୍ତମାନ ୯୦%କୁ ବଢ଼ିଛି। ୨୦୧୧ ଜନଗଣନା ମୁତାବକ ରାଜ୍ୟରେ ୯.୮% ପରିବାର ନିକଟରେ ଏଲ୍‌ପିଜି ପହଞ୍ଚିଥିଲା। ୨୦୧୪ରେ ରାଜ୍ୟରେ ୨୦.୨୨ ଲକ୍ଷ ପରିବାର ନିକଟରେ ଏଲ୍‌ପିଜି ସୁବିଧା ଥିବାବେଳେ ଏହା ବର୍ତ୍ତମାନ ତିନିଗୁଣ ବଢ଼ି ୭୫ ଲକ୍ଷରେ ପହଞ୍ଚିଛି। ପିଏମ୍‌ୟୁୱାଇରେ ରାଜ୍ୟରେ ଏଲ୍‌ପିଜି ସଂଯୋଗ ଧାରାରେ ବୃଦ୍ଧି ଯୋଗୁ ଅଧିକ ଲୋକଙ୍କ ନିକଟରେ କ୍ଲିନ ଫୁଏଲ ପହଞ୍ଚି ପାରିଛି। ରାଜ୍ୟର ମୋଟ ୧୦୬ ଲକ୍ଷ ପରିବାର ମଧ୍ୟରୁ ୭୫ ଲକ୍ଷ ପରିବାର ଏଲ୍‌ପିଜି ସୁବିଧା ଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଉଜ୍ଜ୍ୱଳାରେ ୩୬ ଲକ୍ଷରୁ ଉର୍ଦ୍ଧ୍ୱ ସଂଯୋଗ ଦିଆଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଅଏଲ କର୍ପୋରେଶନ ସିଜିଏମ୍ ପ୍ରତିଶ ଭରତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗତ ଚାରି ବର୍ଷରେ ବିତରଣକାରୀଙ୍କ ସଂଖ୍ୟା ୩୬୭ରୁ ୮୬୩କୁ ବୃଦ୍ଧି ଘଟିଛି। ରାଜ୍ୟରେ ଏଲ୍‌ପିଜି ସିଲିଣ୍ଡର ବଟଲିଂ କ୍ଷମତା ଦୁଇଗୁଣ ବଢ଼ି ୩ କୋଟି ଛୁଇଁଛି। ରାଜ୍ୟର ସବୁ ପରିବାରରେ ଏଲ୍‌ପିଜି ପହଞ୍ଚାଇବାକୁ ଯୋଜନା ରହିଥିବା ସେ ସ୍ପଷ୍ଟ କରିଛନ୍ତି। ୨୦୧୯ ମାର୍ଚ୍ଚ ସୁଦ୍ଧା କମ୍ପାନୀଗୁଡ଼ିକ ଆଉ ୧୦ରୁ ୨୦ ଲକ୍ଷ ସଂଯୋଗ ପ୍ରଦାନ କରିବେ। ଅପରପକ୍ଷରେ ପିଏମ୍‌ୟୁୱାଇରେ ପ୍ରତିମାସରେ ୧.୫ ଲକ୍ଷ ସଂଯୋଗ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଆଇଓସିଏଲ୍‌ର ଏଲପିଜି ଜିଏମ୍ ସଞ୍ଜୟ କୁମାର ଝା, ଏଚ୍‌ପିସିଏଲ୍‌ର ଡିଜିଏମ୍ ଧର୍ମେନ୍ଦ୍ର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ପାଳନ ହେଉଛି ଉଜ୍ଜ୍ୱଳା ସ୍ୱାଭିମାନ ଦିବସ

ରାଜ୍ୟର ୩୦ ସ୍ଥାନରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ଗୁରୁବାର ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳନ କରାଯାଉଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସ ଯୋଗେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବେ। ଉଜ୍ଜ୍ୱଳା ଯୋଜନା କିଭଳି ଭାବେ ମହିଳାଙ୍କ ଜୀବନରେ ପ୍ରଭାବ ଆଣିଛି କାର୍ଯ୍ୟକ୍ରମରେ ସେମାନେ ଏହି ଅଭିଜ୍ଞତା ବଖାଣିବେ। କାର୍ଯ୍ୟକ୍ରମରେ ଉଜ୍ଜ୍ୱଳା ଏବଂ ଏଲ୍‌ପିଜି ନିରାପତ୍ତା ନେଇ ମଧ୍ୟ ଭିଡ଼ିଓ ପ୍ରଦର୍ଶନ କରାଯିବ।

# ସବୁଠୁ ଦ୍ରୁତଗତିରେ ବିକାଶ କରିବ ଭାରତ: ଜାତିସଂଘ

**ନୂଆଦିଲ୍ଲୀ,୨୩-୧**

ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପରେ ଏବେ ଜାତିସଂଘ ମଧ୍ୟ ଭାରତୀୟ ଅର୍ଥନୀତିର ବିକାଶ ଦ୍ରୁତଗତିରେ ହେଉଥିବା ସ୍ୱୀକାର କରିଛି। ୨୦୧୯ ଓ ୨୦୨୦ରେ ଭାରତର ଅର୍ଥନୀତିର ଗତି ସର୍ବାଧିକ ରହିବ। ଏହା ଚାଇନାକୁ ପଛରେ ପକାଇବା ସହ ସାରା ବିଶ୍ୱରେ ଅଗ୍ରଣୀ ରହିବ ବୋଲି ଜାତିସଂଘ ପକ୍ଷରୁ ବୁଧବାର ଏକ ରିପୋର୍ଟ ଜାରି କରି କୁହାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୧୮-୧୯ରେ ଭାରତର ଅର୍ଥନୀତି ୭.୪% ଏବଂ ପରବର୍ତ୍ତୀ ଆର୍ଥିକ ବର୍ଷ ୨୦୧୯-୨୦ରେ ଏହା ୭.୬%କୁ ଛୁଇଁବ। ଜାତିସଂଘର ବିଶ୍ୱ ଆର୍ଥିକ ସ୍ଥିତି ଏବଂ ସମ୍ଭାବନା ୨୦୧୯ ଶୀର୍ଷକ ରିପୋର୍ଟରେ ୨୦୨୦-୨୧ରେ ଭାରତର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ବୃଦ୍ଧି ହାର ୭.୪% ରହିବ ବୋଲି ଅନୁମାନ କରିଛି। ଘରୋଇ ଉପଭୋଗ, ଅଧିକ ବିସ୍ତାରକାରୀ ଆର୍ଥିକ ପଦକ୍ଷେପ ଏବଂ ବିଗତ ସଂସ୍କାର ଯୋଗୁ ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧିପାଉଛି। ଅନ୍ୟପକ୍ଷରେ ଚାଇନା ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ, ଏହି ଦେଶର ୨୦୧୮ରେ ବିକାଶ ହାର ୬.୬ ପ୍ରତିଶତ ରହିଥିବା ବେଳେ ୨୦୧୯ରେ ଆହୁରି ଅଧିକ ହ୍ରାସ ପାଇ ୬.୩ ପ୍ରତିଶତରେ ପହଞ୍ଚିବ। ଆମେରିକା ସହ ଆରମ୍ଭ ହୋଇଥିବା ଟ୍ରେଡ୍ ୱାର୍‌କୁ ଏଥିପାଇଁ ଦାୟୀ କରାଯାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ଅର୍ଥନୀତି ସମ୍ପର୍କରେ ଉଲ୍ଲେଖକରି ଜାତିସଂଘ କହିଛି ଯେ, ୨୦୧୯ ଓ ୨୦୨୦ରେ ଏହାର ବିକାଶ ହାର ୩ ପ୍ରତିଶତ ଆଖପାଖରେ ରହିବ।

# ଭାରତର ବିକାଶ ଗତି ଧିମା: ଆଇଏମ୍‌ଏଫ୍ ମୁଖ୍ୟ

**ଡାଭୋସ୍,୨୩-୧**



ଭାରତର ବିକାଶର ଗତି ଅତ୍ୟନ୍ତ ଧିମା। ଆବଶ୍ୟକ ଗତିରେ ଏହା ଦୌଡ଼ୁ ନାହିଁ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ମ୍ୟାନେଜିଂ ଡାଇରେକ୍ଟର(ଏମ୍‌ଡି) କ୍ରିଷ୍ଟିନ ଲାଗାର୍ଡ ମତପ୍ରକାଶ କରିଛନ୍ତି। ଭାରତର ବର୍ତ୍ତମାନର ବିକାଶ ହାର ଯେତିକି ତା'ଠାରୁ ଅଧିକ ବିକାଶ ହେବା କଥା ବୋଲି ସେ କହିଛନ୍ତି। ବିଶ୍ୱ ଆର୍ଥିକ ମଞ୍ଚ(ୱାର୍ଲ୍ଡ ଇକୋନୋମିକ ଫୋରମ୍)ରେ ସେ ଏହା କହିଛନ୍ତି। ଭାରତୀୟ ଗଣମାଧ୍ୟମ ସହ ଆଲୋଚନା କାଳରେ ଆଇଏମ୍‌ଏଫ୍ ମୁଖ୍ୟ କହିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ ଭାରତ ଅଭିବୃଦ୍ଧି ହାର ବହୁ ଅଧିକ ହେବା କଥା। ଏଥିସହିତ ସେ ଭାରତ ସରକାରଙ୍କ ଆର୍ଥିକ ସଂସ୍କାର ପଦକ୍ଷେପ ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ଏନ୍‌ଡିଏ ସରକାରଙ୍କୁ ଅଧିକ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଲାଗି ଭାବିବାକୁ ହେବ। ଏ ଦିଗରେ ଆହୁରି ଅନେକ ପଦକ୍ଷେପ ନେବାକୁ ପଡିବ। ସୂଚନାଥାଉ କି, ଦିନକ ପୂର୍ବରୁ ଆଇଏମ୍‌ଏଫ୍ ଭାରତର ଜିଡିପି ହାର ୨୦୧୯ରେ ୭.୫% ରହିବ ବୋଲି ଅନୁମାନ କରି ଏକ ରିପୋର୍ଟ ପ୍ରକାଶ କରିସାରିଛି। ଏଥିରେ କୁହାଯାଇଛି ଯେ, ୨୦୨୦ରେ ଭାରତ ଅଭିବୃଦ୍ଧି ହାର ୭.୭% ରହିବ ବୋଲି ଅନୁମାନ କରାଯାଉଛି। ଭାରତର ଅଭିବୃଦ୍ଧି ହାର ଆକଳନ ବଢ଼ିବ ବୋଲି ଦର୍ଶାଇବା ଭଲ କଥା। କିନ୍ତୁ କୃଷିକ୍ଷେତ୍ରରେ ଦେଖାଦେଇଥିବା ସଙ୍କଟକୁ ସୁଧାରିବାର ଆବଶ୍ୟକତା ରହିଛି। ଭାରତକୁ ଏହି କ୍ଷେତ୍ର ପ୍ରତି ଅଧିକ ଧ୍ୟାନଦେବାକୁ ହେବ। ଏଥିସହିତ ସେ କହିଛନ୍ତି ଯେ, ଭାରତ ଭଳି ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହା ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

# ନାଇନ ସାନିଟାରି ନାପ୍‌କିନ ଆଣିଲା ନୂଆ ଆପ୍ଲିକେଶନ

**ମୁମ୍ବାଇ,୨୩-୧**




ନାଇନ ସାନିଟାରି ନାପକିନ ପକ୍ଷରୁ ନୂଆ ପିରିୟଡ ଟ୍ରାକର ଆପ୍ଲିକେଶନ ଉନ୍ମୋଚନ କରାଯାଇଛି। ନାଇନର ସହପ୍ରତିଷ୍ଠାତା ଶରତ ଖେମକା, ସିଇଓ ରିଚା ସିଂ ଏବଂ କ୍ରିଏଟିଭ୍ ନିର୍ଦ୍ଦେଶକ ଅଙ୍କିତା ଗୁପ୍ତା ଏହାକୁ ଶୁଭାରମ୍ଭ କରିଥିଲେ। ଏଭଳି ଆପ୍ ଆଣିବାରେ ନାଇନ ଦେଶର ପ୍ରଥମ କମ୍ପାନୀ। ଉଭୟ ଇଂଲିଶ ଏବଂ ହିନ୍ଦୀ ଭାଷାରେ ଏହି ଆପ୍ଲିକେଶନ ଆସିଛି। ଚିକିତ୍ସା, ପ୍ରଫେଶନାଲଙ୍କଠାରୁ ବିଭିନ୍ନ ପରାମର୍ଶ, ସଚେତନତା ଟିପ୍ସ ପ୍ରଦାନ ଦିଗରେ ଉକ୍ତ ଆପ୍ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଭଳି ପଦକ୍ଷେପ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ ସହାୟକ ହେବ ବୋଲି ସିଇଓ ରିଚା ସିଂ କହିଛନ୍ତି।

## ଅର୍ଥର ଅର୍ଥ

# ଆର୍ଥିକ ଯୋଜନାକାରୀ ଚୟନ ବେଳେ ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନ ଦିଅନ୍ତୁ



Rupkumar Pradhan
CERTIFIED FINANCIAL PLANNER™
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

■ **ମୋର ବୟସ ୩୧ ବର୍ଷ ଏବଂ ବିବାହିତା ଏ ପର୍ଯ୍ୟନ୍ତ କୌଣସି ସଞ୍ଚୟ କରିନାହିଁ। ଅନେକ ପରାମର୍ଶଦାତା କିଛି ସ୍କିମ୍ ବିଷୟରେ ପରାମର୍ଶ ଦେଉଛନ୍ତି ଓ କହୁଛନ୍ତି ସ୍କିମ ବହୁତ ଭଲ । କାହାର ପରାମର୍ଶ ଗ୍ରହଣ କରିବି ଏ ନେଇ ଦ୍ୱନ୍ଦ୍ୱରେ ଅଛି। ଜଣେ ଆର୍ଥିକ ପରାମର୍ଶଦାତା ଚୟନ କରିବା ସମୟରେ କ'ଣ ମୋ ପାଇଁ ଭଲ ହେବ ? ଏ ବିଷୟରେ ପରାମର୍ଶ ଦେବାକୁ ଅନୁରୋଧ।**

**–ସୁଧାକର, ସାହୁ, ବ୍ରହ୍ମପୁର**

▶ ସଞ୍ଚୟ, ନିବେଶ ଓ ନିଜର ଅର୍ଥ ସମ୍ପଦକୁ କିପରି ବୃଦ୍ଧି କରାଯିବ ସେ ବିଷୟରେ ଆର୍ଥିକ ପରାମର୍ଶଦାତା ନିବେଶକାରୀଙ୍କୁ ପରାମର୍ଶ ଦିଅନ୍ତି । ନିର୍ଦ୍ଦିଷ୍ଟ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ ମଧ୍ୟ ସେ ସାହାର୍ଯ୍ୟ କରନ୍ତି। ଫ୍ଲାଟଟିଏ କିଣିବା, ଝିଅ ବାହାଘର ଖର୍ଚ୍ଚ ଲାଗି ସଞ୍ଚୟ, ନିଜ ଆର୍ଥିକ ପରିସ୍ଥିତିକୁ ସମୀକ୍ଷା କରି ପରାମର୍ଶ ପ୍ରଦାନ ଭଳି କାର୍ଯ୍ୟ ସେମାନେ କରିଥାନ୍ତି। ଅନ୍ୟ କେତେକ ଆର୍ଥିକ ପରାମର୍ଶଦାତା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା- ଅବସରକାଳୀନ ପାଣ୍ଠି ଗଠନ ଯୋଜନା କିମ୍ବା ଇଷ୍ଟେଟ୍ ପ୍ଲାନିଙ୍ଗ ଇତ୍ୟାଦିରେ ବିଶେଷଜ୍ଞ ଭାବେ ପରାମର୍ଶ ମଧ୍ୟ ପ୍ରଦାନ କରିଥାନ୍ତି ।

ଜଣେ ଆର୍ଥିକ ଯୋଜନାକାରୀଙ୍କୁ ଚୟନ କରିବା ସମୟରେ ଅନେକ କିଛି ବିଷୟକୁ ଧ୍ୟାନରେ ରଖିବାକୁ ହୁଏ। ଆର୍ଥିକ ଯୋଜନାକାରୀ ଆପଣଙ୍କ ପାଇଁ ଉପଯୁକ୍ତ ହେବେ କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ତାଙ୍କୁ ଚୟନ ସମୟରେ ଆପଣ କିଛି ପ୍ରଶ୍ନ ପଚାରି ପାରିବେ। ଏହାର ଅନେକ କାରଣ ରହିଛି। ପ୍ରଥମତଃ ଆର୍ଥିକ ଯୋଜନାକାରୀ ଆପଣଙ୍କ ଜୀବନର ଆର୍ଥିକ ପରିସ୍ଥିତିକୁ ଧ୍ୟାନରେ ରଖନ୍ତି। ଦୀର୍ଘକାଳୀନ ଲକ୍ଷ୍ୟ ଓ ସ୍ୱଳ୍ପ କାଳୀନ ଲକ୍ଷ୍ୟସବୁ କିପରି ହାସଲ କରାଯିବ ସେ ସବୁକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ସହ ଆସନ୍ତା ୩୦-୪୦ ବର୍ଷ ପର୍ଯ୍ୟନ୍ତ ଉଚିତ ପରାମର୍ଶ ପ୍ରଦାନ କରିବେ । ତେଣୁ ଜଣେ ଭଲ ଆର୍ଥିକ ଯୋଜନାକାରୀ ଚୟନ କରିବା ନିହାତି ଜରୁରୀ।

**ଆର୍ଥିକ ଯୋଜନାକାରୀ ଚୟନ ପୂର୍ବରୁ ୧୦ ଟି ପ୍ରଶ୍ନ ପଚାରି ବୁଝି ନିଅନ୍ତୁ**

❖ଆର୍ଥିକ ପରାମର୍ଶ ସେବା ପାଇଁ କ'ଣ ଏବଂ କେତେ ଫି ନିଅନ୍ତି ?
❖ଦେଶର ନିୟମ ଅନୁଯାୟୀ କ'ଣ ସବୁ ଶିକ୍ଷାଗତ ଯୋଗ୍ୟତା ଅଛି ? ସାର୍ଟିଫିକେଶନ ଅଛି କି ?
❖କ'ଣ ସବୁ ଆର୍ଥିକ ସେବା ପ୍ରଦାନ କରୁଛନ୍ତି ?
❖କେଉଁ ପ୍ରକାରର ମହକିଲ ସବୁଙ୍କୁ ଆର୍ଥିକ ପରାମର୍ଶ ସେବା ପ୍ରଦାନ କରୁଛନ୍ତି ?
❖କ'ଣ ମୁଁ ଏକ 'ବ୍ୟାପକ ଆର୍ଥିକ ଯୋଜନା' (୬୦-୭୦ ପୃଷ୍ଠାର ଲିଖିତ ରିପୋର୍ଟ)ର ନମୁନା ଦେଖିପାରିବି କି ?
❖ନିବେଶ କରିବା ଲାଗି କ'ଣ ସବୁ କାର୍ଯ୍ୟଧାରା ରହିଛି ଓ କିପରି କରାଯାଏ ?
❖ମହକିଲମାନଙ୍କ ବା ନିବେଶକାରୀଙ୍କ ସହ କିପରି ଯୋଗାଯୋଗ ରଖନ୍ତି। କେତେ ମାସ ବ୍ୟବଧାନରେ ନିବେଶ ରିପୋର୍ଟ ସମୀକ୍ଷା କରାଯାଏ ?
❖ମୁଁ ଆପଣଙ୍କ ସହ ଆଲୋଚନା କରିବା ବା ଆପଣଙ୍କ ଦଳ ସହ କାମ କରିବି ?
❖ଆପଣଙ୍କ ନିବେଶକାରୀଙ୍କ ଅଭିଜ୍ଞତା ଅଦ୍ୱିତୀୟ କ'ଣ ପାଇଁ ହେବ ?
❖ଆପଣଙ୍କ ଆଲୋଚନା ସମୟରେ ସେହି ବ୍ୟକ୍ତି ଆପଣଙ୍କୁ ପ୍ରଶ୍ନ ପଚାରି ଥିଲେ କି ? ଆପଣଙ୍କ ପରିସ୍ଥିତି ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ କି ?

ଆମର ପରାମର୍ଶ ଆପଣ ଜଣେ ଆର୍ଥିକ ଯୋଜନାକାରୀ ଚୟନ ସମୟରେ ଅନେକ କିଛି ବିଷୟରେ ବୁଝି ପଦକ୍ଷେପ ନିଅନ୍ତୁ। କେବଳ ସମ୍ପର୍କକୁ ଦେଖି ଚୟନ କରନ୍ତୁ ନାହିଁ। ଆର୍ଥିକ ଯୋଜନାକାରୀଙ୍କ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ସାଧୁତା, ଉତ୍ତରଦାୟିତ୍ୱ, ପେସାଦାର କାର୍ଯ୍ୟ ଇତ୍ୟାଦି ଅନେକ ଦିଗକୁ ଦୃଷ୍ଟି ଦେଇ ଜଣେ ଭଲ ଆର୍ଥିକ ଯୋଜନାକାରୀ ଚୟନ କରନ୍ତୁ।

■ **ମୁଁ ଜଣେ ଗୃହିଣୀ ଏବଂ ମୋ ସ୍ୱାମୀ ପ୍ରତ୍ୟେକ ମାସ ୩୦,୦୦୦ ଟଙ୍କା ମୋ ସଞ୍ଚୟ ଜମା ଖାତାକୁ ଦିଅନ୍ତି। ମୁଁ ଏହି ମାସିକ ଟଙ୍କାକୁ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପିରେ ନିବେଶ କରୁଛି। ଏ କ୍ଷେତ୍ରରେ କ'ଣ ମୋତେ ଆୟକର ରିଟର୍ନ ଫାଇଲ କରିବାକୁ ପଡିବ କି ? ମୋ ଉପରେ କିଛି ଆୟକର ପ୍ରଭାବ ପଡିବ କି?**

**–ଝରଣା ମିଶ୍ର, ଯାଜପୁର ରୋଡ**

▶ ଆପଣଙ୍କୁ ଆୟକର ରିଟର୍ନ ଫାଇଲ କରିବାକୁ ପଡିବ ନାହିଁ କିମ୍ବା ଆପଣଙ୍କ ସ୍ୱାମୀଙ୍କ ଠାରୁ ଯାଉଥିବା ମାସିକ ୩୦,୦୦୦ ଟଙ୍କା ଉପରେ କିଛି ବି ଆୟକର ଦେବାକୁ ପଡିବ ନାହିଁ। ଏହି ମାସିକ ୩୦,୦୦୦ ନିବେଶ କରି ଯଦି ଆୟ ହୁଏ ତେବେ ଆପଣଙ୍କ ସ୍ୱାମୀଙ୍କୁ ଆୟକର ଦେବାକୁ ପଡିବ। ଏହାର କାରଣ ହେଉଛି ଯଦି କିଛି ନିବେଶରୁ ଆୟ ହୁଏ ତେବେ ଏହା ଆପଣଙ୍କ ସ୍ୱାମୀଙ୍କ ଆୟ ସହିତ ମିଶିଯିବ। ଯଦି ଆପଣଙ୍କ ଆୟ (କ୍ୟାପିଟାଲ ଗେନ)କୁ ପୁନର୍ବାର ନିବେଶ କରନ୍ତି ଆପଣଙ୍କ ନାମରେ ଓ ତା'ପରେ କିଛି ଆୟ ହୁଏ,ତେବେ ଆପଣଙ୍କ ଏହି ଆୟ ଉପରେ ଆୟକର ପ୍ରଦାନ କରିବାକୁ ପଡିବ। ଏଠାରେ ମନେରଖନ୍ତୁ, ସର୍ବାଧିକ ଏକ ଆର୍ଥିକ ବର୍ଷରେ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ରାଶି ଉପରେ ଆୟକର ଦେବାକୁ ପଡିବ ନାହିଁ।

■ **ମୁଁ ପିପିଏଫରେ ବାର୍ଷିକ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିବାକୁ ଚାହୁଁଛି। ୧୫ ବର୍ଷ ପରେ ମୋର କେତେ ଟଙ୍କା ମାଚ୍ୟୁରିଟି ମିଳିବ ?**

**– ଆରତୀ ଜେନା,କେନ୍ଦ୍ରାପଡା**

▶ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ)ର ବର୍ତ୍ତମାନ ବାର୍ଷିକ ସୁଧ ହାର ୮.୦୦% ଅଛି। ଏହି ସ୍କିମରେ ଆପଣଙ୍କୁ ଚକ୍ରବୃଦ୍ଧି ସୁଧହାର ମିଳିବ। ସର୍ବନିମ୍ନ ୫୦୦ ଟଙ୍କା ଏବଂ ସର୍ବୋଚ୍ଚ ସୀମା ୧.୫ ଲକ୍ଷ ଟଙ୍କା ଏକ ଆର୍ଥିକ ବର୍ଷରେ ସଞ୍ଚୟ କରିପାରିବେ। ଆପଣ ୧୫ ବର୍ଷ ପରେ ବାର୍ଷିକ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରି ୪୩.୯୮ ଲକ୍ଷ ଟଙ୍କାର ପରିପକ୍ୱ ରାଶି ପାଇବେ। ଆପଣ ନିକଟସ୍ଥ ଡାକଘର ଶାଖା କିମ୍ବା ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାରେ ଏହି ସ୍କିମରେ ସଞ୍ଚୟ କରିପାରିବେ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

> ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ କେତେକ କ୍ଷେତ୍ରରେ ଆମକୁ ସୁଧାରିବାକୁ ହେବ ।
> – କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



> ଏଏଫ୍‌ସି ଏସିଆନ କପ୍‌ରେ ଶତ ପ୍ରତିଶତ ପ୍ରଦର୍ଶନ କରିଥିଲୁ, ମାତ୍ର ଦୁର୍ଭାଗ୍ୟବଶତଃ ଆମେ ନକ୍‌ଆଉଟ୍‌କୁ ଉନ୍ନୀତ ହୋଇପାରି ନ ଥିଲୁ ।
> – ଜେଜେ ଲାଲ୍‌ପେଖଲୁଆ, ଭାରତୀୟ ଫୁଟ୍‌ବଲ ଦଳ ଷ୍ଟ୍ରାଇକର



## ସଂକ୍ଷେପରେ

### ଆଜିଠାରୁ ରଣ୍‌ଜୀ ଟ୍ରଫି ସେମିଫାଇନାଲ

ବେଙ୍ଗାଲୁରୁ, ୨୩।୧(ପି.ଟି.): ଚଳିତ ରଣ୍‌ଜୀ ଟ୍ରଫି ସେମିଫାଇନାଲ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହେବ। ସୌରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଖେଳାଯିବ। ସେହିଭଳି ଦ୍ୱିତୀୟ ସେମିଫାଇନାଲ ଘରୋଇ କେରଳ ଓ ବିଦର୍ଭ ମଧ୍ୟରେ କ୍ରିଷ୍ଣାଗିରି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରଣ୍‌ଜୀ ଇତିହାସରେ କେରଳ ଦଳ ପ୍ରଥମଥର ଲାଗି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ସେମିଫାଇନାଲର ଦୁଇ ପ୍ରମୁଖ ଆକର୍ଷଣ ରହିବେ ଟେଷ୍ଟ ସ୍ପେଶାଲିଷ୍ଟ ସୌରାଷ୍ଟ୍ରର ଚେତେଶ୍ୱର ପୂଜାରା ଓ କର୍ଣ୍ଣାଟକର ମୟଙ୍କ ଅଗ୍ରୱାଲ। ଘରୋଇ କ୍ରିକେଟରେ ଏହି ଦୁଇ ଦଳ ବେଶ୍ ଶକ୍ତିଶାଳୀ ବିବେଚିତ ହେଉଥିବାରୁ ମ୍ୟାଚ ରୋମାଞ୍ଚକ ରହିବ ବୋଲି ଆଶା କରାଯାଉଛି। ପୂଜାରା ବର୍ତ୍ତମାନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ୍‌ରେ ସେ ୩ଟି ଶତକ ସହ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ରହିଥିଲେ। ସୌରାଷ୍ଟ୍ରର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମଧ୍ୟ ସେ ଅପରାଜିତ ୬୭ ରନ କରି ଉତ୍ତରପ୍ରଦେଶକୁ ୬ ଉଇକେଟ୍‌ରେ ପରାସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଘରୋଇ କର୍ଣ୍ଣାଟକ ଦଳରେ ମୟଙ୍କ ଅଗ୍ରୱାଲଙ୍କ ବ୍ୟତୀତ ଅଧିନାୟକ ମନୀଷ ପାଣ୍ଡେ, ବିନୟ କୁମାର, କରୁନ ନାୟାର, ଜୟଦେବ ଉନାଡକଟଙ୍କ ଭଳି ଅନ୍ତର୍ଜାତୀୟ ତାରକା ରହିଥିବାରୁ ମ୍ୟାଚ୍‌ରେ ପଲା ଭାରି ରହିଛି।

### ପାକିସ୍ତାନ ଅଧିନାୟକଙ୍କୁ ବାସନ୍ଦ ଦାବି

ଡର୍ବାନ୍,୨୩।୧- ପାକିସ୍ତାନ କ୍ରିକେଟ ଟିମ୍ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ କରିବା ଲାଗି ଦାବି ହୋଇଛି। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ଅଧିନାୟକ ସର୍ଫରାଜ ବିବାଦୀୟ କମେଣ୍ଟ କରି ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପାକିସ୍ତାନ ଦଳ ପକ୍ଷରୁ ଧାର୍ଯ୍ୟ ୨୦୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଘରୋଇ ଦକ୍ଷିଣ ଆଫ୍ରିକା ଦଳ ୮୦ ରନ୍ ମଧ୍ୟରେ ୫ ଉଇକେଟ ହରାଇଥିଲା। ମ୍ୟାଚ୍‌ରେ ଘରୋଇ ଦଳର ଅଲରାଉଣ୍ଡର ଆଣ୍ଡିଲେ ଫେହଲୁକାୱ୍ ବ୍ୟାଟିଂ କରୁଥିବାବେଳେ ଉଇକେଟକିପର ସର୍ଫରାଜ କମେଣ୍ଟ କରିଥିଲେ, ଆରେ କଳା ତୁମ ମା’ ଆଜି କୋଉଠି ବସିଛି କ’ଣ ତୁମ ମା’କୁ ପ୍ରାର୍ଥନା କରିବାକୁ କହିଛ? ଉଲ୍ଲେଖଥାଉ କି, ଫେହଲୁକାୱ୍ ପାକିସ୍ତାନ ଫିଲ୍ଡରଙ୍କ ବହୁ ସୁଯୋଗ ଦେଇଥିଲେ ମଧ୍ୟ ସେ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ଅଲରାଉଣ୍ଡର ଫେହଲୁକାୱ୍ ୬୯ ଏବଂ ଓପନର ରସି ଭାନ ଡେର ଡୁସେନଙ୍କ ୮୦ ରନ୍‌ର ଅପରାଜିତ ଇନିଂସ ଯୋଗୁ ଘରୋଇ ଦଳ ମ୍ୟାଚ୍ ଜିତି ନେଇଥିଲା। ଦକ୍ଷିଣ ଆଫ୍ରିକାର ବିଜୟ ଯୋଗୁ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧କୁ ବରାବର ସ୍ଥିତିକୁ ଆସିଛି। ଏଭଳି ବର୍ଣ୍ଣବୈଷମ୍ୟ ଆକ୍ଷେପକରି ସୋସିଆଲ ମିଡିଆରେ ସର୍ଫରାଜ ପ୍ରବଳ ବିରୋଧର ଶିକାର ହୋଇଛନ୍ତି। ଏଥିସହିତ ତାଙ୍କୁ ବାସନ୍ଦ କରାଯାଉ ବୋଲି କ୍ରିକେଟ ପ୍ରଶଂସକ ଦାବି କରିଛନ୍ତି। ଉଲ୍ଲେଖଥାଉ କି, ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଏକ ଚାଟ ଶୋ’ରେ ମହିଳାଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଏଥିଯୋଗୁ ବିସିସିଆଇ ଉଭୟ କ୍ରିକେଟରଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ବାରଣ କରିଛି।



ପରାଜୟ ପରେ ଦୁଃଖରେ ମ୍ରିୟମାଣ ସେରେନା ୱିଲିୟମ୍ସ।

# ସେମିରେ ଜୋକୋଭିଚ୍, ଓସାକା

**ମେଲବୋର୍ନ,୨୩।୧(ଏ.ଏଫ୍.ପି.)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆ ଓପନ୍ ଟେନିସ୍ ଟୁର୍ନାମେଣ୍ଟ ବୁଧବାର ଦଶମ ଦିବସରେ ପହଞ୍ଚିଛି। ଟୁର୍ନାମେଣ୍ଟର ପୁରୁଷ ଓ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ମଙ୍ଗଳବାର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଦ୍ୱିତୀୟ ସିଡ୍ ରାଫାଲ ନାଡ଼ାଲ ଓ ଗ୍ରୀସ୍‌ର ଷ୍ଟିଫାନୋସ ସିଟ୍‌ସିପାସ ମଧ୍ୟରେ ସେମି ମୁକାବିଲା ସ୍ପଷ୍ଟ ହୋଇଥିଲା। ସେହିପରି ବୁଧବାର ଟପ୍ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ଓ ଫ୍ରାନ୍ସର ଲୁକାସ ପାଉଲିଙ୍କ ମଧ୍ୟରେ ସେମିଫାଇନାଲ ମୁକାବଲା ଖେଳାଯିବା ନିଶ୍ଚିତ ହୋଇଛି। ଅନ୍ୟପଟେ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ମଙ୍ଗଳବାର ଅଷ୍ଟମ ସିଡ୍ ଚେକ୍ ଗଣରାଜ୍ୟର ପେଟ୍ରା ଭିଟୋଭ ଓ ଆମେରିକାର ଡାନିଏଲ କିଲିନ୍ସଙ୍କ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ସ୍ଥିର ହୋଇଥିଲା। ବୁଧବାର ଚତୁର୍ଥ ସିଡ୍ ଜାପାନର ନାଓମି ଓସାକା ଓ ଚେକ୍ ଗଣରାଜ୍ୟର ସପ୍ତମ ସିଡ୍ ଖେଳାଳି କାରୋଲିନା ପ୍ଲିସ୍କୋଭାଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବା ନିଶ୍ଚିତ ହୋଇଛି।



କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅବସରରେ ନୋଭାକ ଜୋକୋଭିଚ୍।

ଟୁର୍ନାମେଣ୍ଟର ଦଶମ ଦିନରେ ଏକ ବଡ଼ ବିପର୍ଯ୍ୟୟ ଘଟିଛି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପୂର୍ବତନ ୧ ନମ୍ବର ଖେଳାଳି ପ୍ଲିସ୍କୋଭା ୬-୪, ୪-୬, ୭-୫ ସେଟ୍‌ରେ ସେରେନାଙ୍କୁ ହରାଇ ସେମିକୁ ଉଠିଛନ୍ତି। ଫଳରେ ସେରେନାଙ୍କ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ଆଶା ଧୂଳିସାତ୍ ହୋଇଛି। ଏଥର ଟାଇଟଲ ଜିତିଥିଲେ ସେରେନା ସର୍ବାଧିକ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହୋଇଥାନ୍ତେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୨୧ ବର୍ଷୀୟା ନାଓମି ଓସାକା ୬-୪, ୬-୧ ସେଟ୍‌ରେ ୟୁକ୍ରେନ୍‌ର ଷଷ୍ଠ ସିଡ୍ ଖେଳାଳି ଏଲିନା ଭିଟୋଲିନାଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଖେଳାଯାଇଥିବା ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଜାପାନର ଅଷ୍ଟମ ସିଡ୍ ଖେଳାଳି କେଇ ନିଶିକୋରୀ ଥାଇ ଇଞ୍ଜୁରି କାରଣରୁ ଓହରି ଯାଇଥିଲେ। ଫଳରେ ଜୋକୋଭିଚ୍ ସେମିରେ ପ୍ରବେଶ କରିଛନ୍ତି। ଅବଶ୍ୟ ସେତେବେଳକୁ ୬-୧, ୪-୧ରେ ଅଗ୍ରଣୀ ହାସଲ କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୨୮ତମ ସିଡ୍ ପାଉଲି କାନାଡ଼ାର ମିଲୋସ ରାଓନିକ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଛନ୍ତି। ୧୬ତମ ସିଡ୍ ରାଓନିକ୍ ୬-୭, ୩-୬, ୭-୬, ୪-୬ ସେଟ୍‌ରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି।

## ଇଣ୍ଡୋନେସିଆ ମାଷ୍ଟର୍ସ: ଦ୍ୱିତୀୟ ରାଉଣ୍ଡରେ ସାଇନା

ଜାକର୍ତ୍ତା,୨୩।୧(ପି.ଟି.)- ଭାରତୀୟ ଷ୍ଟାର ମହିଳା ଶଟଲର ସାଇନା ନେହ୍ୱାଲ ଏଠାରେ ଚାଲିଥିବା ସାଢ଼େ ୩ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଇଣ୍ଡୋନେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ଖେଳାଳି ବି. ସାଇ ପ୍ରଣୀଥ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଘରୋଇ ଖେଳାଳି ଡିନାର ଡ୍ୟା ଅଷ୍ଟିନଙ୍କ ବିପକ୍ଷରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ବର୍ଗର ମୁକାବିଲାରେ ୮ମ ସିଡ୍ ସାଇନା ପ୍ରଥମ ଗେମ୍‌ରେ ୭-୨୧ ବ୍ୟବବଧାନରେ ହାରି ଯାଇଥିଲେ। ଏହାପରେ ଦ୍ୱିତୀୟ ଗେମ୍‌କୁ ୨୧-୧୬ ପଏଣ୍ଟରେ ଜିତି ମ୍ୟାଚ୍‌କୁ ଫେରିଥିଲେ। ଅନ୍ତିମ ଗେମ୍‌କୁ ୨୧-୧୧ ଭଲ ବ୍ୟବଧାନରେ ଜିତି ପରବର୍ତ୍ତୀ ପର୍ଯ୍ୟାୟକୁ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୮ ବର୍ଷୀୟ ହାଇଦ୍ରାବାଦୀ ଖେଳାଳି ଆଗାମୀ ରାଉଣ୍ଡରେ ଇଣ୍ଡୋନେସିଆର ଫିତିଆନି ଫିତିଆନିଙ୍କୁ ଭେଟିବେ। ଏହି ଖେଳାଳିଙ୍କ ବିପକ୍ଷରେ ସାଇନାଙ୍କ ଶତପ୍ରତିଶତ ରେକର୍ଡ ରହିଛି। ଉଭୟ ଖେଳାଳିଙ୍କ ମଧ୍ୟରେ ୪ ଥର ମ୍ୟାଚ୍ ହୋଇଥିଲେ ହେଁ ସାଇନା ସବୁଥିରେଜିତାପଟ ପାଇଛନ୍ତି। ଗତବର୍ଷର ସିଙ୍ଗାପୁର ଓପନ ଚାମ୍ପିୟନ ପ୍ରଣୀଥ ୧୨-୨୧, ୧୬-୨୧ ଅଲିମ୍ପିକ୍ ଚାମ୍ପିୟନ ଚେନ ଲଙ୍ଗଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜପଦକଧାରୀ ଅଶ୍ୱିନୀ ପୋନପ୍ପା ଓ ଏନ୍. ସିକି ରେଡ୍ଡୀଙ୍କ ଯୋଡ଼ି ମଧ୍ୟ ପରାଜୟ ସହ ବିଦାୟ ନେଇଛି।

# ଆଇପିଏଲ ଦଳ କିଣିବେ ବଚ୍ଚନ

**ନୂଆଦିଲ୍ଲୀ,୨୩।୧**

ବଲିଉଡ ମେଗାଷ୍ଟାର ଅମିତାଭ ବଚ୍ଚନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ କିଣିବା ନେଇ ଇଚ୍ଛୁକ। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଫ୍ରାଞ୍ଚାଇଜ ଚେନ୍ନାଇନ ଏଫ୍‌ସି ଓ ପ୍ରୋ କବାଡି ଲିଗ୍ ଫ୍ରାଞ୍ଚାଇଜ ଜୟପୁର ପିଙ୍କ ପାନ୍ଥର୍ସ ମାଲିକ ବଚ୍ଚନ ପରିବାର ଏବେ ଦେଶର ଲୋକପ୍ରିୟ ଲିଗ୍‌ର ଦଳ କିଣିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଅମିତାଭଙ୍କ କମ୍ପାନୀ ଅମିତାଭ ବଚ୍ଚନ କର୍ପୋରେଶନ ପକ୍ଷରୁ ପ୍ରଥମେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଫ୍ରାଞ୍ଚାଇଜ ସହ ଆଲୋଚନା କରାଯାଇଥିଲା। ମାତ୍ର ଏହା ବିଫଳ ହୋଇଥିଲା। ପରେ ୨୦୦୮ ଆଇପିଏଲ ଚାମ୍ପିୟନ ରାଜସ୍ଥାନ ରୟାଲ୍ସ ସହ ଆଲୋଚନା କରାଯାଇଛି। ଏ ନେଇ ଏବି କର୍ପୋରେଶନ ମୁଖ୍ୟ ରମେଶ ପୁଲାପାକା ସ୍ପଷ୍ଟ କରିଛନ୍ତି। ମାତ୍ର ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇ ନାହାନ୍ତି। ଅଭିଷେକ ବଚ୍ଚନ ଲଣ୍ଡନଠାରେ ରାଜସ୍ଥାନ ରୟାଲ୍ସ ସହ ମାଲିକ ମନୋଜ ବାଦଲେଙ୍କ ସହ ଆଲୋଚନା କରିଛନ୍ତି। ବଚ୍ଚନଙ୍କ ବ୍ୟତୀତ ଦେଶର ବହୁ ନିବେଶକ ଆପିଏଲ ଦଳ କିଣିବାକୁ ପ୍ରୟାସ କରୁଛନ୍ତି। ରୟାଲ୍ସ ଫ୍ରାଞ୍ଚାଇଜ ଏବେ ମଧ୍ୟ ଲଲିତ ମୋଦିଙ୍କ ପରିବାର ସମ୍ପର୍କରେ ରହିଛି। ମୋଦିଙ୍କ ସାଳକ ସୁରେଶ ଚେଲାରାମଙ୍କ ପରିବାର ରୟାଲ୍ସ ଫ୍ରାଞ୍ଚାଇଜର ସର୍ବାଧିକ ଅଂଶ ରହିଛି। ବିସିସିଆଇ ଏହାକୁ ସ୍ୱୀକାର କରିବା ନେଇ ପ୍ରଶ୍ନ ଉଠିଛି। ୨୦୧୩ ସ୍ପଟ ଫିକ୍ସିଂ ପରେ ସେଲିବ୍ରେଟି ଶିଳ୍ପା ଶେଟ୍ଟି ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରା ରୟାଲ୍ସ ଫ୍ରାଞ୍ଚାଇଜ ମାଲିକାନାରୁ ଓହରି ଯାଇଥିଲେ। ତେବେ ବଚ୍ଚନଙ୍କୁ ଆଇପିଏଲ ମାଲିକଙ୍କ ତାଲିକାରେ ସାମିଲ କରାଇବା ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ) ଉପରେ ନିର୍ଭର କରୁଛି।

# ଆଜିଠାରୁ ଭାରତ-ନ୍ୟୁଜିଲାଣ୍ଡ ମହିଳା ଦିନିକିଆ

**ନାପିଏର, ୨୩।୧(ପି.ଟି.)**

ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ (ଆଇସିସି ଚାମ୍ପିୟନଶିପ୍ ମ୍ୟାଚ୍) ଗୁରୁବାରଠାରୁ ସ୍ଥାନୀୟ ମ୍ୟାକଲେନ୍ ପାର୍କଠାରେ ଆରମ୍ଭ ହେବ। ଏଥିପୂର୍ବରୁ ବୁଧବାରଠାରୁ ଦୁଇଦେଶର ପୁରୁଷ କ୍ରିକେଟ ଦଳ ମଧ୍ୟରେ ମଧ୍ୟ ଦିନିକିଆ ସିରିଜ ଆରମ୍ଭ ହୋଇଯାଇଛି। ମିଥାଲି ରାଜଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଏହି ସିରିଜ ଖେଳିବ।

ଭାରତୀୟ ମହିଳା କ୍ରିକେଟ ଦଳ ଗତବର୍ଷ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହୋଇଥିବା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରୁ ବିଦାୟ ନେବା ପରେ ଅଧିନାୟିକା ମିଥାଲି ଓ କୋଚ୍ ରମେଶ ପାୱାରଙ୍କ ମଧ୍ୟରେ ରହିଥିବା ମତଭେଦ ବେଶ୍ ବିବାଦୀୟ ରହିଥିଲା। ଭାରତ ସେମିଫାଇନାଲରେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। କୋଚ୍ ପାୱାରଙ୍କ ଯୋଗୁ ହିଁ ସେ ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲରୁ ବାଦ୍ ପଡ଼ିଥିଲେ ବୋଲି ମିଥାଲି ସର୍ବସାଧାରଣରେ ଅଭିଯୋଗ ଆଣିଥିଲେ। ଏହି ବିବାଦୀୟ ଘଟଣା ପରେ ପାୱାରଙ୍କ ସ୍ଥାନରେ ଡବ୍ଲ୍ୟୁ.ଭି. ରମନଙ୍କୁ ଭାରତୀୟ ଦଳର ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା। ରମନଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳର ଏହା ପ୍ରଥମ ସିରିଜ ହେବ। ଏହି ଦ୍ୱିପାକ୍ଷିକ ସିରିଜ ଆଇସିସି ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ପାଇଁ ଏହା ଗୁରୁତ୍ୱବହନ କରୁଛି। ଭାରତ ବର୍ତ୍ତମାନ ଆଇସିସି ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲ ତାଲିକାର ୫ମ ସ୍ଥାନରେ ରହିଛି। ଏହି ସିରିଜରେ ପ୍ରଭାବୀ ପ୍ରଦର୍ଶନ କରି ମିଥାଲିଙ୍କ ଦଳ ଟେବୁଲରେ ଉନ୍ନତି କରିବା ସହ ୨୦୨୧ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବା ଲକ୍ଷ୍ୟରେ ରହିଛି।

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

**ଡର୍ବାନ,୨୩।୧(ଏ.ଏଫ.ପି.)**

ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ୪୮ଟି ବଲ ବାକି ଥାଇ ୫ ଉଇକେଟରେ ବିଜୟୀ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନ୍ ସ୍ତରରେ ପହଞ୍ଚିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୪୫.୫ ଓଭରରେ ୨୦୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୨ ଓଭରରେ ୫ ଉଇକେଟ ହରାଇ ୨୦୭ ରନ କରି ବିଜୟୀ ହୋଇଛି। ଘରୋଇ ଦଳ ତରଫରୁ ରସି ଭାନ୍ ଡେର ଡୁସେନ ସର୍ବାଧିକ ୮୦ ଓ ଆଣ୍ଡିଲ ଫେଲୁକାୱ୍ ୬୯ ରନ କରି ଅପରାଜିତ ରହିଥିଲେ। ଡେଭିଡ ମିଲେର ୩୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଶାହିନା ଶାହ ଆଫ୍ରିଦି ୩, ଶଦାବ ଖାଁ ୨ଟି ଉଇକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ହାସନ ଅଲୀ ସର୍ବାଧିକ ୫୯, ଅଧିନାୟକ ସର୍ଫରାଜ ଅହମ୍ମଦ ୪୧, ଫଖର ଜମାନ ୨୬, ସୋଏବ ମଲିକ ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ଫେଲୁକାୱ୍ ସର୍ବାଧିକ ୪, ତାବରେଜ ସାମସି ୩, କାଗିସୋ ରବାଡ଼ା ୨, ଡୁଆନ ଓଲିଭର ଗୋଟିଏ ଉଇକେଟ ନେଇଥିଲେ।






## ଉତ୍କଳ ବିଶ୍ୱବିଦ୍ୟାଳୟ ୩ ରନରେ ଜିତିଲା

**କଟକ ଅଫିସ,୨୩।୧**

କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଚୂଡ଼ାନ୍ତ ଲିଗ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ବିଜୟୀ ହୋଇଛି। ଲିଗ୍ ପର୍ଯ୍ୟାୟରେ ୨ଟି ମ୍ୟାଚ୍ ଖେଳିଥିବା ବେଳେ ଉତ୍କଳର ଏହା ପ୍ରଥମ ବିଜୟ। ଗୁରୁବାର ଏମ.ଜି. କାଶୀ ବିଦ୍ୟାପୀଠ ବିପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତିମ ମ୍ୟାଚ୍ ଖେଳିବ। ଅନ୍ୟପକ୍ଷରେ ଏହି ପର୍ଯ୍ୟାୟରେ ଏମ.ଜି. କାଶୀ ବିଦ୍ୟାପୀଠ ୨ଟି ବିଜୟ ସହ ୮ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଛି। ଉତ୍କଳ ଓ ଭିବିଏସ୍ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ଜିତିଛନ୍ତି। ଏଣୁ କାଶୀ ବିଶ୍ୱବିଦ୍ୟାଳୟକୁ ଭଲ ରନରେଟରେ ପରାସ୍ତ କଲେ ଉତ୍କଳ ବିଶ୍ୱବିଦ୍ୟାଳୟ ନିମନ୍ତେ ଜାତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ସାମିଲ ହେବାର ସୁଯୋଗ ରହିବ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବିନୋବାଭାବେ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ରୋମାଞ୍ଚକ ପରିସ୍ଥିତିରେ ଶେଷ ହୋଇଥିଲା। ବିନୋବାଭାବେ ଟସ୍ ଜିତି ଉତ୍କଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଆଶୁତୋଷ ଦାସଙ୍କ ୩୦ ରନ ସହାୟତାରେ ଉତ୍କଳ ଦଳ ମାତ୍ର ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ବିନୋବାଭାବେ ଦଳ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଜୟଲକ୍ଷ୍ୟଠାରୁ ୩ ରନ ପଛରେ ରହି ପରାସ୍ତ ହୋଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ଏମ.ଜି. କାଶୀ ବିଦ୍ୟାପୀଠ ୭ ଉଇକେଟରେ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ ହରାଇଛି।


DADLS-252

ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ
୨୪ ଜାନୁଆରୀ, ୨୦୧୯



ସମୟ – ସକାଳ ଘ.୭.୩୦.ମି.
ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ,** ମାନ୍ୟବର ମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ
ସମ୍ମାନିତ ଅତିଥି – **ଡ. ପ୍ରସନ୍ନ ପାଟ୍ଟଶାଣୀ,** ମାନ୍ୟବର ସାଂସଦ
ମୁଖ୍ୟ ବକ୍ତା – **ଶ୍ରୀଯୁକ୍ତ ଓମ ପ୍ରକାଶ,** ଖ୍ୟାତନାମା ସ୍ତମ୍ଭକାର ଓ ସାମ୍ବାଦିକ

ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଶାନ୍ତ ପାଢ଼ୀ, ତାନ୍‌ସେନ୍ ସିଂ, ଲୋଭା ବିଶ୍ୱାଳ, ରୋଜାଲିନ ମିଶ୍ର ଓ ପ୍ରତିଭା ପ୍ରଧାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

15001/13/0551/1819

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ଐତିହାସିକ ଘଟଣା ପ୍ରବାହରେ ଯେତେବେଳେ ଓଡ଼ିଶାର ସ୍ୱାଧୀନତା ଅବକ୍ଷୟମୁଖୀ, ସେତେବେଳେ ଓଡ଼ିଶାର ଶେଷ ସ୍ୱାଧୀନତା ବଜାୟ ରଖିବା ପାଇଁ ଉତ୍କଳ ଜନନୀର ଯେଉଁ କେତେଜଣ ବୀର ସୁଯୋଗ୍ୟ ସନ୍ତାନ ଇଂରେଜମାନଙ୍କ ସହ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଅନ୍ୟତମ । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ତ୍ୟାଗ, ଅପୂର୍ବ ସାହସ, ବୀରତ୍ୱ ଏବଂ ଆତ୍ମୋତ୍ସର୍ଗ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ସେ ଏ ଜାତି ପାଇଁ ଚିର ନମସ୍ୟ ଓ ଚିର ସ୍ମରଣୀୟ ।

"ବ୍ରିସ୍‌ବେନଠାରେ ଖେଳାଯିବାକୁ ଥିବା ଦିବାରାତ୍ର ଟେଷ୍ଟରେ ବାଉନ୍‌ସରକୁ ଆମେ ମୁଖ୍ୟ ଅସ୍ତ୍ର କରିବୁ। ଶ୍ରୀଲଙ୍କା ଦଳ ଏଥିଲାଗି ପ୍ରସ୍ତୁତ ହେବା ଉଚିତ।"
– ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



"ଭାରତୀୟ ହକି ଦଳରେ ବାରମ୍ବାର କୋଚ୍ ପରିବର୍ତ୍ତନ ଭଲ ଲକ୍ଷଣ ନୁହେଁ। ନିକଟରେ ବିଦାୟ ନେଇଥିବା ହରେନ୍ଦ୍ର ସିଂ ହିଁ ଏହି ପଦବୀ ପାଇଁ ଉପଯୁକ୍ତ ବ୍ୟକ୍ତି।"
– ସନ୍ଦୀପ ସିଂ, ପୂର୍ବତନ ଅଧିନାୟକ



## ସଂକ୍ଷେପରେ

### ୫,୦୦୦ କ୍ଲବରେ ଧାୱନ

ନାପିଏର,୨୩।୧- ଭାରତୀୟ କ୍ରିକେଟ ଟିମ୍ ଓପନର ଶିଖର ଧାୱନ ୫,୦୦୦ କ୍ଲବରେ ସାମିଲ ହୋଇଛନ୍ତି। ଏଥିସହ ସେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କ ସହ ସମକକ୍ଷ ହୋଇଛନ୍ତି। ଏଠାରେ ବୁଧବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ୧୦ ରନ୍ କରିଥିବାବେଳେ ଦିନିକିଆ କ୍ୟାରିୟରର ୫, ୦୦୦ ରନ୍ ପୂରଣ କରିଛନ୍ତି। ଧାୱନ କ୍ୟାରିୟରର ୧୧୮ତମ ଇନିଂସରେ ଏହି ମାଇଲଷ୍ଟୋନ ଛୁଇଁଛନ୍ତି। ପୂର୍ବତନ ଇଣ୍ଡିଜ ଅଧିନାୟକ ଲାରା ମଧ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୫,୦୦୦ ରନ୍ ପୂରଣ କରିଥିଲେ। ତେବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ଦକ୍ଷିଣ ଆଫ୍ରିକାର ଓପନର ହାସିମ ଆମଲା ଦ୍ରୁତତମ ବ୍ୟାଟ୍ସମ୍ୟାନ। ସେ ମାତ୍ର ୧୦୧ ତମ ଇନିଂସରେ ଏହି ଉପଲବ୍ଧି ହାସଲ କରିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି(୧୧୪ତମ ଇନିଂସ)। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ କୋହଲି ଦ୍ରୁତତମ ପାଞ୍ଚ ହଜାର ରନ୍ କରିବାରେ ୱେଷ୍ଟଇଣ୍ଡିଜ ଲିଜେଣ୍ଡ ଭିଭିଆନ୍ ରିଚାର୍ଡ୍ସଙ୍କ ସହ ସମାନ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ଧାୱନ ୩ୟ ସ୍ଥାନ ଅଧିକାର କରିଛନ୍ତି।

### ଲାରାଙ୍କୁ ପଛରେ ପକାଇଲେ ବିରାଟ

ନାପିଅର, ୨୩।୧- ଦିନିକିଆ କ୍ରିକେଟରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଟପ୍-୧୦ରେ ପ୍ରବେଶ କରିଛନ୍ତି। ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ କୋହଲି ୪୫ ରନ କରିଥିଲେ। ଏଥିସହ ଦିନିକିଆ କ୍ରିକେଟରେ ତାଙ୍କ ମୋଟ୍ ରନ୍ ସଂଖ୍ୟା ୧୦,୪୩୦ରେ ପହଞ୍ଚିଛି। ଏହିକ୍ରମରେ ସେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରା (୧୦,୪୦୫)ଙ୍କୁ ପଛରେ ପକାଇ ଦେଇଛନ୍ତି। ବ୍ୟାଟିଂ ମହାରଥି ସଚିନ ତେନ୍ଦୁଲକର (୧୮,୪୨୬) ତାଲିକାର ଶୀର୍ଷରେ ରହିଥିବାବେଳେ କୁମାର ସାଙ୍ଗାକରା (୧୪,୨୩୪), ରିକି ପଣ୍ଟିଂ (୧୩,୭୦୪), ସନଥ ଜୟସୂରିୟା (୧୩,୪୩୦), ମାହେଲା ଜୟବର୍ଦ୍ଧନେ (୧୨,୬୫୦), ଇଞ୍ଜାମାମ-ଉଲ୍-ହକ୍ (୧୧,୭୩୯), ଜ୍ୟାକ କାଲିସ (୧୧,୫୭୯), ସୌରଭ ଗାଙ୍ଗୁଲି (୧୧,୩୬୩) ଓ ରାହୁଲ ଦ୍ରାବିଡ୍ (୧୦,୮୮୯) ଯଥାକ୍ରମେ ୨ୟରୁ ୯ମ ସ୍ଥାନ ମଧରେ ରହିଛନ୍ତି। ମହେନ୍ଦ୍ର ସିଂ ଧୋନୀ (୧୦,୩୬୬) ତାଲିକାର ଦ୍ୱାଦଶ ସ୍ଥାନ ଲାଭ କରିଛନ୍ତି।

### ଜ୍ୟାକବଙ୍କ ଲାଗି ହାତ ବଢ଼ାଇଲା ସିଏସ୍‌କେ



ଚେନ୍ନାଇ,୨୩।୧- ପୂର୍ବତନ ଭାରତୀୟ କ୍ରିକେଟର ମାର୍ଟିନ ଜ୍ୟାକବଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସଙ୍କଟାପନ୍ନ ରହିଛି। ତାଙ୍କ ଚିକିତ୍ସାରେ ସାହାଯ୍ୟ କରିବା ଲାଗି ଦେଶର ବହୁ ପୂର୍ବତନ ଓ ବର୍ତ୍ତମାନ କ୍ରିକେଟର ଆଗକୁ ଆସିବା ପରେ ଆଇପିଏଲ ଫ୍ରାଞ୍ଚାଇଜ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ହାତ ବଢ଼ାଇଛି। ଡିଫେଣ୍ଡିଂ ଚାମ୍ପିୟନ ଦଳ ପକ୍ଷରୁ ୩ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସିଏସ୍‌କେ ସିଇଓ କେ. ଏସ୍. ବିଶ୍ୱନାଥନ କହିଛନ୍ତି, ଚେନ୍ନାଇ ସୁପର କିଙ୍ଗ୍ସ ଲିମିଟେଡ୍ ପକ୍ଷରୁ ଜ୍ୟାକବଙ୍କ ମେଡିକାଲ ଖର୍ଚ୍ଚ ବାବଦକୁ ୩ ଲକ୍ଷ ଟଙ୍କା ଦିଆଯାଇଛି। ଭଦୋଦରା କ୍ରିକେଟ ଆସୋସିଏଶନ ଠାରୁ ତାଙ୍କ ଆର୍ଥିକ ଅବସ୍ଥା ସମ୍ପର୍କରେ ବୁଝିବା ପରେ ସହାୟତା ରାଶି ଦିଆଯାଇଛି। ପୂର୍ବରୁ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଏକ ବ୍ଲାଙ୍କ ଚେକ୍ ଦେଇଛନ୍ତି। ତାଙ୍କ ଭଳି ବହୁ କ୍ରିକେଟର ସହାୟତା ପ୍ରଦାନ କରିଛନ୍ତି। ମାର୍ଟିନ ୧୯୯୯ରୁ ୨୦୦୧ ମଧରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ୧୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଗତ ୨୮ ତାରିଖରେ ସେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଥିରେ ତାଙ୍କର ଫୁସଫୁସ ଓ କିଡ୍‌ନୀରେ ଗଭୀର ଆଘାତ ଲାଗିଛି। ଏହାପରେ ସେ ଏକ ପ୍ରାଇଭେଟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ସହଜ ବିଜୟ ସହ ଭାରତର ଅଭିଯାନ

ନାପିଏର, ୨୩।୧(ପି.ଟି.)



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶିଖର ଧାୱନ।

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ ବିଜୟ ପରେ ଭାରତ ନ୍ୟୁଜିଲାଣ୍ଡ ଗସ୍ତକୁ ପୂରା ଢଙ୍ଗରେ ଆରମ୍ଭ କରିଛି। ରିଷ୍ଟ ସ୍ପିନର, ମହମ୍ମଦ ସାମି ଓ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ଅତି ସହଜରେ ପରାସ୍ତ କରିଛି। ସୂର୍ଯ୍ୟଙ୍କ ପ୍ରଭାବ ଦ୍ୱାରା ବାଧାପ୍ରାପ୍ତ ହୋଇଥିବା ଏହି ମୁକାବିଲାରେ ଭାରତ ଡକ୍‌ୱର୍ଥ/ଲୁଇସ୍ ପଦ୍ଧତିରେ ୮୫ଟି ବଲ ବାକି ରଖି ୮ ଉଇକେଟରେ ବିଜୟୀ ହୋଇଛି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧–୦ରେ ଅଗ୍ରଣୀ ହାସଲ କରିଛି।

ସ୍ଥାନୀୟ ମ୍ୟାକ୍‌ଲିନ୍ ପାର୍କ ଗ୍ରାଉଣ୍ଡରେ ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ଭାରତୀୟ ବୋଲରଙ୍କ ସଫଳ ମୁକାବିଲା କରି ନ ପାରି ୩୮ ଓଭରରେ ୧୫୭ ରନ୍ କରି ଅଲଆଉଟ ହୋଇଥିଲା। ତେବେ ସୂର୍ଯ୍ୟଙ୍କ କିରଣ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବାରୁ କିଛି ସମୟ ଖେଳ ବନ୍ଦ ରହିଥିଲା। ଫଳରେ ୪୯ ଓଭରରେ ଭାରତ ସମ୍ମୁଖରେ ପରିବର୍ତ୍ତିତ ୧୫୬ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଭାରତ ଧାୱନଙ୍କ ୭୫ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ୩୪.୫ ଓଭରରେ ୨ ଉଇକେଟ ହରାଇ ୧୫୬ ରନ୍ କରି ବିଜୟୀ ହୋଇଛି। ୬ ଓଭର ବୋଲିଂ କରି ୨ ମେଡେନ ନେବା ସହ ମାତ୍ର ୧୯ ରନ୍ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ହାସଲ କରିଥିବା ଦ୍ରୁତ ବୋଲର ସାମି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୫୬ ରନ୍ ଛୋଟିଆ ଟାର୍ଗେଟର ପିଛା କରି ଭାରତ ଭଲ ଆରମ୍ଭ କରିଥିଲା। ତେବେ ଓପ୍‌ନର ରୋହିତ ଶର୍ମା ୧୧ ରନ୍ କରିଥିବା ବେଳେ ଡଗ୍ ବ୍ରାସ୍‌ୱେଲଙ୍କ ବଲ୍‌ରେ ମାର୍ଟିନ ଗପ୍ଟିଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ୪୫ ରନ୍ କରି ଲୋକି ଫର୍ଗୁଶନଙ୍କ ବଲ୍‌ରେ ଉଇକେଟ କିପର ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ କୋହଲି ଓ ଧାୱନ୍ ୯୧ ରନ୍ ସଂଗ୍ରହ କରି ଭାରତର ବିଜୟକୁ ସହଜ କରିଥିଲେ। ତେବେ ଏହାପରେ ଧାୱନ୍ ଓ ଅମ୍ବାତି ରାୟୁଡୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ତୃତୀୟ ଉଇକେଟ ଯୋଡିରେ ଅପରାଜିତ ୨୪ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଡିନର ପରେ ୧୦ ଓଭର ଖେଳାଯିବା ପରେ ସୂର୍ଯ୍ୟକିରଣ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଆଖିରେ ପଡିଥିଲା। ଏଥିଯୋଗୁ ସମସ୍ୟା ହେବା କାରଣରୁ ଖେଳ କିଛି ସମୟ ବନ୍ଦ ରହିଥିଲା। ପ୍ରଥମଥର ପାଇଁ ବର୍ଷା ନୁହଁ ବରଂ ସୂର୍ଯ୍ୟଙ୍କ ପାଇଁ ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଫର୍ଗୁସନ ଓ ବ୍ରାସୱେଲ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ସାମିଙ୍କୁ ବାଦ୍ ଦେଲେ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଦମ୍‌ଦାର ବୋଲିଂ କରି ଘରୋଇ ବ୍ୟାଟ୍ସମ୍ୟାନଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ସ୍ପିନରମାନେ ୭ ଉଇକେଟ ଅକ୍ତିଆର କରିଥିଲେ। ମାତ୍ର ୧୮ ରନ୍‌ରେ ୨ ଉଇକେଟ ହରାଇ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ କେନ୍ ଉଇଲିୟମସନ ୬୪ ରନ୍‌ର ଲଢୁଆ ପାଳି ଖେଳିଥିଲେ। ତେବେ ତାଙ୍କୁ ଅନ୍ୟ ବ୍ୟାଟ୍ସମ୍ୟାନ ସହଯୋଗ କରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ରସ୍ ଟେଲର ୨୪, ମିଚେଲ ସାଣ୍ଟନର ୧୪, ହେନେରୀ ନିକୋଲ୍ସ ୧୨, ଟମ୍ ଲଥାମ ୧୧ ରନ୍ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ୪, ସାମି ୩, ଚହଲ ୨ ଓ କେଦାର ଯାଦବ ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୩୮ ଓଭରରେ ୧୫୭ ଅଲଆଉଟ (ଉଇଲିୟମସନ- ୬୪, ଟେଲର- ୨୪, ସାଣ୍ଟନର- ୧୪, କୁଲଦୀପ- ୪/ ୩୯, ସାମି- ୩/୧୯, ଚହଲ- ୨/୪୩, କେଦାର- ୧/୧୭)। ଭାରତ ୩୪.୫ ଓଭରରେ ୧୫୬/୨ (ଧାୱନ- ୭୫*, ରାୟୁଡୁ- ୧୩*, କୋହଲି- ୪୫, ଫର୍ଗୁସନ- ୧/୪୧, ବ୍ରାସୱେଲ- ୧/୨୩)।

## ସାମି ଦ୍ରୁତତମ ଭାରତୀୟ



ନାପିଏର,୨୩।୧

ପେସର ମହମ୍ମଦ ସାମି ବୁଧବାର ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟରରେ ୧୦୦ତମ ଉଇକେଟ ନେଇଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ଦେଶର ଦ୍ରୁତତମ ଭାରତୀୟ ପେସର। ସ୍ଥାନୀୟ ମ୍ୟାକଲିନ ପାର୍କଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ତାଙ୍କ କ୍ୟାରିୟରର ୧୦୦ତମ ଶିକାର ହୋଇଥିଲେ ଘରୋଇ ଦଳର ଓପନର ମାର୍ଟିନ ଗୁପଟିଲ। ଏହି ମ୍ୟାଚ୍‌ରେ ସାମି ୩ ଉଇକେଟ ନେଇଛନ୍ତି। ୨୮ ବର୍ଷୀୟ ଡାହାଣହାତୀ ବୋଲର ସାମି କ୍ୟାରିୟରର ୫୬ତମ ମ୍ୟାଚ୍‌ରେ ୧୦୦ ଉଇକେଟ ଅକ୍ତିଆର କରିଛନ୍ତି। ଏହି ଧାରାରେ ଅନ୍ୟ ଭାରତୀୟ ବୋଲରଙ୍କଠାରୁ ସେ ସର୍ବାଗ୍ରେ ରହିଛନ୍ତି। ତାଙ୍କ ପୂର୍ବରୁ ୧୦୦ ଉଇକେଟ ନେବାରେ ଇର୍ଫାନ ପଠାନ ଦ୍ରୁତତମ ଭାରତୀୟ ପେସର ଥିଲେ। ସେ ୫୯ ତମ ମ୍ୟାଚ୍‌ରେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ସେହିଭଳି ଜାହିର ଖାଁ, ଅଜିତ ଅଗରକର ଓ ଜାଭାଗଲ ଶ୍ରୀନାଥ ଯଥାକ୍ରମେ ୬୫, ୬୭ ଓ ୬୮ ତମ ମ୍ୟାଚ୍‌ରେ ୧୦୦ ଉଇକେଟ ଅଧିକାର କରିଥିଲେ।

## ମୁହଁରେ ଖରା ପଡ଼ିବାରୁ ଖେଳ ସ୍ଥଗିତ

ଖରାପ ପାଗ, ବର୍ଷା କିମ୍ବା ଆଲୋକ ଅଭାବରୁ କ୍ରିକେଟ ମ୍ୟାଚ ବନ୍ଦ ହୁଏ। ହେଲେ ସ୍ଥାନୀୟ ମ୍ୟାକଲିନ ପାର୍କଠାରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍ ଭିନ୍ନ କାରଣରୁ ଖେଳ ବନ୍ଦ ହୋଇଛି। ସୂର୍ଯ୍ୟକିରଣ ସିଧାସଳଖ ବ୍ୟାଟ୍ସମ୍ୟାନଙ୍କ ମୁହଁରେ ପଡୁଥିବାରୁ ଉଭୟ ଫିଲ୍ଡ ଅମ୍ପାୟର ଖେଳ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ଅନ୍ୟତମ ଭାରତୀୟ ଓପନର ଶିଖର ଧାୱନ ଅମ୍ପାୟରଙ୍କ ନିକଟରେ ଅଭିଯୋଗ କରିଥିଲେ। ମୁହଁରେ ସୂର୍ଯ୍ୟକିରଣ ପଡୁଥିବାରୁ ବଲକୁ ଦେଖି ଶଟ ଖେଳିବା କଷ୍ଟକର ଏବଂ ବ୍ୟାଟ୍ସମ୍ୟାନମାନେ ଆହତ ହେବାର ସମ୍ଭାବନା ଥିବାରୁ ଏଭଳି ନିଷ୍ପତ୍ତି କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଏହା ପ୍ରଥମ ଘଟଣା ବୋଲି ଫିଲ୍ଡ ଅମ୍ପାୟର ଶନ ହେଗ କହିଛନ୍ତି।

## ସଞ୍ଜିତାଙ୍କ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର



କେ. ସଞ୍ଜିତା ଚାନୁ

ନୂଆଦିଲ୍ଲୀ, ୨୩।୧ (ପି.ଟି.)

ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା କେ. ସଞ୍ଜୀତା ଚାନୁଙ୍କ ଉପରୁ ସାମୟିକ ସସ୍‌ପେଣ୍ଡ ଆଦେଶକୁ ଇଣ୍ଟରନ୍ୟାଶନାଲ ୱେଟ୍‌ଲିଫ୍ଟିଂ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍) ମଙ୍ଗଳବାର ପ୍ରତ୍ୟାହାର କରିନେଇଛି। ଫଳରେ ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀଙ୍କୁ ବଡ଼ ଆଶ୍ୱସ୍ତ ମିଳିଛି। ସାମ୍ପଲ ନମ୍ବରରେ ତ୍ରୁଟି ଜନିତ କାରଣରୁ ସେ ଅଯଥା ଡୋପ୍ ମାମଲାରେ ଛନ୍ଦି ହୋଇପଡ଼ିଛନ୍ତି ବୋଲି ସଞ୍ଜିତା ଦର୍ଶାଇ ଆସୁଛନ୍ତି। ହେଲେ ପ୍ରଶାସନିକ ବିଳମ୍ବତା ଯୋଗୁ ଏହି ମାମଲା ପ୍ରାୟ ୧ବର୍ଷ ହେଲା ବିଚାର ନ ହୋଇ ପଡ଼ିରହିଛି। ତେବେ ଆଗାମୀ କିଛିଦିନ ମଧରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆଇଡବ୍ଲ୍ୟୁଏଫ୍ ସୂଚନା ଦେଇଛି। ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର ସମ୍ପର୍କିତ ଇ-ମେଲ୍ ଜାତୀୟ ଫେଡେରେଶନ ଓ ସଞ୍ଜିତାଙ୍କ ନିକଟକୁ ପଠାଇ ଦିଆଯାଇଥିବା ଆଇଡବ୍ଲ୍ୟୁଏଫ୍‌ର ଆଇନ ପରାମର୍ଶଦାତା ଇଭା ନାଇରିଫା ପ୍ରକାଶ କରିଛନ୍ତି। ଗୋଲ୍ଡ କୋଷ୍ଟଠାରେ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୫୩ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଜିତିଥିବା ୨୫ ବର୍ଷୀୟା ସଞ୍ଜିତା ଅନାବୋଲିକ୍ ଷ୍ଟେରଏଡ୍ ଟେଷ୍ଟୋଷ୍ଟେରନ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ୨୦୧୭ ନଭେମ୍ବରରେ ଯୁକ୍ତରାଷ୍ଟ୍ର ଆମେରିକାରେ ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଏହି ଭାରତୀୟ ଆଥଲେଟଙ୍କଠାରୁ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ଗତବର୍ଷ ମେ' ୧୫ରୁ ତାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି।

## କୋହଲିଙ୍କୁ ବିଶ୍ରାମ: ରୋହିତଙ୍କୁ ନେତୃତ୍ୱ

ନାପିଏର, ୨୩।୧(ପି.ଟି.)

ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ଅତ୍ୟଧିକ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଭାରତୀୟ ଅଧିନାୟକ ତଥା ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଅନ୍ତିମ ଦୁଇ ମୁକାବିଲା ଓ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। କୋହଲିଙ୍କ ଅନୁପସ୍ଥିତିରେ ଓପ୍‌ନର ତଥା ଉପଅଧିନାୟକ ରୋହିତ ଶର୍ମା ଭାରତର ନେତୃତ୍ୱ ନେବେ। ଗତ କେତେ ମାସ ଧରି ଭାରତ କ୍ରମାଗତ ଭାବେ କ୍ରିକେଟ ଖେଳିଆସୁଛି। କୋହଲିଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିବା ସହ ପ୍ରଥମ ଦ୍ୱିପାକ୍ଷିକ ଦିନିକିଆ ସିରିଜରେ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଥିଲା। କୋହଲିଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଚୟନ କମିଟି ଏହି ନିଷ୍ପତ୍ତି ନେଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। କୋହଲିଙ୍କୁ ବିଭିନ୍ନ ସିରିଜରେ ବିଶ୍ରାମ ଦିଆଯିବା କଥା ଆଦୌ ନୂଆ ନୁହଁ। ଅବଶ୍ୟ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ କୋହଲିଙ୍କୁ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ଟି୨୦ ସିରିଜରେ ମଧ ବିଶ୍ରାମ ଦିଆଯାଇଥିଲା। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଏସିଆ କପ୍‌ରେ ମଧ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିଲା ଓ ତାଙ୍କ ଅନୁପସ୍ଥିତିରେ ରୋହିତଙ୍କ ନେତୃତ୍ୱରେ ଭାରତ ଏସିଆ କପ୍ ଚାମ୍ପିୟନ ହୋଇଥିଲା। ଆସନ୍ତା ମେ'ରୁ ଜୁନ୍ ପର୍ଯ୍ୟନ୍ତ ଇଂଲଣ୍ଡରେ ଖେଳାଯିବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତ ପାଇଁ ବହୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ନ୍ୟୁଜିଲାଣ୍ଡ ଗସ୍ତ ପରେ ଭାରତ ଫେବୃୟାରୀ ୨୪ରୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଘରୋଇ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଆରମ୍ଭ ହେବ। ଏହା ପୂର୍ବରୁ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରାଙ୍କୁ ମଧ ସମକାରଣ ପାଇଁ ବିଶ୍ରାମ ଦିଆଯାଇଛି। ଫେବୃୟାରୀ ୬ରେ



ବିରାଟ କୋହଲି

ୱେଲିଂଟନରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ଆରମ୍ଭ ହେବ।

ତେବେ କୋହଲିଙ୍କ ବଦଳ ଖେଳାଳି ଭାବେ କାହାକୁ ଚୟନ କରାଯିବ ନାହିଁ। ଅନ୍ତିମ ଦୁଇ ଦିନିକିଆ ସମେତ ଟି୨୦ ସିରିଜରେ ରୋହିତ ଦଳର ନେତୃତ୍ୱ ନେବେ ବୋଲି କୁହାଯାଇଛି। ୨୦୧୮ରେ ଅସାଧାରଣ ପ୍ରଦର୍ଶନ କରି ମଙ୍ଗଳବାର ୩୦ ବର୍ଷୀୟ କୋହଲି ପ୍ରଥମ କ୍ରିକେଟର ଭାବେ ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି)ର ୩ଟି ପୁରସ୍କାର ଜିତିଥିଲେ। ସେ ସାର ଗ୍ୟାରୀଫିଲ୍ଡ ସୋବର୍ସ କ୍ରିକେଟର ଅଫ୍ ଦି ଇୟର, ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ଓ ଦିନିକିଆ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଗତ ଟେଷ୍ଟ ସିରିଜରେ କୋହଲି ୪୦.୨୮ ହାରରେ ମୋଟ ୨୮୨ ରନ୍ ସଂଗ୍ରହ କରିଥିଲେ। ଏଥି ମଧ୍ୟରେ ପର୍ଥ ପିଚ୍‌ରେ ତାଙ୍କର ଏକ ଶତକ ମଧ ସାମିଲ ରହିଛି। ଦିନିକିଆରେ ୩୯ଟି ଶତକ ହାସଲ କରିବା ସହ ସେ ସବୁ ଫର୍ମାଟ୍‌ରେ ମୋଟ ୬୪ଟି ଶତକ ଅର୍ଜନ କରିଛନ୍ତି।

■ ଆନ୍ତଃ ଜିଲା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ

## ଜଗତ୍‌ସିଂହପୁର ଫାଇନାଲରେ

ଭଣ୍ଡାରିପୋଖରୀ, ୨୩।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ମହାଦେବ ଖେଳପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଣ୍ଡାରିପୋଖରୀ କ୍ରିକେଟ ଟିମ୍‌କୁ ହରାଇ ଜଗତସିଂହପୁର ହିଣ୍ଟ୍ସ ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ହିଣ୍ଟ୍ସ ସ୍ପୋର୍ଟିଂ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ଅଲ୍‌ଆଉଟ ହୋଇ ୨୦୬ ରନ୍ କରିଥିଲା। ଦଳ ପକ୍ଷରୁ ଅନୀଲ ମହାପାତ୍ର ୨୬ ବଲ୍‌ରେ ୫୮ ରନ୍ କରିଥିଲେ। ପ୍ରତିପକ୍ଷର ସୁକାନ୍ତ ପଣ୍ଡା ୫ ଓଭର ବୋଲିଂ କରି ୩ ଉଇକେଟ ନେଇଥିଲେ। ଜବାବରେ ଭଣ୍ଡାରିପୋଖରୀ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୮୪ ରନ୍ କରି ହାରିଥିଲା। ଦଳ ପକ୍ଷରୁ ତହର ଅଲ୍ଲୀ ୩୯ ବଲ୍‌ରେ ୪୮ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ନାରାୟଣ ବିଶ୍ୱାଳ ୫ ଓଭର ବୋଲିଂ କରି ୧୫ ରନ୍ ଦେଇ ୪ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଜଗତସିଂହପୁର ଟିମ୍‌ର ଅନୀଲ ମହାପାତ୍ରଙ୍କୁ ପୁରସ୍କୃତ କରିଥିଲେ ଯୁବ ସାମାଜିକ କର୍ମୀ ପ୍ରକାଶ ମହାପାତ୍ର। କାଳନ୍ଦୀ ପଣ୍ଡା, ଚିନ୍ମୟ ସେନାପତି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଶୋଭନ ଖୁଣ୍ଟିଆ ସ୍କୋରର ଓ ପ୍ରତ୍ୟୁଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ଅନିଲ ମହାପାତ୍ର ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## କାର୍ଡିଫ୍ ଷ୍ଟ୍ରାଇକର ସାଲାଙ୍କ ମୃତ୍ୟୁ ଆଶଙ୍କା

**ବିମାନ ଦୁର୍ଘଟଣା**

ନାନ୍‌ଟେସ (ଫ୍ରାନ୍ସ), ୨୩।୧ (ଏଏଫ୍‌ପି)

ପ୍ରିମିୟର ଲିଗ୍ ଫୁଟ୍‌ବଲ କ୍ଲବ କାର୍ଡିଫ୍ ସିଟି ସହିତ ନିକଟରେ ଏକ ରେକର୍ଡ ଫି' ବିନିମୟରେ ଚୁକ୍ତି କରିଥିବା ଏମିଲିଆନୋ ସାଲାଙ୍କର ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଆର୍ଜେଣ୍ଟିନାର ଏହି ଷ୍ଟ୍ରାଇକର ଶନିବାର ଫ୍ରେଞ୍ଚ୍ କ୍ଲବ ନାନ୍‌ଟେସରୁ ୧୭ ନିୟୁତ ୟୁରୋ (୧୯.୩ ନିୟୁତ ଡଲାର) ବିନିମୟରେ କାର୍ଡିଫ୍ ସିଟି ଦଳରେ ଯୋଗ ଦେଇଥିଲେ। ଖବର ଅନୁସାରେ, ସେ ସୋମବାର ରାତିରେ ଏକ କ୍ଷୁଦ୍ର ବିମାନରେ କାର୍ଡିଫ ଯାତ୍ରା କରୁଥିଲେ। ମାତ୍ର ଇଂଲିଶ ଚ୍ୟାନେଲ ଅନ୍ତର୍ଗତ ଗୁରେନ୍‌ସି ଦ୍ୱୀପଠାରୁ ପ୍ରାୟ ୨୦ କିଲୋମିଟର ଉତ୍ତରଭାଗରେ ବିମାନଟିର ରାଡାର ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ମଙ୍ଗଳବାର ଦିନ ସାରା ବିମାନଟିର ସନ୍ଧାନ ନିଆଯାଇଥିଲ। ଯଦି ଏହା ଜଳଭାଗରେ ଖସି ପଡ଼ିଥିବ ତେବେ କୌଣସି ଯାତ୍ରୀଙ୍କ ବଞ୍ଚିବା ସମ୍ଭାବନା କ୍ଷୀଣ। ଗୁରେନ୍‌ସି ପୋଲିସର କହିବା ଅନୁସାରେ, ଇଂଲିଶ ଚ୍ୟାନେଲର ୩ ହଜାର ବର୍ଗ କିଲୋମିଟରର ଏହି ଅଞ୍ଚଳରେ ଦୀର୍ଘ ୧୫ ଘଣ୍ଟା ଧରି ଛାନ୍‌ଭିନ୍ ପରେ ଜଳଭାଗରେ କିଛି ଭାସମାନ ବସ୍ତୁ ଦେଖିବାକୁ ମିଳିଥିଲା। ଦୁର୍ଘଟଣାଗ୍ରସ୍ତ ବିମାନଟିରେ ୨୮ବର୍ଷୀୟ ସାଲା ଯାତ୍ରା କରୁଥିବା ଫ୍ରେଞ୍ଚ ବେସାମରିକ ବିମାନ ଚଳାଚଳ ବିଭାଗ ସ୍ପଷ୍ଟ କରିଛି। ବିମାନଟିରେ ଅନ୍ୟ ଜଣେ ଯାତ୍ରୀ ମଧ ଥିଲେ।



## ସଂକ୍ଷେପରେ

### ଯାଜପୁର ଜିଲା ସ୍କୁଲରେ ନେତାଜୀ ଜୟନ୍ତୀ



**ଯାଜପୁର ଅଫିସ,୨୩।୧:** ନେତାଜୀ ସୁବାସଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଯାଜପୁର ଜିଲା ସ୍କୁଲ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ମୁଖ୍ୟ ଅତିଥି, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ସମାଜସେବୀ ନିଶିଥ କୁମାର ଦାସ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ, ସହକାରୀ ଶିକ୍ଷକ ଜହିରଉଦ୍ଦିନ ଖାଁ, ବିନୟଭୂଷଣ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କ ତ୍ୟାଗପୂତ ଜୀବନି ଉପରେ ଆଲୋକପାତ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଉତ୍ସବରେ ଉପଜିଲାପାଳ ଧଳ, ଯାଜପୁର ବ୍ଲକ ଶିକ୍ଷା ଅଧିକାରୀ ସ୍ମୃତିରେଖା ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ତ୍ରିପାଠି ପ୍ରମୁଖ ନେତାଜୀଙ୍କ ଆଦର୍ଶ, ଦେଶଭକ୍ତି ଓ ତାଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ । ବି.ଡି ହାଇସ୍କୁଲ ଓ ବିରଜା ହାଇସ୍କୁଲରେ ମଧ ଏହି ଦିବସ ପାଳିତ ହୋଇଯାଇଛି।

ଧର୍ମଶାଳା ସୁପରକପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ

### ଛତିଆ, ଢେଙ୍କାନାଳ ବିଜୟୀ

**ଧର୍ମଶାଳା,୨୩।୧(ଡି.ଏନ୍.ଏ.):** ଧର୍ମଶାଳା ସ୍ପୋର୍ଟ୍ସ କାଉନସିଲ୍ ଆନୁକୂଲ୍ୟରେ ଜାରକାସ୍ଥିତ ଷ୍ଟାଡିୟମରେ ଆୟୋଜିତ ଧର୍ମଶାଳା ସୁପରକପ୍ ଟି-୨୦ କ୍ରିକେଟ ମ୍ୟାଚର ବୁଧବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ପିସିସି ଛତିଆ ଦଳ ନାନକରା କଟକକୁ ୪ ଉଇକେଟରେ ପରାସ୍ତ କରି ବିଜୟୀ ହୋଇଛି। ଏହିପରି ଦ୍ୱିତୀୟ ମ୍ୟାଚ୍‌ରେ ଏମ୍‌ସିସି ଚଣ୍ଡିଖୋଲକୁ ଢେଙ୍କାନାଳର ବିସିସି ଦଳ ୫୦ରନ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମେ କଟକର ନାନକାର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରର ଶେଷ ବଲ୍‌ରେ ସମସ୍ତ ଉଇକେଟ ହରାଇ ୧୨୫ ରନ୍ କରିଥିଲା। ଜବାବରେ ପିସିସି ଛତିଆ ଦଳ ବ୍ୟାଟିଂ କରି ୧୧.୨ ଓଭର୍‌ରେ ୬ଉଇକେଟ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ବିସିସି ଢେଙ୍କାନାଳ ନିର୍ଦ୍ଧାରିତ ଓଭର୍‌ରେ ୮ଉଇକେଟ ହରାଇ ୧୪୫ରନ୍ କରିଥିଲା। ଜବାବରେ ଏମସିସି ଚଣ୍ଡିଖୋଲ ୧୩.୪ ଓଭର୍‌ରେ ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ରଞ୍ଜନ ପାଳ, ଉତ୍ତମ ସାମଲ, ମକର ଦାସ, ମାନସ ମହାନ୍ତି, ଖେଳ ପରିଚାଳନା କରିଥିଲେ । ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଏସ୍‌ଆରସିଟି ରାମଚନ୍ଦ୍ରପୁର ସହିତ ପିସିସି ଛତିଆ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିସିସି ଢେଙ୍କାନାଳ ସହିତ ଏମସିସି ଚଣ୍ଡିଖୋଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ମକରଧ୍ୱଜ ଦାସ ସୂଚନା ଦେଇଛନ୍ତି।

■ ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା

# ବନ୍ଧା ପଡ଼ିଛି ରାଶନକାର୍ଡ

**ଯାଜପୁର ଅଫିସ,୨୩।୧**

■ଟିପ ଚିହ୍ନ ଦେଇ ଖାଲି ହାତରେ ଫେରୁଛନ୍ତି ହିତାଧିକାରୀ
■ସୁଧ ଆକାରରେ ଚାଉଳ, ଗହମ ନେଉଛନ୍ତି ମହାଜନ

ଯାଜପୁର ଜିଲାରେ ବିପିଏଲ୍ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ରାଶନ କାର୍ଡ ବନ୍ଧା ପଡୁଛି। ଜିଲାର ସହର ଓ ଗ୍ରାମାଞ୍ଚଳରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ରାଶନ କାର୍ଡ ଏଭଳି ବନ୍ଧା ପଡ଼ିଥିବାରୁ ପ୍ରକୃତ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେଉଛନ୍ତି। ଆର୍ଥିକ ଅନଗ୍ରସର ହିତାଧିକାରୀଙ୍କ ଦୁର୍ବଳତାର ସୁଯୋଗ ନେଇ କେତେକ ଲାଭଖୋର ମହାଜନ ତଥା ସୁଧିଆ ବେପାରୀ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଜଣାପଡିଛି। ଜିଲାର ବ୍ୟାସନଗର ପୌରାଞ୍ଚଳର ମୋଚି ସାହି ଓ ମୁଣ୍ଡୋମାଳର ବହୁ ଗରିବ ହିତାଧିକାରୀ ଏହାର ଜ୍ୱଳନ୍ତ ଉଦାହରଣ। ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବାରୁ ସେମାନେ ସମ୍ପୃକ୍ତ ମହାଜନଙ୍କ ବିରୋଧରେ ମୁହଁ ଖୋଲିବାକୁ ମଧ ଭୟ କରୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବଗୁରୁବାଙ୍କ ପାଟିରେ ମୁଠାଏ ଅନ୍ନ ଯୋଗାଇ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରିଥିବା ଟଙ୍କିକିଆ ଚାଉଳ ଯୋଜନା ଏଠାରେ ବାଟବଣା ହୋଇଯାଇଛି।

ଖାଦ୍ୟ ସୁରକ୍ଷା ଯୋଜନାରେ ଖିଲାପି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି। ହେଲେ ଯାଜପୁର ଜିଲାରେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଏଠାରେ ଥିଲାବାଲାମାନେ ଏହି ଯୋଜନାର ଫାଇଦା ନେଉଛନ୍ତି। ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩,୨୩,୨୯୪ ଜଣ ହିତାଧିକାରୀ ଅଛନ୍ତି। ସେହିପରି ଜାତୀୟ ଯୋଜନାରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଗତ ଅଗଷ୍ଟ ମାସରୁ କାର୍ଯ୍ୟକାରୀ ହୋଇଛି। ଏଥିରେ ଜିଲାର ପ୍ରାୟ ୧ଲକ୍ଷ ୧୫ ହଜାର ହିତାଧିକାରୀ ସାମିଲ ହୋଇଛନ୍ତି। ଯୋଗାଣ ବିଭାଗ ନିର୍ଦ୍ଦେଶ ଅନୁଯାୟୀ, ହିତାଧିକାରୀ ନିଜେ କାର୍ଡ ଧରି ନ ଗଲେ ଚାଉଳ ଦେବାର ବ୍ୟବସ୍ଥା ନାହିଁ। କିନ୍ତୁ ଏଠାରେ ଓଲଟା ହେଉଛି । ବିପଦ ସମୟରେ ଆର୍ଥିକ ଅନଟନ ଯୋଗୁ ହିତାଧିକାରୀ ରାଶନକାର୍ଡକୁ ମହାଜନ ପାଖରେ ୨ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ବନ୍ଧା ପକାଉଛନ୍ତି। ଟଙ୍କା ନ ଫେରାଇବା ପର୍ଯ୍ୟନ୍ତ ସୁଧ ଆକାରରେ ମହାଜନ କଣ୍ଟ୍ରୋଲ ଦୋକାନରୁ ଚାଉଳ ନେଉଛି। ସେହିଦିନ ହିତାଧିକାରୀଙ୍କୁ ଡାକି ଦସ୍ତଖତ କିମ୍ବା ଟିପ ଚିହ୍ନ ନିଆଯାଉଛି। ସେହି ଚାଉଳ ମହାଜନଠାରୁ କୁଇଣ୍ଟାଲ ପିଛା ପ୍ରାୟ ୧୫୦୦ଟଙ୍କାରେ ମିଲର୍ସ ପାଖକୁ ବିକ୍ରି ହୋଇଯାଉଛି। ଏଥିରୁ ଟଙ୍କିକିଆ ଯୋଜନା ଦ୍ୱାରା ଗରିବ ଲୋକ ଗରିବ ଆଉ ଧନୀଲୋକ ଆହୁରି ଧନୀ ହେବାର ବାଟ ଫିଟାଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାର ୧୦ବ୍ଲକ ଓ ୨ଟି ପୌରପରିଷଦର ହିତାଧିକାରୀଙ୍କ ପାଇଁ ମୋଟ ୫୩,୯୬୧.୮୦ କୁଇଣ୍ଟାଲ ଚାଉଳ ଏବଂ ୧୨,୮୦୬.୭୦ କୁଇଣ୍ଟାଲ ଗହମ ବଣ୍ଟନ ହେଉଛି। ଜିଲାର ଉତ୍ପାଦନ ଏହି ତୁଳନାରେ କମ୍ ହେଉଥିବାରୁ ଅଧିକ ୫୦ପ୍ରତିଶତ ଚାଉଳ ବାହାର ଜିଲାରୁ ଆମଦାନୀ ହେଉଛି। କିନ୍ତୁ ଅଧିକ ଦାରିଦ୍ର୍ୟତା ଯୋଗୁ ଏହି ଯୋଜନାର ସୁଫଳ ଉପଯୁକ୍ତ ହିତାଧିକାରୀ ପାଇପାରୁ ନାହାନ୍ତି। ବିପଦ ସମୟରେ ହିତାଧିକାରୀ ରାଶନକାର୍ଡକୁ ବନ୍ଧା ପକାଇବାକୁ ବାଧ୍ୟ ହେଉଛନ୍ତି। କେବଳ ସହରରେ ନୁହେଁ, ଜିଲାର ଅନେକ ଗ୍ରାମାଞ୍ଚଳରେ ବସବାସ କରୁଥିବା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କ ହଜାରହଜାର ରାଶନ କାର୍ଡ ବନ୍ଧା ପଡୁଛି। ଏହି ଗିରୋଇଙ୍କୁ ବ୍ୟବସ୍ଥାକୁ ଯୋଗାଣ ବିଭାଗ ଜାଣିଶୁଣି କୌଣସି ପ୍ରକାର ଅଙ୍କୁଶ ଲଗାଉ ନ ଥିବା ଅଭିଯୋଗ କରାଯାଉଥିବାବେଳେ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ସେ କହିଛନ୍ତି, ଏନେଇ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଯଦି ରାଶନ କାର୍ଡ ବନ୍ଧା ପଡୁଥାଏ, ତେବେ ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହୋତା କହିଛନ୍ତି।




## ମାୟାଧରଙ୍କୁ ତଥାଗତ ସମ୍ମାନ

**ଯାଜପୁର ଅଫିସ,୨୩।୧**

ବୁଦ୍ଧିଷ୍ଟ ହେରିଟେଜ ପ୍ରମୋଶନ ଟ୍ରଷ୍ଟ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ ନେତାଜୀ ସୁଭାଷ ଜୟନ୍ତୀ ଅବସରରେ ଶ୍ରମିକନେତା ମାୟାଧର ନାୟକଙ୍କୁ ତଥାଗତ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଶାନ୍ତିବନ ଧଉଳିଠାରେ ଶ୍ରୀଲଙ୍କାରୁ ଆସିଥିବା ବୌଦ୍ଧ ସନ୍ନ୍ୟାସୀଙ୍କ ଅଶ୍ୱସ୍ଥ ବୃକ୍ଷ ରୋପଣ ଉତ୍ସବରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହି ସମ୍ମାନ ପ୍ରଦାନ କରିଥିଲେ । ଆୟୋଜିତ ସମାରୋହରେ ଶ୍ରୀଲଙ୍କାର ବୌଦ୍ଧ ମହାବିହାର ମୁଖ୍ୟ ଜ୍ଞାନଥିଲେକା ଥେରୋ, ପଦ୍ମଭୂଷଣ ସାଂସଦ ରଘୁନାଥ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା, ପରେଶ ନାୟକ ପ୍ରମୁଖ ବହୁ ବୌଦ୍ଧ ସନ୍ନ୍ୟାସୀ ଉପସ୍ଥିତ ଥିଲେ । ତଥାଗତମାନେ ଯେତେବେଳେ ସାମାଜିକ ଜ୍ଞାନକୁ ମାନବୀକରଣ କରିବାର ମନ୍ତ୍ର ଉଚ୍ଚାରଣ କରନ୍ତି-ତାହା ଏକ ଦିବ୍ୟ ଚେତନା ସଞ୍ଚାର କରି ସମୂହକୁ ଉଦ୍‌ଦୀପିତ କରେ ବୋଲି ମାୟାଧର ଏହି ଅବସରରେ ବକ୍ତବ୍ୟ ରଖିଥିଲେ ।


ମାୟାଧର ନାୟକଙ୍କୁ ସମ୍ମାନିତ କରାଯାଉଛି।

## ବେଟି ବଚାଓ, ଭାରତ ବଞ୍ଚାଓ ପାଇଁ ଦିବ୍ୟାଙ୍ଗଙ୍କ ସଚେତନତା ଯାତ୍ରା



ସଚେତନତା ବାର୍ତ୍ତା ନେଇ ବିଞ୍ଝାରପୁରରେ ପହଞ୍ଚିଥିବା ଦିବ୍ୟାଙ୍ଗ ଅରବିନ୍ଦ।

**ବିଞ୍ଝାରପୁର,୨୩।୧(ଡି.ଏନ.ଏ)**

ଦିବ୍ୟାଙ୍ଗ ହେଲେ ମଧ ତାଙ୍କର ଚିନ୍ତାଧାରା ଓ କାର୍ଯ୍ୟ ମହତ୍। ସମାଜରୁ କୁସଂସ୍କାର, ଭ୍ରୂଣ ହତ୍ୟାକୁ ମୂଳପୋଛ କରି ଏକ ସୁନ୍ଦର ସମାଜ ଗଠନର ବାର୍ତ୍ତା ବହନ କରି ପ୍ରତି ମଣିଷକୁ ସେ ଦେଉଛନ୍ତି ସଦ୍‌ଭାବନାର ବାର୍ତ୍ତା। ବେଟି ବଚାଓ ଭାରତ ବଞ୍ଚାଓ, ରକ୍ତଦାନ କରନ୍ତୁ, ବୃକ୍ଷ ଲଗାନ୍ତୁ, ସମାଜରେ ନାରୀଙ୍କ ସମ୍ମାନ ପ୍ରଦାନ କରିବା ଭଳି ଅନେକ ମହାନ ବାର୍ତ୍ତା ନେଇ ସମଗ୍ର ଭାରତ ବର୍ଷରେ ଲୋକଙ୍କୁ ସଚେତନ କରିବାକୁ ଗତ ବର୍ଷ ଫେବୃୟାରୀ ୧୯ତାରିଖରୁ ଭାରତ ଭ୍ରମଣ କରୁଛନ୍ତି ବିହାର ପାଟଣା ଅଞ୍ଚଳର ଦିବ୍ୟାଙ୍ଗ ଅରବିନ୍ଦ କୁମାର ମିଶ୍ର । ଠେଲା ଗାଡ଼ି ଚଳାଇ ଏହି ସଚେତନତା ବାର୍ତ୍ତା ଗାଁ ଗାଁ ବାଣ୍ଟି ଚାଲିଥିବାବେଳେ ବୁଧବାର ଅରବିନ୍ଦ ବିଞ୍ଝାରପୁର ଅଞ୍ଚଳରେ ପହଞ୍ଚିଛନ୍ତି। ବିଞ୍ଝାରପୁର ଥାନା ପରିସରରେ ଏହି ଦିବ୍ୟାଙ୍ଗ ଅରବିନ୍ଦଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଅରବିନ୍ଦଙ୍କ ଏଭଳି ପ୍ରୟାସ ଅନ୍ୟମାନଙ୍କୁ ପ୍ରଭାବିତ କରିବା ସହିତ ତାଙ୍କର ଏହି କାର୍ଯ୍ୟକୁ ଭୂରି ପ୍ରଶଂସା କରାଯାଇଥିଲା। ବିଞ୍ଝାରପୁର ଥାନା ଅଧିକାରୀ ସୂଚିତ୍ର ବୀର୍ଯ୍ୟଦାସ, ସମାଜସେବୀ ରବୀନ୍ଦ୍ର କୁମାର ପରିଡା, ରଞ୍ଜନ କୁମାର ଧଳ ପ୍ରମୁଖ ଅରବିନ୍ଦଙ୍କୁ ସମ୍ମାନିତ କରିବା ସହିତ ତାଙ୍କର ଏହି କାର୍ଯ୍ୟକୁ ସ୍ୱାଗତ ଜଣାଇଥିଲେ । ସୂଚନା ଥାଉକି ଏଥିପୂର୍ବରୁ ୨୦୦୮ରୁ ଅରବିନ୍ଦ ପୁରୀରୁ ଏଭଳି ଚେତନତା ବାର୍ତ୍ତା ନେଇ ରାମେଶ୍ୱରମ୍ ପର୍ଯ୍ୟନ୍ତ ଯାଇଥିଲେ ।

■ ବରୀ ଚାଷୀ ଆତ୍ମହତ୍ୟା ଘଟଣା

# ୩୬ ଘଣ୍ଟା ପରେ ବି ପ୍ରଶାସନର ମିଳିଲାନି ଦେଖା

**ବିଞ୍ଝାରପୁର,୨୩।୧(ଡି.ଏନ.ଏ)**

**ପାଉଁଶ ତଳେ ଲୁଚିଯାଉଛି ଭାଗ ଚାଷୀର କାହାଣୀ**

ସରକାର ସର୍ବଦା କୃଷି ଓ କୃଷକକୁ ପ୍ରାଧାନ୍ୟ ଦେଇ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ପ୍ରଶାସନ କେତେଦୂର ଏହିସବୁ ଯୋଜନାକୁ ବାସ୍ତବରେ କାର୍ଯ୍ୟକାରୀ କରୁଛି ତାହାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଯାଜପୁର ଜିଲା ବରୀ ବ୍ଲକ ତଥା ବଞ୍ଝାରପୁର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ। ଏହି ଗ୍ରାମର ଭାଗ ଚାଷୀ ବାନାମ୍ବର ସାମଲ(୪୨) ଋଣଭାର ଏବଂ ଆର୍ଥିକ ଅନଟନରେ ଅତିଷ୍ଠ ହୋଇ ମଙ୍ଗଳବାର ଭୋର ସମୟରେ ଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ଉକ୍ତ ଘଟଣାକୁ ଇତିମଧ୍ୟରେ ୩୬ଘଣ୍ଟା ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ମୃତ ଚାଷୀଙ୍କ ପରିବାର ନିକଟରେ ପହଞ୍ଚି ପାରି ନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଘଟଣାକୁ ସୁଚିନ୍ତିତ ଉପାୟରେ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଅରିଲୋ ଗ୍ରାମର ବାନାମ୍ବର ମଙ୍ଗଳବାର ବଡିଭୋରରୁ ବାନାମ୍ବର ସ୍ତ୍ରୀ ତିଳୋତ୍ତମାଙ୍କୁ ବିଲରୁ ଧାନ ଆଣିବାକୁ କହି ଘରୁ ବାହାରି ଯାଇଥିଲେ। ମାତ୍ର ସକାଳ ୭ଟାରେ ବାନାମ୍ବରଙ୍କୁ କାଣୀନଈ କୂଳରେ ଥିବା ଚାକୁଣ୍ଡା ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହା ଜଣାପଡ଼ିବା ପରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। କୌଣସି ସୂତ୍ରରୁ ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ କେତକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପରାମର୍ଶରେ ପରିବାର ଲୋକେ ଗ୍ରାମ ମଶାଣିରେ ବାନାମ୍ବରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିଦେଇଥିଲେ। ପୋଲିସ ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀଙ୍କୁ ପଚରା ଉଚୁରା କରି ଫେରିଥିବାବେଳେ ଘଟଣା ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାରୁ ହାତବାନ୍ଧି ବସିଛି । ଅନ୍ୟପକ୍ଷରେ ଏହି ଗରିବ ଭାଗଚାଷୀ ଜଣକ ଲକ୍ଷାଧିକ ଟଙ୍କାର ହାତ ଉଧାର କରଜ ସୁଝି ନ ପାରିବାରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲେ ସୁଦ୍ଧା ପ୍ରଶାସନ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ନିକଟରେ ନ ପହଞ୍ଚିବା ଘଟଣାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି ଘଟଣା ସମ୍ପର୍କରେ ବରୀ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲକୁ ପଚାରିବାରେ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ଖବର ପାଇବା ପରେ ଜିଲାପାଳଙ୍କୁ ଅବଗତି କରିଥିବା କହିଛନ୍ତି। ତେବେ ଚାଷୀ ମୃତ୍ୟୁ ଭଳି ଏକ ସମ୍ବେଦନଶୀଳ ଘଟଣା ଘଟିବାର ୩୬ଘଣ୍ଟା ପରେ ପ୍ରଶାସନ ନିକଟରେ ଖବର ପହଞ୍ଚିବା ପ୍ରଶାସନିକ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଘଟଣାକୁ ସୁଚିନନ୍ତିତ ଉପାୟରେ ଚପାଇ ଦେବାକୁ ଉଦ୍ୟମ ହେଉଥିଲାବେଳେ ବାନାମ୍ବରଙ୍କ ଅସହାୟ ପରିବାରକୁ ଘୋର ଅନ୍ଧାର ଭିତରକୁ ଠେଲି ଦିଆଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଯୁବପିଢ଼ିଙ୍କ ମଧ୍ୟରେ ସ୍ୱଦେଶ ପ୍ରେମ ଜାଗ୍ରତ ପାଇଁ ଆହ୍ୱାନ

**ବିଞ୍ଝାରପୁର,୨୩।୧(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଦାଣ୍ଡିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରେ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାଧାନଶିକ୍ଷକ ବିଶ୍ୱଜିତ ଗୁରୁ ଯୋଗଦେଇ ବିରୀ ମହାପୁରୁଷମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ମୁକ୍ତ ସଂଗ୍ରାମର ଏହି ଦୁଇ ମହାନ ବୀରଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ସ୍ଥିତିରେ ଯୁବପୀଢ଼ି ନିଜ ମଧ୍ୟରେ ସ୍ୱଦେଶ ପ୍ରେମକୁ ଜାଗ୍ରତ କରିବା ସହିତ ଛାତ୍ରୀଛାତ୍ରମାନେ ବୀର ମହାପୁରୁଷଙ୍କ ଜୀବନୀରେ ଅନୁପ୍ରାଣିତ ହୋଇ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ଶଶୀକାନ୍ତ ଭୋଇ, ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

**ଯାଜପୁର ଅଫିସ,୨୩।୧**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବୁଧବାର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁସୁରକ୍ଷା ଅଧିକାରୀ ନିରଞ୍ଜନ କର, କୁଇଜମାଷ୍ଟର ରାଧାକୃଷ୍ଣ ବୋଷ ଓ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାନ୍ତି ପ୍ରମୁଖ ଯୋଗଦେଇ କୁଇଜ ପରିଚାଳନା କରିଥିଲେ। ଠିକ୍ ଉତ୍ତର ଦେଇଥିବା ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି ଓ ସେମାନଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

■ ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳପଥ କ୍ଷତିଗ୍ରସ୍ତ ଚାଷୀଙ୍କ ଅଭିନବ ପ୍ରତିବାଦ

# ଭିକ୍ଷାବୃତ୍ତି କରି ପୋଡ଼ିଲେ ହଳ ଲଙ୍ଗଳ

**ଡୁବୁରୀ,୨୩।୧(ଡି.ଏନ୍.ଏ.)**

ସରକାର ଶୁଣିଲେନି, ପ୍ରଶାସନ ମଧ ଆନ୍ତରିକତା ପ୍ରଦର୍ଶନ କଲା ନାହିଁ, ବହୁ ବାର ଆନ୍ଦୋଳନ ଓ ଗ୍ରୀଷ୍ମ ସତ୍ୟାଗ୍ରହ ପରେ ମଧ କ୍ଷତିଗ୍ରସ୍ତ ଚାଷୀ ନ୍ୟାଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ବୁଧବାର ସୁକିନ୍ଦା ଭୂମିପୁତ୍ର ମହିଳା କୃଷକ ଅଧିକାର ସୁରକ୍ଷା ସଙ୍ଗଠନ ଆହ୍ୱାନ କ୍ରମେ ସୁକିନ୍ଦା ତହସିଲ ଡୁବୁରୀ ରାଜସ୍ୱ ସର୍କଲ ଅଧୀନ ଶତାଧିକ ମହିଳା ଓ ପୁରୁଷ ଚାଷୀ ଅଭିନବ ପ୍ରକ୍ରିୟାରେ ପ୍ରତିବାଦ ଜଣାଇଛନ୍ତି। ପୁରୁଣା ଛକରୁ ଏକ ଶୋଭାଯାତ୍ରାରେ କ୍ଷତିଗ୍ରସ୍ତ ମହିଳା ଓ ପୁରୁଷ ଚାଷୀ ସରକାରଙ୍କ ପୀଠା ଯୋଜନା ଓ କାଳିଆ ଯୋଜନା ବିରୋଧରେ ନାରାବାଜି ଦେଇ ଡୁବୁରୀ ଟ୍ରାଫିକ ଛକ ପରିକ୍ରମା କରିଥିଲେ। ପରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ଚାଷୀମାନେ ଭିକ୍ଷାବୃତ୍ତି କରିବା ସହ ଜମିର ପଟ୍ଟା, ପାଉତି ଓ ଚାଷ କାମରେ ବ୍ୟବହୃତ ହଳ ଲଙ୍ଗଳ ପୋଡି ଅଭିନବ ଉପାୟରେ ପ୍ରତିବାଦ ଜଣାଇଥିଲେ। ଚାଷୀଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି କଳିଙ୍ଗନଗର ଥାନା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗତ ଶୁକ୍ରବାରଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି।

ସୁକିନ୍ଦା ତହସିଲ ଡୁବୁରୀ ରାଜସ୍ୱ ସର୍କଲ ଅନ୍ତର୍ଗତ ଡୁବୁରୀ ମୌଜାରେ ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳପଥ ପ୍ରକଳ୍ପ କାମ ପାଇଁ ଖାତା ନମ୍ବର ୧୨୭ରେ ମୋଟ ୬୩୭ ଏକର ଚାଷ ଜମି ରହିଛି। ସେଥିରୁ ପ୍ଲଟ ନମ୍ବର ୧୦୧/୨୮/୦୧ରେ ମୋଟ ୫୬ ଏକର ଜମି ରେଲ୍‌ୱେ ଦ୍ୱାରା ଅଧିଗ୍ରହଣ କରାଯାଉଛି। ଏହି ପ୍ରକଳ୍ପ କାମ କରାଗଲେ ରଙ୍ଗାହୁଡି, ବାଘରାସାହି, ଖରାଖିଆ, ଝୁମ୍ପାଣ ଓ ଡୁବୁରୀ ଅଞ୍ଚଳର ଚାଷୀ କ୍ଷତିଗ୍ରସ୍ତ ହେବାର ଆଶଙ୍କ ରହିଛି। ହେଲେ ରେଲ୍‌ୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଚାଷୀଙ୍କୁ ବିନା କ୍ଷତି ପୂରଣରେ ପୋଲିସ ପ୍ରଶାସନ ସହାୟତାରେ ଜୋରଜବରଦସ୍ତି ଜମି ଅଧିଗ୍ରହଣ କରାଯାଉଥିବା କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗତ କିଛି ଦିନ ମଧ୍ୟରେ ପ୍ରକଳ୍ପ କାମବେଳେ ପୋଲିସ ପ୍ରଶାସନ ଓ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ବହୁ ପୁରୁଷ ଓ ମହିଳା ଚାଷୀ ଗୁରୁତର ହୋଇଛନ୍ତି। ୧୯୨୬ରୁ ଡୁବୁରୀ ଅଞ୍ଚଳରେ ଜମି ବନ୍ଦୋବସ୍ତ ହୋଇ ନ ଥିବାରୁ ମୂଳ ଖତିଆନରେ ୧୨୭ ନମ୍ବର ଖାତାକୁ ଶାଳ ଜଙ୍ଗଲ ଭାବେ ଦର୍ଶାଯାଇଛି। ଏହି ଖାତାର ଜମିକୁ ଭୂଅର୍ଜନରୁ ବାଦ୍ ଦିଆଯାଇଥିବାରୁ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ଡୁବୁରୀ ରାଜସ୍ୱ ନିରୀକ୍ଷକଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଡୁବୁରୀ ମୌଜା ପ୍ଲଟ ନମ୍ବର ୧୦୧/୨୮/ ୦୧ ପ୍ଲଟରେ ୫୫ ଜଣ ଚାଷୀଙ୍କର ମୋଟ ୨୦.୫ ଏକର ଚାଷ ଜମି ରେଳବାଇ ଦ୍ୱାରା ଅଧୀଗୃହୀତ ହୋଇଛି। ଅବଶିଷ୍ଟ ଜମି ଚାଷୀଙ୍କ ଦ୍ୱାରା ବ୍ୟବହୃତ ହୋଇ ରହିଥିବା ରାଜସ୍ୱ ନିରୀକ୍ଷକ ବିଦ୍ୟାଧର ସାହୁ କହିଛନ୍ତି। କିନ୍ତୁ ରେଳ ପ୍ରକଳ୍ପ କାମ ଯୋଗୁ ଚାଷ ଜମି ପ୍ରଭାବିତ ହେବା ନେଇ କ୍ଷତିଗ୍ରସ୍ତ ଚାଷୀ ଆରମ୍ଭରୁ ପ୍ରକଳ୍ପ କାମକୁ ବିରୋଧ କରି ଆସୁଛନ୍ତି। ସୁକିନ୍ଦା ମହିଳା କୃଷକ ଅଧିକାର ସୁରକ୍ଷା ସଙ୍ଗଠନର ଗୀତାରାଣୀ ମହାନ୍ତ, ବେଲବତୀ ମହାନ୍ତ, ମିନୁ ମହାନ୍ତ, ସୁମତୀ ମହାନ୍ତ, ପ୍ରମିଳା ମହାନ୍ତ, ମୁକୁ ମହାନ୍ତ, ଶରତ ମହାନ୍ତ, ଗୁଣବନ୍ତ ମହାନ୍ତ, କୁଳମଣି ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରଷ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।


କ୍ଷତିଗ୍ରସ୍ତ ଚାଷୀମାନେ ପ୍ରତିବାଦସ୍ୱରୁପ ସେମାନଙ୍କ ଲଙ୍ଗଳକୁ ପୋଡୁଛନ୍ତି।

## ବିଜୁ ଯୁବବାହିନୀ ପକ୍ଷରୁ ମେଗା ରକ୍ତଦାନ ଶିବିର

**ଯାଜପୁର ଅଫିସ,୨୩।୧**

ବିଜୁ ଯୁବବାହିନୀ ପକ୍ଷରୁ ବୁଧବାର ପୂର୍ବାହ୍ନରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ କଲେଜରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରିବା ସହିତ ଯୁବ ପିଢ଼ୀମାନେ ରକ୍ତଦାନ ସହ ଅନ୍ୟାନ୍ୟ ସାମାଜିକ ଚେତନା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ୧୨୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଆର୍ଥିକ ସଙ୍କଟରେ କୋବି ଚାଷୀ

## ଫୁଲକୋବି ଅଭାବୀ ବିକ୍ରି



ହାଟରେ ଚାଷୀ ଫୁଲକୋବି ବିକ୍ରି କରୁଛନ୍ତି ।

ରସୁଲପୁର,୨୩।୧(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ଫୁଲକୋବି ଚାଷୀ ଅଭାବି ବିକ୍ରୀର ସମ୍ମୁଖୀନ ହୋଇଛନ୍ତି। କିଛିଦିନ ହେବ ସ୍ଥାନୀୟ ପରିବା ହାଟରେ କୋବି ଫୁଲ ପିଛା ୨ରୁ ୩ଟଙ୍କା ଲେଖାରେ ବିକ୍ରି କରାଯାଉଛି। ଗଛା ଲଗାଠାରୁ ଫୁଲ ହେବା ପର୍ଯ୍ୟନ୍ତ ଚାଷୀଙ୍କୁ କୋବି ଗଛ ପିଛା ଅନ୍ୟୂନ ୪ରୁ ୫ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ମାତ୍ର ବର୍ତ୍ତମାନସ୍ଥିତିରେ କୋବିର ଅଭାବୀ ବିକ୍ରୀ ଯୋଗୁଁ ଚାଷୀ ଚିନ୍ତାରେ ପଡିଥିବା ନାରାୟଣ ନାୟକ, ଅକ୍ଷୟ ସ୍ୱାଇଁ, କାମଦେବ ରାଉତ, କଳ୍ପତରୁ ପରିଡା, ବାଇଧର ନାୟକ, ପୁରୁଷୋତ୍ତମ ପରିଡ଼ା ପ୍ରମୁଖ ଚାଷୀ କହିଛନ୍ତି। ଏଭଳିସ୍ଥିତି ପାଇଁ ନବନିର୍ମାଣ ସଂଗଠନ ରସୁଲପୁର ବ୍ଲକ ସଯୋଜକ ମୁକୁନ୍ଦ ଦେବ ମହାନ୍ତି ରାଜ୍ୟ ସରକାରଙ୍କୁ ଦାୟି କରିବା ସହ ପରିବା ଚାଷୀଙ୍କ ପାଇଁ ବାରବାଟୀ, କୁଆଖିଆ, ହରିପୁର, ସାହାପରୁ ପରିବାହାଟରେ ସରକାରୀ ମଣ୍ଡି ଖୋଲିବା ପାଇଁ ଦାବି କରିଛନ୍ତି। ରସୁଲପୁର ବ୍ଲକ ଅଞ୍ଚଳର ଅଧିକାଂଶ ୨ ଚାଷ ଜମିରେ ପନିପରିବା ଚାଷ କରାଯାଉଛି । ବିଶେଷକରି ବାରବାଟୀ, ସିଂହାପରୁ, ନଠୁଆବର, ବଡକଇଞ୍ଚି, ଜାବରା, ଶ୍ରୀବନ୍ତପୁର, କଲଣ, ଓଡ଼ିଶୋ, ମୁଗୁପାଳ, ଗନ୍ଧଣ, ଭୋଟକା, ନରସିଂହପୁର, ଟିକରପଡା, ରସୁଲପୁର, ରାହମ୍ବା, ବାହାଦଲାପରୁ ପ୍ରଭୃତି ପଞ୍ଚାୟତରେ ଅଧିକ ପରିମାଣରେ କୋବି ଚାଷ କରାଯାଇଛି। କିନ୍ତୁ ଅଞ୍ଚଳର ବିଭିନ୍ନ ହାଟ ବଜାରଠାରେ ସରକାରୀ ମଣ୍ଡି ଓ ଶିତଳ ଭଣ୍ଡାର ନ ଥିବାରୁ ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବାରବାଟୀ ଦୈନିକ ପରିବା ପରିବହନ କେନ୍ଦ୍ର ବ୍ୟବସାୟୀଙ୍କ କବଜାରେ ରହିଛି। ବ୍ୟସାୟିମାନେ ବାହାର ରାଜ୍ୟରୁ ପରିବା ଆମଦାନୀ କରି ଗଚ୍ଛିତ ରଖି ଖୁଚୁରା ବ୍ୟବସାୟିଙ୍କୁ କମ୍ ଦରରେ ବିକ୍ରି କରୁଛନ୍ତି । ଫଳରେ ଚାଷୀ ବାଧ ହୋଇ ହାଟରେ ଉତ୍ପାଦିତ ପରିବା ଆଣି ଶାଗମାଛ ଦରରେ ବିକ୍ରି କରି କ୍ଷତି ସହୁଥିବା କହିଛନ୍ତି। ପନିପରିବାର ଏଭଳି ଅଭାବି ବିକ୍ରି ଯୋଗୁଁ ଚାଷୀ ପରିବାରକୁ ଆର୍ଥିକ ସଂକଟ ଘାରିଛି। ଏ ଦିଗରେ ସରକାର ଦୃଷ୍ଟି ଦେବା ସହ ପରିବା ଅଭାବି ବିକ୍ରୀକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଚାଷୀ ଓ କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି।


IDBI BANK

ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ୧୮.୦୧.୨୦୧୯ରେ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖା ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ସିଦ୍ଧମହାବୀର ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲୋକନାଥ ସୁବୁଦ୍ଧି / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରୁମିତ୍ରା ସୁବୁଦ୍ଧି, ଉଭୟଙ୍କ ଠିକଣା ସା.: ମରିଚିକୋଟା ଲେନ୍, ପୁରୀ-୭୫୨୦୦୧,ଓଡିଶା | ୦୧.୦୧.୨୦୧୮ ସୁଦ୍ଧା ଟ.୨୫,୬୭,୬୯୩/- + ପ୍ରଯୁଜ୍ୟ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୦୯.୦୧.୨୦୧୮ / ୧୮.୦୧.୨୦୧୯ | ଶ୍ରୀ ଲୋକନାଥ ସୁବୁଦ୍ଧିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୬୯/ |

୨୬୬୩, ମୁଟେଟେଡ୍ ଖାତା ନଂ.: ୪୬୮/୫୫୨, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ସମଙ୍ଗରା, ତହସିଲ: ପୁରୀ, ରେଜିଷ୍ଟ୍ରେସନ୍ ସବ-ଡିଷ୍ଟ୍ରିକ୍ଟ: ପୁରୀ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସ୍ତି ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୫୯, ପୂର୍ବ: ସବ୍ ପ୍ଲଟ୍ ନଂ.: ୬୩, ପଶ୍ଚିମ: ବସ୍ତି ପ୍ଲଟ୍ ନଂ.: ୬୫ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଳା ପଡିଥିବା ଭୁ-ସଂଲଗ୍ନ ଯେକୌଣସି ଦ୍ରବ୍ୟ ।

ସ୍ଥାନ: ପୁରୀ, ତାରିଖ: ୨୩.୦୧.୨୦୧୯

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ


# ନୋଡାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

ଧର୍ମଶାଳା,୨୩।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ନୋଡାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଇନରହୁଇଲ କ୍ଲବର ପୂର୍ବତନ ଅଧ୍ୟକ୍ଷା ମିନତୀ ସାହୁ, ଜିଲାପରିଷଦ ସଭ୍ୟା ମମତା ଦଣ୍ଡପାଟ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ସରଣ, ମଙ୍ଗଳପୁର ସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସ୍ୱାଇଁ, ସାଧନକେନ୍ଦ୍ର ସଂଯୋଜକ ଛବି ମଳିକ ଓ ସ୍କୁଲ ପରିଚାଳନା ଅଧ୍ୟକ୍ଷ ମଧୁସୂଦନ ଜେନା ଓ ଅଖିଳ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୧୫ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳଶିକ୍ଷକ ଅରବିନ୍ଦ ଦାସ, ସତ୍ୟନାରାୟଣ ସାହୁ, ସସ୍ମିତା ପତି, ସୁପ୍ରିୟା ମଣ୍ଡଳ, ଇତିଶ୍ରୀ ମୁଦୁଲି, ଜୟଶ୍ରୀ ବିଶ୍ୱାଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଚଳିତ ବର୍ଷ ଜୁନିୟର୍ ବାଳିକା ବିଭାଗରେ ରୀତାଞ୍ଜଳି ବେହେରା ଓ ବାଳକ ବିଭାଗରେ ରୁଦ୍ରନାରାୟଣ ବେହେରା, ସିନିୟର୍ ବାଳିକାରେ ବର୍ଷା ବାହାଲିଆ, ବାଳକରେ ହରେକୃଷ୍ଣ ବେହେରା ଚାମ୍ପିୟନ୍ ହୋଇଥିଲେ। ମାନସ ରଞ୍ଜନ ନାୟକ ସ୍ୱାଗତ ଭାଷଣ ଓ ରଞ୍ଜୁବାଳା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁମତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ନେତାଜୀ ଜୟନ୍ତୀ

ଚଣ୍ଡିଖୋଲ,୨୩।୧(ଡି.ଏନ.ଏ)

ଚଣ୍ଡିଖୋଲ ଛକସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବୁଧବାର ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ଅମରପ୍ରସାଦ ଶତପଥୀ ଯୋଗଦେଇ ଦୁଇ ମହାନ ବୀର ପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସେମାନଙ୍କ ଜୀବନାଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସଭ୍ୟା ସୁମତୀ ବାସ୍କେ, ବିନୋଦିନୀ ସାହୁ, ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ଯଯାତି କେଶରୀ ରାଉତ, ସଂଜୟ କୁମାର ସ୍ୱାଇଁ, ଦୀଲିପ କୁମାର ରାଉତ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ସମିତି ସଭ୍ୟ ଅମୀୟ ବିଶ୍ୱାଳ, ମଧୁସୂଦନ ବଳ, ମୋହନ ଖିଲାର ପ୍ରମୁଖ ଯୋଗଦେଇ ଦୁଇ ବରପୁତ୍ରଙ୍କ ସ୍ମୃତି ଚାରଣ କରିଥିଲେ।


DSPL-364

ଜାତୀୟ ସ୍ୱାସ୍ଥ୍ୟ ମିଶନ NATIONAL HEALTH MISSION

ଝିଅଟିଏ ରନ୍ଟିଏ
ଝିଅଟିଏ ଖୁସି ଦିଏ

ଜାତୀୟ କନ୍ୟା ସନ୍ତାନ ଦିବସ
୨୪ ଜାନୁଆରୀ, ୨୦୧୯

ଲିଙ୍ଗ ଚୟନ ଓ ଲିଙ୍ଗ ନିରୂପଣ କରନ୍ତୁ ନାହିଁ
କନ୍ୟା ସନ୍ତାନର ଯତ୍ନ ନିଅନ୍ତୁ - ଭବିଷ୍ୟତ ସୁରକ୍ଷିତ କରନ୍ତୁ



ଆକଳନରୁ ଜଣାଯାଇଛି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି, ଯାହା ଭବିଷ୍ୟତରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରିପାରେ । କନ୍ୟା ଭ୍ରୂଣ ହତ୍ୟା ଏହି ସଂଖ୍ୟା ହ୍ରାସର ଏକ ପ୍ରମୁଖ କାରଣ ଅଟେ । ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ ସ୍ତରରେ ସଚେତନତା ଜରୁରୀ ହୋଇପଡିଛି ।

- ସମାଜ ପ୍ରତି କନ୍ୟା ସନ୍ତାନର ଗୁରୁତ୍ୱ ପରିବାର ଲୋକେ ଉପଲବ୍ଧି କରନ୍ତୁ ।
- ଝିଅମାନଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ସମାଜର ପ୍ରମୁଖ ସ୍ତରରେ ଝିଅମାନଙ୍କର ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରନ୍ତୁ ।
- ଲିଙ୍ଗଗତ କୁସଂସ୍କାରରୁ ଦୂରେଇ ରୁହନ୍ତୁ ।

ସାମୂହିକ ସଚେତନତା ଓ ପ୍ରଚେଷ୍ଟା ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ଅପରିହାର୍ଯ୍ୟ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

10003/13/0100/1819

facebook.com/HFWOdisha http://www.health.odisha.gov.in/ @HFWOdisha


# ମା' ମଙ୍ଗଳା କ୍ଲବ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ଜେନାପୁର,୨୩।୧ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନସ୍ଥ ଦଳେଇସାହି ଗ୍ରାମର ମା' ମଙ୍ଗଳା କ୍ଲବ ତରଫରୁ ସୋମବାର ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଜିତେନ୍ଦ୍ର କୁମାର ଦଳେଇ ଅଶୋକ କୁମାର ଦଳେଇ, ପ୍ରଦୀପ କୁମାର ଦଳେଇ, ପ୍ରଫୁଲ୍ଲ ଦଳାଇ, ସୁଶାନ୍ତ ଦଳାଇଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଯୁବକ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନଳକୂପ ଚତୁର୍ପାଶ୍ୱରେ ଥିବା ଅନାବନା ଗଛ, ଅଳିଆ ଆବର୍ଜନାକୁ ସଫା କରିବା ସହିତ ଡ୍ରେନ୍ ଓ ଗ୍ରାମ୍ୟ ରାସ୍ତାକୁ ପରିଷ୍କାର କରାଯାଇଥିଲା।


यूनियन बैंक ऑफ इंडिया Union Bank of India

TENDER NOTICE FOR INSTALLATION OF AIR CONDITIONER

Union Bank of India invites Open tender for Supply, Installation, Testing and Commissioning of Air Conditioners at Staff training Centre, Bhubaneswar. Further details are available in Bank's website **www.unionbankofindia.co.in** and in govt. portal **www.eprocure.gov.in**. Last Date for submission of bids in prescribed form is 14.02.2019 up to 3:00 P.M.
The Bank reserves the right to reject any or all the tenders received without assigning any reason whatsoever.

**Chief Manager**
**Union Bank of India, Staff Training Centre,**
**16-A, Jagamara, Bhubaneswar-751030**
**Phone: 0674-2353109/110**


# ନେତାଜୀ ଜୟନ୍ତୀ ପାଳିତ

ସିଂହପୁର,୨୩।୧(ଡିଏନଏ)–

ସିଂହପୁରସ୍ଥିତ ଉତ୍କଳମଣି ଖବର କାଗଜ ବିତରକ ସଂଘ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାୟଙ୍କ ଜନ୍ମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସଂଗଠନ ସଭାପତି ଧନେଶ୍ୱର ଦାସଙ୍କ ସଭାପତିତ୍ୱରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ଖବରଦାତା ଅନିରୁଦ୍ଧ ବେଉରିଆ, ପ୍ରଧାନ ଶିକ୍ଷକ ରତିକାନ୍ତ ସାମଲ, ଶିକ୍ଷକ ସଂଜୟ କୁମାର ସାମଲ, ସଂଗୀତଜ୍ଞ ଦିନେଶ ମଲିକ ପ୍ରମୁଖ ଯୋଗଦେଇ ଦୁଇ ମନୀଷିଙ୍କ ଜୀବନ ଦର୍ଶନ ଓ ବଳିଦାନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଅଭୟ ଜେନା ଧନ୍ୟବାଦ ଦେଇଥିଲେ।

# ଅରୁଣିମା ଯୋଜନାରେ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ

କଳିଙ୍ଗନଗର, ୨୩।୧(ଡି.ଏନ୍.ଏ.)

କଳିଙ୍ଗନଗର ଟାଟା ଷ୍ଟିଲ ପକ୍ଷରୁ ବୁଧବାର ସୁକିନ୍ଦା ଭବନଠାରେ ଅରୁଣିମା କାର୍ଯ୍ୟକ୍ରମର ୩ୟ ସଂସ୍କରଣ ଆରମ୍ଭ ହୋଇଛି। ୩ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଧାବୃତ୍ତି ପ୍ରଦାନ କରିଥିଲେ। ଟାଟା ଷ୍ଟିଲ ଓଡ଼ିଶା ସିଏସ୍‌ଆର ବିଭାଗ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର, ଯୁବ ଗୋଷ୍ଠୀ ଓ ମହିଳା ଗୋଷ୍ଠୀକୁ ଏକତ୍ରିତ କରିବାର ଲକ୍ଷ୍ୟ ରଖାଯାଇଛି। ପ୍ରଥମ ଦିନରେ କଳିଙ୍ଗନଗର, ବ୍ରାହ୍ମଣୀପାଳ ଓ ସୁକିନ୍ଦା ଅଞ୍ଚଳର ୭୮୨ ଜଣ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି ପ୍ରଦାନ କରାଯାଇଛି। କଳିଙ୍ଗନଗର ଅଞ୍ଚଳର ୩୫୩, ବ୍ରାହ୍ମଣୀପାଳ ୨୦୩, ଓ ସୁକିନ୍ଦାର ୨୨୬ ଜଣ ଛାତ୍ରୀଛାତ୍ର ଅର୍ନ୍ତଭୁକ୍ତ ରହିଥିଲେ। ଜ୍ୟୋତି ମେଧାବୃତ୍ତି ଅନ୍ତର୍ଗତ ୮ମ, ୯ମ, +୨ ଉପସ୍ନାତକ, ଡିପ୍ଲୋମା, ବିଟେକ, ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୩୭୫୦, ୪୫୦୦, ୮୫୦୦, ୮୫୦୦, ୧୦,୦୦୦ ଓ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏଥିସହିତ ଶ୍ରେଷ୍ଠ ବିବେଚିତ ୧୬ ଜଣ ଛାତ୍ରୀଛାତ୍ରଙ୍କୁ ଟାବଲେଟ ପ୍ରଦାନ କରାଯାଇଛି।


DSPL-365

ମୋ ଝିଅ ମୋ ଶକ୍ତି

बेटी बचाओ
save the girl child



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା / ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ମୟୂରଭଞ୍ଜ

10020/13/0026/1819



ଯେଉଁମାନେ ଭଗବତ୍ ବିଶ୍ୱାସୀ ସେମାନେ ପ୍ରକୃତ ଜ୍ଞାନ ହାସଲ ପାଇଁ ବ୍ୟାକୁଳ ହୋଇଉଠନ୍ତି।
- କାର୍ଲସ



## ସଂକ୍ଷେପରେ

### ଷ୍ଟେଶନରେ ସଂଜ୍ଞାହୀନ ଯୁବକଙ୍କ ମୃତ୍ୟୁ

**ଯାଜପୁର ରୋଡ, ୨୩।୧(ନି.ପ୍ର.):** ଯାଜପୁର କେନ୍ଦୁଝର ରେଳ ଷ୍ଟେଶନରେ ବୁଧବାର ଜଣେ ଯୁବକ ସାଙ୍ଗମାନଙ୍କ ସହ ଷ୍ଟେଶନରେ ଓହ୍ଲାଇଲାବେଳେ ସଂଜ୍ଞାହୀନ ହୋଇଥିଲେ। ତୁରନ୍ତ ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରଙ୍କ ଉକ୍ତ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ ଯୁବକ ଜଣଙ୍କ ରାଜେଶ ପାତ୍ର( ୩୬)। ରାଜେଶ ଯାଜପୁର ଜିଲା ଓସ୍ତପାଳ ଅଞ୍ଚଳର ଏକ କମ୍ପାନୀରେ ଚାକିରି କରୁଥିବା ଜଣାପଡିଛି। ତେବେ ସେ ସାଙ୍ଗମାନଙ୍କ ସହ ସିଂପୁର ଅଞ୍ଚଳର ଏକ ଭୋଜିରେ ଯୋଗ ଦେବାକୁ ଆସିଥିବାବେଳେ ଷ୍ଟେଶନରେ ସଙ୍ଗାହୀନ ହୋଇପଡିଥିଲେ।

### 'ସୁଭାଷ ବୋଷଙ୍କ ସଂଗ୍ରାମ ସ୍ୱତନ୍ତ୍ର ଥିଲା'

**ଯାଜପୁରରୋଡ଼,୨୩।୧(ନି.ପ୍ର):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଶଶିଭୂଷଣ ବାଳିକା ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ସଂସଦ ସଭାପତି ତଥା ସିପିଆଇଏମ୍ ନେତା ପ୍ରଫୁଲ୍ଲ ନାଏକ ଅଧକ୍ଷତା କରିଥିଲେ। ନେତାଜୀ ଯୁବକ ଶକ୍ତି ଶୀର୍ଷକ ଆଲୋଚନା ହୋଇଥିଲା। ଏହାକୁ କୋରେଇ ବିଧାୟକ ଆକାଶ ଦାସ ନାୟକ ପ୍ରଦୀପ ଜାଳି ଉଦଘାଟନ କରିଥିଲେ। ନେତାଜୀଙ୍କ ସ୍ୱାଧୀନତା ସଂଗ୍ରାମ ସ୍ୱତନ୍ତ୍ର ଥିଲା। ଆଜାଦ୍ ହିନ୍ଦୁ ଫୌଜ ଗଠନ ତାଙ୍କର ସାଲିସ ବିହୀନ ଦେଶଗଠନର ଭୂମିକା ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ସୁଭାଷ ବୋଷଙ୍କ ଦେଶଭକ୍ତିର ପଟାନ୍ତର ନାହିଁ। ସେ ଥିଲେ ପ୍ରକୃତ ସ୍ୱାଧୀନତା ସଂଗ୍ରାମୀ ବୋଲି ବକ୍ତାମାନେ କହିଥିଲେ। ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ସବିତା ରାଉତ, ଆଇଏନଟିୟୁସିର ଜିଲା ସଭାପତି ବିଦ୍ୟାଧର ମହାନ୍ତି, ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ବିଶିଷ୍ଟ ଆଇନଜୀବୀ ଗୋକୁଳାନନ୍ଦ ମହାନ୍ତି, ମଦନ ମୋହନ ଜେନା, ପ୍ରଧାନଶିକ୍ଷକ ଜ୍ୟୋତିପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସଂସଦ ପକ୍ଷରୁ ସଭାପତି ନାୟକ ନେତାଜୀ ନଗରଠାରେ ଏକ ସୁଭାଷ ବୋଷ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ଜିନ୍ଦଲର ଯୋଗଦାନ

**କଳିଙ୍ଗନଗର, ୨୩।୧(ଡି.ଏନ୍.ଏ.):** କଳିଙ୍ଗନଗରସ୍ଥିତ ଜିନ୍ଦଲକାରଖାନା ପକ୍ଷରୁ ଗୁଜୁରାଟର ଅହମ୍ମଦାବାଦଠାରେ ଗତ ଶନିବାର ଭାଇବ୍ରାଣ୍ଟ ଗୁଜୁରାଟ ସମ୍ମିଳନୀ ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଓ ଇପିକଲ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ଯୋଗଦେଇଥିଲେ । ଶିଳ୍ପ ବିଭାଗ ଆୟୁକ୍ତ ଓ ସଚିବ ଏବଂ ଇପିକଲର ପରିଚାଳନା ନିର୍ଦ୍ଦେଶକ ନୀତିନ ଜାଉଓଲେ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିବାବେଳେ ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ମୁଖ୍ୟ ଆବାସିକ ପ୍ରତିନିଧି ଶଶିଭୁଷଣ ଉପାଧାୟ ଏବଂ ରାଜୀବ ଗୁପ୍ତା ମିଳିତ ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ଶିଳ୍ପ ବିକାଷ ଓ ବ୍ୟବସାୟିକ ବାତାବରଣ ତଥା ଷ୍ଟେନ୍‌ଲେସ ଷ୍ଟିଲ ବିଷୟରେ ଆଲୋଚିତ ହୋଇଯାଇଛି।

## ■ ଡଙ୍କାରୀରେ କାର୍ଯ୍ୟାନୁଷ୍ଠାନ ଫସର ଫାଟିଲା

# ରାତିରେ ଚାଲିଛି ବେଆଇନ ଉତ୍ତୋଳନ

**ଯାଜପୁର ଅଫିସ,୨୩।୧**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଫସର ଫାଟିଛି। ଡଙ୍କାରୀ ପାହାଡ଼ରେ କଳାପଥର ଉତ୍ତୋଳନ କରୁଥିବା ପଥର ବ୍ୟବସାୟୀଙ୍କ ସ୍ଥାନୀୟ ରାଜନେତାଙ୍କ ସହ ଘନିଷ୍ଠ ସମ୍ପର୍କ ରହିଛି। ଏହାସତ୍ତ୍ୱେ ଗତ କିଛିମାସ ତଳେ ଡଙ୍କାରୀରେ ୧୪୪ଧାରା ଜାରି ହୋଇଥିଲା। ଆଉ ପ୍ରଶାସନ ନେଇଥିବା ଉକ୍ତ କାର୍ଯ୍ୟାନୁଷ୍ଠାନକୁ ଏକ ଦୁଃସାହସିକ ପଦକ୍ଷେପ ବୋଲି ସେତେବେଳେ ଅଭିହିତ କରାଯାଇଥିଲା। ହେଲେ ରାଜନୈତିକ ପ୍ରଭାବ ଆଗରେ ପ୍ରଶାସନର ଦମ୍ଭ ଏବେ ଭାଙ୍ଗି ପଡିଛି। ଡଙ୍କାରୀରେ ୧୪୪ଧାରାକୁ ଅବମାନନା କରି ଏବେ ରାତିରେ ଲୁଚାଛପା ପଥର ଉତ୍ତୋଳନ ଚାଲିଛି। ଡଙ୍କାରୀ ପାହାଡ଼ ପାଦଦେଶରେ ପ୍ରାୟ ୪୦ଟି କ୍ରଶର ଚାଲିଛି । ସେଥିରୁ ଏଆର୍‌ଏସ୍‌ଏସ୍ କମ୍ପାନୀର କ୍ରଶର ଉପରେ କୌଣସି ଲଗାମ ନ ଥିବାରୁ ଅହରହ ଗେଟି, ବୋଲଡର, ଚିପ୍‌ସ ବେପାର ଅଣାୟତ୍ତ ହୋଇଛି। ଏଥିରୁ ଡଙ୍କାରୀ ପାଦଦେଶରେ ପ୍ରସ୍ତାବିତ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର କାର୍ଯ୍ୟକାରୀ ହେବା ଆଶା କ୍ଷୀଣ ହୋଇଯାଇଛି।

ଗତ ଅକ୍ଟୋବର ମାସ ୧୫ ତାରିଖରେ ଏନ୍‌ଜିଟିର ରାୟ ଓ ରାଜ୍ୟପାଳଙ୍କ ହସ୍ତକ୍ଷେପ ପରେ ଡଙ୍କାରୀ ପାହାଡର ୬ଟି କଳାପଥର ଖାଦାନକୁ ସିଲ୍ କରାଯାଇଥିଲା। ଓଜନ କଣ୍ଟାଗୁଡିକୁ ଭାଙ୍ଗି ଦିଆଯାଇଥିବାବେଳେ ମାତ୍ର ଗୋଟିଏ କ୍ରଶରର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ସେତେବେଳେ ଅନ୍ୟ ୪୩ଟି କ୍ରଶର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ଗଚ୍ଛିତ କୋଟିକୋଟି ଟଙ୍କାର ମାଲ ମଧ୍ୟ ଜବତ ହୋଇ ନ ଥିଲା। ୪ଟି ଜେସିବି ମେଶିନ ସହାୟତାରେ ପଥର ଖାଦାନ ରାସ୍ତାରେ ପ୍ରାୟ ୬ଫୁଟ ଗଭୀର ଗାତ ଖୋଳା ଯାଇଥିଲା। ପୂର୍ବରୁ ସାମାଜିକ



କର୍ମୀ ସର୍ବେଶ୍ୱର ବେହୁରା ବେଆଇନ ପଥର ଖାଦାନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଅଭିଯୋଗ ସଂଖ୍ୟା ୬୦୪/୨୦୧୮ରେ ଗ୍ରୀନ୍ ଟ୍ରିବ୍ୟୁନାଲରେ ୧୨୮୬/୩୧।୮।୨୦୧୮ରେ ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରେ ଭାରତ ସରକାରଙ୍କ ୟୁନିୟନ ମନ୍ତ୍ରଣାଳୟ ସମେତ ରାଜ୍ୟ ସରକାରଙ୍କ ମୁଖ୍ୟଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଜୱାଦ ରହିମ, ଜଷ୍ଟିସ ପି. ୱାଙ୍ଗଡି ଓ ଡ. ନଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ କମିଟି ଦ୍ୱାରା ମାସକ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ୫ ତାରିଖରେ ଷ୍ଟେଟ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟି(ସିଆ)ର ଅଧ୍ୟକ୍ଷ ସୁରେଶଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ୫ଜଣିଆ ଦଳ ଡଙ୍କାରୀ ଅନୁଧ୍ୟାନ କରି ଫେରି ଯାଇଥିଲେ। ଏପରିକି ଏହି ଘଟଣାରେ ରାଜ୍ୟପାଳ ଗଣେଶୀ ଲାଲ୍ ହସ୍ତକ୍ଷେପ କରିଥିଲେ। ଏହି ମର୍ମରେ ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ୨୮।୯।୨୦୧୮ରେ ପତ୍ରସଂଖ୍ୟା ୧୨/୨୦୧୮ରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ଧର୍ମଶାଳା ତହସିଲର ଜଣେ ଅଧିକାରୀଙ୍କ ସହଯୋଗରେ ବେଆଇନ ପଥର ଉତ୍ତୋଳନ ଜାରି ରହିଛି। ଅନ୍ୟପକ୍ଷେ ଚଣ୍ଡିଖୋଲ ଭୂତଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ହେବା ନେଇ ମଧ୍ୟ ସଂଶୟ ସୃଷ୍ଟି ହେଉଛି । ରାଜ୍ୟ ସରକାର ଜମି ଯୋଗାଇବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଥିବା ବିରୋଧୀଙ୍କ ପକ୍ଷରୁ ଅଭିଯୋଗ କରାଯାଉଥିଲେ ସୁଦ୍ଧା ଏଥିପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ପାରି ନାହିଁ। ଏସଂକ୍ରାନ୍ତରେ ଧର୍ମଶାଳା ତହସିଲ ଦାୟିତ୍ୱରେ ଥିବା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି କ୍ରଶରଗୁଡିକ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଦେବାକୁ ମାଲିକଙ୍କୁ ନୋଟିସ ହୋଇଛି। ସେହିପରି ଚାଲିଥିବା ଖାଦାନଗୁଡିକର ପ୍ରଶାସନିକ ଅନୁମତି ଆଦି ସମ୍ପର୍କରେ ତଦନ୍ତ ଚାଲିଛି। ସବିଶେଷ ତଥ୍ୟ ହାସଲ ହେବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା କହିଛନ୍ତି।

**ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ସନ୍ଦିହାନ**

## ନେତାଜୀ ୟୁଥ କ୍ଲବ୍‌ର ୨୩ତମ ବାର୍ଷିକୋତ୍ସବ

**କୋରେଇ,୨୩।୧(ସ୍ୱ.ପ୍ର)**

ପଥରପଦା ନେତାଜୀ ୟୁଥ କ୍ଲବର ୨୩ତମ ବାର୍ଷିକୋତ୍ସବ ନେତାଜୀ ଜୟନ୍ତୀ ଅବସରରେ ବୁଧବାର ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂହ ମୀନା ପୁଷ୍ପମାଲ୍ୟ ଅର୍ପଣ କରି ପତାକା ଉତ୍ତୋଳନ କରିଥିଲେ। ଏହାପରେ ନେତାଜୀ ଜ୍ୟୋତିରେ ଅଗ୍ନି ସଂଯୋଗ କରିଥିଲେ। ପରେ ଜ୍ୟୋତି ସହର ପରିକ୍ରମା କରିଥିଲା। ଜିଲା ପରିଷଦ ସଭ୍ୟ ଧରଣୀଧର ଘଡେଇ, ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ପଥରପଦା ସରପଞ୍ଚ ପ୍ରକାଶ ମଲିକ, ଉପଦେଷ୍ଟା ସନ୍ତୋଷ କୁମାର ବେହେରା, ସୂର୍ଯ୍ୟମଣି ପଣ୍ଡା, ସ୍ୱପ୍ନାନନ୍ଦ ଦାସ, ବଳରାମ ସାହୁ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଥରପଦା, ପାଣିକୋଇଲି ନୋଡାଲ ହାଇସ୍କୁଲ, ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ତାଜପୁର ପ୍ରକଳ୍ପ ବିଦ୍ୟାଳୟ ଓ ଜାଭିୟର ସ୍କୁଲର ସହସ୍ରାଧିକ ଛାତ୍ରୀଛାତ୍ର ଜ୍ୟୋତି ପରିକ୍ରମାରେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ 'ଓଡିଶାରେ ନେତାଜୀ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ବିଚାରକଭାବେ ଅଧ୍ୟାପକ ସୁଧିର ଦାସ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଚନ୍ଦ୍ରକାନ୍ତ ମହାନ୍ତି, ପ୍ରଶାନ୍ତ ଘଡେଇ, ସରିତା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । କ୍ଲବ ସଭାପତି ଅଶୋକ ବେହେରା, ସମ୍ପାଦକ ମାନସ ସାହୁ, ପର୍ଶୁରାମ ବେହେରା, ପ୍ରଶାନ୍ତ ଦାଶ, ସଂଜୟ କୁମାର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ପର୍ଶୁରାମ ବେହେରା ପ୍ରମୁଖ କାର୍ଯ୍ୟକମ ପରିଚାଳନାରେ ସହଯୋଗ କରିଥିଲେ।



ଏସ୍‌ପି ଚରଣ ସିଂ ମୀନା ନେତାଜୀ ଜ୍ୟୋତିରେ ଅଗ୍ନି ସଂଯୋଗ କରୁଛନ୍ତି।

## ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

**ରସୁଲପୁର,୨୩।୧(ଡିଏନଏ)**

ରସୁଲପୁର ବ୍ଲକ ଅଧୀନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟର ୪୧ତମ ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳ କୁମାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ସମରେନ୍ଦ୍ର ଦାଶ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପିଲାଙ୍କ ପ୍ରତିଭାକୁ ବିଦ୍ୟାଳୟସ୍ତରରୁ ବିକାଶ ଘଟାଇବା ପାଇଁ ପ୍ରକୃତ କ୍ଷେତ୍ର ଅଟେ। କ୍ରୀଡା କ୍ଷେତ୍ରରେ ଖଣ୍ଡିତର ମାଟିର ସୁନାମ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଲୋକ ସାହୁ, ଶିକ୍ଷକ ନେତା ସୁନନ୍ଦ ରାଉତ, ଅନାଦି ସାହୁ, ବୃନ୍ଦାବନ ପାଣି, କଲ୍ୟାଣୀ ମିଶ୍ର, ସଂଯୁକ୍ତା ରାଉତ, ପ୍ରଜ୍ଞା ପରମିତା ପୃଷ୍ଟି, ସୁକନ୍ୟା ବେହେରା, ଲିଲିମା ତ୍ରିପାଠୀ, ନସିମ ଖାନ୍, ମମତା ସତପଥୀ, ଜ୍ୟୋତ୍ସ୍ନା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ବାଳକ ବିଭାଗରେ ରିଙ୍କୁ ମୁଣ୍ଡା, ବାଳିକା ବିଭାଗରେ ଇଷା ପରିଡା, କନିଷ୍ଠ ବାଳକ ବିଭାଗରେ ସୁନନ୍ଦ ବେହେରା, ବାଳିକାରେ ସାଇ ଅର୍ଚ୍ଚିତା ପ୍ରମୁଖ ଚାମ୍ପିୟନ ହୋଇ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ ।



## ■ ନବନିର୍ମାଣ କୃଷକ ସଂଗଠନର ବୈଠକ

## ନେତାଙ୍କୁ ଗାଁରେ ପୂରାଇ ନ ଦେବାକୁ ଚେତାବନୀ

**କୋରେଇ,୨୩।୧(ସ୍ୱ.ପ୍ର)**

କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ପଞ୍ଚାୟତ ନରପଦାରେ ନବ ନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ନବ ନର୍ମାଣର ରାଜ୍ୟ ସହ ସଂଯୋଜକ ନିମାଁଇ ରାୟ ଯୋଗଦେଇ ରାଜ୍ୟ ସରକାର କୃଷକଙ୍କ ମୌଳିକ ସମସ୍ୟାକୁ ଭୁଲି ଯାଉଥିବାରୁ କୃଷକ ପରିବାର ଏବେ ବେସାହାରା ହୋଇ ପଡ଼ିଲେଣି ବୋଲି ପ୍ରକାଶ କରିଥିଲେ। ଆସନ୍ତା ନିର୍ବାଚନରେ ଚାଷୀମାନେ ଏହାର ଜବାବ ଦେବା ସହିତ ଏଣିକି ସଂଗଠନ ପକ୍ଷରୁ ନେତାଙ୍କୁ ଗାଁରେ ପଶିବାକୁ ବିରୋଧ କରାଯିବା ସହିତ ଏନେଇ ବ୍ଲକସ୍ତରରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ରାଜ୍ୟ ସରକାର କୃଷକଙ୍କୁ ଅଣଦେଖା କରୁଥିବାରୁ ତାହା ଏବେ ଚରମ ସୀମାରେ ପହଞ୍ଚିଲାଣି ବୋଲି ରାୟ କହିଥିଲେ। ଧାନର ସହାୟକ ମୂଲ୍ୟବୃଦ୍ଧି ସହ ୧୨ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଅତିଥିମାନେ କହିଥିଲେ। ଏନେଇ ଆସନ୍ତା ୩୧ ତାରିଖ ପରେ ସଂଗଠନ ପକ୍ଷରୁ ଆଇନ୍ ଅମାନ୍ୟ ଆନ୍ଦୋଳନ କରିବା ସହ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଜିଲା ସହ ସଂଯୋଜକ ବସନ୍ତ ନାୟକ ଚେତାବନୀ ଦେଇଥିଲେ। ବୈଠକରେ ଜିଲା ସଂଯୋଜକ ଦୁର୍ଗାପ୍ରସାଦ ଦାସ, ନାରାୟଣ ଦାଶ, ପ୍ରେମାନନ୍ଦ ସାହୁ, ପ୍ରଫୁଲ୍ଲ ଜେନା, ଅମୂଲ୍ୟ ପଲାଇ, ପ୍ରସନ୍ନ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ଶ୍ୟାମସୁନ୍ଦର ସାହୁ, ମହେନ୍ଦ୍ର ସାହୁ, ବାବନ ପରିଡ଼ା, ବହ୍ଲବାନନ୍ଦ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ସାହିତ୍ୟ ସମାଜକୁ ପରିବର୍ତ୍ତନ କରେ'

**ବରୀ,୨୩।୧(ସ୍ୱ.ପ୍ର)**

ସାହିତ୍ୟ ସମାଜ ପାଇଁ ହିତକାରକ। ଏହା ସମାଜକୁ ପରିବର୍ତ୍ତନ କରିପାରେ ବୋଲି ବୁଧବାର ସ୍ଥାନୀୟ ପୁଷ୍ପଗିରି ସତ୍‌ସଙ୍ଗ ବିହାରରେ ଅନୁଷ୍ଠିତ ଶିଳାଲିପି ସାହିତ୍ୟ ସଂସ୍କୃତି ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। ମଞ୍ଚ ସଭାପତି ସର୍ବେଶ୍ୱର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କଥାକାର ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ କବିଅପର୍ଣ୍ଣା ମହାନ୍ତି, ସମ୍ମାନିତ ଅତିଥି ଭାବେ ଅନଙ୍ଗ ମୋହନ ଦ୍ୱିବେଦୀ ସାହିତ୍ୟ ସଂସ୍କୃତି ଇତିହାସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଥାକାର ଅଚ୍ୟୁତାନନ୍ଦ ପତି ସ୍ୱନକ୍ଷତ୍ର ଉତ୍ସବ-୨୦୧୯କୁ ଉଦ୍‌ଘାଟନ କରିଥିଲେ। ଆଧୁନିକ ଯୁବପୀଢିର ସାହିତ୍ୟାନୁରାଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଳାଲିପି ପ୍ରତିଭା ସମ୍ମାନରେ ଗୌତମ ଜେନା, ସ୍ୱାଧିନତା ସଂଗ୍ରାମୀ ଦେବେନ୍ଦ୍ରନାଥ ପାଢୀ ସ୍ମୃତି ସମ୍ମାନରେ ଶିକ୍ଷାବିତ୍ ଅର୍ଜୁନ ଚରଣ ରାଉତ, ଲେଖକ ବସନ୍ତ କୁମାର ସାମଲ ସ୍ମୃତି ସମ୍ମାନରେ କଥାକାର ଯୁଗଳ କିଶୋର ଦାସ, ଶିଶୁ ସାହିତ୍ୟିକ ବିରେନ୍ଦ୍ର ଭୂୟାଁ ସ୍ମୃତି ସମ୍ମାନରେ କବି ଗଙ୍ଗାଧର ମହାନ୍ତି ଓ ଗାୟକ କୋକିଳ ପ୍ରଭାକର ଶତପଥି ସ୍ମୃତି ସମ୍ମାନରେ ଗାୟକ ରଜନୀକାନ୍ତ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତାୟନ ଅନୁଷ୍ଠିତ ହୋଇଥିଲା। ଏଥିରେ 'ଢଳ ଢଳ ନାଚେ ଚୁନାଚୁନା ଫୁଲ, ଚହଟଇ ଚଉପାଶ କବିତାୟନ ଯେ ଡାକରା ଦେଲାଣି, କବିତା ପଢିବା ଆସ' ଏହାକୁ ସଂଯୋଜନା କରିଥିଲେ କବୟିତ୍ରି ଅମ୍ରିତା ସିଂ, ଅଧ୍ୟାପିକା ଗିତାଶ୍ରୀ ପ୍ରିୟମ୍ବଦା, ଏଥିରେ ମୁଖ୍ୟ ଅତିଥିଭାବେ କବି ଧନଞ୍ଜୟ ସ୍ୱାଇଁ ଯୋଗଦାନ କରିଥିଲାବେଳେ ୫୦ରୁ ଊର୍ଦ୍ଧ୍ୱ କବୟିତ୍ରିକବି କବିତା ପାଠ କରିଥିଲେ। ଦୀଲିପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ପାଣିକୋଇଲିରେ ମେଡିକାଲ କଲେଜ ଦାବି ନେଇ ଗଣଧାରଣା

## ୨୫ରେ ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିବ କ୍ରିୟାନୁଷ୍ଠାନ କମିଟି

**କୋରେଇ,୨୩।୧(ସ୍ୱ.ପ୍ର)**

ପାଣିକୋଇଲିରେ ମେଡିକାଲ କଲେଜ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଶାନ୍ତିପୂର୍ଣ୍ଣ ଗଣଧାରଣା ୭୩ ଦିନରେ ପହଞ୍ଚିଛି। ୭୩ଦିନ ବିତିଯିବା ପରେ ବି ପ୍ରଶାସନ ବା ସରକାରଙ୍କ ଚେତା ପଶୁ ନ ଥିବାରୁ ଆନ୍ଦୋଳନକୁ ଆହୁରି ତ୍ରୀବ୍ରତର କରିବାକୁ ନିଷ୍ପତି ନିଆଯାଇଥିଲା। ଦୀର୍ଘଦିନର ଗଣଧାରଣା ଯୋଗୁ ଅସନ୍ତୋଷ ବଢିବାରେ ଲାଗିଛି। ଶାନ୍ତିପୂର୍ଣ୍ଣ ଆନ୍ଦୋଳକୁ ପ୍ରଶାସନ ବା ଜନପ୍ରତିନିଧି ଶୁଣୁ ନ ଥିବା ବେଳେ ଅଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜରୁରୀ ବୋଲି ଧାରଣାସ୍ଥଳରେ ମତ ପ୍ରକାଶ ପାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ରିୟାନୁଷ୍ଠାନ କମିଟି ଆସନ୍ତା ୨୫ତାରିଖ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟି ପକ୍ଷ ରଖିବ ବୋଲି ବୁଧବାର ନିଷ୍ପତି ନିଆଯାଇଥିଲା। କ୍ରିୟାନୁଷ୍ଠାନ କମିଟିର ଆବାହକ ଧରଣୀଧର ଘଡ଼େଇ, ଯୁଗ୍ମ ଆବାହକ ସୁବାସ ଧଳ, ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ଚନ୍ଦ୍ରମଣି ସ୍ୱାଇଁ, ପୂର୍ଣ୍ଣାନନ୍ଦ ପରିଡା, ଗୋକୁଳାନନ୍ଦ ମହାରଣାଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଧାରଣାରେ ବସିଥିଲେ।

## ଶିଶୁ ମନ୍ଦିରରେ ଲଳିତ କଳା ପ୍ରଦର୍ଶନୀ



ଛାତ୍ରୀଛାତ୍ରଙ୍କୁ ଲଳିତ କଳା ପ୍ରଶିକ୍ଷଣ ଦିଆଯାଉଛି।

**କୋରେଇ,୨୩।୧(ସ୍ୱ.ପ୍ର)**

ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଲଳିତକଳା ପ୍ରଦର୍ଶନୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭା ଜ୍ୟୋତିର୍ମୟୀ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ନାଟ୍ୟ ଜଗତର ମହାନ କଳାକାର ବିଜୟ ରଥ, ମୁଖ୍ୟବକ୍ତା ଭାବେ କୋରେଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଦୋଳଗୋବିନ୍ଦ ସେଠୀ ପ୍ରମୁଖ ଯୋଗଦେଇ ଲଳିତ କଳାର ଆବଶ୍ୟକତା ଓ ଓଡିଶା କଳା ସଂସ୍କୃତିର ବାର୍ତ୍ତାବହ ବୋଲି କହିଥିଲେ । ପୂର୍ବରୁ ଆଞ୍ଚଳିକ ପ୍ରଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଲଳିତ କଳା ପ୍ରଶିକ୍ଷଣ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଝୋଟି, ମୁରୁଜ, ମାଟି ମୂର୍ତ୍ତି ଗଠନ, ପାଲା, ବାଦ୍ୟ, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ସମେତ ପାଲାଗାୟକ ଶ୍ୟାମସୁନ୍ଦର ପଲାର, ସରସ୍ୱତୀ ରାଉତ, ମୃତିକା ଶିଳ୍ପୀ ବାଇଧର ରଣାଙ୍କୁ ସମ୍ମାନିତ କରାଯାଇଥିଲା । ମାହେଶ୍ୱରୀ ଜେନା, ମାଧବୀଲତା ସାମଲ, ତୃପ୍ତିମୟୀ ବେହେରା, ଶାଶ୍ୱତୀ ମିଶ୍ରଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଲଳିତ କଳା କୌଶଳ ଶିକ୍ଷା ଦିଆଯାଇଥିଲା । ଶେଷରେ ଗରୁଜୀ ହରିଦାସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ମାଣ ହେବ ଭେଣ୍ଡିଂ ଜୋନ

**ଯାଜପୁରରୋଡ଼,୨୩।୧(ନି.ପ୍ର)**

ବ୍ୟାସନଗର ପୌର ପରିଷଦରେ ଭେଣ୍ଡିଂ ଜୋନ୍ ନ ଥିବାରୁ ଉଠା ଦୋକାନୀମାନେ ରାସ୍ତାକଡ଼ରେ ବସି ବେପାର ଚଳାଇଛନ୍ତି। ସେମାନଙ୍କୁ ଥଇଥାନ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ସହରରେ ଭେଣ୍ଡିଂଜୋନ୍ ନିମାଣ ପାଇଁ ୨୦୦୫ରେ ଗୋଶାଳା ପଡ଼ିଆରେ ଭେଣ୍ଡିଂଜୋନ୍ ଶୁଭ ଦିଆଯାଇଥିଲା। ସେହିପରି ଚୋରଦା ଛକଠାରେ ଦୁଇଥର ଭେଣ୍ଡିଂ ଜୋନ୍ ପାଇଁ ଶୁଭ ଦିଆଯାଇଛି। ପୌରପରିଷଦ ଭାଙ୍ଗିବା ପୂର୍ବରୁ ପୌରାଧକ୍ଷା ସବିତା ରାଉତ ଚୋରଦା ଛକଠାରେ ପୁଣି ଭେଣ୍ଡିଂ ଜୋନ୍ ପାଇଁ ଶୁଭ ଦେଇଥିଲେ। ୨୦ଲକ୍ଷ ଟଙ୍କା ମଧ୍ୟ ବ୍ୟୟ ବରାଦ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସେ ସ୍ଥାନ ଗୁଡ଼ିକରେ ଇଟା ଖଣ୍ଡିଏ ପଡ଼ିନାହିଁ। ବସଷ୍ଟାଣ୍ଡରେ ଭେଣ୍ଡିଂଜୋନ୍ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏବେ ସହରରେ ଡେଲି ମାର୍କେଟ ଓ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩୦ଲକ୍ଷ ଟଙ୍କା ଅନୁଦାନ ଆସିଛି। ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରାଯାଇ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ ବୋଲି କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଜନ୍ମେଜୟଙ୍କ ବନ୍ଧୁମିଳନକୁ ନେଇ ଚର୍ଚ୍ଚା

**ଚଣ୍ଡିଖୋଲ,୨୩।୧(ଡି.ଏନ.ଏ)**

ଦୀର୍ଘ ୭ମାସ ତଳୁ ବିଭିନ୍ନ କାରଣରୁ କଂଗ୍ରେସ ଦଳ ତ୍ୟାଗ କରି ନିରବ ରହିଥିବା ବଡ଼ଚଣାର ପୂର୍ବତନ କଂଗ୍ରେସ ନେତା ଜନ୍ମେଜୟ ଲେଙ୍କା ବୁଧବାର ବଡ଼ଚଣାର ଧାନମଣ୍ଡଳଠାରେ ଏକ ବନ୍ଧୁ ମିଳନର ଆୟୋଜନ କରିଥିଲେ। ଯାହାକି ବଡ଼ଚଣାର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ରନାଥ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ଲେଙ୍କା ଯୋଗଦେଇ ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ସେ ରାଜନୈତିକ କ୍ଷେତ୍ରରେ ଯେଉଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ସେଥିରେ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସେ ଅନ୍ୟ ଏକ ପ୍ରସଙ୍ଗ ଉତ୍ଥାପନ କରି କହିଲେ ଯେ, ବଡ଼ଚଣାରେ ସରକାରଙ୍କ ସବୁ ବିଭାଗ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। ସାଧାରଣ ଜନତା ଏଠାରୁ ଉଚିତ୍ ନ୍ୟାୟ ପାଇପାରୁ ନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରି ଏକ ସୁସ୍ଥ ଓ ଦୁର୍ନୀତିମୁକ୍ତ ବଡ଼ଚଣା ଗଠନ ପାଇଁ ସ୍ୱପ୍ନ ଦେଖୁଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଶିକ୍ଷାବିତ୍ ବିନାୟକ ନାୟକ, ସୁଲଭ ସାମଲ, କ୍ଷିରୋଦ ସାମଲ, ନେତ୍ରାନନ୍ଦ ସିଂ, ଭରତ ମହାପାତ୍ର, ରବୀନ୍ଦ୍ର ଦାସ, ଗୋକୁଳାନନ୍ଦ ଶତପଥୀ, ପ୍ରତିଭା ଖୁଣ୍ଟିଆ, ଅଶୋକ ସାମଲ, ଅଶ୍ୱଜିତ ରାଉତ, ନିରଞ୍ଜନ ମଳିକ, ସଞ୍ଜୟ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଭାଷଣ ଦେଇଥିଲେ। ଏହି ବନ୍ଧୁ ମିଳନରେ ସହସ୍ରାଧିକ ଜନସାଧାରଣ ଯୋଗ ଦେଇଥିଲା ବେଳେ ଭବିଷ୍ୟତର ରାଜନୈତିକ ଘୋଷଣା ସମ୍ପର୍କରେ ଲେଙ୍କା ନୀରବ ରହିଥିଲେ। ପରେ ତାଙ୍କୁ ଏ ସମ୍ପର୍କରେ ପଚରାଯିବାରୁ ସେ କଂଗ୍ରେସରୁ ଇସ୍ତଫା ଦେବା ପରେ ଏବେ ବଡ଼ଚଣାର ଜନମାନସରେ ରହିଛନ୍ତି କି ନାହିଁ ତାହା ଜାଣିବା ପାଇଁ ଏହି ବନ୍ଧୁ ମିଳନର ଆୟୋଜନ କରିଥିଲେ। ପରେ ବିଭିନ୍ନ ସ୍ଥାନର ବନ୍ଧୁଙ୍କ ସହ ଯୋଗାଯୋଗ କରି ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବେ ବୋଲି କହିଥିଲେ।



ବନ୍ଧୁମିଳନରେ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଆବାସ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

ରଣପୁର,୨୩।୧ (ସ୍ୱ.ପ୍ର.)

ସରକାର ବାସହୀନ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏବେ ବି ବହୁ ଗରିବ ପରବାର ଅଛନ୍ତି ଯେଉଁମାନଙ୍କ ପାଇଁ ପକ୍କାଘର ସ୍ୱପ୍ନ ପାଲଟିଛି। ସେମାନଙ୍କ ପାଇଁ ଜରିପାଲ ଘୋଡା ଭଙ୍ଗା ଚାଳଘର ଭରସା ହୋଇଛି। ଏମିତି ଏକ ନଜିର ନୟାଗଡ଼ ଜିଲା ରଣପୁର ଏନ୍‌ଏସିର ୮ନଂ. ୱାର୍ଡ ଶାମୁକାସାହିରେ ଦେଖିବାକୁ ମିଳିଛି। ଏଠାରେ ଶରତ ମିଶ୍ର ପରିବାର ସହ ରହନ୍ତି। ଶରତଙ୍କ ବୟସ ୭୦ବର୍ଷରୁ ଊର୍ଦ୍ଧ୍ୱ ହେବ। ପରିବାର କହିଲେ ୨ପୁଅ, ଗୋଟିଏ ଝିଅ ଅଛନ୍ତି। ୪ ଡେସିମିଲ ଜମିକୁ ଛାଡିଦେଲେ ସମ୍ପତ୍ତି ବୋଲି କିଛି ନାହିଁ। ଶାମୁକାସାହିରେ ଭଙ୍ଗା ମାଟି କାନ୍ଥ ଉପରେ ଚାଳଛପର ଉଡିଯାଇଥିଲାବେଳେ ଅଧା ପାଲ ପକାଇ ଏହି ପରିବାର ବାସ କରୁଛନ୍ତି। ଶରତ ରଣପୁର କୋର୍ଟ ପରିସରରେ ଲୋକଙ୍କ ପାଇଁ ଲେଖାଲେଖି କାମ କରି ଯାହାକିଛି ରୋଜଗାର କରନ୍ତି। ତାଙ୍କର ୨ପୁଅ ମଧ୍ୟ ମୂଲ ମଜୁରି କରନ୍ତି। ଏହି ରୋଜଗାରରେ ପରିବାର ଚଳିଥାଏ। ଅର୍ଥାଭାବରୁ ଝିଅକୁ ୨୮ବର୍ଷ ହୋଇଥିଲେ ମଧ୍ୟ ତାଙ୍କୁ ବିବାହ ଦେଇପାରି ନାହାନ୍ତି। ସରକାରୀ ସାହାଯ୍ୟ କହିଲେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ବାଦ୍ ଦିଆଯାଇଥିଲା ବେଳେ ତାଙ୍କ ଝିଅ ନାମରେ ମାସକୁ କିଛି ଚାଉଳ ପ୍ରଦାନ କରାଯାଉଛି। ୨୦୧୩-୧୪ ମସିହା ବାତ୍ୟାରେ ତାଙ୍କ ଚାଳ ଛପର ଘରଟି ଭାଙ୍ଗିଯାଇଥିଲା। ସ୍ଥାନୀୟ ତହସିଲ ତରଫରୁ ତାଙ୍କୁ କେବଳ ୨ହଜାର ଟଙ୍କା ଦିଆଯାଇଥିଲା। ସେବେଠାରୁ ବ୍ଲକ ଅଫିସ ଓ ପରେ ରଣପୁର



ଭଙ୍ଗା ଚାଳଘର ଆଗରେ ଶରତ।

**ରଣପୁର ବ୍ଲକ**
- ୨୦୧୩-୧୪ ବାତ୍ୟାରେ ଭାଙ୍ଗିଯାଇଥିଲା ଘର
- ଭଙ୍ଗା ଚାଳଘରେ ଜରିପାଲ ଘୋଡ଼ାଇ ରହୁଛନ୍ତି ପରିବାର

ଏନ୍‌ଏସିରେ ପକ୍କା ଘରଟିଏ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ନାହିଁ। ପିସିଦେଇ ନ ପାରିବାରୁ ତାଙ୍କୁ ଆବାସ ଯୋଜନାରେ ପକ୍କାଘର ମିଳୁ ନ ଥିବା ଶରତ ଅଭିଯୋଗ କରିଛନ୍ତି। ଅଧିକାଂଶ ସମୟରେ ତାଙ୍କ ଘର ଆଗ ଦେଇ ବହୁ ପ୍ରଶାସନିକ ଅଧିକାରୀ ଓ ନେତା ଯାତାୟାତ କରୁଥିଲେ ମଧ୍ୟ ତାଙ୍କ ଘର ଉପରେ କାହାରି ନଜର ପଡିପାରୁନାହିଁ। ବିଧାୟକ ତାଙ୍କ ସାହିର ହୋଇଥିଲା ବେଳେ ରାଗ ରଖି ବାରମ୍ବାର ତାଙ୍କୁ ବିଭିନ୍ନ ସରକାରୀ ଯୋଜନାରୁ ବାଦ୍ ଦେଉଛନ୍ତି ବୋଲି ସେ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏହାର ତଦନ୍ତ କରି ଶରତଙ୍କୁ ଆବାସ ଯୋଜନାରେ ନୂତନ ପକ୍କା ଘର ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ରଣପୁର ଏନ୍‌ଏସି ନିର୍ବାହୀ ଅଧିକାରିଣୀ ଅର୍ଚ୍ଚନା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଚାହିଁଲେ ତାଙ୍କୁ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇଦେବୁ। ସେ ଯଦି ଏହି ଯୋଜନାରୁ ବାଦ୍ ପଡିଛନ୍ତି ତା'ହେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ରଣପୁର ବିଧାୟକ ରବିନାରାୟଣ ମହାପାତ୍ର କହନ୍ତି, ରଣପୁର ଏନ୍‌ଏସିରେ ମୋ ଦ୍ୱାରା ୮ଶହ ଆବାସ ଗୃହ ହିତାଧିକାରୀଙ୍କୁ ବଣ୍ଟାଯାଇଛି। ଶରତ ଏହି ଯୋଜନାରେ ପାଇବା ପାଇଁ ମୋତେ କେବେ ଜଣାଇ ନାହାନ୍ତି କି ଆବେଦନ କରିନାହାନ୍ତି। ମୋତେ ଯଦି ଆବେଦନ କରନ୍ତି ତେବେ ସେ ଏହି ଯୋଜନାରେ ସାମିଲ ହୋଇପାରିବେ । ତାଙ୍କର କେବେ ମୁଁ କୌଣସି ସରକାରୀ ଯୋଜନା କାଟି ନାହିଁ।


**IDBI BANK**

ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ **୧୮.୦୧.୨୦୧୯**ରେ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ **ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ସିଦ୍ଧମହାବୀର ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲୋକନାଥ ସୁବୁଦ୍ଧି / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରୁମିତ୍ରା ସୁବୁଦ୍ଧି, ଉଭୟଙ୍କ ଠିକଣା ସା.: ମରିଚିକୋଟା ଲେନ, ପୁରୀ-୭୫୨୦୦୧,ଓଡିଶା | ୦୧.୦୧.୨୦୧୮ ସୁଦ୍ଧା ଟ.୨୫,୬୭,୬୯୩/- + ପ୍ରଯୁଜ୍ୟ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୦୯.୦୧.୨୦୧୮ / ୧୮.୦୧.୨୦୧୯ | ଶ୍ରୀ ଲୋକନାଥ ସୁବୁଦ୍ଧିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୬୯/ |

୨୬୬୩, ମୁଟେଟେଡ୍ ଖାତା ନଂ.: ୪୭୮/୫୫୨, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ସମଙ୍ଗରା, ତହସିଲ: ପୁରୀ, ରେଜିଷ୍ଟ୍ରେସନ୍ ସବ-ଡିଷ୍ଟ୍ରିକ୍ଟ: ପୁରୀ, ଜିଲ୍ଲା: ପୁରୀ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ବସ୍ତି ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୫୯, ପୂର୍ବ: ସବ୍ ପ୍ଲଟ୍ ନଂ.: ୬୩, ପଶ୍ଚିମ: ବସ୍ତି ପ୍ଲଟ୍ ନଂ.: ୬୫ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୁ-ସଂଲଗ୍ନ ଯେକୌଣସି ଦ୍ରବ୍ୟ ।

ସ୍ଥାନ: ପୁରୀ, ତାରିଖ: ୨୩.୦୧.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



DSPL-364

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ

ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ

**ଜାତୀୟ କନ୍ୟା ସନ୍ତାନ ଦିବସ**
୨୪ ଜାନୁଆରୀ, ୨୦୧୯

**ଲିଙ୍ଗ ଚୟନ ଓ ଲିଙ୍ଗ ନିରୂପଣ କରନ୍ତୁ ନାହିଁ**
**କନ୍ୟା ସନ୍ତାନର ଯତ୍ନ ନିଅନ୍ତୁ - ଭବିଷ୍ୟତ ସୁରକ୍ଷିତ କରନ୍ତୁ**



ଆକଳନରୁ ଜଣାଯାଇଛି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି, ଯାହା ଭବିଷ୍ୟତରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରିପାରେ । କନ୍ୟା ଭ୍ରୁଣ ହତ୍ୟା ଏହି ସଂଖ୍ୟା ହ୍ରାସର ଏକ ପ୍ରମୁଖ କାରଣ ଅଟେ । ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ ସ୍ତରରେ ସଚେତନତା ଜରୁରୀ ହୋଇପଡିଛି ।

- ସମାଜ ପ୍ରତି କନ୍ୟା ସନ୍ତାନର ଗୁରୁତ୍ୱ ପରିବାର ଲୋକେ ଉପଲବ୍ଧି କରନ୍ତୁ ।
- ଝିଅମାନଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ସମାଜର ପ୍ରମୁଖ ସ୍ତରରେ ଝିଅମାନଙ୍କର ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରନ୍ତୁ ।
- ଲିଙ୍ଗଗତ କୁସଂସ୍କାରରୁ ଦୂରେଇ ରୁହନ୍ତୁ ।

**ସାମୂହିକ ସଚେତନତା ଓ ପ୍ରଚେଷ୍ଟା ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ଅପରିହାର୍ଯ୍ୟ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha http://www.health.odisha.gov.in/ @HFWOdisha

10003/13/0100/1819


ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସର କାର୍ଯ୍ୟାନୁଷ୍ଠାନ

# ଶାଶୁଶ୍ୱଶୁରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କଲା

ରଣପୁର,୨୩।୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ ଡିହଗାଁ ଗ୍ରାମରେ ଜଣେ ବ୍ୟକ୍ତି ମାସ ମାସ ଧରି ଘରକୁ ଆସୁ ନ ଥିବାରୁ ଏହାକୁ ବିରୋଧ କରି ତାଙ୍କ ସ୍ତ୍ରୀ ନିଜ ଶାଶୁଶ୍ୱଶୁରଙ୍କୁ ନଜରବନ୍ଦୀ କରି ଘରେ ରଖିଥିଲେ। ଏପରି କି ଚିକିତ୍ସା ପାଇଁ ମଧ୍ୟ ଛାଡୁ ନ ଥିଲେ। ଝିଅ ପ୍ରଭାସିନୀ ରାଉତରାୟ ଭାଉଜଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ସ୍ଥାନୀୟ ପୋଲିସରେ ଅଭିଯୋଗ କରିଥିଲେ। ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ହାଇକୋର୍ଟରେ ଡବ୍ଲ୍ୟୁପିସି ନଂ. ୪ରେ ମାମଲା ରୁଜୁ ହୋଇଥିଲା। ଗତ ୧୭ ତାରିଖରେ ହାଇକୋର୍ଟ ଏହାର ବିଚାର କରି ଘରେ ନଜରବନ୍ଦୀ ଥିବା ଶାଶୁ ହେମ ରାଉତରାୟ, ଶ୍ୱଶୁର ରଘୁନାଥ ରାଉତରାୟଙ୍କୁ ଉଦ୍ଧାର କରି ଚିକିତ୍ସା କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ବୁଧବାର ରଣପୁର ଥାନା ଏସ୍‌ଆଇ ଏସ୍.ଏସ୍. ହରୋ, ଫାଣ୍ଡି ଅଧିକାରୀ ସୁବାସ ଚମ୍ପତିରାୟ ଓ ଷ୍ଟାଫ୍ ଡିହଗାଁରେ ପହଞ୍ଚି ଶାଶୁଶ୍ୱଶୁରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଡିହଗାଁର ରଘୁନାଥ ରାଉତରାୟଙ୍କ ଝିଅ ପ୍ରଭାସିନୀ ରାଉତରାୟ ସୁନାଖଳା ଫାଣ୍ଡିରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଭାଇ ରଞ୍ଜନ ରାଉତରାୟଙ୍କ ସ୍ତ୍ରୀ କୁନି ରାଉତରାୟ ୧ମାସରୁ ଊର୍ଦ୍ଧ୍ୱ ସମୟ ହେବ ବାପା ରଘୁନାଥ ରାଉତରାୟ, ମା' ହେମଙ୍କୁ ଘରେ ତାଲା ପକାଇ ନଜରବନ୍ଦୀ କରି ରଖିଛନ୍ତି। ପରିବାର ଓ ବନ୍ଧୁ ବାନ୍ଧବଙ୍କୁ ଭେଟିବାକୁ ଦେଉନାହାନ୍ତି। ୧୫ଦିନ



ଶାଶୁ, ଶ୍ୱଶୁରଙ୍କୁ ଡାକ୍ତରଖାନା ନିଆଯାଉଛି।

**ଶାଶୁଶ୍ୱଶୁରଙ୍କୁ ବୋହୂ ନଜରବନ୍ଦୀ ରଖିବା ଘଟଣା**

ହେବ ମା'ବାପାଙ୍କ ଶରୀର ଅସୁସ୍ଥ ଥିଲେ ମଧ୍ୟ ଭାଉଜ କୁନି ଚିକିତ୍ସା ପାଇଁ ଛାଡୁନାହାନ୍ତି। ଅଭିଯୋଗ ପାଇ ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ସୁନାଖଳା ଫାଣ୍ଡି ଅଧିକାରୀ ଓ ଫୋର୍ସ ଗ୍ରାମକୁ ଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ସହ ଭାଉଜଙ୍କ ବିରୋଧ ଯୋଗୁ ସେମାନଙ୍କୁ ଉଦ୍ଧାର କରିପାରି ନ ଥିଲେ । ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପକ୍ଷରେ କୁନିଙ୍କ ଅଭିଯୋଗ ଅନୁଯାୟୀ, କଟକରେ ଚାକିରି କରୁଥିବା ତାଙ୍କ ସ୍ୱାମୀ ରଞ୍ଜନ ସେଠାରେ ଅନ୍ୟ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖି ଗ୍ରାମକୁ ଆସୁନାହାନ୍ତି। ଏହାକୁ ତାଙ୍କର ୪ବର୍ଷର ଝିଅ ଓ ସେ ବିରୋଧ କରି ଶାଶୁଶ୍ୱଶୁରଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା କିମ୍ବା ବାହାରକୁ ଛାଡୁନାହାନ୍ତି।


यूनियन बैंक ऑफ इंडिया Union Bank of India

**TENDER NOTICE FOR INSTALLATION OF AIR CONDITIONER**

Union Bank of India invites Open tender for Supply, Installation, Testing and Commissioning of Air Conditioners at Staff training Centre, Bhubaneswar. Further details are available in Bank's website **www.unionbankofindia.co.in** and in govt. portal **www.eprocure.gov.in**. Last Date for submission of bids in prescribed form is 14.02.2019 up to 3:00 P.M.

The Bank reserves the right to reject any or all the tenders received without assigning any reason whatsoever.

**Chief Manager**
**Union Bank of India, Staff Training Centre,**
**16-A, Jagamara, Bhubaneswar-751030**
**Phone: 0674-2353109/110**


ଦ୍ୱିତୀୟ ସନ୍ଧ୍ୟାରେ ପାଞ୍ଚଗଡ଼ ମହୋତ୍ସବ

# ନୃତ୍ୟ, ଗୀତରେ ଦର୍ଶକ ବିମୁଗ୍ଧ

ବୋଲଗଡ଼,୨୩।୧ (ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବଡକୁମାରୀଠାରେ ଆୟୋଜିତ ପାଞ୍ଚଗଡ଼ ମହୋତ୍ସବ-୨୦୧୯ର ବୁଧବାର ଥିଲା ୨ୟ ସନ୍ଧ୍ୟା। ମହୋତ୍ସବ ପ୍ରଦର୍ଶନୀ ମଣ୍ଡପରେ ଅପରାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ପରିବେଷିତ ନୃତ୍ୟ ଓ ଗୀତ କାର୍ଯ୍ୟକ୍ରମରେ ସହସ୍ରାଧିକ ଦର୍ଶକ ବିମୁଗ୍ଧ ହୋଇଥିଲେ। ଭୁବନେଶ୍ୱର କଳାକାରଙ୍କ ଗୋଟିପୁଅ ନୃତ୍ୟ, କୋରାପୁଟର ଢେମ୍‌ସା ଲୋକନୃତ୍ୟ, ଖଉରୁଣୀର ବାସୁଦେବ ସୁନ୍ଦରାୟ ଓ ସାଥୀଙ୍କ ସଂକୀର୍ତ୍ତନ, ହରିକେଶର ଗ୍ରାମ ଭାଗବତ ମଣ୍ଡଳୀ ଦ୍ୱାରା ଖଞ୍ଜଣି ଭଜନ, ଅସରଳାର ପୂର୍ଣ୍ଣଚନ୍ଦ୍ର ସାହୁ ଓ ସାଥୀଙ୍କ ଭାରତ ଲୀଳା, ବଡକୁମାରୀର ତାରେଶ୍ୱର ରଥ ଓ ସାଥୀଙ୍କ ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ରୋମାଞ୍ଚିତ କରିଥିଲା। ଏହି ମହୋତ୍ସବ ଓଡ଼ିଆ ଐତିହ୍ୟ, କଳା, ଧର୍ମ ଓ ସଂସ୍କୃତିର ସ୍ମୃତି ଉଦ୍ରେକ କରିଛି ବୋଲି ଅତିଥିମାନେ କହିଥିଲେ। ଆୟୋଜିତ ସାଧାରଣ ସଭାରେ କମିଟି ଅଧକ୍ଷ ପ୍ରକାଶ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଭାଜପା ନେତା ଯତୀନ ମହାନ୍ତି। ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଭାଜପା ନେତା ରୁଦ୍ର ନାରାୟଣ ବାହିନୀପତି, ଜୟଶ୍ରୀ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ତଥା ଶିକ୍ଷକ ବସନ୍ତ କୁମାର ଉତ୍ତରକବାଟ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି ସଭାପତି ବସନ୍ତ ନାୟକ ସ୍ୱାଗତ ଅଭିଭାଷଣ, ସମ୍ପାଦକ ସୁନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଆୟୋଜିତ ଏକ କୁଇଜ କାର୍ଯ୍ୟକ୍ରମକୁ ମାଷ୍ଟର ଜିତୁ ପରିଚାଳନା କରିଥିଲେ।






ଯେଉଁମାନେ ଭଗବତ୍ ବିଶ୍ୱାସୀ ସେମାନେ ପ୍ରକୃତ ଜ୍ଞାନ ହାସଲ ପାଇଁ ବ୍ୟାକୁଳ ହୋଇଉଠନ୍ତି।
- କାର୍ଲସ



## ସଂକ୍ଷେପରେ

### ଘନ କୁହୁଡ଼ିରେ ଭାରସାମ୍ୟ ହରାଇ ଓଲଟିଲା ମିନିଟ୍ରକ



**ଦଶପଲ୍ଲା,୨୩।୧(ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସ୍ଥାନୀୟ ସୁବଳୟା ନିକଟରେ ଘନ କୁହୁଡିରେ ଭାରସାମ୍ୟ ହରାଇ ଏକ ମିନିଟ୍ରକ ଓଲଟି ପଡିଛି। ଭୋର ପ୍ରାୟ ୪ଟା ସମୟରେ (ଓଡି ୦୨ ଏଜେଡ୍ ୨୬୨୨) ଦଶପଲ୍ଲା ଅଭିମୁଖେ ଆସୁଥିବା ବେଳେ ଘନ କୁହୁଡି ହେତୁ ସୁବଳୟା ନିକଟରେ ଜାତୀୟ ରାଜପଥ ଉପରେ ଓଲଟି ପଡିଥିଲା। ମାତ୍ର ଗାଡିରେ ଥିବା କର୍ମଚାରୀଙ୍କ କୌଣସି କ୍ଷତି ହୋଇନଥିବା ଜଣାପଡିଛି।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ଗଣିଆ,୨୩।୧(ଡି.ଏନ.ଏ.):** ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତସ୍ଥିତ ରାମଚନ୍ଦ୍ର ପ୍ରାଣବନ୍ଧୁ ନୋଡାଲ ବିଦ୍ୟାପୀଠ ପରିସରରେ ପୃଷ୍ଟି ମେମୋରିଆଲ ୪ର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ରାଉତ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଓ ବିଦ୍ୟାଳୟର ପ୍ରମୋଦ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଜୁନିୟର ଏବଂ ୮ମ ଓ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସିନିୟର ଗ୍ରୁପରେ ଭାଗ କରାଯାଇ ପର୍ଯ୍ୟାୟକ୍ରମେ ୧୦୦, ୨୦୦, ୪୦୦ମିଟର ଦୌଡ଼, ସାଇକେଲ ରେସିଂ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ମ୍ୟୁଜିକ ଚେୟାର, ଜାଭେଲିନ୍ ଥ୍ରୋ, ଶଟ୍‌ଫୁଟ ଥ୍ରୋ ଆଦି ୨୨ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ୧୧୫ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬୬ଜଣ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଖେଳ ଶିକ୍ଷକ ଭାଗୀରଥି ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ଭାଗୀରଥି ଜାନି, ଅଜିତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ରାସ୍ତା ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ



**ଖଣ୍ଡପଡା,୨୩।୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ କଣ୍ଟିଲୋ-ଶୁଳିଆ ଗ୍ରାମ୍ୟ ରାସ୍ତାର ଉନ୍ନତୀକରଣ ନିମନ୍ତେ ବୁଧବାର ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପ ପାଇଁ ୧୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଆସନ୍ତା ୨ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ଛୁଆଳସିଂ ଓ କନିଷ୍ଠଯନ୍ତ୍ରୀ ନାରାୟଣ ସେଠୀ ସୂଚନା ଦେଇଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା, କଣ୍ଟିଲୋ ପଞ୍ଚାୟତର ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ, ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଲିୟାରସିଂ, ସମିତିସଭ୍ୟ ସଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶ୍ରୀନୀଳମାଧବଙ୍କ କ୍ଷେତ୍ରକୁ ସଂଯୋଗ କରିବାର ଏହା ପ୍ରମୁଖ ରାସ୍ତା।

### କଳାକାରଙ୍କ ପରଲୋକ

**ଦଶପଲ୍ଲା,୨୩।୧(ଡି.ଏନ.ଏ.):** ଦଶପଲ୍ଲା ସାତପାଟଣାସ୍ଥିତ ଜଗନ୍ନାଥପୁର ପାଟଣା(ହାଟଗାଁ) ଗ୍ରାମର ସାମାଜିକ କର୍ମୀ ତଥା କଳାକାର ସରୋଜୁ ପ୍ରସାଦ ବେହେରା(୪୫) ହୃଦ୍‌ଘାତରେ ପରଲୋକ ହୋଇଛି। ବେହେରା ଜଣାଶୁଣା କଳାକାର ଭାବେ ରାଜ୍ୟ ଓ ରାଜ୍ୟ ବାହାରେ ପରିଚିତ। ଗାଁର ଦଣ୍ଡନୃତ୍ୟଠାରୁ ଆରମ୍ଭ କରି ଦଶପଲ୍ଲାର ପ୍ରସିଦ୍ଧ ରାମଲୀଳାରେ ବିଭିନ୍ନ ଅଭିନୟ କରି ଦର୍ଶକଙ୍କ ବେଶ୍ ଆଦରଣୀୟ ହୋଇ ପାରିଥିଲେ। ସେ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ପରଲୋକରେ ଦଶପଲ୍ଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ଶ୍ରୀମନ୍ଦିର ଉତ୍ତର ଦ୍ୱାର

# ଆଉ ଶୁଭୁନି ଚେମେଣି ଚଟିଆଙ୍କ କଳରବ

**ପୁରୀ ଅଫିସ,୨୩।୧**

ଶ୍ରୀମନ୍ଦିର ମେଘନାଦ ପାଚେରିରେ ଥିବା ଉତ୍ତର ଦ୍ୱାରକୁ ମୋକ୍ଷ ଦ୍ୱାର କୁହାଯାଏ। ଏହି ଦ୍ୱାର ଦେଇ ନବକଳେବର ସମୟରେ ମହାଦାରୁ କୋଇଲି ବୈକୁଣ୍ଠକୁ ପ୍ରବେଶ କରନ୍ତି। କେଉଁ ଆବହମାନ କାଳରୁ ଏହାର ଗୁମୁଟରେ ବହୁ ସଂଖ୍ୟାରେ ଚେମେଣି ଚଟିଆ ରହୁଥିବାରୁ ଏହାକୁ ଚେମେଣି ଦ୍ୱାର ବୋଲି କୁହାଯାଏ। ଏହିଦ୍ୱାର ଦେଇ ଯିବାବେଳେ ସର୍ବଦା ଚେମେଣି ଚଟିଆ କଳରବ ଶୁଣିବାକୁ ମିଳିଥାଏ। ହେଲେ ଗତ କିଛିଦିନ ହେବ ଚେମେଣି ଚଟିଆମାନେ ଗୁମୁଟ ଛାଡି ଚାଲିଯାଇଛନ୍ତି। ଯଦି ଚେମେଣିମାନେ ଫେରି ନ ଆସନ୍ତି ଲୋକ ମୁଖରୁ ଚେମେଣି ଦ୍ୱାର ଶବ୍ଦ ହଜିଯିବ।

ଶ୍ରୀମନ୍ଦିରରେ ଚେମେଣି ଚଟିଆଙ୍କ ଅବସ୍ଥାନ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପୂର୍ବେ ଚେମେଣି ଚଟିଆ ମନ୍ଦିରର ଏଠିସେଠି ରହୁଥିଲେ। ବିଶ୍ୱାସ ରହିଛି ବିଳମ୍ବିତ ରାତିରେ ଶ୍ରୀମନ୍ଦିର ଦେବସଭା ମଣ୍ଡପରେ ଦେବତାମାନଙ୍କ ସଭା ହୁଏ। ମହାପ୍ରଭୁ ସଭାରେ ଥିବାବେଳେ ଶ୍ରୀସୁଦର୍ଶନ ଆକାଶ ମାର୍ଗରେ ସୁରକ୍ଷା ଦାୟିତ୍ୱରେ ରୁହନ୍ତି। ହଠାତ୍ ଦିନେ ଗୋଟିଏ ଚେମେଣି ଛୁଆ ଦେବସଭା ଉପର ବଳୟକୁ ଆସିଯିବା ପରେ ସୁଦର୍ଶନଙ୍କ ଚକ୍ରରେ ଆହତ ହୋଇ ମୃତ୍ୟୁବରଣ କରିଥିଲା। ଛୁଆର ମୃତ୍ୟୁରେ ମା' ବାପା ମର୍ମାହତ ହୋଇ ଶ୍ରୀଗରୁଡ଼ଙ୍କୁ କହିଥିଲେ। ସଭା ପରେ ଶ୍ରୀଗରୁଡ଼ ମହାପ୍ରଭୁଙ୍କୁ ଏକଥା ଜଣାଇବାରୁ ସେହିଦିନଠାରୁ ଚକ୍ରାକୃତି ଶ୍ରୀସୁଦର୍ଶନଙ୍କୁ ସ୍ତମ୍ଭାକୃତି ହୋଇ ପାଖରେ ରହିବାକୁ ମହାପ୍ରଭୁ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ଚେମେଣିମାନଙ୍କୁ ଏଣେତେଣେ ନ ରହି ସନ୍ଧ୍ୟା ପରେ ବନ୍ଦ ହେଉଥିବା ଦେବଯାନ ମାର୍ଗ (ଉତ୍ତର ଦ୍ୱାର) ଗୁମୁଟରେ ରହିବା ପାଇଁ ଅନୁମତି ଦେଇଥିଲେ। ଏଭଳି ବିଶ୍ୱାସ ସହ ଯୋଡ଼ି ରହିଥିବା ଚେମେଣି ଚଟିଆ କିପରି ଏହି ଦ୍ୱାରକୁ ଫେରିବେ ସେ ଦିଗରେ ଚିନ୍ତା ହେବା ଦରକାର ବୋଲି ମିଶ୍ର କହିଛନ୍ତି।

ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଧୀରେ ଧୀରେ ଉତ୍ତର ଦ୍ୱାରରେ ଗହଳି ବଢିବାରୁ ଚେମେଣିମାନେ ଏହି ସ୍ଥାନ ତ୍ୟାଗ କରିଥାଇପାରନ୍ତି। ସନ୍ଧ୍ୟା ସମୟରେ ଉତ୍ତର ଦ୍ୱାର ବନ୍ଦ ହେବାର ପରମ୍ପରା ରହିଛି। କାରଣ ଦେବତାମାନେ ଏହି ଦ୍ୱାର ଦେଇ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି। ଯଦିଓ ସାଧାରଣ ଦିନମାନଙ୍କରେ ସନ୍ଧ୍ୟା ସମୟରେ ଏହା ବନ୍ଦ ରହୁଛି କିନ୍ତୁ ବିଭିନ୍ନ ପର୍ବପର୍ବାଣି ଦିନଗୁଡ଼ିକରେ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରହୁଛି। ପରିବର୍ତ୍ତିତ ଆଇନ ଯୋଗୁ ଏହି ପରମ୍ପରାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଭଳି ହେବା ଉଚିତ ନୁହେଁ। ପରମ୍ପରା ରକ୍ଷା କରାଗଲେ ଚେମେଣିମାନେ ସୁରକ୍ଷିତ ହୋଇ ଏହି ଗୁମୁଟରେ ରହିପାରିବେ। ଏ ଦିଗରେ ପ୍ରଶାସନ ଧ୍ୟାନ ଦେବା ଦରକାର।

ଏ ସମ୍ପର୍କରେ ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ସାଧାରଣତଃ ଗହଳିକୁ ସେମାନେ ପସନ୍ଦ କରନ୍ତି ନାହିଁ। ଆଖପାଖ କେଉଁ ଭଙ୍ଗା ଘର କିମ୍ବା ପରିତ୍ୟକ୍ତ କୋଠା ଭିତରକୁ ଚାଲି ଯାଇଥିବେ। ନଚେତ୍ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଯାଇଥିବେ ପୁଣି ଆସିଯାଇ ପାରନ୍ତି। ଏ ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି।

**ଲୋକମୁଖରୁ ହଜିଯିବ ଚେମେଣି ଦ୍ୱାର**



ଶ୍ରୀମନ୍ଦିରର ଉତ୍ତର ଦ୍ୱାର।

# ଅଗ୍ନିକାଣ୍ଡ: ୧ ବଳଦ ମୃତ, ୩ ଗୁରୁତର

**ଓଡ଼ଗାଁ, ୨୩।୧(ସ୍ୱ.ପ୍ର.)**

■ ୪ ବଖରା ଗୁହାଳ ଓ ୩ ସାଇକେଲ ପୋଡ଼ି
■ ଅଳ୍ପକେ ବର୍ତ୍ତିଲା ମୋବାଇଲ ଟାୱାର, ଟ୍ରାନ୍ସଫର୍ମର

ଓଡ଼ଗାଁ ଖାଡି ତେଲିସାହି ମୁଣ୍ଡରେ ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ଗୋଟାଏରେ ଏକ ମୋବାଇଲ ଟାୱାର ନିକଟରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସେଠାରେ ଥିବା ୪ ବଖରା ଗୁହାଳ ପୋଡିଯିବା ସହ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ବେଳେ ୩ ବଳଦ ଗୁରୁତର ହୋଇଛନ୍ତି ।

ସୂଚନା ଅନୁସାରେ, ସାହି ମୁଣ୍ଡରେ ଥିବା ଏକ ମୋବାଇଲ ଟାୱାରକୁ ଲାଗି ନିକଟସ୍ଥ ପାଇକ ସାହିର କବୀର ବେହେରା ଓ ବୃନ୍ଦାବନ ପ୍ରଧାନ ନାମକ ଦୁଇଜଣ ବ୍ୟକ୍ତିଙ୍କ ଧାନ ଖଳା ସହିତ ଗୁହାଳ ରହିଥିଲା। କୌଣସି କାରଣବଶତଃ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିବାରୁ କବୀରଙ୍କ ଗୁହାଳ ପୋଡିଯାଇଥିଲା। ଫଳରେ ବନ୍ଧା ଯାଇଥିବା ଦୁଇଟି ବଳଦ ମଧ୍ୟରୁ ଗୋଟିଏ ପୋଡି ଯାଇଥିବା ବେଳେ ଅନ୍ୟଟି ନିଆଁ ଧାସରେ ଗୁରୁତର ହୋଇଛି। ସେହିପରି ବୃନ୍ଦାବନ ପ୍ରଧାନଙ୍କ ଗୁହାଳ ମଧ୍ୟ ପୋଡିଯାଇଥିବା ବେଳେ ଦୁଇଟି ବଳଦ ଗୁରୁତର ହୋଇଛନ୍ତି। ଏଥିସହିତ ସେମାନଙ୍କ ପାଳଗଦା ଏବଂ ସେଠାରେ ଅମଳ ହୋଇ ମହଜୁଦ ଥିବା ୫୦ ବସ୍ତା ଧାନ ମଧ୍ୟ ଆଂଶିକ ପୋଡ଼ିଯାଇଛି । ଅଗ୍ନିକାଣ୍ଡରେ ୩ଟି ସାଇକେଲ ମଧ୍ୟ ପୋଡ଼ିଯାଇଛି । ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମୋବାଇଲ ଟାୱାର ପାଖରେ ପାଳଗଦା ଥିବାବେଳେ ସେଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କୌଣସି କାରଣରୁ ସ୍ପାର୍କିଂ ହୋଇ ନିଆଁଝୁଲ ପାଳଗଦାରେ ପଡିବାରେ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ କର୍ମଚାରୀମାନେ ଅନୁମାନ କରୁଛନ୍ତି । ଏଥିରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ କଣ୍ଟ୍ରୋଲ ରୁମ୍ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଟାୱାରରେ ଲାଗିଥିବା କେତେକ ପ୍ଲାଷ୍ଟିକ ଯନ୍ତ୍ରାଂଶ ସାମାନ୍ୟ ପୋଡିଯାଇଥିବା ଦେଖିବାକୁ ମିଳିଥିଲା । ମୃତ ବଳଦର ଆନୁମାନିକ ମୂଲ୍ୟ ପ୍ରାୟ ୨୦ରୁ ୨୫ ହଜାର ହୋଇଥିବା ବେଳେ ଅନ୍ୟ ୩ ବଳଦ ଗୁରୁତର ହୋଇ ଚିକିତ୍ସାଧୀନ ଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି ।



ପୋଡ଼ିଯାଇଥିବା ଗୁହାଳ।

# ଚାଷୀଙ୍କୁ ଉପେକ୍ଷା, ଦଲାଲ ମାଲାମାଲ

**ଭାପୁର,୨୩।୧(ଡି.ଏନ୍.ଏ.)**

ଚାଷୀଙ୍କଠାରୁ ସରକାରୀ ଦରରେ ମିଲରମାନେ ଧାନ କ୍ରୟ କରିବା କଥା। ମାତ୍ର ସେବା ସମବାୟ ସମିତି ମାଧ୍ୟମରେ ହେଉଥିବା ଏହି ଧାନ କ୍ରୟ ସମୟରେ ଚାଷୀଙ୍କୁ ଉପେକ୍ଷା କରାଯାଇ ବେପାରୀ ଓ ଦଲାଲମାନଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଏପରି କି ଚାଷୀଙ୍କଠାରୁ ଏକ କୁଇଣ୍ଟାଲ ଧାନରେ ୫ କେଜି ଲେଖାଏଁ କାଟି ନିଆଯାଉଥିବା ମଧ୍ୟ ଅଭିଯୋଗ ହେଉଛି।

ପ୍ରକାଶ ଯେ, ନୟାଗଡ଼ ଜିଲା ଭାପୁର ବ୍ଲକ ଶାଳପଡ଼ା ସେବା ସମବାୟ ସମିତିରୁ ପ୍ରତି ମଙ୍ଗଳବାର ନୟାଗଡ଼ ଶରଣକୁଳର ବଜରଙ୍ଗୀ ଫୁଡ୍ ସପ୍ଲାୟର ଧାନ କ୍ରୟ କରିଥାଏ। ଏହି ସମୟରେ ପ୍ରକୃତ ଚାଷୀଙ୍କୁ ଉପେକ୍ଷା କରି ସମିତିର କେତେକ କର୍ମଚାରୀ ଓ ବ୍ୟାଙ୍କର ଜଣେ କିରାଣି ଦଲାଲ ସହ ମିଶି ଧାନ ହେର୍‌ଫେର କରୁଛନ୍ତି। ଏପରି କି ଏକ କୁଇଣ୍ଟାଲ ଧାନରେ ୫ କେଜି ଲେଖାଏଁ କାଟି ନେଉଥିବା ଚାଷୀ ବିରଞ୍ଚି ନାରାୟଣ ପଣ୍ଡା, ଧ୍ରୁବଚରଣ ତ୍ରିପାଠୀ, ସଦାଶିବ ମହାପାତ୍ର ଓ ସଦାଶିବ ପଲେଇ ପ୍ରମୁଖ ଅଭିଯୋଗ କରିଛନ୍ତି। ଫଳରେ ଚାଷୀଙ୍କ ଧାନ ସପ୍ତାହ ସପ୍ତାହ ଧରି ଖରାରେ ପଡ଼ିରହୁଛି। ଏହି କାରବାରରେ ମିଲର ଓ ସମିତି କର୍ମଚାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଚାଷୀଙ୍କ କଷ୍ଟଲବ୍ଧ ଫସଲର ଉଚିତ ମୂଲ୍ୟ ମିଳୁନାହିଁ। ଏବେ ବି ୨ଶହ କୁଇଣ୍ଟାଲ ଧାନ ପଡିରହିଛି। ଏ ନେଇ ସମିତି ସଭାପତି ଗୋପୀନାଥ ପଲେଇଙ୍କୁ ଯୋଗାଯୋଗ କରିବାରେ ସେ ଏହାକୁ ସ୍ୱୀକାର କରିବା ସହ ମିଲର ଅସହଯୋଗ କରୁଥିବା କହିଥିଲେ। ଆସନ୍ତା ସପ୍ତାହରୁ ସେ ଚାଷୀଙ୍କ ତାଲିକା କରି ଧାନ କିଣିବାର ଲକ୍ଷ୍ୟ ରଖିଥିବା କହିଛନ୍ତି।



ମଣ୍ଡିରେ ପଡ଼ିରହିଥିବା ଧାନ।

**ଶାଳପଡ଼ା ସେବା ସମବାୟ ସମିତି**

## କାଳିଆ ସମାବେଶ ସାରା ରାଜ୍ୟରୁ ଯୋଗଦେବେ ଲକ୍ଷାଧିକ ଚାଷୀ

**ପୁରୀ ଅଫିସ,୨୩।୧**

ଆସନ୍ତା ୨୫ ତାରିଖରେ ପୁରୀ ମାଳତୀପାଟପୁର ନିକଟସ୍ଥ ରାହାଙ୍ଗିଣିଆଠାରେ କାଳିଆ ସମାବେଶ ଅନୁଷ୍ଠିତ ହେବ। ପୁରୀ ଜିଲାପାଳ ଏବଂ କେନ୍ଦ୍ରାଞ୍ଚଳ ଆଇଜି ପ୍ରମୁଖ ସମାବେଶସ୍ଥଳକୁ ଯାଇ ପ୍ରସ୍ତୁତିର ତଦାରଖ କରୁଛନ୍ତି। ଏହି ସମାବେଶରେ ରାଜ୍ୟର ସମସ୍ତ ୩୧୪ ବ୍ଲକରୁ ଚାଷୀ ଯୋଗଦେବାର ବ୍ୟବସ୍ଥା କରାଯାଉଛି। ପ୍ରାୟ ୨ ଲକ୍ଷ ଚାଷୀ ଏଥିରେ ଯୋଗଦେବେ ବୋଲି ବୁଧବାର ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ଆସିବା, ଗାଡି ପାର୍କିଂ ସୁବିଧା, ଖାଦ୍ୟପେୟ ଆଦି ଆନୁଷଙ୍ଗିକ ବ୍ୟବସ୍ଥାର ମଧ୍ୟ ତଦାରଖ କରାଯାଉଛି। ବିଶେଷକରି ପୁରୀ ଜିଲାରୁ ସର୍ବାଧିକ ଚାଷୀ ଯେପରି ଯୋଗଦେବେ ସେ ଦିଗରେ ଜିଲାର ସବୁ ବିଧାୟକ ଯୋଜନା ପ୍ରସ୍ତୁତ କରିଛନ୍ତି। ରାଜ୍ୟ ସରକାରଙ୍କ ପାଇଁ କାଳିଆ ଯୋଜନା ବେଶ୍ ଗୁରୁତ୍ୱ ବହନ କରୁଛି। ତେଣୁ ଏହାକୁ ସଫଳତାର ସହ ସମ୍ପନ୍ନ କରିବା ଏକ ଚ୍ୟାଲେଞ୍ଜ ହୋଇଛି।

# ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟ: ମଧ୍ୟଖଣ୍ଡ ଚାମ୍ପିୟନ

**ଗଣିଆ,୨୩।୧(ଡି.ଏନ.ଏ.)**

ଗଣିଆ ବ୍ଲକ ଡଙ୍କାରିସାହି ଗ୍ରାମର ମା' ଦକ୍ଷିଣକାଳୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୮ମ ମା' ଦକ୍ଷିଣକାଳୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖଣ୍ଡପଡ଼ା ବ୍ଲକ ବଳରାମପ୍ରସାଦ କ୍ରିକେଟ ଟିମକୁ ହରାଇ ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ଟିମ୍ ଚାମ୍ପିୟନ ହୋଇଛି । ଟସ୍ ଜିଣି ବଳରାମପ୍ରସାଦ କ୍ରିକେଟ ଟିମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ମଧ୍ୟଖଣ୍ଡ ଟିମ୍ ୧୯ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଉଦ୍‌ଯାପନୀ ଉତ୍ସବରେ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ପ୍ରସନ୍ନ କୁମାର ଦାସ, ଶୁଭ୍ରଜିତ ପଣ୍ଡା, ଆଡଭାନ୍ସ ଟ୍ୟୁଟୋରିଆଲର ଡାଇରେକ୍ଟର ବିଶ୍ୱରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ନଗଦ ୨ହଜାର ଟଙ୍କା ଓ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ସେହିପରି ରନର୍ସ ଅପ୍ ଟିମ୍‌ର ବିଶ୍ୱଜିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଚାମ୍ପିୟନ ଦଳର ରାଜାଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ କୁନା ନାୟକ ଓ ମୁନା ନାୟକ ।



ଅତିଥିଙ୍କ ସହ ଖେଳାଳିମାନେ।

# ଦଶପଲ୍ଲା, ଭାପୁରରେ ନେତାଜୀ ଜୟନ୍ତୀ

**ଦଶପଲ୍ଲା,୨୩।୧(ଡି.ଏନ.ଏ.)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ୍ (ଡିୱାଇଏଫ୍‌ଆଇ) ଦଶପଲ୍ଲା ବ୍ଲକ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଯୁବ ଫେଡେରେଶନର କର୍ମକର୍ତ୍ତା, ସଦସ୍ୟ ଓ ଅତିଥି ମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରିବା ପରେ ସ୍ଥାନୀୟ ନେତାଜୀ ପଡିଆ ନିକଟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡିୱାଇଏଫ୍‌ଆଇର ଦଶପଲ୍ଲା ବ୍ଲକ କମିଟି ସଭାପତି ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବିପିନ୍ କୁମାର ବାଜୁ ଏହାକୁ ସଂଯୋଜନା କରିଥିବା ବେଳେ ଅତିଥି ଭାବେ ସିପିଆଇ(ଏମ୍) ଜିଲା ସମ୍ପାଦକ ଶରତ ବେହେରା, କୃଷ୍ଣଚନ୍ଦ୍ର ଦାଶ, ପ୍ରାକ୍ତନ ଶିକ୍ଷକ କ୍ଷେତ୍ରବାସୀ ପ୍ରଧାନ ଓ ସରପଞ୍ଚ ଗଣେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଜୟମହାବୀର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

**ଭାପୁର,(ଡି.ଏନ୍.ଏ.):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୨ତମ ଜୟନ୍ତୀ ବୁଧବାର ଭାପୁର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପାଳନ କରାଯାଇଛି। ଭାପୁର ବଜାର ଉପକଣ୍ଠ ବାଇପାସ୍ ରୋଡ୍ ନିକଟରେ ଅବସ୍ଥିତ ହନୁମାନ ମନ୍ଦିର ପରିସରରେ ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସମାବେଶ ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା କବି ସୁନୀଲ କୁମାର ମିଶ୍ର, ଅନ୍ୟତମ ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳର ଜିଲା ସମ୍ପାଦକ ଅଭିଜିତ ପଟ୍ଟନାୟକ, ନିର୍ବାଚନମଣ୍ଡଳୀ ସଭାପତି ଗିରିଧାରୀ ସ୍ୱାଇଁ ଓ ବ୍ଲକ ସଭାପତି ଜିତେନ୍ଦ୍ର କୁମାର ଧଳ ଯୋଗଦେଇଥିଲେ। ଏଥିରେ ପଞ୍ଚାୟତର ବିଜୁ ଛାତ୍ର ଜନତା ଦଳର ବହୁ କର୍ମୀ ଯୋଗଦେଇଥିଲେ।



ଭାପୁରଠାରେ ଅନୁଷ୍ଠିତ ନେତାଜୀ ଜୟନ୍ତୀ ଉତ୍ସବରେ ଅତିଥିମାନେ।

## କାଳିଆ ମେମୋରିଆଲ୍ ଫୁଟ୍‌ବଲ: କୁଜଙ୍ଗ ବିଜୟୀ

**ବୋଲଗଡ଼,୨୩।୧(ଡି.ଏନଏ.)**

ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡିଆରେ ମା' ଯୋଗମାୟା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କାଳିଆ ମେମୋରିଆଲ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ବୁଧବାର ଖେଳର ୪ର୍ଥ ଦିନରେ ଜଟଣୀ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଓ ପାରାଦୀପ କୁଜଙ୍ଗ ଆଥ୍‌ଲେଟିକ୍ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କୁଜଙ୍ଗ ୧-୦ ଗୋଲରେ ବିଜୟୀ ହୋଇଛି। ସୁଶାନ୍ତ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ସୁକାନ୍ତ ପ୍ରଧାନ ଓ ଏମ୍‌ଏସ୍ ବେଗ ଲାଇନ୍ସରେ ସହାୟତା କରିଥିଲେ । ଭଞ୍ଜ କିଶୋର ଯତି ୪ର୍ଥ ରେଫରି ଦାୟିତ୍ୱ ସମ୍ପାଦନ କରିଥିଲେ।

ଭଣ୍ଡାର ମହୋତ୍ସବ, ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

# ପୁରୀ ମାଲଖମ୍ବ କଳା କୌଶଳ ମୁଖ୍ୟ ଆକର୍ଷଣ

**ନୟାଗଡ଼ ଅଫିସ/ଓଡ଼ଗାଁ(ସ୍ୱ.ପ୍ର.),୨୩।୧**

ନୟାଗଡ଼ ଜିଲା ଶରଣକୁଳ ମହୋତ୍ସବ ପଡିଆରେ ଚାଲିଥିବା ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ବିଭିନ୍ନ ସ୍କୁଲ ପିଲାଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ସହିତ ପୁରୀରୁ ଆସିଥିବା ମାଲଖମ୍ବ କଳା ପ୍ରଦର୍ଶନ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ଥିଲା । ଏଥିସହିତ କେତେକ ଟେଲି କଳାକାରଙ୍କ ସଂଳାପ ମଧ୍ୟ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଉକ୍ତ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ଭାଗବତ ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ସଭାପତି ଶିଶିର କୁମାର ନାୟକ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମହାରଣା, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ମଦନ ନନ୍ଦ, ଶିଳ୍ପୋଦ୍ୟୋଗୀ ତାପସ ରଞ୍ଜନ ପାଢ଼ୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ମୀନାକ୍ଷୀ ପ୍ରସାଦ ସାହୁ, ଦୀନବନ୍ଧୁ ମହାପାତ୍ର, ଉମାପ୍ରସାଦ ସାହୁ, ଜିତେନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନେତାଜୀ ଥିଲେ ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରୀ

**ଖଣ୍ଡପଡା,୨୩।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଓଡିଶା ମାଟିର ଏହି ଦୁଇ ବୀର ସନ୍ତାନଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ଗୁଡିକରେ ସ୍ମୃତିଚାରଣ ସଭା ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ମର୍ଦ୍ଦରାଜପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷା ନିବାସିନୀ ମହାରଣାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇଥିବା ଅତିଥିମାନେ ଏହି ଦୁଇ ବୀର ସନ୍ତାନଙ୍କ ସୁଦୂରପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। କୋମଳମତି ଛାତ୍ରୀଛାତ୍ରୀ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ଦୁଇ ବୀର ସନ୍ତାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏ ଶତାବ୍ଦୀର ମହାନାୟକ, ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରି, ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା । ଖଣ୍ଡପଡା ସହର ସମେତ କଣ୍ଟିଲୋ ନୀଳମାଧବ ନୋଡାଲ ହାଇସ୍କୁଲ, ସିଧାମୂଳା ଗୋକୁଳାନନ୍ଦଜୀଉ ବିଦ୍ୟାମନ୍ଦିର, ଅଞ୍ଚଳରେ ଥିବା ସାମାଜିକ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡିକରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି।

**ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ**



ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ନେତାଜୀ ଜୟନ୍ତୀ ଉତ୍ସବରେ କୁନିକୁନି ପିଲା ଓ ଶିକ୍ଷୟିତ୍ରୀଶିକ୍ଷକ।